

‘ମୈସା’ ରଶ୍ମିକା ନିଜେ କଲେ ଷ୍ଟଣ୍ଟ

▶ପୃଷ୍ଠା ୧୧ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-20 ♦TUESDAY ♦14 JULY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୨୦ ♦ମଙ୍ଗଳବାର ♦୧୪ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଲର୍ଡ୍ସରେ ଭାରତୀୟ ମହିଳା ଦଳର ଐତିହାସିକ ଟେଷ୍ଟ ବିଜୟ

■ ଲଣ୍ଡନ, ୧୩।୭(ଏଜେନ୍ସି): କ୍ରିକେଟର ମକ୍କା ଭାବେ ବିବେଚିତ ଲର୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ସର୍ବପ୍ରଥମ ମହିଳା ଟେଷ୍ଟ ମ୍ୟାଚ୍‌ରେ ଭାରତ ଇତିହାସ ରଚନା କରିଛି। ୨୭୦ ରନ୍‌ର ବିଶାଳ ବ୍ୟବଧାନରେ ଘରୋଇ ଇଂଲଣ୍ଡ ଦଳକୁ ପରାସ୍ତ କରିଛି। ଲର୍ଡ୍ସ ।।ରେ ଟେଷ୍ଟ କ୍ରିକେଟର ୧୪୨ ବର୍ଷର ଇତିହାସ ଓ ୧୫୦ଟି ପୁରୁଷ ଟେଷ୍ଟ ମୁକାବିଲା ପରେ ପ୍ରଥମ ମହିଳା ଟେଷ୍ଟ ଆୟୋଜିତ ହୋଇଥିଲା। ଏହି ମ୍ୟାଚ୍‌ରେ ଇଂଲଣ୍ଡକୁ ପରାସ୍ତ କରି ହରମନପ୍ରୀତ୍ କୌରଙ୍କ ଭାରତୀୟ ଟିମ୍ ଐତିହାସକ ବିଜୟ ହାସଲ କରିଛି। ଏହି ଟେଷ୍ଟରେ ମୋଟ ୭ଟି ୱିକେଟ ନେଇଥିବା ଭାରତର କ୍ରାନ୍ତି ଗୌଡଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏଠାରେ ଭାରତୀୟ ପୁରୁଷ ଦଳ ୧୯ଟି ଟେଷ୍ଟ ଖେଳି ମାତ୍ର ୩ଟିରେ ବିଜୟଲାଭ କରିଥିବା ବେଳେ ୧୨ଟି ।।ରେ ପରାଜୟବରଣ କରିଛି। କିନ୍ତୁ ମହିଳା ଦଳ ଇଂଲଣ୍ଡ ବିପକ୍ଷରେ ଖେଳିଥିବା ଶେଷ ୫ଟି ଟେଷ୍ଟରୁ ଏହି ମ୍ୟାଚ୍‌କୁ ମିଶାଇ ୪ଟିରେ ବିଜୟୀ ହୋଇଛି। ଭାରତ ଓ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ସିରିଜ୍ ଆରମ୍ଭ ହେବାପରଠାରୁ ଗତ ୪୦ ବର୍ଷ ମଧ୍ୟରେ ଇଂଲଣ୍ଡ ମାଟିରେ ଭାରତ ଅପରାଜେୟ ରହିଛି।

ଏହି ମ୍ୟାଚ୍‌ରେ ୪୫୭ ରନ୍‌ର କଷ୍ଟସାଧ୍ୟ ଲକ୍ଷ୍ୟକୁ ପିଛା କରିଥିବା ଇଂଲଣ୍ଡର ଦ୍ୱିତୀୟ ଇନିଂସ ମାତ୍ର ୧୮୬ରେ ଶେଷ ହୋଇଥିଲା। ସ୍ପିନର ସ୍ନେହ ରାଣା ସର୍ବାଧିକ ୪ଟି ଏବଂ ଦୁଇ ପେସ୍ ବୋଲର ସାୟାଲି ଓ କ୍ରାନ୍ତି ୨ଟି ଲେଖାଏଁ ୱିକେଟ ନେଇ ଭାରତକୁ ସ୍ମରଣୀୟ ବିଜୟ ଭେଟି ଦେଇଥିଲେ। ଏହି ମ୍ୟାଚ୍‌ରେ ସ୍ମୃତି ମନ୍ଧାନା ୮୩, ଅଧିନାୟିକା ହରମନପ୍ରୀତ୍ କୌର ୫୮ ଓ ଦୀପ୍ତି ଶର୍ମାଙ୍କ ୫୭ ରନ୍ ସହାୟତା ।।ରେ ଭାରତ ପ୍ରଥମ ଇନିଂସ ୨୮୫ ରନ୍ କରିଥିଲା। କ୍ରାନ୍ତି ୫, ସାୟାଲି ଓ ସ୍ନେହ ୨ ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିବା ଫଳରେ ଇଂଲଣ୍ଡର ପ୍ରଥମ ଇନିଂସ ୧୭୦ ରନ୍‌ରେ ସୀମିତ ରହିଥିଲା। ୧୧୫ ରନ୍‌ରେ ଆଗୁଆ ଥିବା ଭାରତ ୭ ୱିକେଟରେ ୩୪୧ ରନ କରି ଦ୍ୱିତୀୟ ପାଳି ଘୋଷଣା କରିଥିଲା। ଦ୍ୱିତୀୟ ପାଳିରେ ଯଷ୍ଟିକା ଭାଟିଆ ୧୧୩ ରନର ଶତକୀୟ ପାଳି ଖେଳିଥିଲେ। ଲର୍ଡ୍ସରେ ମହିଳା ଟେଷ୍ଟରେ ଶତକ ହାସଲ କରିବାରେ ଯଷ୍ଟିକା ବିଶ୍ୱର ପ୍ରଥମ କ୍ରିକେଟର୍ ହୋଇଥିଲେ।




ଘମାଘୋଟ ଯୁଦ୍ଧ

# ଆମେରିକାର ପାଟ୍ରିଅଟ୍ ପ୍ରଣାଳୀ ଧ୍ୱଂସ

## ଇରାନର ଆଇଆର୍‌ଜିସିକୁ ଆତଙ୍କବାଦୀ ସଂଗଠନ ଘୋଷଣା କଲା ବ୍ରିଟେନ

■ ଦୁବାଇ, ୧୩।୭(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ସାମରିକ ସଂଘର୍ଷ ଏବେ ନୂଆ ମୋଡ଼ ନେବା ସହ ଆହୁରି ଭୟଙ୍କର ହୋଇଛି। ଆମେରିକା ଆକ୍ରମଣର ଜବାବରେ ଇରାନ ପକ୍ଷରୁ ଉପସାଗରୀୟ ଅଞ୍ଚଳରେ ଥିବା ଆମେରିକାର ବିଭିନ୍ନ ପ୍ରତିରକ୍ଷା ପ୍ରତିଷ୍ଠାନ ଉପରେ ବଡ଼ ଧରଣର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଡ଼ କରାଯାଇଛି। କୁଏତ, ବାହାରିନ, କତାର, ଓମାନ ଏବଂ ଜୋର୍ଡାନରେ ଆମେରିକୀୟ ସାମରିକ ଘାଟିଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛନ୍ତି। ତେବେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି କୁଏତରେ। କୁଏତରେ ଥିବା ଆମେରିକାର ପାଟ୍ରିଅଟ୍ କ୍ଷେପଣାସ୍ତ୍ର ପ୍ରଣାଳୀ, ଗୋଳାବାରୁଦ ଭଣ୍ଡାର ଏବଂ ରାଡାର କେନ୍ଦ୍ରକୁ ଧ୍ୱଂସ କରାଯାଇଥିବା ଇରାନ ଦାବି କରିଛି। ଏହା ସହିତ ଓମାନର ଦୁକମ୍ ବନ୍ଦରରେ ଥିବା ଆମେରିକୀୟ ଯୁଦ୍ଧ ଜାହାଜର ଇନ୍ଧନ ଭରଣା କେନ୍ଦ୍ର, ବାହାରିନର ଶେଖ୍ ଇସା ସାମରିକ ଘାଟି ଏବଂ କତାରର ଅଲ୍ ଉଦେଇଦ୍ ବାୟୁସେନା ଘାଟି ଉପରେ ମଧ୍ୟ ପ୍ରବଳ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଏହି ଆକ୍ରମଣରେ ଜର୍ଡାନର ଏକ ପ୍ରମୁଖ ବାୟୁସେନା ଘାଟିରେ ଥିବା ଇନ୍ଧନ ଟାଙ୍କି ଏବଂ ଗୋଳାବାରୁଦ ଗୋଦାମରେ ନିଆଁ ଲାଗିଯାଇଛି।



ଏହା ପୂର୍ବରୁ ଆମେରିକାର କେନ୍ଦ୍ରୀୟ କମାଣ୍ଡ ପକ୍ଷରୁ କୁହାଯାଇଥିଲା ଯେ, ସେମାନଙ୍କର ଯୁଦ୍ଧ ବିମାନ, ନୌସେନା ଜାହାଜ ଏବଂ ଆତ୍ମଘାତୀ ଡ୍ରୋନ୍ ସାହାଯ୍ୟରେ ଇରାନର ବହୁ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରାଯାଇଛି। ହର୍ମୁଜ ପ୍ରଣାଳୀ ଦେଇ ଗତି କରୁଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ପ୍ରତି ଇରାନ ସୃଷ୍ଟି କରୁଥିବା ବିପଦକୁ ହ୍ରାସ କରିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଆମେରିକା ସେନା ସ୍ପଷ୍ଟ କରିଛି। ଏହି ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ସେମାନେ ଇରାନକୁ ଉଚିତ ଶିକ୍ଷା ଦେଉଛନ୍ତି।

ଇତିମଧ୍ୟରେ ବ୍ରିଟେନ ସରକାର ଇରାନର ଶକ୍ତିଶାଳୀ ସାମରିକ ବାହିନୀ ‘ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କୋର୍ପସ’ (ଆଇଆରଜିସି)କୁ ଏକ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିଛନ୍ତି। ବ୍ରିଟେନ ଗୃହ ମନ୍ତ୍ରଣାଳୟ ଅନୁଯାୟୀ, ଏହା ବ୍ରିଟେନର ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ▶ପୃଷ୍ଠା-୭

# ପୁଣି ବନ୍ଦହେଲା ହର୍ମୁଜ

## ଜାହାଜ ଉପରେ ୨୦% ଶୁଳ୍କ ଲଗାଇଲା ଆମେରିକା

■ ୱାସିଂଟନ, ତେହେରାନ, ୧୩।୭(ଏଜେନ୍ସି): ତୈଳ ଓ ଗ୍ୟାସ ପରିବହନ ପାଇଁ ଆନ୍ତର୍ଜାତିକ ବାଣିଜ୍ୟ ।।ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ହର୍ମୁଜ ସମୁଦ୍ର ପଥରେ ପୁଣି ଅବରୋଧ। ପ୍ରଥମେ ଇରାନ ଅବରୋଧ କରିଥିଲା। ଏବେ ଆମେରିକା ମଧ୍ୟ ଅବରୋଧ କରିବାକୁ ଘୋଷଣା କରିଛି। କେବଳ ଏତିକି ନୁହେଁ, ଏହି ପଥ ଦେଇ ଯାତାୟାତ କରୁଥିବା ସମସ୍ତ ପରିବହନ ଜାହାଜରୁ ୨୦ ପ୍ରତିଶତ ଶୁଳ୍କ ଆଦାୟ କରିବ ଆମେରିକା। ଆମେରିକାର ଏଭଳି ଘୋଷଣା ପରେ ଚେତାବନୀ ଦେଇଛି ଇରାନ। ଇରାନ ପକ୍ଷରୁ କୁହାଯାଇଛି ହର୍ମୁଜରେ କେବଳ ଏହାର କର୍ତ୍ତୃତ୍ୱ ରହିଛି ଏବଂ ଏଥିରେ ଅନ୍ୟ କାହାରି ହସ୍ତକ୍ଷେପକୁ ବରଦାସ୍ତ କରାଯିବ ନାହିଁ। ଆମେରିକା ଏବଂ ଇରାନ ମଧ୍ୟ ।।ରେ ଆକ୍ରମଣ ଓ ପ୍ରତ୍ୟାକ୍ରମଣ ଚାଲିଥିବା ବେଳେ ଆଜିର ଏହି ଘଟଣା ସମଗ୍ର ମଧ୍ୟପ୍ରାଚ୍ୟରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି। ଇରାନର ହର୍ମୁଜ ଅବରୋଧ ଏବଂ ଅନେକ ଜାହାଜ ଉପରେ ଆକ୍ରମଣ ପରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଆଜି ସମଗ୍ର ଘଟଣାକୁ ନୂଆ ▶ପୃଷ୍ଠା-୭

ରାମ ମନ୍ଦିର ଚାନ୍ଦା ଚୋରି

# ତଦନ୍ତର ଷ୍ଟାଟସ୍ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୧୩।୭(ଏଜେନ୍ସି): ଅଯୋଧ୍ୟାର ଶ୍ରୀରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ଦାନ କରାଯାଇଥିବା ଅର୍ଥ ଏବଂ ମୂଲ୍ୟବାନ ସାମଗ୍ରୀର ହେରଫେର ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଏହି ଘଟଣାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ନିକଟରୁ କୋର୍ଟ ଷ୍ଟାଟସ୍ ରିପୋର୍ଟ ତଲବ କରିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତା ।।ରେ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି କେନ୍ଦ୍ର ସରକାର, ଉତ୍ତର ପ୍ରଦେଶ ସରକାର ଏବଂ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ମଧ୍ୟ ନୋଟିସ ଜାରି କରିଛନ୍ତି। ଏହି ଆର୍ଥିକ ଅନିୟମିତତାର ସିବିଆଇ ଦ୍ୱାରା ତଦନ୍ତ କରାଇବାକୁ ଦାୟର ହୋଇଥିବା ଆବେଦନ ଉପରେ ଆସନ୍ତା ସପ୍ତାହରେ ଶୁଣାଣି ହେବ। ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ଏସ୍‌ଆଇଟିକୁ ଆସନ୍ତା ସୋମବାର ସୁଦ୍ଧା ଏକ ବନ୍ଦ ଲଫାପାରେ ତଦନ୍ତର ସମ୍ପୂର୍ଣ୍ଣ ବିବରଣୀ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



ସୂଚନାଯୋଗ୍ୟ ଯେ, ମନ୍ଦିରର ଚାନ୍ଦା ଚୋରି ଅଭିଯୋଗ ପରେ ଜୁନ୍ ୧୩ ତାରିଖରେ ଲକ୍ଷ୍ନୌ ବିଭାଗୀୟ କମିସନରଙ୍କ ଅଧ୍ୟକ୍ଷତାରେ ଏହି ଏସ୍‌ଆଇଟି ଗଠନ କରାଯାଇଥିଲା। ▶ପୃଷ୍ଠା-୭

# ଆସୁଛି ଲଘୁଚାପ: ଆଜିଠୁ ବଢ଼ିବ ବର୍ଷା

■ ଭୁବନେଶ୍ୱର, ୧୩।୭ (ସମିସ): ବଙ୍ଗଳାଦେଶ ଉପରେ ସକ୍ରିୟ ଥିବା ଘୂର୍ଣ୍ଣିବଳୟ ଉତ୍ତର ବଙ୍ଗୋପସାଗରରେ ପହଞ୍ଚିଛି। ଏହି ଘୂର୍ଣ୍ଣିବଳୟ ଅଧିକ ସଂଗଠିତ ହେଉଥିବା ବେଳେ ଏହା ପ୍ରଭାବରେ ଆସନ୍ତା ୧୫ ତାରିଖ ବେଳକୁ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଯଦିଓ ଲଘୁଚାପ କେତେ ଶକ୍ତିଶାଳୀ ହେବ ତାହା ସ୍ପଷ୍ଟ ହୋଇ ନାହିଁ।




ମାତ୍ର ଲଘୁଚାପ ପ୍ରଭାବରେ ମଙ୍ଗଳବାର ରାତିଠାରୁ ରାଜ୍ୟରେ ବର୍ଷା ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି। ସେହିପରି ମୌସୁମୀ ଟ୍ରଫ୍ ସ୍ୱାଭାବିକ ସ୍ଥିତିକୁ ଫେରିବା ନେଇ ଆକଳନ କରାଯାଉଥିବା ବେଳେ ଏହାଦ୍ୱାରା ଉପକୂଳବର୍ତ୍ତୀ ଜିଲ୍ଲା ସମେତ ଏହାର ସଂଲଗ୍ନ ଜିଲ୍ଲାଗୁଡ଼ିକରେ ଭଲ ବର୍ଷା ହୋଇପାରେ। ସମ୍ଭାବ୍ୟ ଲଘୁଚାପ ସମ୍ପର୍କରେ ▶ପୃଷ୍ଠା-୭

ସଂସଦର ମୌସୁମୀ ଅଧିବେଶନ

# ୧୧ ପ୍ରସଙ୍ଗରେ ଗର୍ଜିବ ବିଜେଡି

- ଲକ୍ଷ୍ୟଭେଦୀ ଆଲୋଚନା ପାଇଁ ସାଂସଦଙ୍କୁ ନବୀନଙ୍କ ନିର୍ଦ୍ଦେଶ
- ରାଜ୍ୟସ୍ୱାର୍ଥ ପ୍ରସଙ୍ଗକୁ ଦୃଢ଼ ଭାବରେ ଉପସ୍ଥାପନ କରିବ ବିଜେଡି
- ସଂସଦରେ ଉଠିବ ପଢ଼ା ବହିରେ ତ୍ରୁଟି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା
- ପ୍ରସଙ୍ଗ ହେବ ଚାଷୀ, ମହାନଦୀ, ପୋଲାଭରମ, ଦରଦାମ୍ ବୃଦ୍ଧି




■ ଭୁବନେଶ୍ୱର,୧୩।୭ (ସମିସ): ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବାକୁ ଯାଉଛି ସଂସଦର ମୌସୁମୀ ଅଧିବେଶନ। ଏହା ପୂର୍ବରୁ ବିଜେଡି ସଂସଦୀୟ ବୋର୍ଡ ଅଧ୍ୟକ୍ଷ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଛି ସଂସଦୀୟ ଦଳ ବୈଠକ। ଏଥିରେ ଅନେକ ପ୍ରସଙ୍ଗ ଆଲୋଚନା ହୋଇଥିଲେ ହେଁ ବିଶେଷ ଭାବରେ ୧୧ଟି ପ୍ରସଙ୍ଗ ଉପରେ ଲକ୍ଷ୍ୟଭେଦୀ ଆଲୋଚନା ନିମନ୍ତେ ଦଳୀୟ ସାଂସଦଙ୍କୁ ନବୀନ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଚାଷ, ଚାଷୀଙ୍କ ସମସ୍ୟା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ବୟସ୍କ ନାଗରିକଙ୍କ ଭତ୍ତା କଷଣ, ନିଟ ପେପର ଲିକ୍, ପିଲାଙ୍କ ▶ପୃଷ୍ଠା-୭

# ଚିକିତ୍ସା ଆଳରେ ନାବାଳିକାକୁ ଦୁଷ୍କର୍ମ

■ ଜଗନ୍ନାଥ ପ୍ରସାଦ/ଭଞ୍ଜନଗର, ୧୩/୭(ସମିସ): ଜଗନ୍ନାଥ ପ୍ରସାଦ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ରକ୍ଷକ ହୋଇ ଭକ୍ଷକ ସାଜିଥିବା ଭଳି ସମ୍ବେଦନଶୀଳ ଘଟଣାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ଅଞ୍ଚଳବାସୀ। ଅଞ୍ଚଳର ଜଣେ ଆୟୁଷ ଡାକ୍ତର ଚିକିତ୍ସା କରିବା ବାହାନାରେ ଜଣେ ୧୪ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏହାକୁ କେନ୍ଦ୍ରକରି ନାବାଳିକାଙ୍କ ମାଆ ରବିବାର ରାତିରେ ଜଗନ୍ନାଥ ପ୍ରସାଦ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୁଲିସ ଆୟୁଷ ଡାକ୍ତରଙ୍କୁ ଗିରଫ କରିଥିବା କହିଛନ୍ତି ଭଞ୍ଜନଗର ଏସଡିପିଓ ଡକ୍ଟର ଦୀପକ କୁମାର ମିଶ୍ର। ନାବାଳିକାଙ୍କ ମାଆଙ୍କ ଅଭିଯୋଗ ▶ପୃଷ୍ଠା-୭

**ଜେଲ୍ ଗଲେ ଆୟୁଷ ଡାକ୍ତର**






କୋଭିଡକୁ ନେଇ ଆନ୍ଧ୍ରରେ ହାଇଆଲର୍ଟ

# ରଥଯାତ୍ରାରେ ସଂକ୍ରମଣ ଚିନ୍ତା

■ ପୁରୀ,୧୩।୭(ସମିସ): କୋଭିଡ୍ ସଂକ୍ରମଣ ବଢ଼ିବା ପରେ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶରେ ହାଇ ଆଲର୍ଟ ଜାରି ହୋଇଛି। କରୋନାରେ ୭ ଦିନରେ ଦୁଇଜଣଙ୍କ ଜୀବନ ଯାଇଛି ଓ ଅନେକ ସକ୍ରିୟ ରୋଗୀ ଚିହ୍ନଟ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଦୁଇଦିନ ପରେ ଅନୁଷ୍ଠିତ ହେବାକୁଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଚିନ୍ତା ବଢ଼ିଛି। ଲକ୍ଷ ଲକ୍ଷ ଭକ୍ତ ପୁରୀକୁ ଆସିବା ସମ୍ଭାବନା ଥିବାରୁ ଏହାକୁ ନେଇ ସାଧାରଣରେ ଚିନ୍ତା ବଢ଼ିଛି। ଶ୍ରୀକ୍ଷେତ୍ରର ରଥଯାତ୍ରା ହେଉଛି ବିଶ୍ୱର ସବୁଠୁ ବଡ଼ ଧାର୍ମିକ ସମାବେଶ ମଧ୍ୟରୁ ଅନ୍ୟତମ। ଏଥିରେ ଦେଶ ବିଦେଶରୁ ଲକ୍ଷଲକ୍ଷ ଭକ୍ତ, ଶ୍ରଦ୍ଧାଳୁ ସାମିଲ ହୋଇଥାନ୍ତି। ପଡୋଶୀ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ପଶ୍ଚିମବଙ୍ଗ ସମେତ ଦେଶର ବିଭିନ୍ନ ରାଜ୍ୟରୁ ଲକ୍ଷାଧିକ ଭକ୍ତ ପୁରୀରେ ପହଞ୍ଚି ଥାଆନ୍ତି। ପୁରୀ ସହରର ପେଣ୍ଠକଟା ଓ ଅନ୍ୟ ବସ୍ତିଗୁଡ଼ିକରେ ବାସ କରୁଥିବା ହଜାର ହଜାର ମତ୍ସ୍ୟଜୀବୀ ପରିବାର ଆନ୍ଧ୍ରପ୍ରଦେଶର ମୂଳବାସିନ୍ଦା ହୋଇଥିବାରୁ ରଥଯାତ୍ରା ସମୟରେ ସେମାନଙ୍କର ବହୁ ସମ୍ପର୍କୀୟ ପୁରୀ ଆସିଥାଆନ୍ତି।

ମାତ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରଥଯାତ୍ରାକୁ ଦୃଷ୍ଟିରେ ରଖି ଏଯାଏ କୌଣସି ବିଶେଷ ସତର୍କତାମୂଳକ ପଦକ୍ଷେପ ବା ନୂତନ ଗାଇଡଲାଇନ୍ ଜାରି କରାଯାଇଥିବା ସୂଚନା ମିଳିନାହିଁ। ସୀମାରେ ସ୍କ୍ରିନିଂ, ବସ୍‌ଷ୍ଟାଣ୍ଡ ଓ ରେଳ ଷ୍ଟେସନରେ ହେଲ୍ପ ଡେସ୍କ, ବଡ଼ ଦାଣ୍ଡରେ ମେଡିକାଲ ଟିମ୍ ମୁତୟନ ▶ପୃଷ୍ଠା-୭



## ସନ୍ଦିଗ୍ଧ ରୋଗୀଙ୍କ ଉପରେ ଗଞ୍ଜାମ ପ୍ରଶାସନର ନଜର

■ ବ୍ରହ୍ମପୁର,୧୩।୭(ସମିସ): ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ କୋଭିଡ ସଂକ୍ରମଣ ଚିହ୍ନଟ ଏବଂ ଏଥିରେ ଆକ୍ରାନ୍ତ ଦୁଇ ଜଣଙ୍କ ମୃତ୍ୟୁ ପରେ ଗଞ୍ଜାମ ଜିଲ୍ଲରେ ସତର୍କତା ଅବଲମ୍ବନ କରାଯାଇଛି। ସୀମାନ୍ତ ଜିଲ୍ଲା ହୋଇଥିବାରୁ ଗଞ୍ଜାମରେ ସଂକ୍ରମଣକୁ ରୋକିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ହସ୍ପିଟାଲକୁ ଆସୁଥିବା କୌଣସି ରୋଗୀଙ୍କ ଠାରେ କୋଭିଡ ଜନିତ ଲକ୍ଷଣ ଯଥା ଜ୍ୱର, କାଶ, ଗଳାବ୍ୟଥା କିମ୍ବା ଶ୍ୱାସକଷ୍ଟ ଦେଖାଗଲେ ସେମାନଙ୍କର ତୁରନ୍ତ କୋଭିଡ ପରୀକ୍ଷା କରିବାକୁ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ(ସିଡିଏମଓ) ଡା. ଭବାନୀ ଶଙ୍କର ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ସନ୍ଦିଗ୍ଧ ରୋଗୀଙ୍କ କୋଭିଡ ପରୀକ୍ଷା ନିମନ୍ତେ ସମସ୍ତ ବ୍ୟବସ୍ଥା କରିବାକୁ କୁହାଯାଇଛି। ▶ପୃଷ୍ଠା-୭

**ଲକ୍ଷଣ ଦେଖାଗଲେ ତୁରନ୍ତ ଟେଷ୍ଟିଂ ପାଇଁ ସିଡିଏମ୍‌ଓଙ୍କ ପରାମର୍ଶ**

## ରଥଯାତ୍ରା ପାଇଁ ୬୦ଟି କମିଟିକୁ ମିଳିବ ୫ ଲକ୍ଷ ଲେଖାଏଁ ସହାୟତା

କୋଲକାତା, ୧୩।୭(ଏଜେନ୍ସି): ଆସନ୍ତା ଗୁରୁବାର ପବିତ୍ର ରଥଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ରାଜ୍ୟର ୬୦ଟି ପାରମ୍ପରିକ ରଥଯାତ୍ରା କମିଟି



ପାଇଁ ବିଶେଷ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ କମିଟିକୁ ୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହି ଅର୍ଥରାଶିକୁ ପୁରୁଣା ତଥା କାଠ ନିର୍ମିତ ରଥଗୁଡ଼ିକର ସଂସ୍କାର ପାଇଁ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଏହା ସହିତ ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ବିଭିନ୍ନ ସ୍ଥାନରେ ସେବା କେନ୍ଦ୍ର ଖୋଲାଯିବ। ଅପରପକ୍ଷରେ, ଆସନ୍ତା ଶ୍ରାବଣ ମେଳାରେ କାଉଡ଼ିଆମାନଙ୍କ ପାଇଁ ମଧ୍ୟ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରୁଛନ୍ତି। ଶେଓଡ଼ାଫୁଲିରୁ ତାରକେଶ୍ୱର ପର୍ଯ୍ୟନ୍ତ ପ୍ରତି ୫ କିଲୋମିଟରରେ ସେବା କେନ୍ଦ୍ର, ଚିକିତ୍ସା ଶିବିର ଓ ପାନୀୟ ଜଳର ବ୍ୟବସ୍ଥା କରାଯିବା ସହ ଶ୍ରାବଣ ମାସର ପ୍ରତି ସୋମବାର ଦିନ ହେଲିକପ୍ଟର ଯୋଗେ ପୁଷ୍ପବୃଷ୍ଟି କରାଯିବ ବୋଲି ସୂଚନା ମିଳିଛି। ପୂର୍ବ ସରକାରଙ୍କ ତୁଳନାରେ ଏହି ପର୍ବପର୍ବାଣୀଗୁଡ଼ିକରେ ବେଙ୍ଗଲ ସରକାର ଏବେ ସିଧାସଳଖ ସାମିଲ ହୋଇ ସାଂସ୍କୃତିକ ଓ ପାରମ୍ପରିକ ବିକାଶ ଉପରେ ଗୁରୁତ୍ୱ ଦେଉଥିବା ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

## ଆଇବି ଅଧିକାରୀ ହତ୍ୟା ମାମଲା: ଆପ୍ ନେତା ତାହିର ହୁସେନ ଦୋଷୀ

ନୂଆଦିଲ୍ଲୀ, ୧୩।୭ (ଏଜେନ୍ସି): ୨୦୨୦ ଦିଲ୍ଲୀ ଦଙ୍ଗା ସମୟରେ ଗୁଇନ୍ଦା ବିଭାଗ (ଆଇବି) ଅଧିକାରୀ ଅଙ୍କିତ ଶର୍ମା ହତ୍ୟା ମାମଲାରେ ଦିଲ୍ଲୀର ଏକ କୋର୍ଟ ପୂର୍ବତନ ଆମ୍ ଆଦମୀ ପାର୍ଟି (ଆପ୍) କାଉନସିଲର



ତାହିର ହୁସେନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। କରକରଡୁମା କୋର୍ଟ ହୁସେନଙ୍କ ସମେତ ୪ ଜଣଙ୍କୁ ଏହି ବର୍ବର ହତ୍ୟାକାଣ୍ଡ ପାଇଁ ଦାୟୀ କରିଥିବା ବେଳେ ଅନ୍ୟ ୬ ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଦାଲତ ତାହିର ହୁସେନ୍, ନାଜିମ, କାସିମ, ଅନସ ଏବଂ ଜାଭେଦଙ୍କୁ ହତ୍ୟା, ଅପହରଣ, ଦଙ୍ଗା କରିବା ଏବଂ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ସୃଷ୍ଟି କରିବା ଭଳି ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ତେବେ କୋର୍ଟ ତାହିର ହୁସେନଙ୍କ ବିରୋଧରେ ଥିବା ଅପରାଧିକ ଷଡ଼ଯନ୍ତ୍ର ଅଭିଯୋଗକୁ ହଟାଇ ଦେଇଛନ୍ତି। ୨୦୨୦ ଦିଲ୍ଲୀ ଦଙ୍ଗା ଦିନ ଅଙ୍କିତ ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଘରକରଣା ଜିନିଷ କିଣିବାକୁ ବାହାରକୁ ଯାଇ ଆଉ ଫେରିନଥିଲେ। ପରେ ଚାନ୍ଦବାଗ ନିକଟସ୍ଥ ଏକ ନାଳରୁ ତାଙ୍କର କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଥିଲା। ଅଙ୍କିତଙ୍କ ପିତା ନିଜ ଅଭିଯୋଗରେ ତାହିର ହୁସେନ୍ ଏବଂ ତାଙ୍କ ସହଯୋଗୀମାନଙ୍କ ଉପରେ ଅଭିଯୋଗ ଆଣିଥିଲେ। ଏହି ମାମଲାରେ ମାର୍ଚ୍ଚ ୨୦୨୩ରେ ଟ୍ରାଏଲ କୋର୍ଟ ତାହିର ହୁସେନଙ୍କ ସମେତ ୧୧ ଜଣଙ୍କ ବିରୋଧରେ ଚାର୍ଜଫ୍ରେମ କରିଥିଲେ।

## ମହିଳାଙ୍କ ବେଡ୍‌ରୁମ୍‌ରେ ପଶିବାରୁ ପୁଲିସକୁ ୧୦,୦୦୦ ଜରିମାନା


ମୁମ୍ବଇ, ୧୩।୭(ଏଜେନ୍ସି): ଜଣେ ମହିଳାଙ୍କ ଶୋଇବା ଘରେ (ବେଡ୍‌ରୁମ୍) ଆଇନଗତ ପ୍ରକ୍ରିୟା ବିନା ଜୋରଜବରଦସ୍ତ ପ୍ରବେଶ କରିବା ଏବଂ ମୋବାଇଲ୍ ଜବତ କରିବା ମାମଲାରେ ବମ୍ବେ ହାଇକୋର୍ଟ ପୁଲିସର କାର୍ଯ୍ୟାନୁଷ୍ଠାନକୁ ବେଆଇନ ଦର୍ଶାଇଛନ୍ତି। ଏହା ମହିଳାଙ୍କ ନିଜସ୍ୱ ଗୋପନୀୟତା ଓ ସମ୍ମାନର ଉଲ୍ଲଂଘନ ବୋଲି କହି କୋର୍ଟ ମହାରାଷ୍ଟ୍ର ସରକାରଙ୍କୁ ୨୬ ବର୍ଷୀୟା ମହିଳାଙ୍କୁ ୧୦, ୦୦୦ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।



ନାଗପୁରର ସାଓନେର ଅଞ୍ଚଳର ଜଣେ ମହିଳା ଅଭିଯୋଗ କରିଥିଲେ ଯେ, ଏକ କାର ଦୁର୍ଘଟଣାର ତଦନ୍ତ ବାହାନାରେ ପୁଲିସ କୌଣସି ନୋଟିସ ନଦେଇ ବାରମ୍ବାର ତାଙ୍କ ଘର ଓ ଶୋଇବା ଘରେ ପଶି ହଇରାଣ କରିଥିଲା। ଏହା ସହିତ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ନିୟମ ଉଲ୍ଲଂଘନ କରି ତାଙ୍କ ମୋବାଇଲ୍ ଫୋନକୁ ଦୁଇ ଦିନ ଧରି ଜବତ କରି ରଖିଥିଲା। ହାଇକୋର୍ଟଙ୍କ ନାଗପୁର ଖଣ୍ଡପୀଠ ଏହାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି ଯେ, ସମ୍ବିଧାନର ଧାରା ୨୧ ଅନୁଯାୟୀ ପ୍ରତ୍ୟେକ ନାଗରିକଙ୍କର ଗୋପନୀୟତାର ଅଧିକାର ରହିଛି। ତଦନ୍ତ ଆଳରେ ପୁଲିସ ନିଜର ଆଇନଗତ ସୀମା ପାର କରିପାରିବ ନାହିଁ। କୋର୍ଟ ରାଜ୍ୟ ସରକାରଙ୍କୁ ଦୁଇ ମାସ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କହିବା ସହ ଏହି ଅର୍ଥ ସମ୍ପୃକ୍ତ ଦୋଷୀ ପୁଲିସ ଅଧିକାରୀଙ୍କ ଦରମାରୁ ଅସୁଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିଷ୍ପତ୍ତି ପୁଲିସର ମନମୁଖୀ କାର୍ଯ୍ୟକଳାପ ଉପରେ ଏକ ବଡ଼ ଅଙ୍କୁଶ ଲଗାଇଛି।

## ପ୍ରେମିକାକୁ ହତ୍ୟା ପରେ ଟ୍ରେନ୍ ଆଗକୁ ଡେଇଁ ପ୍ରେମିକର ଆତ୍ମହତ୍ୟା

ଗୁରୁଗ୍ରାମ, ୧୩।୭(ଏଜେନ୍ସି): ଗୁରୁଗ୍ରାମରେ ଛତିଶଗଡ଼ର ଜଣେ ସଫ୍ଟୱେର୍ ଇଞ୍ଜିନିୟର ନିଜ ପ୍ରେମିକାକୁ ଛୁରି ଭୁସି ହତ୍ୟା କରିବା ପରେ ଟ୍ରେନ ଆଗକୁ ଡେଇଁ ନିଜେ ଆତ୍ମହତ୍ୟା କରିଥିବା ଘଟଣା ସାମ୍ନାକୁ ଆସିଛି। ମୃତକ ଦ୍ୱୟ ହେଉଛନ୍ତି ଛତିଶଗଡ଼ ଭିଲାଇର



୨୫ ବର୍ଷୀୟ ଶ୍ରେଷ୍ଠ ମଲ୍ଲିକ ଏବଂ ଉତ୍ତର ପ୍ରଦେଶ ସୀତାପୁରର ଇଶାରା ଆୟୁବି। ଦୁହେଁ ଗୁରୁଗ୍ରାମର ଏକ ବେସରକାରୀ ସଂସ୍ଥାରେ ଏକାଠି କାମ କରୁଥିଲେ ଏବଂ ସେକ୍ଟର-୫୫ ସ୍ଥିତ ଏକ ପିଜି ରୁମରେ ରହୁଥିଲେ। ଇଶାରାଙ୍କ ପରିବାର ଲୋକେ ତାଙ୍କ ସହ ଯୋଗାଯୋଗ କରି ନ ପାରିବାରୁ ପୁଲିସରେ ନିଖୋଜ ଅଭିଯୋଗ କରିଥିଲେ। ପୁଲିସ ମୋବାଇଲ୍ ଟ୍ରାକ୍ କରି ପିଜି କୋଠରୀରୁ ଇଶାରାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର କରିଥିଲା, ଯାହାଙ୍କ ବେକରେ ଛୁରିରେ ଆଘାତ ଲାଗିଥିଲା। ଅପରପକ୍ଷରେ, ରେଳବାଇ ପୁଲିସ ଗଡ଼ି ରେଳ ଷ୍ଟେସନ ନିକଟରୁ ଶ୍ରେଷ୍ଠଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରିଥିଲା। ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି ଯେ ଶ୍ରେଷ୍ଠ ନିଜ ପ୍ରେମିକାଙ୍କୁ ହତ୍ୟା କରିବା ପରେ ନିଜେ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ପୁଲିସ ହତ୍ୟା ମାମଲା ରୁଜୁ କରି ଦୁଇଟିଯାକ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

## ପୁଅ-ଝିଅଙ୍କୁ ଫେରାର୍ ହେବାରୁ କେହି ଅଟକାଇ ପାରିବେ କି ?

ନୂଆଦିଲ୍ଲୀ, ୧୩।୭(ଏଜେନ୍ସି): କିଶୋର କିଶୋରୀଙ୍କ ମଧ୍ୟରେ ଗଢ଼ିଉଠୁଥିବା ପ୍ରେମ ସମ୍ପର୍କ ଏବଂ ଘରୁ ପଳାଇବା ମାମଲାରେ ପକ୍‌ସୋ ଆଇନର ଅପବ୍ୟବହାରକୁ ନେଇ ସୁପ୍ରିମକୋର୍ଟ ପୁଣି ଥରେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଅନେକ ସମୟରେ ପରିବାର ଲୋକେ ନିଜର ସମ୍ମାନ ରକ୍ଷା ପାଇଁ ଏହି ଆଇନର ଅପବ୍ୟବହାର କରୁଥିବା କୋର୍ଟ କହିଛନ୍ତି। ବିଚାରପତି ବିଭି ନାଗରତ୍ନ ଏବଂ ବିଚାରପତି ଆର୍ ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ସ୍ୱତଃପ୍ରବୃତ୍ତ ମାମଲାର ଶୁଣାଣି ବେଳେ କହିଛନ୍ତି ଯେ, ୧୫ରୁ ୧୮ ବର୍ଷ ହେଉଛି ଏକ ସମ୍ବେଦନଶୀଳ ବୟସ। ଏଭଳି ସ୍ଥିତିରେ କୌଣସି ପୁଅ ଓ ଝିଅ ନିଜ ଇଚ୍ଛାରେ ଫେରାର ହେଲେ ରାଜ୍ୟ ସରକାର ସେମାନଙ୍କୁ କିଭଳି ଅଟକାଇ ପାରିବେ? ପକ୍‌ସୋ ଆଇନ ମୁଖ୍ୟତଃ ଶିଶୁ ଯୌନ ନିର୍ଯାତନା ଏବଂ ଶୋଷଣ ବିରୋଧରେ ଉଦ୍ଦିଷ୍ଟ, ମାତ୍ର ଏଠାରେ ପିତାମାତା ସମ୍ମାନ ଖାତିରରେ ଏହାକୁ ଏକ ଅପରାଧିକ ମାମଲାର ରୂପ ଦେଉଛନ୍ତି। କୋର୍ଟରେ ଉପସ୍ଥିତ ବରିଷ୍ଠ ଆଇନଜୀବୀ ଦର୍ଶାଇଥିଲେ ଯେ, ସହମତିରେ ସମ୍ପର୍କ ରଖିଥିବା

### ପକ୍‌ସୋ ଆଇନର ଅପବ୍ୟବହାର ନେଇ ପୁଣି ଉଦ୍‌ବେଗ ଜଣାଇଲେ



କିଶୋରମାନଙ୍କୁ ଜେଲ ପଠାଯିବା ପରିବର୍ତ୍ତେ ସେମାନଙ୍କ ଶିକ୍ଷା ଓ ସଚେତନତା ଉପରେ ଗୁରୁତ୍ୱ ଦିଆଯିବା ଉଚିତ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଷଷ୍ଠ ଶ୍ରେଣୀରୁ ହିଁ ପକ୍‌ସୋ ଏବଂ କିଶୋର ଶିକ୍ଷା ସମ୍ପର୍କିତ ସଚେତନତା ଆରମ୍ଭ କରିବାକୁ ପ୍ରସ୍ତାବ ଦିଆଯାଇଛି। ସୁପ୍ରିମକୋର୍ଟ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ବ୍ୟାବହାରିକ ନିର୍ଦ୍ଦେଶନାମା ଜାରି କରିବାକୁ କହିଛନ୍ତି। ପ୍ରତ୍ୟେକ ହାଇକୋର୍ଟରେ ପୂର୍ବରୁ ହିଁ ଶିଶୁ ଅଧିକାର କମିଟି ରହିଥିବାରୁ ଏହାର ତଦାରଖ ଦାୟିତ୍ୱ ରାଜ୍ୟ ସରକାର ଓ ହାଇକୋର୍ଟଙ୍କ ହାତରେ ରହିବା ଉଚିତ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୧୭ ତାରିଖରେ ହେବ।

# ନାଗରିକତ୍ୱ ନିର୍ଦ୍ଧାରଣ ପାଇଁ ସ୍ୱଚ୍ଛ ପ୍ରକ୍ରିୟା ଜରୁରୀ

## ଆସାମର ୨୭ ଜଣଙ୍କୁ ସୁପ୍ରିମକୋର୍ଟଙ୍କ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୩।୭(ଏଜେନ୍ସି): ଆସାମର ୨୭ ଜଣ ବାସିନ୍ଦାଙ୍କୁ ବିଦେଶୀ ଘୋଷଣା କରି ଗୌହାଟୀ ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ରଦ୍ଦ କରିଛନ୍ତି। ନାଗରିକତ୍ୱ ନିର୍ଦ୍ଧାରଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏକ 'ସ୍ୱଚ୍ଛ, ଆଇନଗତ ଏବଂ ଯୁକ୍ତିଯୁକ୍ତ' ପ୍ରକ୍ରିୟା ଆପଣାଇବାକୁ କୋର୍ଟ ଗୁରୁତ୍ୱ ଦେଇଛନ୍ତି। ବିଚାରପତି ବିକ୍ରମ ନାଥ ଏବଂ ବିଚାରପତି ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ସମ୍ପୃକ୍ତ ବିଦେଶୀ ସେବା ଅଧିକରଣ (ଫରେନର୍ସ ଟ୍ରିବ୍ୟୁନାଲ)




କୁ ଏହାର ପୁନଃ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ବନାନ ତ୍ରୁଟି ଏବଂ ପୁରୁଣା ଭୋଟର ତାଲିକାରେ ଥିବା ସାମାନ୍ୟ ଅମେଳକୁ ଆଧାର କରି ଏହି ବ୍ୟକ୍ତିମାନଙ୍କୁ ବିଦେଶୀ ଘୋଷଣା କରାଯାଇଥିଲା, ଯାହାକୁ ସେମାନେ ସର୍ବୋଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରିଥିଲେ। ସୁପ୍ରିମକୋର୍ଟ କହିଛନ୍ତି ଯେ ନାଗରିକତ୍ୱର ଏକ ବଡ଼ ସାମ୍ବିଧାନିକ ମହତ୍ତ୍ୱ ରହିଛି। କୌଣସି ଅଯୋଗ୍ୟ ବ୍ୟକ୍ତି ଯେପରି ଭାରତୀୟ ନାଗରିକତ୍ୱ ନ ପାଆନ୍ତି ତାହା ଦେଖିବା ସରକାରଙ୍କ ଦାୟିତ୍ୱ, କିନ୍ତୁ ଏହି ଆଧାରରେ ପ୍ରକ୍ରିୟାଗତ ସ୍ୱଚ୍ଛତା ଓ ଆଇନଗତ ନିୟମକୁ ଅଣଦେଖା କରାଯାଇପାରିବ ନାହିଁ। କୋର୍ଟ ଏହି ମାମଲାର ଗୁଣବତ୍ତା ଉପରେ କୌଣସି ମତ ନଦେଇ, ପୂର୍ବ ରାୟଗୁଡ଼ିକୁ ପ୍ରଭାବିତ ନକରି ନିରପେକ୍ଷ ଭାବେ ନୂତନ ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଫଳରେ ଅଯଥା ବୈଷୟିକ ତ୍ରୁଟି ଯୋଗୁଁ ନାଗରିକତ୍ୱ ହରାଇଥିବା ବ୍ୟକ୍ତିମାନଙ୍କୁ ନିଜର ପକ୍ଷ ରଖିବା ପାଇଁ ଆଉ ଏକ ସୁଯୋଗ ମିଳିଛି। ଟ୍ରିବ୍ୟୁନାଲଗୁଡ଼ିକ ଏବେ ସମ୍ପୂର୍ଣ୍ଣ ସ୍ୱାଧୀନ ଏବଂ ଆଇନଗତ ଭାବେ ଏହି ମାମଲାଗୁଡ଼ିକର ପୁନଃ ବିଚାର କରିବେ।

## 'ଲାଡ୍‌କି ବହିନ୍'ରୁ ବାଦ୍ ପଡ଼ିଲେ ୯୨ ଲକ୍ଷ

ମୁମ୍ବଇ, ୧୩।୭(ଏଜେନ୍ସି):ମହାରାଷ୍ଟ୍ର ସରକାରଙ୍କ ପ୍ରମୁଖ କଲ୍ୟାଣକାରୀ ଯୋଜନା 'ମାଝି ଲାଡ୍‌କି ବହିନ୍ ଯୋଜନା'ର ହିତାଧିକାରୀ ତାଲିକାରେ ଏକ ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଛି। ଯୋଗ୍ୟତା ମାପଦଣ୍ଡ ଏବଂ ବୈଷୟିକ ପ୍ରକ୍ରିୟା ଆଧାରରେ ପ୍ରାୟ ୯୨ ଲକ୍ଷରୁ ଅଧିକ ମହିଳାଙ୍କ ନାମ ଏହି ଯୋଜନାରୁ ବାଦ୍ ଦିଆଯାଇଛି। ସରକାରୀ ସୂଚନା ଅନୁଯାୟୀ, ପ୍ରାରମ୍ଭିକ ପର୍ଯ୍ୟାୟରେ ୨.୪ କୋଟି ହିତାଧିକାରୀଙ୍କ ମଧ୍ୟରୁ ପ୍ରାୟ ୩୮ ପ୍ରତିଶତଙ୍କ ନାମ ଏବେ କାଟି ଦିଆଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ ନକରିବା ଯୋଗୁଁ ପ୍ରାୟ ୫୫ ଲକ୍ଷ ମହିଳା ତାଲିକାରୁ ବାଦ୍ ପଡ଼ିଛନ୍ତି। ଏହା ବ୍ୟତୀତ ବାର୍ଷିକ ପରିବାର ଆୟ ୨.୫ ଲକ୍ଷ ଟଙ୍କାରୁ ଅଧିକ ଥିବା ହେତୁ ୧୨ ଲକ୍ଷ ମହିଳା ଏବଂ ୬୫ ବର୍ଷରୁ ଅଧିକ ବୟସ ହୋଇଥିବାରୁ ପ୍ରାୟ ୪.୫ ଲକ୍ଷ ମହିଳା ଅଯୋଗ୍ୟ ବିବେଚିତ ହୋଇଛନ୍ତି। ରାଜ୍ୟର ବିଡ୍ ଜିଲ୍ଲାରୁ ସର୍ବାଧିକ ୨୮ ଲକ୍ଷ ମହିଳାଙ୍କ ନାମ ବାଦ୍ ଦିଆଯାଇଛି। ଆଶ୍ଚର୍ଯ୍ୟଜନକ ଭାବେ, ପ୍ରାୟ ୧୪, ୦୦୦ ପୁରୁଷ ମଧ୍ୟ ଏହି ମହିଳା କଲ୍ୟାଣକାରୀ ଯୋଜନାର ଲାଭ ନେବାକୁ ଆବେଦନ କରିଥିଲେ, ଯାହାଙ୍କୁ ଚିହ୍ନଟ କରାଯାଇ ତାଲିକାରୁ ହଟାଇ ଦିଆଯାଇଛି। ଅନ୍ୟପଟେ, ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି) ଏହି ଯୋଜନା ଉପରେ ହେଉଥିବା ବିପୁଳ ଖର୍ଚ୍ଚ ରାଜ୍ୟର ଆର୍ଥିକ ସ୍ଥିତି ଉପରେ ବୋଝ ସଦୃଶ ବୋଲି ନିକଟରେ ଚେତାବନୀ ଦେଇଛନ୍ତି।

## ହାଇକୋର୍ଟଙ୍କ ଭୋଜଶାଳା ରାୟକୁ ଚ୍ୟାଲେଞ୍ଜ; ଶୁଣାଣି କରିବେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୩।୭ (ଏଜେନ୍ସି): ମଧ୍ୟପ୍ରଦେଶର ଧାର୍ ଜିଲ୍ଲାରେ ଅବସ୍ଥିତ ବିବାଦୀୟ ଭୋଜଶାଳା ପରିସରକୁ ସରସ୍ୱତୀ ମନ୍ଦିର ଘୋଷଣା କରିଥିବା ହାଇକୋର୍ଟଙ୍କ ରାୟ ବିରୋଧରେ ଦାୟର ହୋଇଥିବା ଆବେଦନଗୁଡ଼ିକର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ସମ୍ମତି ପ୍ରକାଶ କରିଛନ୍ତି। ଏହି ଐତିହାସିକ ସ୍ଥଳକୁ ନେଇ ଦୀର୍ଘ ଦିନରୁ ଚାଲିଆସୁଥିବା ଧାର୍ମିକ ବିବାଦ ଏବେ ଦେଶର ସୁପ୍ରିମକୋର୍ଟରେ ପହଞ୍ଚିଛି। ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚି ଓ ବି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ନିକଟରେ ମୁସଲିମ ପକ୍ଷର ଆଇନଜୀବୀମାନେ ଏହି ମାମଲାର ଜରୁରୀ ଶୁଣାଣି ପାଇଁ ଅନୁରୋଧ କରିଥିଲେ। ମୁଖ୍ୟ ବିଚାରପତି ଆବେଦନରେ ଥିବା ବୈଷୟିକ ତ୍ରୁଟିଗୁଡ଼ିକୁ ଦୂର କରିବାକୁ କହିବା ସହ ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର ବେଞ୍ଚ ସାମ୍ନାରେ ଏହାର ଶୁଣାଣି କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ମେ ୧୫ ତାରିଖରେ ମଧ୍ୟପ୍ରଦେଶ ହାଇକୋର୍ଟ ଏହି ୧୧ଶ ଶତାବ୍ଦୀର ସ୍ମାରକୀକୁ ମା' ସରସ୍ୱତୀଙ୍କ ମନ୍ଦିର ବୋଲି ଘୋଷଣା କରିଥିଲେ। ଏଥିସହିତ, ସେଠାରେ ମୁସଲିମ ସମୁଦାୟକୁ ଶୁକ୍ରବାର ଦିନ ନମାଜ ପାଠ କରିବାକୁ ଅନୁମତି ଦେଇଥିବା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ(ଏଏସ୍‌ଆଇ)ର ୨୦୦୩ ମସିହାର ପୁରୁଣା ନିର୍ଦ୍ଦେଶକୁ କୋର୍ଟ ରଦ୍ଦ କରିଦେଇଥିଲେ। ବୈଜ୍ଞାନିକ ପ୍ରମାଣ ଏବଂ ଐତିହାସିକ ତଥ୍ୟ ଆଧାରରେ ଏହା ଏକ ହିନ୍ଦୁ ମନ୍ଦିର ଓ ସଂସ୍କୃତ ଶିକ୍ଷା କେନ୍ଦ୍ର ଥିଲା ବୋଲି ହାଇକୋର୍ଟ କହିଥିଲେ। ଏହା ସହ ମୁସଲିମ ସମୁଦାୟ ପାଇଁ ମସଜିଦ ନିର୍ମାଣ ନିମନ୍ତେ ଜିଲ୍ଲାରେ ଅନ୍ୟତ୍ର ସ୍ଥାନ ଯୋଗାଇଦେବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ।

## ଗୋ-ହତ୍ୟା କଟକଣା ଉପରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ

ନୂଆଦିଲ୍ଲୀ, ୧୩।୭(ଏଜେନ୍ସି): ତାମିଲନାଡୁରେ ବକ୍ରିଇଦ୍ କିମ୍ବା ଅନ୍ୟ କୌଣସି ଦିନ ଗୋହତ୍ୟା କରାଯାଇପାରିବ ନାହିଁ



ବୋଲି ମାଡ୍ରାସ୍ ଉଚ୍ଚ ନ୍ୟାୟାଳୟ ଦେଇଥିବା ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ଏହି ନିର୍ଦ୍ଦେଶରେ 'ସଂଶୋଧନ'ର ଆବଶ୍ୟକତା ରହିଛି ବୋଲି ଦର୍ଶାଇ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟ ସରକାରଙ୍କ ଆବେଦନ ଆଧାରରେ ଏହି ନିଷ୍ପତ୍ତି ନେଇଛନ୍ତି। ଅଭିନେତାରୁ ରାଜନେତା ସାଜିଥିବା ବିଜୟଙ୍କ ନେତୃତ୍ୱାଧୀନ ତାମିଲନାଡୁ ସରକାର (ଟିଭିକେ) ମାଡ୍ରାସ ହାଇକୋର୍ଟଙ୍କ ଗତ ମେ ୨୭ ତାରିଖର ରାୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏକ ୧୯୭୬ ମସିହାର ସରକାରୀ ଆଦେଶକୁ ଆଧାର କରି ସମଗ୍ର ରାଜ୍ୟରେ ଗୋହତ୍ୟା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ।

## ଇରାନର ହିଟ୍ ଲିଷ୍ଟରେ ଟ୍ରମ୍ପ, ମାକ୍ରନ, ମେଲୋନୀ, ନେତନ୍ୟାହୁ

ତେହରାନ, ୧୩।୭(ଏଜେନ୍ସି): ଇରାନର ଏକ ପ୍ରଭାବଶାଳୀ ଖବରକାଗଜ ପକ୍ଷରୁ ବିଶ୍ୱର ପ୍ରମୁଖ ନେତାମାନଙ୍କର ଏକ ତାଲିକା ପ୍ରକାଶ କରାଯାଇଛି, ଯାହାକୁ ଇରାନର 'ହିଟ୍ ଲିଷ୍ଟ' ବା ଆକ୍ରମଣର ଲକ୍ଷ୍ୟ ବୋଲି ଦର୍ଶାଯାଇଛି। ଗତ ଫେବୃଆରୀ ୨୮ ତାରିଖରେ



ଆମେରିକା-ଇସ୍ରାଏଲ ମିଳିତ ବିମାନ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ଘଟିଥିଲା। ଏବେ ତାଙ୍କ ପୁତ୍ର ତଥା ଉତ୍ତରାଧିକାରୀ ମୋଜତାବା ଖାମେନେଇ ଏହାର ପ୍ରତିଶୋଧ ନେବାକୁ ଚେତାବନୀ ଦେଇଛନ୍ତି। ଇରାନର ରାଜଧାନୀରୁ ପ୍ରକାଶିତ 'ହମସହରୀ' ସମ୍ବାଦପତ୍ର ଶନିବାର ବିଳମ୍ବିତ ରାତିରେ ଏକ ବିବରଣୀ ଜାରି କରିଛି, ଯେଉଁଥିରେ ଆମେରିକା, ଇସ୍ରାଏଲ ଏବଂ ୟୁରୋପୀୟ ଦେଶର ୧୩ ଜଣ ପ୍ରମୁଖ ନେତାଙ୍କ ନାମ ଓ ଚିତ୍ର ରହିଛି। ଏହି ତାଲିକାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଏବଂ ବ୍ରିଟେନ ପ୍ରଧାନମନ୍ତ୍ରୀ କେତନ ଷ୍ଟାର୍ମରଙ୍କ ନାମ ସାମିଲ ଅଛି। ଏହା ବ୍ୟତୀତ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ଏବଂ ଜର୍ମାନୀ ଚାନ୍‌ସେଲର ଫ୍ରେଡେରିକ ମର୍ଜଙ୍କୁ ମଧ୍ୟ ଏହି ତାଲିକାରେ ସ୍ଥାନ ଦିଆଯାଇଛି। ମୋଜତାବା ଖାମେନେଇ ନିଜ ବାର୍ତ୍ତାରେ କହିଛନ୍ତି ଯେ, ଏହି ଅପରାଧୀମାନେ କେବେ ହେଲେ ଶାନ୍ତିରେ ମରିପାରିବେ ନାହିଁ ଏବଂ ସେମାନଙ୍କ ଉପରେ ପ୍ରତିଶୋଧ ଅବଶ୍ୟ ନିଆଯିବ। ମଧ୍ୟ-ପ୍ରାଚ୍ୟ ଯୁଦ୍ଧ ସମୟରେ ଆମେରିକୀୟ ଯୁଦ୍ଧବିମାନକୁ ନିଜ ଆକାଶମାର୍ଗ ବ୍ୟବହାର କରିବାକୁ ଅନୁମତି ଦେଇଥିବାରୁ ଇରାନ ଏହି ୟୁରୋପୀୟ ଦେଶଗୁଡ଼ିକୁ ଶତ୍ରୁ ଭାବେ ଗ୍ରହଣ କରିଛି। ତେବେ ଏହି ତାଲିକାକୁ ଇରାନ ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ ସ୍ୱୀକୃତି ଦିଆଯାଇନାହିଁ। ସର୍ବୋଚ୍ଚ ନେତାଙ୍କ ମୃତ୍ୟୁ ପରେ ଇରାନ ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକ ମଧ୍ୟରେ ତିକ୍ତତା ଚରମ ସୀମାରେ ପହଞ୍ଚିଛି। ବିଶ୍ୱର ଶୀର୍ଷ ନେତାମାନଙ୍କୁ ଟାର୍ଗେଟ୍ କରାଯିବା ଧମକ ପରେ ଅନ୍ତର୍ଜାତୀୟ ସ୍ତରରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ା କରାଯାଇଛି।



## ୭ ଦିନରେ ପୁଣି ସକ୍ରିୟ ହେବ ମୌସୁମୀ

ନୂଆଦିଲ୍ଲୀ, ୧୩।୭(ଏଜେନ୍ସି): ଗତ ୩-୪ ଦିନ ହେବ ରାଜସ୍ଥାନ, ଗୁଜରାଟ ଏବଂ ଉତ୍ତର-ପଶ୍ଚିମ ଭାରତରେ ମୌସୁମୀ ବାୟୁ ଦୁର୍ବଳ ରହିଥିବା ବେଳେ ଆସନ୍ତା ଜୁଲାଇ ୨୦ ତାରିଖରୁ ଏହା ପୁଣି ଥରେ ସକ୍ରିୟ ହେବାକୁ ଯାଉଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ବାଂଲାଦେଶ ଏବଂ ଉତ୍ତର-ପୂର୍ବ ଅଞ୍ଚଳରେ ସୃଷ୍ଟ ବାତ୍ୟାବର୍ତ୍ତ ବଳୟ ଏବଂ ପଶ୍ଚିମା ଝଡ଼ ପ୍ରଭାବରେ ଦେଶର ବିଭିନ୍ନ ପ୍ରାନ୍ତରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ପକ୍ଷରୁ ଉତ୍ତର ପ୍ରଦେଶ ଓ ବିହାର ସମେତ ୧୮ଟି ରାଜ୍ୟ ପାଇଁ ପ୍ରବଳ ବର୍ଷାର ରେଡ୍ ଆଲର୍ଟ ଜାରି କରାଯାଇଛି। ଆଗାମୀ ୬-୭ ଦିନ ମଧ୍ୟରେ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ପଶ୍ଚିମବଙ୍ଗ ଏବଂ ପୂର୍ବ ଉତ୍ତର ପ୍ରଦେଶରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। କ୍ରମାଗତ ବର୍ଷା ଯୋଗୁଁ ରାଜ୍ୟରେ ବ୍ୟାପକ ଭୂସ୍ଖଳନ ହୋଇଛି, ଯାହାଫଳରେ ୨ଟି ଜାତୀୟ ରାଜପଥ ସମେତ ୧୨୬ଟି ସଡ଼କ ବନ୍ଦ ରହିଛି। ଋଷିକେଶ-ଯମୁନୋତ୍ରୀ ଜାତୀୟ ରାଜପଥ ଲଗାତାର ତୃତୀୟ ଦିନ ପାଇଁ ବନ୍ଦ ରହିଛି। ହିମାଚଳରୁ ପ୍ରବଳ ପାଣି ଆସିବା ଯୋଗୁଁ ଯମୁନା ଏବଂ ମାର୍କଣ୍ଡା ନଦୀର ଜଳସ୍ତର ବୃଦ୍ଧି ପାଇଛି, ଯାହାଫଳରେ ହରିଆଣାର ଅନେକ ଗାଁରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଦିଲ୍ଲୀରେ ଯମୁନା ନଦୀରେ ଗାଧୋଉଥିବା ସମୟରେ ୪ ଜଣ ଶିଶୁ ଭାସି ଯାଇଛନ୍ତି। ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ଓଡ଼ିଶାର ପଡୋଶୀ ପଶ୍ଚିମବଙ୍ଗ, ଆସାମ ଏବଂ ହିମାଚଳ ଭଳି ରାଜ୍ୟରେ ପ୍ରବଳ ବର୍ଷା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ବିହାର, ପୂର୍ବ ଉତ୍ତର ପ୍ରଦେଶ, ଆସାମ ଓ ମେଘାଳୟ ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଥିବା ବେଳେ ଓଡ଼ିଶା, ଜମ୍ମୁ-କାଶ୍ମୀର ଏବଂ ପଶ୍ଚିମବଙ୍ଗରେ ବର୍ଷା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଅପରପକ୍ଷରେ ରାଜସ୍ଥାନ ଓ ଗୁଜରାଟରେ ଗ୍ରୀଷ୍ମ ପ୍ରବାହ (ହିଟ୍‌ୱେଭ୍) ନେଇ ଚେତାବନୀ ଦିଆଯାଇଛି। ମୌସୁମୀର ଏହି ପୁନଃ ସକ୍ରିୟତା ଯୋଗୁଁ କୃଷି କାର୍ଯ୍ୟ ପାଇଁ ଆଶ୍ୱସ୍ତି ମିଳିବାକୁ ଥିବା ବେଳେ ପାହାଡ଼ିଆ ଏବଂ ନଦୀକୂଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

### ୧୮ଟି ରାଜ୍ୟ ପାଇଁ ହାଇ-ଆଲର୍ଟ

# ଚଳନ୍ତା ଟ୍ରେନରେ ପୂଜାର୍ଚ୍ଚନା, ହନିମୁନ୍

ନୂଆଦିଲ୍ଲୀ, ୧୩।୭(ଏଜେନ୍ସି): ଚଳନ୍ତା ଟ୍ରେନ ଭିତରେ ପୁରୋହିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଉଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ବ୍ୟାପକ ଚର୍ଚ୍ଚା ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଉତ୍ତର ରେଳବାଇ ପକ୍ଷରୁ ଏକ ସ୍ପଷ୍ଟୀକରଣ ଜାରି କରାଯାଇଛି। ଭାଇରାଲ ହୋଇଥିବା ଭିଡିଓରେ ଜଣେ ପୁରୋହିତ ଟ୍ରେନ କୋଠରୀ ଭିତରେ ବସି ଅଭିଷେକ ଓ ପୂଜା କରୁଥିବା ବେଳେ କିଛି ଶ୍ରଦ୍ଧାଳୁ ସେଠାରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସାଧାରଣ ଯାତ୍ରୀଙ୍କ ସୁରକ୍ଷା ଓ ନିୟମାବଳୀ ଉପରେ ପ୍ରଶ୍ନ ଉଠିଥିଲା। ତେବେ ରେଳବାଇ ସ୍ପଷ୍ଟ କରିଛି ଯେ ଏହି ପୂଜା କୌଣସି ସାଧାରଣ ଯାତ୍ରୀବାହୀ କୋଠରୀରେ ହୋଇନାହିଁ, ବରଂ ଏକ ବ୍ୟକ୍ତିଗତ ଭାବେ ସଂରକ୍ଷିତ ସାଲୁନ କୋଠରୀ ବା ସ୍ୱତନ୍ତ୍ର କୋଚ୍‌ରେ କରାଯାଇଛି। ରେଳବାଇ ସୂଚନା ଅନୁଯାୟୀ, ଜୁଲାଇ ୮ ତାରିଖରେ ଆଇଆରସିଟିସି ମାଧ୍ୟମରେ ପ୍ରାୟ ୩ ଲକ୍ଷ ୮ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଅଗ୍ରୀମ ପୈଠ କରାଯାଇ ଏହି ସ୍ୱତନ୍ତ୍ର କୋଠରୀକୁ ବୁକ୍ କରାଯାଇଥିଲା। ଜୁଲାଇ ୧୦ ତାରିଖରେ ନୂଆଦିଲ୍ଲୀରୁ ମୁମ୍ବାଇ ଅଭିମୁଖେ ଯାଉଥିବା ପଶ୍ଚିମ ଏକ୍ସପ୍ରେସ ଟ୍ରେନରେ ଏହି କୋଠରୀକୁ ସଂଯୋଗ କରାଯାଇଥିଲା। ଏହି ଘଟଣା ଯୋଗୁଁ ଅନ୍ୟ କୌଣସି ଯାତ୍ରୀଙ୍କର ଅସୁବିଧା ହୋଇନାହିଁ କିମ୍ବା ଟ୍ରେନ ଚଳାଚଳରେ କୌଣସି ବାଧା ସୃଷ୍ଟି ହୋଇନାହିଁ। ସାମାଜିକ ଗଣମାଧ୍ୟମରେ ସୃଷ୍ଟି ହୋଇଥିବା ଭ୍ରମକୁ ଦୂର କରି ରେଳବାଇ କହିଛି ଯେ ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧାକୁ ସର୍ବାଧିକ ପ୍ରାଥମିକତା ଦିଆଯାଏ।

ସୂଚନାଯୋଗ୍ୟ ଯେ ଗତ ଜୁଲାଇ ୬ରେ ନନ୍ଦିଗ୍ରାମ ଏକ୍ସପ୍ରେସର ପ୍ରଥମ ଏସି କ୍ୟାବିନକୁ ଏକ 'ହନିମୁନ୍ ସୁଇଟ୍'ରେ ପରିଣତ



କରିବା ଦୃଶ୍ୟ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ବିବାଦ ବଢ଼ିବାରୁ ଦକ୍ଷିଣ ରେଳବାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜଣେ ଟିକେଟ୍ ନିରୀକ୍ଷକଙ୍କୁ ନିଲମ୍ବିତ କରିଥିଲା। ପ୍ରଥମ ଶ୍ରେଣୀ କମପାର୍ଟମେଣ୍ଟକୁ ଜଣେ ନବ ବିବାହିତ ଦମ୍ପତି ପାଇଁ ଫୁଲ ଓ ବେଲୁନ ।।ରେ ସୁସଜ୍ଜିତ କରାଯାଇଥିଲା। ଏହି ଦୁଇଟି ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



## ‘ସୁଭଦ୍ରା’ଙ୍କୁ କନ୍ଦାଇଲେ ‘ଅସ୍ମିତା’ ସରକାର

# ବନ୍ଦ କରିଦେଲେ ପଲ୍ଲିଶ୍ରୀ ମେଳା

ପୁରୀ,୧୩।୭(ସମିସ): ରାଜ୍ୟ ସରକାର ମହିଳା ସଶକ୍ତୀକରଣର ବଡ଼ ବଡ଼ ଭାଷଣ ଦେଉଛନ୍ତି। ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି ରେକର୍ଡ ନେଇ ଗଳା ଫଟାଉଛନ୍ତି। ହେଲେ ଭାଷଣ ଆଉ ବାସ୍ତବତା ମଧ୍ୟରେ କିନ୍ତୁ ଆକାଶ ପାତାଳ ଫରକ୍। ମହିଳା ହିଂସାରେ ଓଡ଼ିଶାର ରେକର୍ଡ ପୂର୍ବରୁ ସରକାରଙ୍କ ଗାଲକୁ ଚାପୁଡ଼ା ମାରି ସାରିଥିବାବେଳେ ବାସ୍ତବରେ ମହିଳାଙ୍କ ପାଇଁ ଏ ସରକାର କ’ଣ ସତରେ ସମ୍ବେଦନଶୀଳ? ଏପରି ପ୍ରଶ୍ନ ଆଜି ପଚାରୁଛନ୍ତି ହଜାର ହଜାର ‘ସୁଭଦ୍ରା’। ଯେଉଁ ମହିଳା ନିଜ ଗୋଡ଼ରେ ଠିଆ ହୋଇ ସ୍ୱାବଲମ୍ବୀ ହେବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଥିବା ଗୋଟିଏ ପ୍ଲାଟ୍‌ଫର୍ମକୁ ବନ୍ଦ କରିଦେବା କେତେଦୂର ସମ୍ବେଦନଶୀଳତା? ଏଭଳି ପ୍ରଶ୍ନଘେରରେ ଛନ୍ଦି ହୋଇଥିବା ଅସ୍ମିତା ସରକାର ମହିଳାଙ୍କ ସ୍ୱାବଲମ୍ବନର ରାସ୍ତା ବନ୍ଦ କରି ‘ସୁଭଦ୍ରା’ଙ୍କ ଆଖିରେ ଲୁହ ଦେଇଛନ୍ତି। ଏ ବର୍ଷ ରଥଯାତ୍ରାର ଅନ୍ୟତମ ଆକର୍ଷଣ ପଲ୍ଲିଶ୍ରୀ ମେଳାକୁ ବନ୍ଦ କରି ମହିଳାଙ୍କୁ ଏକପ୍ରକାର ତାଚ୍ଛଲ୍ୟ କରିଛନ୍ତି।

ପୁରୀର ରଥଯାତ୍ରା ସହିତ ଓଡ଼ିଆମାନଙ୍କର ଭାବାବେଗ ଜଡ଼ିତ। ଏହା କେବଳ ଆଧ୍ୟାତ୍ମିକ ଯାତ୍ରା ନୁହେଁ, ବରଂ ଏହା ଲୋକ ସଂସ୍କୃତି, ଲୋକଚଳଣି ଓ ଲୋକ ଅର୍ଥନୀତିର ଯାତ୍ରା। ପ୍ରତିବର୍ଷ ରଥଯାତ୍ରାରେ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହୋଇଥାଏ। ମେଳା ମାଧ୍ୟମରେ ଜାତୀୟସ୍ତରର ବୁଣାକାର, ହସ୍ତଶିଳ୍ପ ଏବଂ ଗ୍ରାମୋଦ୍ୟୋଗ ଉତ୍ପାଦଗୁଡ଼ିକର ସୁଲଭ କ୍ରୟ ମୂଲ୍ୟ ଯୋଗୁଁ ଅଗଣିତ ଓଡ଼ିଆ ରଥଯାତ୍ରା ସମୟରେ ନିଜ ଘରର ଆବଶ୍ୟକତା ପୂରଣ କରିଥା’ନ୍ତି। ବଡ଼ଦାଣ୍ଡ ଶରଧାବାଲିର ଗୋଟିଏ ପାର୍ଶ୍ୱରେ ତିନିରଥ ଓ ଅନ୍ୟ ପାଖରେ ପଲ୍ଲିଶ୍ରୀ ପାର୍ବଣ ନବଦିନବ୍ୟାପୀ ରଥଯାତ୍ରାକୁ ଆନନ୍ଦ ମୁଖର କରିଥାଏ। ସବୁଠୁ ବଡ଼ କଥା ହେଉଛି ଶହଶହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ନିଜ ଉତ୍ପାଦିତ ଦେଶୀୟ ସାମଗ୍ରୀକୁ ବିକ୍ରିବଟା କରି ଦି ପଇସା ଭଲ ରୋଜଗାର କରି ପରିବାର ଚଳାଇଥା’ନ୍ତି। ସେମାନେ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ବର୍ଷତମାମ ବ୍ୟବସାୟର ଅର୍ଦ୍ଧାଧିକ ଲାଭାଂଶ ଏହି ମେଳା ଜରିଆରେ ପାଇଥା’ନ୍ତି। ହେଲେ ଗତବର୍ଷଠାରୁ ଶ୍ରୀକ୍ଷେତ୍ରବାସୀ ପଲ୍ଲିଶ୍ରୀ ମେଳା ଅଭାବକୁ ଅନୁଭବ କରୁଛନ୍ତି।

ଗତବର୍ଷଠାରୁ ସରକାର ପଲ୍ଲିଶ୍ରୀ ମେଳା ପ୍ରତି ବିମୁଖର ସଂକେତ ଦେଇଥିଲେ। ଭୋଳାନାଥ ବିଦ୍ୟାପୀଠରେ ପଲ୍ଲିଶ୍ରୀ ମେଳା ହେବ ନାହିଁ ବୋଲି ଗତବର୍ଷ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରଥଯାତ୍ରା ସମନ୍ୱୟ ବୈଠକରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା କାନ୍ଦି କାନ୍ଦି ତାଙ୍କୁ ଗୁହାରି କରିଥିଲେ। ବେଳାଭୂମିରେ ପଲ୍ଲିଶ୍ରୀ ମେଳା ପଡ଼ିଲେ ସେଠାକୁ କେହି ଯିବେ ନାହିଁ, ବିକ୍ରିବଟା ହେବ ନାହିଁ ବୋଲି ଆଇନମନ୍ତ୍ରୀଙ୍କୁ ଜଣାଇଥିଲେ। ମନ୍ତ୍ରୀ, ଜିଲ୍ଲାପାଳ ବୁଝାଯିବ କହି ଆଶ୍ୱାସନା ଦେଇଥିଲେ ମଧ୍ୟ ମହିଳାମାନଙ୍କୁ ନିରାଶ କରି ପଲ୍ଲିଶ୍ରୀ ମେଳାକୁ ଭୋଳାନାଥ ବିଦ୍ୟାପୀଠ ପଡ଼ିଆରୁ ବେଳାଭୂମିକୁ ଠେଲି ଦେଇଥିଲେ ସରକାର। କିନ୍ତୁ ବିକ୍ରିବଟା ଉତ୍ସାହଜନକ ନ ଥିଲା। ମହିଳାମାନେ ମନ ଊଣା କରି ଫେରିଥିଲେ। ହେଲେ ଚଳିତବର୍ଷ କିନ୍ତୁ ପଲ୍ଲିଶ୍ରୀ ମେଳାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି ‘ଅସ୍ମିତା’ ସରକାର। ଏହି ମେଳା ବନ୍ଦ ହୋଇଯିବା ଯୋଗୁଁ ଅନେକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ଭିତରେ କ୍ଷୋଭ ପ୍ରକାଶ ପାଇଛି। ସେମାନଙ୍କ ପ୍ରଶ୍ନ ‘ସୁଭଦ୍ରା ଯୋଜନାରେ ୫ ହଜାର ଦେଲେ, ଆଉ ଯେଉଁଠି ଆମେ ବର୍ଷକର ୫୦ ହଜାର ରୋଜଗାର କରୁଥିଲୁ ତାକୁ ବନ୍ଦ କରିଦେଲେ’? କଟକର ବାଲିଯାତ୍ରା ପରି ପୁରୀର ରଥଯାତ୍ରାକାଳୀନ ପଲ୍ଲିଶ୍ରୀ ମେଳା ରଥ ସଂସ୍କୃତି ସହିତ ଜଡ଼ିତ। ହେଲେ କ’ଣ ପାଇଁ ରାଜ୍ୟ ସରକାର ବର୍ଷ ବର୍ଷ ଧରି ମହିଳାଙ୍କୁ ସ୍ୱାବଲମ୍ବୀ କରିବାରେ ଏକ ମାଧ୍ୟମ ସାଜିଥିବା ମେଳାକୁ ବନ୍ଦ କରିଦେଲେ ସେ ନେଇ କିଛି ସ୍ପଷ୍ଟ କରୁନାହାନ୍ତି।

ଯଦିଓ ଟ୍ରାଫିକ୍ ଓ ଭିଡ଼ ଏଡ଼ାଇବା ଦୃଷ୍ଟିରୁ ପ୍ରଶାସନ ତରଫରୁ ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି, କିନ୍ତୁ ଏହାକୁ ଆଳ କରି ହଜାର ହଜାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ କୁଟୀରଶିଳ୍ପ ସଂସ୍ଥାର ବ୍ୟବସାୟ ପ୍ରଭାବିତ କରିବା ଉଚିତ୍ ନୁହେଁ ବୋଲି କହିଛନ୍ତି, ଅଭିନନ୍ଦନିକାର ପ୍ରତିଷ୍ଠାତା ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି। ମେଳା ମଞ୍ଚରେ ପ୍ରତିଦିନ ସନ୍ଧ୍ୟାରେ ଲୋକକଳା ଓ ଲୋକ ସଂସ୍କୃତିକୁ ମଧ୍ୟ ଦେଖଣାହାରୀ ଉପଭୋଗ କରିଥା’ନ୍ତି। ମେଳା ବନ୍ଦ ଯୋଗୁଁ ଆଧ୍ୟାତ୍ମିକ ଭାବଧାରାକୁ ନେଇ ବିଭିନ୍ନ ପାରମ୍ପରିକ କାର୍ଯ୍ୟକ୍ରମ ମଧ୍ୟ ଦେଖିବାରୁ ବଞ୍ଚିତ ହେବେ ଲୋକେ। ଏ ସବୁକୁ ଦୃଷ୍ଟିକୁ ନେଇ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପଲ୍ଲିଶ୍ରୀ ମେଳାକୁ ପୁନଃ ପ୍ରଦର୍ଶନ କରିବାକୁ ଶ୍ରୀ ସେନାପତି ନିବେଦନ କରିଛନ୍ତି।

## ସରିଲା ଅଣସର

# ଆଜି ନବଯୌବନ ଦର୍ଶନ

ପୁରୀ,୧୩।୭(ସମିସ): ଶେଷ ହୋଇଛି ମହାପ୍ରଭୁଙ୍କ ଅଣସର। ସୁସ୍ଥ ହୋଇ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେବା ଲାଗି ପ୍ରସ୍ତୁତ ହୋଇସାରିଛନ୍ତି ଚତୁର୍ଦ୍ଧାବିଗ୍ରହ। ମଙ୍ଗଳବାର ମଧ୍ୟାହ୍ନରେ ଦଇତାପତି ସେବକମାନେ ଚକା ଅପସାରଣ କରିବା ପରେ ଫିଟିବ ଅଣସର ତାଟି। ଏହାପରେ ନବଯୌବନ ବେଶରେ ଦର୍ଶନ ଦେବେ ଦାରୁବିଗ୍ରହ। ଏଥିସହ ନେତ୍ରୋତ୍ସବ ମଧ୍ୟ ରହିଛି। ଏପଟେ ରଥ ନିର୍ମାଣ ମଧ୍ୟ ଶେଷ ହୋଇଛି। ବୁଧବାର ମହାପ୍ରଭୁଙ୍କ ଆଜ୍ଞାମାଳ ମିଳିବା ପରେ ରଥଖଳାରୁ ସିଂହଦ୍ୱାର ଅଭିମୁଖେ ଗଡ଼ିବ ତିନିରଥ। ଗୁରୁବାର ଅନୁଷ୍ଠିତ ହେବ ରଥଯାତ୍ରା। ଚତୁର୍ଦ୍ଧାବିଗ୍ରହ ରଥରେ ବିଜେ ହୋଇ ନବଦିନାତ୍ମକ ଯାତ୍ରାରେ ଯିବେ ଜନ୍ମବେଦୀ।

- ଅପରାହ୍ଣ ୨ଟାରେ ଫିଟିବ ଅଣସର ତାଟି
- ଅପରାହ୍ଣ ସାଢ଼େ ୨ରୁ ସାଢ଼େ ୩ଟା ପରିମାଣିକ ଦର୍ଶନ
- ସାଢ଼େ ୩ରୁ ସାଢ଼େ ୪ଟା ସର୍ବସାଧାରଣ ଦର୍ଶନ

ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ପ୍ରତ୍ୟକ୍ଷ ସ୍ନାନ କରି ଜ୍ୱରରେ ପଡ଼ିଥିଲେ ଦାରୁଦିଅଁ। ଅଣସର ଘରେ ଚାଲିଥିଲା ଉପଚାର। ଦଇତାପତି ସେବକମାନେ ମହାପ୍ରଭୁଙ୍କ ଗୁପ୍ତ ସେବା କରିଥିଲେ। ଫୁଲୁରୀ ତେଲ, ଓଷୁଅ ଲାଗି ସହ ଦଶମୂଳ ମୋଦକ ସେବନ ପରେ ଏବେ ସୁସ୍ଥ ହୋଇଯାଇଛନ୍ତି ଦାରୁବିଗ୍ରହ। ମଙ୍ଗଳବାର ମଧ୍ୟାହ୍ନ ୧୨ଟା ୧୫ରେ ଅଣସର ଘରେ ମହାପ୍ରଭୁଙ୍କ ଆସ୍ଥାନ ଚକା ଅପସାରଣ କରାଯିବ। ଦଶାବତାର ତଥା ପଟିଦିଅଁଙ୍କ ନିକଟରେ ମଙ୍ଗଳ ଆଳତି, ମଇଲମ ଏବଂ ଅବକାଶ ନୀତି ବଢ଼ିବ। ପଟି ଠାକୁର ମଣ୍ଡଣି ଘରକୁ, ଅନ୍ୟ ଦିଅଁ ଦକ୍ଷିଣୀ ଘରକୁ ବିଜେ କରିବା ପରେ ଅପରାହ୍ଣ ୨ଟାରେ ଅଣସର ତାଟି ଫିଟିବ। ଅପରାହ୍ଣ ସାଢ଼େ ୨ଟାରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଆରମ୍ଭ ହେବ। ପରିମାଣିକ ଦର୍ଶନ ପରେ ଭକ୍ତଙ୍କ ସାହାଣମେଲା ତଥା ସର୍ବସାଧାରଣ ଦର୍ଶନ ହେବ। ଅପରାହ୍ଣ ସାଢ଼େ ୨ଟାରୁ ପରିମାଣିକ ଦର୍ଶନ ଆରମ୍ଭ ହୋଇ ଗୋଟାଏ ଘଣ୍ଟା ଚାଲିବ। ପରିମାଣିକ ଟିକଟଧାରୀମାନେ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ। ଭିତରକାଠ ନିକଟରେ ସେମାନେ ଦର୍ଶନ କରିବେ। ସେହିପରି ଅପରାହ୍ଣ ସାଢ଼େ ୩ରୁ ସାଢ଼େ ୪ଟା ପର୍ଯ୍ୟନ୍ତ ସର୍ବସାଧାରଣ ବା ସାହାଣମେଲା ଦର୍ଶନ ଭିତରକାଠ ନିକଟରୁ ହେବ। ଏହାପରେ ଆଉ ଦର୍ଶନ ହେବ ନାହିଁ। ତେବେ ସାହାଣମେଲା ଦର୍ଶନ ସରିବା ପରେ ଧୂଆ ହୋଇ ଚୁନପାଣି ପଡ଼ିବ। ଏହାପରେ ସର୍ବାଙ୍ଗ ବନ୍ଦାପନା ହେବ। ଏହି ନୀତି ବଢ଼ିବା ପରେ ନେତ୍ରୋତ୍ସବ ବନ୍ଦାପନା କରାଯିବ। ଏହାସହିତ ଅନ୍ୟାନ୍ୟ ନୀତି ବଢ଼ି ଭୋଗମଣ୍ଡପ ଉଠିବା ପରେ ଦକ୍ଷିଣୀ ଘର ଭୋଗ ହେବ। ରାତି ୨ଟା ୧୦ରେ ସନ୍ଧ୍ୟା ଆଳତି ପାଇଁ ସମୟ ନିର୍ଘଣ୍ଟ କରାଯାଇଛି। ସନ୍ଧ୍ୟା ଧୂପ ପରେ ଭୋର୍ ୪ଟାରେ ବନକଲାଗିକୁ ପ୍ରବେଶ କରିବେ ଦତ୍ତମହାପାତ୍ର ସେବକ। ବୁଧବାର ଉଭାଯାତ୍ରା ଥିବାରୁ ରଥଯାତ୍ରା ପ୍ରସ୍ତୁତି ପାଇଁ ପ୍ରଶାସନକୁ ଅଧିକ ସମୟ ମିଳିବ। ଗୁରୁବାର ଅନୁଷ୍ଠିତ ହେବ ରଥଯାତ୍ରା। ଅନ୍ୟପକ୍ଷରେ ଆଉ ଦିନକ ପରେ ଘୋଷଯାତ୍ରା ଥିବାବେଳେ ପୁରୀକୁ ଭକ୍ତଙ୍କ ଆଗମନ ବଢ଼ୁଛି। ପାଗ ଅନୁକୂଳ ଥିବାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସୁଥିବା ଦେଖିବାକୁ ମିଳିଛି। ବିଭିନ୍ନ ହୋଟେଲ, ଲଜିଂ ଓ ଧର୍ମଶାଳାଗୁଡ଼ିକ ପ୍ୟାକ୍ ହୋଇଗଲାଣି।

## ନବୀନ ନିବାସରେ କଟକ-ଚୌଦ୍ୱାର ନିର୍ବାଚନମଣ୍ଡଳୀ ନେତୃମଣ୍ଡଳୀ

# ଜନସାଧାରଣଙ୍କ ସେବା ଜାରି ରଖିବାକୁ ନବୀନଙ୍କ ପରାମର୍ଶ



ଭୁବନେଶ୍ୱର, ୧୩।୭ (ସମିସ): କଟକ ଚୌଦ୍ୱାର ନିର୍ବାଚନମଣ୍ଡଳୀର ନେତୃବର୍ଗମାନେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସଠାରେ ଭେଟିଛନ୍ତି। କଟକ ଜିଲ୍ଲା ସଭାପତି ପ୍ରଫୁଲ ସିଂଙ୍କ ନେତୃତ୍ୱରେ ଆସିଥିବା ନେତୃବର୍ଗଙ୍କୁ ଏକଜୁଟ ହୋଇ ଜନସାଧାରଣଙ୍କ ସେବା ଜାରି ରଖିବା ସହ ଲୋକଙ୍କ ସହ ସବୁବେଳେ ଜଡ଼ିତ ରହି ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବାକୁ ନବୀନ ପରାମର୍ଶ ଦେଇଛନ୍ତି। ମହାନ ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଚୌଦ୍ୱାର ସହ ବିଜୁ ବାବୁଙ୍କର ଆବେଗିକ ସମ୍ପର୍କ ରହିଥିଲା ଏବଂ ଚୌଦ୍ୱାର ବିକାଶରେ ବିଜୁ ବାବୁଙ୍କର ବିଶେଷ ଅବଦାନ ଥିଲା। ତେଣୁ ଚୌଦ୍ୱାରର ସ୍ୱାଭିମାନ ଓ ବିକାଶ ପାଇଁ ଉଦ୍ୟମ ଜାରି ରଖିବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ ପୂର୍ବରୁ ଚୌଦ୍ୱାର ପୌରପାଳ ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ନେତୃତ୍ୱରେ ବିଜେଡି କାଉନସିଲରବୃନ୍ଦ ନବୀନଙ୍କୁ ଭେଟିଥିଲେ। କଟକ ସହର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜୟଦେବ ଜେନା, ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦୀପ୍ତ ଖୁଣ୍ଟିଆ, ସାଧାରଣ ସମ୍ପାଦକ ଶିଶିର ପରିଜା, ଚିରଞ୍ଜୀବ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ତାପସ ମହାନ୍ତି, ଚୌଦ୍ୱାର ସଭାପତି ପ୍ରେମଚାନ୍ଦ ନାୟକ, ସ୍ମୃତିରଞ୍ଜନ ନାୟକ ପ୍ରମୁଖ ଭେଟି ଆଲୋଚନା କରିଥିଲେ। ଦୁଇ ଦିନ ପୂର୍ବରୁ ଶ୍ରୀମତୀ ସାମଲଙ୍କ ନେତୃତ୍ୱରେ ବିଜେଡି କାଉନସିଲରମାନେ ମଧ୍ୟ ନବୀନଙ୍କୁ ସାକ୍ଷାତ କରିଥିଲେ। ଏହି ସମୟରେ ଆସି ପାରି ନ ଥିବା କାଉନସିଲର ଆଶୁତୋଷ ଦାସ, ବିଜୟ ସାହୁ, ବିମଳ କୁମାର ବେଉରା, ପ୍ରଭାତ ବେହେରା, ସୁବ୍ରତ ସାମଲ, ଅଜୟ କୁମାର ବେହେରା, ବିଜୟ କୁମାର ମଲ୍ଲିକ, ବିଷ୍ଣୁ ସାହୁ, ବାବୁଲି ରଣା, ଅଜୟ ମହାନ୍ତି, ନିମାଇଁ ବିଶ୍ୱାଳ, ବିଭୂତି ସ୍ୱାଇଁ, ରଂଜିତା କାହାଲୀ, ମିତାଲି ଭଞ୍ଜ ଓ ଅନ୍ୟମାନଙ୍କ ସହ ଆଜି ନବୀନଙ୍କୁ ଭେଟିଛନ୍ତି।

ଏହି ଅବସରରେ କଟକ ମହାନଗର ନିଗମ ଅଞ୍ଚଳର ନାରୀ ନେତ୍ରୀ କବିତା ଖଣ୍ଡେଇ, ଅନ୍ନପୂର୍ଣ୍ଣା ବେହେରା, ଯୁବନେତା ଦେବାଶିଷ ସାହୁ ଓ ଅନ୍ୟ ନାରୀ ନେତ୍ରୀମାନେ ବିଜେଡିରେ ସାମିଲ ହୋଇଥିଲେ। ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ କଟକ ଚୌଦ୍ୱାରର ସମସ୍ତ ନେତୃବର୍ଗ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କେନ୍ଦୁପତ୍ର କେରି ପିଛା ୧୦ ପଇସା ବୃଦ୍ଧି

## ତୋଳାଳିଙ୍କ ପାଇଁ ୨୫ ପ୍ରତିଶତ ବୋନସ

ଭୁବନେଶ୍ୱର,୧୩।୭(ସମିସ): କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜିନାଲ୍ ଷ୍ଟାଫଙ୍କ କଲ୍ୟାଣ ପାଇଁ ବୋନସ ଓ ପ୍ରୋତ୍ସାହନ ରାଶି ପ୍ରଦାନକୁ ଅନୁମୋଦନ ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ପ୍ରୋସେସ ଏରିଆରେ କେନ୍ଦୁପତ୍ର କେରି (୨୦ଟି) ପିଛା ମୂଲ୍ୟ ୧୦ ପଇସା ବୃଦ୍ଧି କରାଯାଇଥିବା ବେଳେ ଫାଳ (୪୦ଟି) ପିଛା ମୂଲ୍ୟ ୨୦ ପଇସା ବୃଦ୍ଧି କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ୧୦.୭୮ କୋଟି ଟଙ୍କା ଖର୍ଚ୍ଚ ବହନ କରିବେ। ସେହିପରି କେନ୍ଦୁପତ୍ର ତୋଳାଳୀମାନଙ୍କ ପାଇଁ ୨୫ ପ୍ରତିଶତ ବୋନସ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ସହିତ ବନ୍ଧାଳି ଓ ସିଜିନାଲ୍ ଷ୍ଟାଫଙ୍କ ପାଇଁ ୫ ପ୍ରତିଶତ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ୬୪ କୋଟି ଟଙ୍କା ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# କେନ୍ଦୁପତ୍ର କର୍ମଚାରୀ ସଂଘ ନିରାଶ

ଭୁବନେଶ୍ୱର,୧୩।୭(ସମିସ): କେନ୍ଦୁପତ୍ର ତୋଳାଳୀଙ୍କ ପାଇଁ ବୋନସ ଘୋଷଣାକୁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲେ ହେଁ ବୋନସ ପରିମାଣ ନୈରାଶ୍ୟଜନକ ବୋଲି କୁହାଯାଇଛି। ସଂଘ ପକ୍ଷରୁ ସଭାପତି ବିଜୟ ମହାନ୍ତି କହିଛନ୍ତି, ଏହି ବୋନସ ପରିମାଣ ଆହୁରି ଅଧିକ ବୃଦ୍ଧି ହୋଇଥିଲେ ତୋଳାଳୀ, ବନ୍ଧେଇ ଓ ସିଜନାଲ କର୍ମଚାରୀ ଆହୁରି ଉପକୃତ ହୋଇଥା’ନ୍ତେ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ବିଶେଷ ଭାବରେ ତୋଳାଳୀମାନଙ୍କ ପତ୍ର ଦର କେବଳ ମାତ୍ର ୧୦ ପଇସା ବୃଦ୍ଧି ହେବା ନୈରାଶ୍ୟଜନକ। ଲକ୍ଷ ଲକ୍ଷ ତୋଳାଳୀଙ୍କ ମନରେ ଏହା ଉତ୍ସାହ ସୃଷ୍ଟି କରିବା ପରିବର୍ତ୍ତେ ଅସନ୍ତୋଷ ସୃଷ୍ଟି କରିବ ଏବଂ ସେମାନେ ଆର୍ଥିକ ଦୃଷ୍ଟିରୁ ବିଶେଷ ଉପକୃତ ହେବେନାହିଁ ବୋଲି ସେ କହିଛନ୍ତି। ଆହୁରି ମଧ୍ୟ ଋତୁକାଳୀନ କର୍ମଚାରୀମାନଙ୍କ ମାସିକ ମଜୁରି ୨୦୨୪ ମସିହା ଜୁଲାଇ ୧୮ ତାରିଖରେ ଘୋଷିତ ସର୍ବନିମ୍ନ ମଜୁରିର ଶତକଡା ଅନୁପାତରେ ବୃଦ୍ଧି ନ ହେବା ଦୁର୍ଭାଗ୍ୟଜନକ। ଏଥିଯୋଗୁଁ ପ୍ରାୟ ୧୮ ହଜାର ସିଜିନାଲ କର୍ମଚାରୀ ଆର୍ଥିକ ଦୃଷ୍ଟିକୋଣରୁ କ୍ଷତିଗ୍ରସ୍ତ ହେବେ। ସରକାର ଆଗାମୀଦିନରେ ଏସବୁର ସଂଶୋଧନ ଓ ସମାଧାନ ପାଇଁ ପଦକ୍ଷେପ ନେବା ଆବଶ୍ୟକ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି।

# ଭିଜିଲାନ୍ସ ଜାଲରେ କୋଟିପତି ଯନ୍ତ୍ରୀ

ଭୁବନେଶ୍ୱର,୧୩।୭(ସମିସ): ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୁଣି ଭିଜିଲାନ୍ସ ଜାଲରେ ଆଉ ଜଣେ ଯନ୍ତ୍ରୀ। ଓଡ଼ିଶା କନ୍‌ଷ୍ଟ୍ରକ୍ସନ୍ କର୍ପୋରେସନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତଥା ଲୋୟର ସୁକତେଲ ପ୍ରକଳ୍ପରେ କାର୍ଯ୍ୟରତ ଏହି ଅଧିକାରୀ ହେଲେ ସଞ୍ଜୟ କୁମାର କିସ୍‌ପୋଟ୍ଟା। ତାଙ୍କ ଠାରୁ କୋଟି କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। କୋରାପୁଟ, ସୁନ୍ଦରଗଡ଼, ରାଉରକେଲା ଓ ଭୁବନେଶ୍ୱର ସମେତ ମୋଟ ୭ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ ହୋଇଥିଲା। କେଉଁଠି ବହୁତଳ କୋଠା ଆଉ ପ୍ଲଟ୍ ତ ପୁଣି କେଉଁଠୁ ମାର୍କେଟ କମ୍ପ୍ଲେକ୍ସ, ପୁଣି କେଉଁଠୁ ନଗଦ ଟଙ୍କା ଆଉ ଅଳଙ୍କାର ମିଳିଛି।

ସୂଚନା ମୁତାବକ, ସୋମବାର ଭିଜିଲାନ୍ସ ଟିମ୍ ଏକକାଳୀନ ୭ଟି ସ୍ଥାନରେ ଚଢ଼ଉ କରିଥିଲା। କୋରାପୁଟରେ ୪ମହଲା ବିଶିଷ୍ଟ ଏକ ବଡ ବାଣିଜ୍ୟିକ ବିଲ୍ଡିଂ ଠାବ କରାଯାଇଥିଲା। ଯେଉଁଥିରେ ୨୩ଟି ରୁମ୍ ରହିଥିଲା। ସେହିପରି ସୁନ୍ଦରଗଡ଼ ସ୍ଥିତ ଲହୁଣିପଡାରେ ମଧ୍ୟ ଏକ ବିଶାଳ ଅର୍ଦ୍ଧନିର୍ମିତ ବିଲ୍ଡିଂ ଠାବ କରାଯାଇଛି। ଭୁବନେଶ୍ୱରରେ ଗୋଟିଏ ହାଇ ଭ୍ୟାଲୁ ପ୍ଲଟ୍, ରାଉରକେଲାରେ ୨ଟି ଏବଂ କୋରାପୁଟ ସହରରେ ୬ଟି ପ୍ଲଟ୍ ଠାବ କରାଯାଇଛି। ସେହିପରି ତାଙ୍କ ଘରୁ ୪୬ ଲକ୍ଷ ଟଙ୍କାର ବ୍ୟାଙ୍କ୍ ଜମା, ୩୨୫ ଗ୍ରାମ ସୁନା ସମେତ ନଗଦ ଟଙ୍କା ଏବଂ ଘରୋଇ ଉପକରଣକୁ ଜବତ କରାଯାଇଛି। ସଞ୍ଜୟଙ୍କ ଘର ସୁନ୍ଦରଗଡ଼ ଜିଲ୍ଲାରେ ହୋଇଥିଲା ବେଳେ ୨୦୧୧ ମସିହାରେ ସହକାରୀ ଇଞ୍ଜିନିୟର ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ।

# ରଥଯାତ୍ରା ପାଇଁ ୩୦୦ ଡାକ୍ତରଙ୍କୁ ନିଯୁକ୍ତି

ଭୁବନେଶ୍ୱର,୧୩।୭(ସମିସ): ରଥଯାତ୍ରାରେ ଜନସମାବେଶକୁ ନଜରରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩୦୦ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ରଥଯାତ୍ରାରେ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ୨୩୦ ଜଣ ଡାକ୍ତର , ୬୬ ଜଣ ବିଶେଷଜ୍ଞ, ୨ ଜଣ ହୃଦ୍‌ରୋଗ ବିଶେଷଜ୍ଞ, ୨ଜଣ ସ୍ନାୟୁ ବିଭାଗ ବିଶେଷଜ୍ଞ, ୨ ଜଣ ପ୍ଲାଷ୍ଟିକ ସର୍ଜନ ସମେତ ୨୦୦ ନର୍ସିଂ ଅଫିସର ଏବଂ ୨୨୯ ପାରାମେଡିକ୍ସ ଷ୍ଟାଫ ରହିବେ।

ଜରୁରୀକାଳୀନ ପରିସ୍ଥିତି ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦ ଶଯ୍ୟା ବିଶିଷ୍ଟ ଆଇସିୟୁ, ୧୦ ଶଯ୍ୟା ବିଶିଷ୍ଟ ଟ୍ରମା କେୟାର କେନ୍ଦ୍ର, ୧୦ ଶଯ୍ୟା ବିଶିଷ୍ଟ ବର୍ଣ୍ଣ ୱାର୍ଡ ଏବଂ ଗୋଟିଏ ଅସ୍ତ୍ରୋପଚାର କକ୍ଷର ବ୍ୟବସ୍ଥା କରାଯାଇଛି। ସେହିପରି ଜିଲ୍ଲା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନବନିର୍ମିତ କୋଠାରେ ୧୫୦ ଅତିରିକ୍ତ ଶଯ୍ୟା, ୧୦ ଗୋଟି ଶୀତ ତାପ ଶଯ୍ୟା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨ଟି ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୋଟିଏ ଶଯ୍ୟା ଅଂଶୁଘାତ ମୁକାବିଲା ନିମନ୍ତେ ଉପଲବ୍ଧ କରାଯିବ। ସେହିପରି ବଡଦାଣ୍ଡରେ ଏବଂ ପୁରୀ ସହର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୩୦ଟି ଆଶୁ ଚିକିତ୍ସା କେନ୍ଦ୍ର ସହ ବଡଦାଣ୍ଡରେ ଥିବା ୧୧ଟି ଆଶୁ ଚିକିତ୍ସା କେନ୍ଦ୍ର ଦିବାରାତ୍ର ଖୋଲା ରହିବ। ସେହିପରି ୮ଟି ୧୦ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ଡାକ୍ତରଖାନା ବଡ଼ଦାଣ୍ଡ ଉଭୟ ପାର୍ଶ୍ୱରେ କାର୍ଯ୍ୟକ୍ଷମ ହେବ।




## ସ୍କୁଲ ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶିକାଙ୍କ ଏତଲା

# କ୍ରାଇମବ୍ରାଞ୍ଚ ଗଠନକଲା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍

କଟକ,୧୩।୭(ସମିସ): ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପାଠ୍ୟପୁସ୍ତକରେ ମାଲମାଲ ତ୍ରୁଟି ବିଚ୍ୟୁତିକୁ ନେଇ କ୍ରାଇମବ୍ରାଞ୍ଚରେ ମାମଲା ରୁଜୁ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ପୁସ୍ତକ ପ୍ରସ୍ତୁତି, ଅନୁମୋଦନ ଏବଂ ପ୍ରକାଶନ ପ୍ରକ୍ରିୟାରେ ହୋଇଥିବା ଅନିୟମିତତାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ଗ୍ରହଣ କରିଥିଲା। ତେବେ ଏହି ଘଟଣାରେ ଆଜି ଏସ୍‌ସିଇଆର୍‌ଟିର ନିର୍ଦ୍ଦେଶିକା ମଧୁସ୍ମିତା ସାହୁଙ୍କ ତରଫରୁ ବିଧିବଦ୍ଧ ଏତଲା ଦିଆଯାଇଛି। ଲିଖିତ ଅଭିଯୋଗକୁ ଆଧାର କରି କ୍ରାଇମବ୍ରାଞ୍ଚ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ଭାରତୀୟ ନ୍ୟାୟସଂହିତା (ବିଏନଏସ), ୨୦୨୩ର ଧାରା ୩୧୬(୫), ୨୦୧, ୩(୫) ଏବଂ ୬୧(୨) ଅନୁଯାୟୀ ଏହି ମାମଲା ଦାୟର କରାଯାଇଛି। ତଦନ୍ତକୁ ବ୍ୟାପକ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଏକାଧିକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରାଯାଇଛି। କ୍ରାଇମବ୍ରାଞ୍ଚ ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡିଏସ୍‌ପି ନରେନ୍ଦ୍ର କୁମାର ବେହେରା ଏହି ସମ୍ବେଦନଶୀଳ ମାମଲାର ମୁଖ୍ୟ ତଦନ୍ତକାରୀ ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି। ପାଠ୍ୟପୁସ୍ତକ ପ୍ରସ୍ତୁତି, ବିଷୟବସ୍ତୁ ଚୟନ, ଅନୁମୋଦନ, ମୁଦ୍ରଣ, ପ୍ରକାଶନ ଏବଂ ବଣ୍ଟନ ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟକୁ ତନ୍ନ ତନ୍ନ କରି ଯାଞ୍ଚ କରାଯିବ। ଆବଶ୍ୟକସ୍ଥଳେ ସମ୍ପୃକ୍ତ ଦସ୍ତାବିଜ, ରେକର୍ଡ ଓ ଅନ୍ୟାନ୍ୟ ସାକ୍ଷ୍ୟ ସଂଗ୍ରହ କରାଯିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚରାଉଚରା କରାଯିବ। କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ମାମଲାର ନିରପେକ୍ଷ ତଦନ୍ତ କରାଯାଇ ପ୍ରମାଣ ଆଧାରରେ ପରବର୍ତ୍ତୀ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଛି।

## ଏତଲା ପୂର୍ବରୁ ମନ୍ତ୍ରୀ ଓ ଅଧିକାରୀଙ୍କ ମାନସମନ୍ଥନ

ଭୁବନେଶ୍ୱର, ୧୩।୭(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତଣ୍ଟିରେ ଲାଗିଛି ପାଠ୍ୟପୁସ୍ତକରେ ତ୍ରୁଟି କଣ୍ଟା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣାର ଅପରାଧିକ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେବା ପରେ ଆଜି ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀମାନେ ମାନସମନ୍ଥନ କରିଛନ୍ତି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସରକାରୀ କାର୍ଯ୍ୟାଳୟରେ ବିଭାଗୀୟ ସଚିବ ଡ. ଏନ୍ ତିରୁମାଳା ନାୟକଙ୍କ ସମେତ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ୍ ଓ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶିକା ମଧୁସ୍ମିତା ସାହୁଙ୍କ ସହିତ ବ୍ୟାପକ ଆଲୋଚନା କରିଛନ୍ତି। ଏତଲା ଦେବା ପୂର୍ବରୁ ଏହାର ରୂପରେଖ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ଦୀର୍ଘ ସମୟ ଧରି ମାନସ ମନ୍ଥନ ହେବା ପରେ ଆଜି ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ କ୍ରାଇମ୍‌ବ୍ରାଞ୍ଚରେ ଅଭିଯୋଗ କରିଛନ୍ତି।

## ଅନୁଗୋଳ କୋର୍ଟକୁ ବୋମା ଧମକ

# ସୁରକ୍ଷା ବଳୟରେ କୋର୍ଟ ପରିସର, ଖୋଳତାଡ଼ ଜାରି





ଅନୁଗୋଳ, ୧୩।୭ (ସମିସ): ଅନୁଗୋଳ ଜିଲ୍ଲା ଓ ଦୌରା ଜଜ୍ କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଏକ ଅଜ୍ଞାତ ଇମେଲ୍ ଜରିଆରେ ଧମକ ମିଳିଛି। ଗତ ବିଳମ୍ବିତ ରାତି ପ୍ରାୟ ୨ଟା ୩୦ ମିନିଟରେ ଜିଲ୍ଲା ଜଜ୍‌ଙ୍କ ସରକାରୀ ମେଲକୁ ଏହି ଧମକପୂର୍ଣ୍ଣ ବାର୍ତ୍ତା ଆସିଥିଲା। ଆଜି ସକାଳେ କୋର୍ଟ ଖୋଲିବା ପରେ ଜିଲ୍ଲା ଜଜ୍ ନିରଞ୍ଜନ ପଣ୍ଡା ଏହା ଦେଖି ତୁରନ୍ତ ସ୍ଥାନୀୟ ପୁଲିସ ଓ ହାଇକୋର୍ଟ ସୂଚନା ଦେଇଥିଲେ। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଅନୁଗୋଳ ଏସପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। କୋର୍ଟ ପରିସରକୁ ସମ୍ପୂର୍ଣ୍ଣ ଖାଲି କରାଯାଇ ସମସ୍ତ ଓକିଲ ଓ କର୍ମଚାରୀଙ୍କୁ ସୁରକ୍ଷିତ ସ୍ଥାନକୁ ପଠାଇ ଦିଆଯାଇଛି। ସୁରକ୍ଷା ପ୍ରୋଟୋକଲ୍ ଅନୁଯାୟୀ, ବୋମା ଚିହ୍ନଟ ଓ ନିଷ୍କ୍ରିୟକାରୀ ଦଳ, ଡଗ୍ ସ୍କ୍ୱାଡ୍, ବରିଷ୍ଠ ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି କୋର୍ଟର କୋଣ ଅନୁକୋଣ ଯାଞ୍ଚ କରିଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା କୌଣସି ସନ୍ଦିଗ୍ଧ ବସ୍ତୁ ମିଳି ନ ଥିବାବେଳେ ଇମେଲ୍‌ର ଉତ୍ସ ଖୋଜିବା ପାଇଁ ସାଇବର ଟିମ୍ ତଦନ୍ତ ଚଳାଇଛି। ପରିସ୍ଥିତି ଉପରେ ପୁଲିସର ତୀକ୍ଷ୍ଣ ନଜର ରହିଛି।

# ଘୋଡ଼ାଶାଳରୁ ଫାଷ୍ଟଗେଟ ରାସ୍ତା ପ୍ରଶସ୍ତୀକରଣ କେବେ

ତାଳଚେର, ୧୩।୭ (ସମିସ): ବହୁ ପୁରାତନ ତାଳଚେର ଟାଉନ୍ ଘୋଡ଼ାଶାଳ ଗେଟ୍‌ଠାରୁ ଆରମ୍ଭ କରି ବଡ଼ବଜାର ଦେଇ ଫାଷ୍ଟଗେଟ୍ ପର୍ଯ୍ୟନ୍ତ ତାଳଚେରର ପେଣ୍ଠସ୍ଥଳୀ ବା ମୁଖ୍ୟ ବଜାର ବୋଲି କୁହାଯାଉଥିଲା। ତାଳଚେରବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଲୋକେ ଏହି ବଜାର ଉପରେ ନିର୍ଭର କରୁଥିଲେ। ରାଜାରାଜୁଡ଼ା ଅମଳରୁ ଏହି ବଜାରକୁ ପ୍ରଥମେ ବସ୍ ଘୋଡ଼ାଶାଳ ନିକଟସ୍ଥ ଯୁବରାଜ ହାଇସ୍କୁଲଠାରୁ ବାହାରି ବଡ଼ବଜାର, ନୂଆବଜାର ଓ ଫାଷ୍ଟଗେଟ୍ ଦେଇ ଗନ୍ତବ୍ୟ ପଥକୁ ଯାଉଥିଲା। ଫଳରେ ସହରର ଚତୁଃପାର୍ଶ୍ୱରେ ରହୁଥିବା ଗ୍ରାମର ଲୋକେ ସେଠାରେ ବସକୁ ଅପେକ୍ଷା କରିବା ସହିତ ଅତି ସୁବିଧାରେ ନିଜ ନିଜ ସ୍ଥାନକୁ ଯାଉଥିଲେ ଓ ଦୂରଦୂରାନ୍ତକୁ ଯାତାୟତରେ ସୁବିଧା ମଧ୍ୟ ହେଉଥିଲା। କିଛି କୁଚକ୍ରି ଗୋଷ୍ଠୀ



ରାସ୍ତାର ଉଭୟ ପାର୍ଶ୍ୱକୁ ଜବରଦଖଲ କରି ଘର ଓ ଦୋକାନ କରି ବ୍ୟବସାୟ କରୁଛନ୍ତି। ଫଳରେ ରାସ୍ତା ସଂକୀର୍ଣ୍ଣ ହେବା ସହ ବସ୍ ଚଳାଚଳକୁ ବନ୍ଦ କରିଦିଆଗଲା। ଏହି ସହର ମଧ୍ୟରେ ଘୋଡ଼ାଶାଳଠାରେ ମୁଖ୍ୟ ଡାକଘର, ରାଜବାଟୀ ନିକଟରେ ପୁରୁଣା କଚେରୀ, ତାଳଚେର ମହାବିଦ୍ୟାଳୟ, ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ, ସମାଜ କାର୍ଯ୍ୟାଳୟ, ଆରଟିଓ କାର୍ଯ୍ୟାଳୟ ଇତ୍ୟାଦି ରହିଥିଲା। ଫଳରେ ତାଳଚେର ସହରଟି ଜନଗହଳି ରହିବା ସହ ବଜାରର ଗୁରୁତ୍ୱ ମଧ୍ୟ ରହିଥିଲା। ପରବର୍ତ୍ତୀ ସମୟରେ ରାସ୍ତାର ଉଭୟ ପାର୍ଶ୍ୱକୁ ଜବରଦଖଲ କରିଥିବାରୁ ବଜାରର ଗୁରୁତ୍ୱ କମିବାରେ ଲାଗିଲା। ରାତି ୮ଟା ପରେ ବଜାରଟି ସତେ ଯେପରି ଖାଁ ଖାଁ ଦେଖାଦେଇଥାଏ। ମୁଖ୍ୟରାସ୍ତାଟି ସଂକୀର୍ଣ୍ଣ ହେବାସହ ଜନସାଧାରଣ ରାସ୍ତା ଉପରେ ଗାଡ଼ି ରଖୁଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ ଘୋଡ଼ାଶାଳ ଗେଟ୍‌ଠାରୁ ଆରମ୍ଭ କରି ଫାଷ୍ଟଗେଟ୍ ପର୍ଯ୍ୟନ୍ତ ରାସ୍ତାର ଜବରଦଖଲ ଉଚ୍ଛେଦ କରି ରାସ୍ତା ପ୍ରଶସ୍ତିକରଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଜିଲ୍ଲା ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟ ପକ୍ଷରୁ ଦାବିପତ୍ର




ଅନୁଗୋଳ, ୧୩।୭ (ସମିସ): ଅନୁଗୋଳ ଜିଲ୍ଲାର ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟ (ଜନସଂଖ୍ୟା ଫାଉଣ୍ଡେସନର ଏକ ଶାଖା) ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ୍ ପ୍ରତାପ ପ୍ରୀତିମୟଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ସାରା ଭାରତ ବର୍ଷରେ ପ୍ରତ୍ୟେକ ଜିଲ୍ଲାରେ ପ୍ରଦାନ କରାଯାଇଛି। ଏକ ଦେଶ ଏକ ଆଇନ, ଗୋହତ୍ୟା ବନ୍ଦ ପାଇଁ ସଶକ୍ତ ଆଇନ, ହିନ୍ଦୁ ମନ୍ଦିର ଓ ମଠରୁ ସରକାରଙ୍କ ଅଙ୍କୁଶ ମୁକ୍ତ, ଧର୍ମାନ୍ତିକରଣ ନିଷେଧ ଆଇନ, ଦେଶରେ ଦୁଇଟି ସନ୍ତାନ ଆଦି ଦାବି ରଖାଯାଇଛି। ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟ'' ଅନୁଗୋଳ ଜିଲ୍ଲା ସଭାପତି ମନୋଜ କୁମାର ପାଲଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ ଉପସଭାପତି ତଥା ଅନୁଗୋଳ, ଢେଙ୍କାନାଳ ଓ ଦେବଗଡ଼ ଜିଲ୍ଲାର ପ୍ରଭାରୀ ଦୀପକ ପ୍ରସାଦ ପଟ୍ଟନାୟକ, ରାଜ୍ୟ ମେମ୍ବର ଜଗନ୍ନାଥ ଗଡ଼ନାୟକସିଂହ, ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ପୂର୍ବତନ ସଭାପତି ତଥା ରାଜ୍ୟ ମେମ୍ବର ଆଡଭୋକେଟ୍ ଅନିରୁଦ୍ଧ ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ଚିତ୍ତରଂଜନ ନାୟକ, ମହିଳା ମୋର୍ଚ୍ଚାର ଜିଲ୍ଲା ସଭାନେତ୍ରୀ ସ୍ମିତା ପଟ୍ଟନାୟକ, ସକ୍ରିୟ ସଦସ୍ୟ ସୁଧିରେନ୍ଦୁ ପରିଜା, ନରୋତ୍ତମ ସାହୁ, ବଳରାମ ଦେହୁରୀ, ମଦନମୋହନ ନାୟକ, ଅଧିବକ୍ତା ସନ୍ଦୀପ ରଥ ଓ ସଂଗଠନର ମିଡ଼ିଆ ପ୍ରଭାରୀ ରଣଜିତ୍ ଦାଶ ପ୍ରମୁଖଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ଉଦ୍ଧାର କଲେ ଲୋକେ, ବଦଳରେ ଆକ୍ରମଣର ଭୟ



ଅନୁଗୋଳ ,୧୩।୭ (ସମିସ): ମୃତ୍ୟୁ ମୁହଁରୁ ବଞ୍ଚାଇଲେ। ତେବେ ବଦଳରେ ମିଳିଲା ଆକ୍ରମଣ। ଏମିତି ଏକ ରୋମାଞ୍ଚକର ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକର ଟୁସର ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗାଁରେ ଦୁଇଟି ଭାଲୁ ଗୋଟିଏ କୂଅରେ ପଡ଼ିଥିଲେ। ଖବର ପାଇ ସ୍ଥାନୀୟ ଲୋକ କୌଣସି ଭୟକୁ ଖାତିର ନ କରି ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ। ଘଣ୍ଟା ଘଣ୍ଟା ଧରି ଚେଷ୍ଟା ପରେ ଶେଷରେ ଭାଲୁ ଦୁଇଟିକୁ ସୁରକ୍ଷିତ ଭାବେ କୂଅରୁ ବାହାର କରାଯାଇଥିଲା। ଠିକ୍ ସେହି ମୁହୂର୍ତ୍ତରେ ଘଟିଲା ଅପ୍ରତ୍ୟାଶିତ କାଣ୍ଡ। କୂଅରୁ ବାହାରିବା ମାତ୍ରେ ଗୋଟିଏ ଭାଲୁ ହଠାତ୍ ଉଗ୍ରରୂପ ଧାରଣ କଲା ଓ ସେଠାରେ ଠିଆ ହୋଇଥିବା ଲୋକଙ୍କ ଆଡ଼କୁ ଦୌଡ଼ିଲା। ଜୀବନ ବଞ୍ଚାଇବାକୁ ଲୋକେ ଚାରିଆଡ଼କୁ ଛତ୍ରଭଙ୍ଗ ଦେଇ ଦୌଡ଼ିଥିଲେ। ଏହି ଦୃଶ୍ୟର ଭିଡିଓ ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି । ଜୀବଜନ୍ତୁଙ୍କ ପ୍ରତି ମଣିଷର ଦୟା ଓ ଜଙ୍ଗଲୀ ପ୍ରାଣୀଙ୍କ ସ୍ୱାଭାବିକ ଆଚରଣ ଏହି ଭିଡିଓରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି।

## ● ମୁଖ୍ୟମନ୍ତ୍ରୀ ବସ୍ ସେବାରେ ବ୍ୟତିକ୍ରମ

# ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇଲେ ଘରୋଇ ବସ୍ ମାଲିକ ସଂଘ

କାମାକ୍ଷାନଗର,୧୩।୭ (ସମିସ): ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ସରକାରୀ ବସ୍ ଚଳାଚଳରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ସରକାରୀ ବସ୍ କର୍ମଚାରୀଙ୍କ ମନମାନି ଯୋଗୁଁ ସରକାରୀ ନିୟମର ଉଡୁଛି ଧଜିଆ। ଯାହାକୁ ନେଇ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି ଘରୋଇ ବସ ମାଲିକ ସଂଘ। ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ କାମାକ୍ଷାନଗର ବ୍ଲକରେ ସରକାରୀ ବସ ଚଳାଚଳ କରୁଛି। ସରକାରୀ ନିୟମ ଅନୁସାରେ ବସ୍‌ଗୁଡିକ ବ୍ଲକ ଅନ୍ତର୍ଗତ ପଞ୍ଚାୟତରୁ ବ୍ଲକ ସଦର ମହକୁମାକୁ ଚଳାଚଳ କରିବାକୁ



ବ୍ୟବସ୍ଥା ରହିଛି। ମାତ୍ର କାମାକ୍ଷାନଗର ବ୍ଲକ୍‌ରେ ଏହାର ବ୍ୟତିକ୍ରମ ହୋଇଥିବା ଅଭିଯୋଗ କରିଛି କାମାକ୍ଷାନଗର ଘରୋଇ ବସ ମାଲିକ ସଂଘ। ମାଲିକ ସଙ୍ଘର ଅଭିଯୋଗ ଅନୁସାରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ କାମାକ୍ଷାନଗର ବ୍ଲକ୍‌ରେ ଚଳାଚଳ କରୁଥିବା ସରକାରୀ ବ୍ ନିକଟରେ ଥିବା ଭୁବନ ବ୍ଲକ୍‌ର ମଠକରଗୋଳା ଓ ଜିରାଳ ଅଞ୍ଚଳକୁ ଚଳାଚଳ କରୁଛି। ଫଳରେ ସେହି ରୁଟ୍‌ରେ ଚଳାଚଳ କରୁଥିବା ଘରୋଇ ବସ୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକ ଭିତରେ ରହିଥିବା ପଞ୍ଚାୟତ ମଧ୍ୟରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଚଳାଚଳ ପାଇଁ ନିୟମ ରହିଥିବାବେଳେ କାମାକ୍ଷାନଗରରେ ସରକାରୀ ବସ କର୍ମଚାରୀ ଏହାକୁ ମାନୁନାହାନ୍ତି। ଜିଲ୍ଲାପାଳ ଏହାପ୍ରତି ଦୃଷ୍ଟି ଦେବା ସହ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ଚାଲୁଥିବା ବସଗୁଡିକ ବ୍ଲକ ମଧ୍ୟରେ ଚଳାଇବାକୁ ଜିଲ୍ଲାପାଳ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଏ ନେଇ ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ କାମାକ୍ଷାନଗର ବିଡିଓ ପ୍ରଭୁକଲ୍ୟାଣ ଦାସଙ୍କୁ ଏ ବିଷୟରେ ବୁଝିବାକୁ ଦାୟିତ୍ୱ ଦେଇଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫର୍ମର

## ● ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ ଗ୍ରାହକ ଅତିଷ୍ଠ



ବଣ୍ଟରପାଳ, ୧୩।୭ (ସମିସ): ଟାଟା ପାୱାର ବିଜୁଳି ବିତରଣ ଦାୟିତ୍ୱ ନେବା ଦିନଠାରୁ ବଣ୍ଟରପାଳ ଓ ଆଖପାଖ ୭ଟି ପଞ୍ଚାୟତରେ ଘନ ଘନ ବିଜୁଳି କାଟ ହେବାରୁ ଗ୍ରାହକ ଗରମ ଓ ଗୁଳୁଗୁଳିରେ ଅସହ୍ୟ ହୋଇ ପଡ଼ିଲେଣି। ଟାଟା ପୂର୍ବରୁ ଏନ୍‌ଜେଏନ୍ କମ୍ପାନୀ ବିଜୁଳି ବିତରଣ ଦାୟିତ୍ୱରେ ଥିବା ଯେଉଁ ପୁରୁଣା ତାର କେବୁଲ ଲଗାଯାଇଥିଲା ବର୍ତ୍ତମାନ୍ ଟାଟା ପାୱାର ସେହି ପୁରୁଣା କେବୁଲ ଯୋଗୁଁ ବହୁ ସମୟ ଲାଇନ ଟ୍ରିପ ହେଉଛି। କମ୍ପାନୀ ଶୀଘ୍ର ନୂଆ ତାର, କେବୁଲ ଓ ଆବଶ୍ୟକ ଯନ୍ତ୍ରପାତି ଲଗାନ୍ତୁ। ନହେଲେ ଅଞ୍ଚଳବାସୀ ଅଫିସ ସାମ୍ନାରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ବଣ୍ଟରପାଳ ଓ ଆଖ ଗାଁରେ ଲାଗିଥିବା ଟ୍ରାନ୍ସଫର୍ମର ମୁକୁଳା ପଡ଼ିଥିବାବେଳେ ଟ୍ରାନ୍ସଫର୍ମର ଉପରକୁ ଗଛ ମାଡି ବସିଛି। ଫଳରେ ଟ୍ରାନ୍ସଫର୍ମର ବିପଦସଂକୁଳ ଅବସ୍ଥାରେ ରହିଛି। ଯଥାଶୀଘ୍ର ଟ୍ରାନ୍ସଫର୍ମର କାମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ■ ମେଡିକାଲ୍‌ରେ ନର୍ସ ନିଯୁକ୍ତିରେ ଜାଲିଆତି ପ୍ରସଙ୍ଗ

# ମହିଳା କଂଗ୍ରେସ୍ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ତାଳଚେର, ୧୩।୭ (ସମିସ): ତାଳଚେରସ୍ଥ ପବିତ୍ର ମୋହନ ପ୍ରଧାନ ମେଡିକାଲ୍‌ରେ ନର୍ସ ନିଯୁକ୍ତିରେ ଜାଲିଆତି ପ୍ରସଙ୍ଗ ନେଇ ଜିଲ୍ଲା ମହିଳା କଂଗ୍ରେସ୍ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନୁଗୋଳ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତାରାଣୀ ଧୀରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ରାଜନୈତିକ ଛକାପଞ୍ଝା ମଧ୍ୟରେ ଦୋଷୀଙ୍କୁ ଖସାଇବାକୁ ଚକ୍ରାନ୍ତ କରାଯାଉଛି ଓ ନୂତନ ଏଜେନ୍ସିକୁ ଠିକ୍ ଭାବେ କାମ କରିବାକୁ ଦିଆଯାଉ। ନର୍ସ ନିଯୁକ୍ତିରେ ଜାଲିଆତି ପ୍ରସଙ୍ଗ ସମଗ୍ର ରାଜ୍ୟରେ ଚହଳ ପକାଇଥିବାବେଳେ ସରକାରଙ୍କ ତରଫରୁ ତଦନ୍ତ ପ୍ରକ୍ରିୟା ଚାଲୁ ରହିଛି। ଇତିମଧ୍ୟରେ ନୂତନ ଏଜେନ୍ସି ମଧ୍ୟ ନିଯୁକ୍ତି ହୋଇ କାର୍ଯ୍ୟ ଆରମ୍ଭ କରିଛି। ଏଭଳି ପରିସ୍ଥିତିରେ ଡାକ୍ତରଖାନା ପରିସରରେ



ଅଶାନ୍ତି କ'ଣ ପାଇଁ ବୋଲି ପ୍ରଶ୍ନ କରିଛନ୍ତି। କିଛି ଦଲାଲଙ୍କଠାରୁ ଅର୍ଥ ଉକ୍ରୋଚ ନେଇ ନିଯୁକ୍ତି ଦେବାକୁ ଲାଗିପଡିଛନ୍ତି। ଯେଉଁମାନେ କି ବିଭିନ୍ନ ଦଳୀୟ ଲୋକ ବୋଲି ନିଜକୁ ପରିଚୟ ଦେଇ ଗଣ୍ଡଗୋଳ ସୃଷ୍ଟି କରୁଛନ୍ତି। ଫଳରେ ତଦନ୍ତ ବାଟବଣା ହେବାକୁ ଯାଉଛି। ରାଜନୈତିକ ଲୋକଙ୍କ ଆଶ୍ରୟ ନେଇ ପୁଣି କିଛି ଫର୍ଜରୀ ପ୍ରାର୍ଥୀ ଚାକିରି କରିବାକୁ ବସିଛନ୍ତି। ପବିତ୍ର ମୋହନ ସରକାରୀ ମେଡିକାଲରେ ଷ୍ଟାଫ ନିଯୁକ୍ତି ପାଇଁ ଯେଉଁ ସଂସ୍ଥା ଟେଣ୍ଡର ପାଇଛି, ତାକୁ ସ୍ୱଚ୍ଛ ଭାବେ କାମ କରିବାକୁ ଦିଆଯାଉ। ତଦନ୍ତ ପ୍ରକ୍ରିୟାକୁ ଶୀଘ୍ର ସମାପ୍ତ କରାଯାଇ ଦୋଷୀ ଓ ଦଲାଲଙ୍କୁ ଧରାଯାଉ। ରାଜନୈତିକ ଆଶ୍ରୟ ଦିଆ ନ ଯାଉ ବୋଲି ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ପୁଷ୍ପଲତା ପ୍ରଧାନ, ରାଜକିଶୋର ସାହୁ, ପ୍ରଦୀପ ମହାରଣା, ନୀଳମାଧବ ପଟ୍ଟନାୟକ, ତୀର୍ଥବାସୀ ବେହେରା, ଅଞ୍ଜନାରାଣୀ ମହାରଣା, କବିତା ମହାରଣା, କବିତା ମହାକୁଡ, ସୁଜାତା ରାଉତ, ସୋମବାରୀ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକ ନୃତ୍ୟ ମାଧ୍ୟମରେ ନିଶା ମୁକ୍ତ ସଚେତନତା

ଅନୁଗୋଳ, ୧୩।୭ (ସମିସ): ସାମାଜିକ ସଂଗଠନ ''ସ୍ପନ୍ଦନ' ପକ୍ଷରୁ ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ଆନୁକୂଲ୍ୟରେ ନୃତ୍ୟ ମାଧ୍ୟମରେ ନିଶା ମୁକ୍ତ ସଚେତନତା କାର୍ଯ୍ୟକ୍ରମ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ନୃତତ୍ତ୍ୱ ବିଜ୍ଞାନର ବରିଷ୍ଠ ଅଧ୍ୟାପକ ଶଶାଙ୍କ ପ୍ରଧାନ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ବିଭିନ୍ନ ନିଶା ଔଷଧ ଓ ମାଦକ ଦ୍ରବ୍ୟର ଅପବ୍ୟବହାର ଏକ ଚିନ୍ତା ଜଣକ ଆହ୍ୱାନ ଭାବେ ଆଜି ସମଗ୍ର ବିଶ୍ୱ ତଥା ଅର୍ଥନୀତିକୁ ପ୍ରଭାବିତ କରିଛି। ବିଶେଷକରି ଆଜିର ଯୁବ ସମାଜ ଏହି ନିଶା ରାକ୍ଷସ କବଳରେ କବଳିତ। ତେଣୁ ନିଶାଦ୍ରବ୍ୟ ଅପବ୍ୟବହାର ତଥା ଅବୈଧ ଚାଲାଣ ରୋକିବା ସହିତ ନିଶା ମୁକ୍ତ ସମାଜ ଗଠନର ଆବଶ୍ୟକତା ଅତ୍ୟନ୍ତ ଆବଶ୍ୟକତା ବୋଲି ଦର୍ଶାଇଥିଲେ। ଇଂରାଜୀ ବିଭାଗର ଅଧ୍ୟାପକ ରଞ୍ଜିତକାନ୍ତ ମିଶ୍ର ଯୋଗ ଦେଇ ନିଶାଦ୍ରବ୍ୟ ପାଖରେ ରଖିବା, ଉତ୍ପାଦନ କରିବା, ଚୋରା ଚାଲାଣ, ଅପମିଶ୍ରଣ କରିବା ଦ୍ୱାରା ସରକାରଙ୍କ ରହିଥିବା ବିଭିନ୍ନ ଦଣ୍ଡବିଧି ଆଇନ ସମ୍ବନ୍ଧରେ ସଚେତନ କରାଇଥିଲେ। ସେହିପରି ଶିଳ୍ପାଞ୍ଚଳ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଶିବାନୀ ମହାପାତ୍ର, ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଭୀମସେନ ଦେହୁରୀ, ସରସ୍ୱତୀ ବିଦ୍ୟାମନ୍ଦିର ନାଲକୋ ନଗରର ଅଧ୍ୟକ୍ଷ ଡକ୍ଟର ବିଶ୍ୱଜିତ ତ୍ରିପାଠୀ, ଉପାଧ୍ୟକ୍ଷ ବିଚିତ୍ରାନନ୍ଦ ନାୟକ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳର ଅଧ୍ୟକ୍ଷ ଡକ୍ଟର ବସନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇ ନିଶା ମୁକ୍ତ ଭାରତର ସ୍ୱପ୍ନ କେବଳ ଯୁବ ଗୋଷ୍ଠୀଙ୍କ ଉଦ୍ୟମରେ ସଫଳ ରୂପାୟନ ହୋଇପାରିବ ବୋଲି ଆଶାବ୍ୟକ୍ତ କରିଥିଲେ।

# ମୃତ ଛାତ୍ରଙ୍କ ପରିବାରକୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

କାମାକ୍ଷାନଗର, ୧୩।୭ (ସମିସ): କାମାକ୍ଷାନଗର ସହରସ୍ଥ କାମାକ୍ଷାନଗର ମହାବିଦ୍ୟାଳୟ ସାମ୍ନାରେ ଥିବା କଲୋନୀରୁ ଗତ ୧୦ ତାରିଖ ଦିନ ୮ମ ଶ୍ରେଣୀ ଛାତ୍ର ବିଷ୍ଣୁପ୍ରସାଦ ବରାଳ ନିଖୋଜ ହେବାର ଗୋଟିଏ ଦିନ ପରେ ଅର୍ଥାତ୍ ୧୧ ତାରିଖ ଦିନ ଜିରିଡାମାଳିସ୍ଥ ରେଙ୍ଗାଳି କେନାଲରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଯାହାକି ସମଗ୍ର କାମାକ୍ଷାନଗରରେ ଦୁଃଖର ଛାୟା ଖେଳିଯାଇଥିଲା। ଆଜି ସକାଳ ୧୦ ଘଟିକା ସମୟରେ କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ତଥା ଢେଙ୍କାନାଳ ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଧର୍ମାନନ୍ଦ ପରିଡ଼ାଙ୍କ ନେତୃତ୍ୱରେ ଉପନଗରପାଳ ଶକୁନ୍ତଳା ସେଠୀ, ବିଜେଡି ଜିଲ୍ଲା ଉପସଭାପତି ହିମାଂଶୁ ଶେଖର ମହାପାତ୍ର, ନଗରସଭାପତି ଆଦିତ୍ୟ ପ୍ରସାଦ ଆଚାର୍ଯ୍ୟ, କାଉନସିଲର ଶୁକଦେବ ସାହୁ, ସଞ୍ଜୟ କୁମାର ପରିଡ଼ା, ପ୍ରମୋଦ କୁମାର ଷେଣ୍ଠେ, ଅଭିମନ୍ୟୁ ପରିଡ଼ା, ବନମାଳୀ ରାଉଳ, ଖୁଲଣା ବେହେରା, ରିତା ନାଏକ, ରିଙ୍କି ବେହେରା ଓ ବିଜେଡି କର୍ମୀ ପ୍ରକାଶ କୁମାର ପଣ୍ଡା, ରବି ବେହେରା ପ୍ରମୁଖ ବିଷ୍ଣୁଙ୍କ ବାସଭବନରେ ପହଞ୍ଚି ତାଙ୍କ ବାପା ଓ ମାଆଙ୍କଠାରୁ ସମସ୍ତ ଘଟଣା ଶୁଣିବା ସହ ସାନ୍ତ୍ୱନା ଦେଇଥିଲେ। ବିଷ୍ଣୁଙ୍କୁ ତ ଆମେ ଫେରାଇ



ଆଣି ପାରିବୁନି, ହେଲେ କୌଣସି ପ୍ରକାର ସହଯୋଗର ଆବଶ୍ୟକ ପଡ଼ିଲେ କାମାକ୍ଷାନଗର ବିଜେଡି ସବୁ ପ୍ରକାର ସହଯୋଗ ଯୋଗାଇ ଦେବ ବୋଲି ନଗରପାଳ ଧର୍ମାନନ୍ଦ ପରିଡ଼ା କହିଛନ୍ତି।

# କେନ୍ଦୁପତ୍ର ସହ ଗାଡ଼ି ଜବତ, ଅଭିଯୁକ୍ତ ଫେରାର



କିଶୋରନଗର, ୧୩।୭ (ସମିସ): ମାଧପୁର ରେଞ୍ଜ ଅନ୍ତର୍ଗତ କିଆକଟାର କୁମ୍ଭିଆ ଛକଠାରେ ଗତକାଲି ଅପରାହ୍ନରେ ଏକ ୭୦୯ ଆଇଚର ଟ୍ରକ୍‌ରେ ଚୋରାଚାଲାଣ ହେଉଥିବା ୩୩ କ୍ୱିଣ୍ଟାଲ କେନ୍ଦୁପତ୍ରକୁ ବନବିଭାଗ ଜବତ କରିଛି। କେନ୍ଦୁପତ୍ରର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ। ଫରେଷ୍ଟର ସନ୍ତୋଷ ନାୟକଙ୍କ ତତ୍ତ୍ୱାବଧାନରେ ବନ ବିଭାଗ କର୍ମଚାରୀ ଚଢ଼ଉରେ ସାମିଲ ଥିଲେ। ଚୋରା କେନ୍ଦୁପତ୍ର ଗାଡ଼ିଟି ରେଢାଖୋଲରୁ ବୌଦ୍ଧ ଯାଉଥିଲା।

# କିଶୋରନଗରରେ ଜନଶୁଣାଣି ଶିବିର



କିଶୋରନଗର,୧୩।୭ (ସମିସ): କିଶୋରନଗର ବ୍ଲକ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ସଭାଗୃହରେ ଆଜି ଜିଲ୍ଲାପାଳଙ୍କ ଦ୍ୱାରା ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଏମ୍ ଅବଦଲ ଅଖତର ଯୋଗଦେଇ ଜନସାଧାରଣଙ୍କ ୨୫୭ଟି ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗର ଶୁଣାଣି କରିଥିଲେ। ବିଶେଷକରି ଏହି ଜନଶୁଣାଣିରେ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଘର ଯୋଗାଇ ଦେବା, ହିତାଧିକାରୀଙ୍କୁ ପ୍ରାଣୀ ଧନ ଚିକିତ୍ସା ପକ୍ଷରୁ କୁକୁଡ଼ା, ଗୋପାଳନ, ଘୁଷୁରି ପାଳନ ଘର ଯୋଗାଇ ଦେବା, ବିଭିନ୍ନ ଗ୍ରାମବାସୀ ପକ୍ଷରୁ ରାସ୍ତା ସମସ୍ୟା ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ ହୋଇଥିଲା। ଏ ଅବସରରେ କସ୍ତୁରୀବାହାଳର ଗୀତାଞ୍ଜଳି ନାୟକଙ୍କୁ ୫୦୦୦ ଟଙ୍କା ଓ ଓସ୍କାପାଲ୍ଲୀର ବିରେନ୍ ପ୍ରଧାନଙ୍କୁ ଚିକିତ୍ସା ବାବଦକୁ ୭୫୦୦ ଟଙ୍କା ରେଡ୍‌କ୍ରସ ପାଣ୍ଠିରୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ, ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ଅଶୋକ ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ସିଏସଓ ଶ୍ରୀନିବାସ ସାହୁ, ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ଅମ୍ବର ଲୁଗୁନ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲ୍ଲୀପ ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମଧୁସ୍ମିତା ନନ୍ଦ, ସିଡିଭିଓ ସତ୍ୟନାରାୟଣ ସାହୁ, ସିଡିଏଓ ବିନୋଦ କୁମାର ଦଳେଇ, ଆରଡବ୍ଲୁଏସ ନିର୍ବାହୀ ଯନ୍ତ୍ରୀ ଚଚ୍ଚିନ ମିଶ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡିଓ ସଞ୍ଜୀବ ଘୋଷ, ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ହିମାଂଶୁ ମହାଲିକ ପ୍ରମୁଖ ଯୋଗ ଦେଇଥିଲେ। ବିଡିଓ ଶୁଭକାନ୍ତ ନାଏକ ଓ ତହସିଲଦାର ରଞ୍ଜନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ବର୍ଷ ବର୍ଷ ଧରି ସମିତି ବୈଠକ ବସୁ ନ ଥିବା ଯୋଗୁଁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ନେଇ ତୁରନ୍ତ ବୈଠକ ଡକାଯିବାକୁ ସମିତି ସଭ୍ୟ ଆନୁକଲ୍ୟ ବେହେରାଙ୍କ ନେତୃତ୍ୱରେ ବହୁ ସମିତି ସଭ୍ୟ ସଭ୍ୟା ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ।

# ଜିଲ୍ଲା କାର୍ଯ୍ୟାଳୟରେ ଶୁଣାଣି ଶିବିର

ଅନୁଗୋଳ,୧୩।୭ (ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୭୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୭୦ଟି ବ୍ୟକ୍ତିଗତ



ଓ ୬ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୫ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୭ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪୫ ହଜାର ଟଙ୍କା ଓ ୬ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୩୨ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଏହି ଶିବିରରେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ପଞ୍ଜିକୃତ ହୋଇଥିଲା।

# କାମାକ୍ଷାନଗର ବ୍ଲକ୍‌ରେ ଜନଅଭିଯୋଗ ଶୁଣାଣି ଶିବିର



କାମାକ୍ଷାନଗର,୧୩।୭ (ସମିସ): କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ କାମାକ୍ଷାନଗର ବ୍ଲକରେ ଜନଶୁଣାଣି କରିଥିଲେ। ଏଠାରେ ସମୁଦାୟ ୫୫ଟି ଅଭିଯୋଗ ବିଭିନ୍ନ ବିଭାଗର ଆସିଥିଲା। ଶିବିରରେ ଏସପି ଅଭିନବ ସୁନକର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, କାମାକ୍ଷାନଗର ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତିଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବିଧାୟକଙ୍କ କ୍ୟାମ୍ପରୁ ୩ ମୟୁର ଜବତ

ତାଳଚେର,୧୩।୭ (ସମିସ): ତାଳଚେର ବ୍ଲକ ଅନ୍ତର୍ଗତ ଭରତପୁର ନିକଟସ୍ଥ ମାଳ ରଗୁଡ଼ି ଆଶ୍ରମରୁ ଆଜି ୩ ମୟୁର ଜବତ ହେବା ଘଟଣା ତାଳଚେର ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ



ପାଲଟିଛି। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ସେଠାରେ ବହୁବର୍ଷରୁ ଗୋଟିଏ ଆଶ୍ରମ କରି ସେହି ଆଶ୍ରମ ପରିସରରେ ପାର୍କ ସହିତ ବିଭିନ୍ନ ପ୍ରଜାତିର ପକ୍ଷୀ ରଖିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ଆଜି ତାଳଚେର ବନ ବିଭାଗ ପକ୍ଷରୁ ହଠାତ୍ ସେଠାରେ ଚଢ଼ଉ କରି ଭାରତର ଜାତୀୟ ପକ୍ଷୀ କୁହାଯାଉଥିବା ୩ଟି ମୟୁରକୁ ଜବତ କରିଛନ୍ତି। ତେବେ ଏ ସମ୍ପର୍କରେ ତାଳଚେର ବନାଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବପର ହୋଇପାରିନାହିଁ ।

## ୧୦ ବର୍ଷ ଧରି ଦୁଇଗୋଡ଼ ଅଚଳ, ତଥାପି ମିଳୁନି ଭିନ୍ନକ୍ଷମ ପ୍ରମାଣପତ୍ର

# ଲଛମନ ଭତ୍ତା, ଆବାସରୁ ବଞ୍ଚିତ; ମୂଲ ଲାଗି ପରିବାର ଚଳାଉଛନ୍ତି ସ୍ତ୍ରୀ

କଣିହାଁ:୧୩।୭ (ସମିସ):

ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମଙ୍କ ପାଇଁ ଅନେକ କଲ୍ୟାଣମୂଳକ ଯୋଜନା ରହିଥିଲେ ମଧ୍ୟ ବହୁ ପ୍ରକୃତ ହିତାଧିକାରୀ ଆଜି ମଧ୍ୟ ସେଥିରୁ ବଞ୍ଚିତ ରହୁଛନ୍ତି। ଏଭଳି ଏକ ଦୟନୀୟ ଚିତ୍ର ଦେଖିବାକୁ ମିଳିଛି ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ବଜ୍ରକୋଟ ପଞ୍ଚାୟତର ଦୁର୍ଗମ ଫୁଲଝରି ଗ୍ରାମରେ। ଫୁଲଝରି ଗ୍ରାମର ଲଛମନ ଟାଇସମ (୩୨) ସ୍ତ୍ରୀ ପୂର୍ଣ୍ଣମୀ ଓ ଦୁଇ ପୁଅଙ୍କ ସହ ବସବାସ କରନ୍ତି। ୨୦୧୬ରୁ ରୋଗ ଓ ଚିକିତ୍ସା ଅଭାବରୁ ତାଙ୍କର ଦୁଇ ଗୋଡ଼ ଧୀରେ ଧୀରେ ଅଚଳ ହୋଇଯାଇଛି। ଏହାସହ ମେରୁଦଣ୍ଡ ବଙ୍କା ହୋଇଯାଇଥିବାରୁ ସେ ସ୍ୱାଭାବିକ ଭାବେ ଚାଲିବା କିମ୍ବା



କାମ କରିବାରେ ଅସମର୍ଥ ହୋଇପଡ଼ିଛନ୍ତି। ଲଛମନ ଭିନ୍ନକ୍ଷମ ପ୍ରମାଣପତ୍ର ଓ ଭତ୍ତା ପାଇଁ ବାରମ୍ବାର ଅନଲାଇନ୍ ଆବେଦନ କରିବା ସହ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଭିନ୍ନକ୍ଷମ ଚିହ୍ନଟ କେନ୍ଦ୍ରକୁ ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପ୍ରମାଣପତ୍ର କିମ୍ବା ଭିନ୍ନକ୍ଷମ ଭତ୍ତା ପାଇନାହାନ୍ତି। ଏପରିକି ସରକାରଙ୍କ ଆବାସ ଯୋଜନାରେ ମଧ୍ୟ ତାଙ୍କୁ ଘର ଖଣ୍ଡେ ମିଳି ନ ଥିବାରୁ ପରିବାର ଦୟନୀୟ ପରିସ୍ଥିତିରେ ଜୀବନ ବିତାଉଛି। ବର୍ତ୍ତମାନ ଆର୍ଥିକ ଅନଟନ ଏପରି ଯେ, ପୁଣିଥରେ ଜିଲ୍ଲା ମୁଖ୍ୟାଳୟକୁ ଯିବା ପାଇଁ ଗାଡ଼ି ଭଡ଼ା ମଧ୍ୟ ତାଙ୍କ ପାଖରେ ନାହିଁ।

ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ହେଉଛନ୍ତି ତାଙ୍କ ସ୍ତ୍ରୀ ପୂର୍ଣ୍ଣମୀ। ସେ ନିକଟସ୍ଥ ଗ୍ରାମକୁ ଦୈନିକ ମଜୁରି କାମ କରି ପରିବାର ଚଳାଇବା ସହ ସ୍ୱାମୀଙ୍କ ଚିକିତ୍ସା ଖର୍ଚ୍ଚ ବହନ କରୁଛନ୍ତି। କିନ୍ତୁ ଅଳ୍ପ ଆୟରେ ଦୁଇ ପୁଅଙ୍କ ପାଠପଢ଼ା, ଖାଦ୍ୟପେୟ ଓ ଲଛମନଙ୍କ ଚିକିତ୍ସା କରିବା ସମ୍ଭବ ହେଉନାହିଁ। ଫଳରେ ଅର୍ଥାଭାବରୁ ତାଙ୍କ ଚିକିତ୍ସା ମଧ୍ୟ ବନ୍ଦ ହୋଇଯାଇଛି। ସ୍ୱାସ୍ଥ୍ୟ ଦିନକୁ ଦିନ ଅବନତି ଘଟୁଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପ୍ରଶାସନ ପକ୍ଷରୁ ତୁରନ୍ତ ଭିନ୍ନକ୍ଷମ ପ୍ରମାଣପତ୍ର, ଭତ୍ତା, ଆବାସ ଯୋଜନାରେ ଘର ଓ ଉନ୍ନତ ଚିକିତ୍ସା ସହାୟତା ଯୋଗାଇ ଦିଆଗଲେ ଲଛମନଙ୍କ ପରିବାର ବହୁ ଉପକୃତ ହେବ। ଏ ସମ୍ପର୍କରେ କଣିହାଁ ବିଡିଓ ତ୍ରିବିକ୍ରମ କୁମାରଙ୍କୁ ପଚାରିବାରୁ ସେ କହିଛନ୍ତି, ଲଛମନ କାର୍ଯ୍ୟାଳୟକୁ ଆସିଲେ ସରକାରୀ ନିୟମ ଅନୁଯାୟୀ ତାଙ୍କୁ ଆବଶ୍ୟକ ସହାୟତା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ସମସ୍ତ ପ୍ରକାର ସହଯୋଗ କରାଯିବ। ଏବେ ଦେଖିବାକୁ ବାକି ରହିଲା, ବର୍ଷ ବର୍ଷ ଧରି ସରକାରୀ ସହାୟତାରୁ ବଞ୍ଚିତ ଲଛମନ ଟାଇସମଙ୍କ ପ୍ରତି ପ୍ରଶାସନର ନଜର କେବେ ପଡୁଛି। ସେ କେବେ ଭିନ୍ନକ୍ଷମ ପ୍ରମାଣପତ୍ର, ଭତ୍ତା, ଆବାସ ଓ ଚିକିତ୍ସା ସହାୟତା ପାଉଛନ୍ତି।

## ସରକାରୀ ଜମିରୁ ଗଛ କାଟି ନେବା ଅଭିଯୋଗ



ମହାକାଳପଡ଼ା,୧୩।୭ (ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡ଼କୁଳ ପଞ୍ଚାୟତର ନଈବନ୍ଧ ରାସ୍ତା କଡରେ ଥିବା ସରକାରୀ ଜମିରେ ଥିବା ବଡ଼ବଡ଼ ଚାକୁଣ୍ଡା ଗଛକୁ ଆଇତିପୁର ଗ୍ରାମର ଜନୈକ ବ୍ୟକ୍ତି ଇଟା ପୋଡ଼ିବା ପାଇଁ କାଟି ନେଇଥିବା ଅଭିଯୋଗ ହୋଇଛି। ସରକାରୀ ସମ୍ପତ୍ତିର ଏଭଳି ବ୍ୟବହାରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ଦୀପକ କୁମାର ଦାସଙ୍କୁ ପଚାରିବାରୁ, ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ନିୟମ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ପାଣି ଛିଟିକାକୁ ନେଇ ଛୁରାମାଡ଼, ୪ ଗୁରୁତର

ରାଜନଗର,୧୩।୭ (ସମିସ): ପାଣି ଛିଟିକାକୁ ନେଇ ବଚସା ସହ ଛୁରାମାଡର ରୂପ ନେଇଛି। ଉଭୟ ପକ୍ଷର ୩ ଜଣ ଆହତ ହୋଇଥିବା ବେଳେ ପାଟିତୁଣ୍ଡ ଭଙ୍ଗାଉଥିବା ଜଣେ ଯୁବକ ମଧ୍ୟ ଛୁରା ମାଡର ଶିକାର ହୋଇଛନ୍ତି। ରାଜନଗର ଥାନା ଅନ୍ତର୍ଗତ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଭଦିଆ ଗାଁରେ ଆଜି ସନ୍ଧ୍ୟାରେ ବର୍ଷା ପାଣି ଛିଟିକାକୁ ନେଇ ପାଟିତୁଣ୍ଡ ଉଗ୍ରରୂପ ନେଇଛି। ପାଟିତୁଣ୍ଡ ପରେ ଛୁରାମାଡ ଯୋଗୁ ୪ ଜଣ ଆହତ ହୋଇଛନ୍ତି। ଏହି ଗାଁର ବାବୁରାମ ପରିଡା ତାଙ୍କ କାର ନେଇ ଗାଁ ରାସ୍ତାରେ ଦ୍ରୁତ ଗତିରେ ଯାଇଥିଲେ। ବର୍ଷା ଯୋଗୁ ରାସ୍ତାରେ ପାଣି ଜମିଥିବାରୁ ପାଣି ଛିଟିକି ଏହି ଗାଁର ଦେବେନ୍ଦ୍ର ସାହୁ (୧୯) ଏନକେ ଉପରେ ପଡିଥିଲା। ଦେବେନ୍ଦ୍ର ଗାଡି ଧୀରେ ଚଲାଓ ବୋଲି କହିବାରୁ ପାଟିତୁଣ୍ଡ ହୋଇଥିଲା। ଦେବେନ୍ଦ୍ରଙ୍କୁ ବାବୁରାମ ଓ ତାଙ୍କ ଭାଇ ସୁନାକର ପରିଡା ଛୁରିରେ ଆକ୍ରମଣ କରିଥିଲେ। ଦେବେନ୍ଦ୍ରଙ୍କର ଛାତି, ଦୁଇ ହାତରେ ଛୁରା ମାଡ ହୋଇଛି। ଦେବେନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରାଜନଗର ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନତରିତ କରାଯାଇଛି। ଅନ୍ୟ ପକ୍ଷରେ ସୁନାକର ଓ ବାବୁରାମଙ୍କର ଜଙ୍ଗରେ ଛୁରାମାଡ ହୋଇଥିବା ନେଇ ଜଣାପଡିଛି। ପାଟିତୁଣ୍ଡ ଭଙ୍ଗାଉଥିବା ଏହି ଗାଁର ଅମର ରାଉତଙ୍କ ହାତରେ ମଧ୍ୟ ଛୁରାମାଡ ହୋଇଛି। ୩ ଜଣ ରଜନାଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି।

## ଅବସରପ୍ରାପ୍ତ ଗଣିତ ଶିକ୍ଷକଙ୍କ ପରଲୋକ

ଡେରାବିଶ,୧୩।୭ (ସମିସ): ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ କନ୍ଦରପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ସ୍ୱାଇଁ (୯୦)ଙ୍କ ଆଜି ସକାଳେ ପରଲୋକ ହୋଇଯାଇଛି। ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳୀ ସ୍ଥିତ ଦୋହଳୀ ମଡ଼େଲ ହାଇସ୍କୁଲରେ ଗଣିତ ଶିକ୍ଷକ ଭାବେ ଚାକିରି ଜୀବନ ଆରମ୍ଭ କରି ସେହି ସ୍କୁଲରୁ ହିଁ ଅବସର ନେଇଥିଲେ।



ଗତ ୧୦ ଦିନ ତଳେ ଅସୁସ୍ଥ ହେବା ଓ ଦୁଇଦିନ ତଳେ ମସ୍ତିଷ୍କାଘାତରେ ପୀଡ଼ିତ ହେବା ଯୋଗୁ ଶଯ୍ୟାଶାୟୀ ହୋଇପଡ଼ିଥିଲେ। ଆଜି ସକାଳେ ତାଙ୍କର ପରଲୋକ ହେବା ଖବର ପ୍ରଚାରିତ ହେବାପରେ ତାଙ୍କ ବାସଭବନରେ ଶେଷଦର୍ଶନ ପାଇଁ ତାଙ୍କର ବହୁ ଛାତ୍ରଛାତ୍ରୀ ପହଞ୍ଚିଥିଲେ। ତାଙ୍କର ଛାତ୍ର ସାହିତ୍ୟିକ ଡ. ପ୍ରକାଶ କୁମାର ପରିଡ଼ା, ପ୍ରମୋଦ ପ୍ରତାପ, ସରୋଜକାନ୍ତ ଦାଶ, ଛାତ୍ର ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟାପକ ସଂଜୟ ବରାଳ, ଛାତ୍ର ତଥା କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ୍ ମନୋଜ ପ୍ରଧାନ, ଦୋହଳି ହାଇସ୍କୁଲ ପକ୍ଷରୁ ଶିକ୍ଷକ ପବିତ୍ର ଚନ୍ଦ୍ର ଦାସ ଓ କର୍ମଚାରୀ ମଳୟ ରଥ, ପୂର୍ବତନ ଶିକ୍ଷକ ଦାମୋଦର ବେଦାନ୍ତ, ଶିଷ୍ୟ ଦୁର୍ଗା ପ୍ରସାଦ ପଣ୍ଡା, ସୁନିଲ ଦାସ, ସରୋଜାକନ୍ତ ପଣ୍ଡ ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିପରି ତାଙ୍କର ଛାତ୍ର ତଥା ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ଶତପଥି, ସଂଗ୍ରାମ କେଶରୀ ନାୟକ, ବେଣୁଧର ପ୍ରଧାନଙ୍କ ସମେତ ବହୁ ଛାତ୍ର ତାଙ୍କ ମୃତ୍ୟୁରେ ଶୋକବ୍ୟକ୍ତ କରିଛନ୍ତି। ଏହି ଅବସରରେ ଦୋହଳି ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶଙ୍କ ସଂଯୋଜନାରେ ବିଦ୍ୟାଳୟରେ ଏକ ଶୋକସଭା କରାଯାଇଥିଲା। ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ହୋଇଥିବା ବେଳେ ବଡ଼ପୁଅ ଅନନ୍ତ ମୁଖାଗ୍ନି ଦେଇଥିଲେ।

## କଲେଜ ପ୍ରାକ୍ତନ ଅଧ୍ୟକ୍ଷଙ୍କ ସ୍ମୃତିସଭା

ପଟ୍ଟାମୁଣ୍ଡାଇ,୧୩।୭ (ସମିସ): ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଦୁର୍ଯ୍ୟୋଧନ ନାୟକଙ୍କ ଏକାଦଶାହ ଅବସରରେ ଦକ୍ଷିଣଦିଆ ବୃନ୍ଦାବନ ନିବାସରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଧ୍ରୁବ -ଅନ୍ନପୂର୍ଣ୍ଣା ସେବା ପରିଷଦ ସଭାପତି ନଳିନୀକାନ୍ତ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ କ୍ୟାପଟେନ ମନୋଜ ପରିଡା, ପୂର୍ବତନ ଅଧ୍ୟକ୍ଷ ଉମାକାନ୍ତ ପାତ୍ର, ମହିଳା କଲେଜ ଅଧ୍ୟକ୍ଷ ଶ୍ରୀଧର ବେହେରା, ପ୍ରଧ୍ୟାପକ ରବୀନ୍ଦ୍ର ପଣ୍ଡା ଅଧ୍ୟାପକ ରଞ୍ଜନ କୁମାର ଗାହାଣ, ଅରବିନ୍ଦ ପାଣ୍ଡବ ରଞ୍ଜନ ବେହୁରା ପ୍ରଦ୍ୟୁମ୍ନ ପ୍ରଧାନ, ବିକାଶ ପରିଷଦ ସଂପାଦକ ଗୋପୀନାଥ ତ୍ରିପାଠୀ, ସନାତନ ବିଶ୍ୱାଳ ସମାଜସେବୀ ପ୍ରମୋଦ ସାହୁ, ଶିକ୍ଷାବିତ ପରୀକ୍ଷିତ ରାୟ, ଡ ନାରାୟଣ ଜେନା, ଇଂ ଅନିଲ ନାୟକ ଅଧ୍ୟାପକ ମାନସ ନାୟକ ପ୍ରଧାନ ଶିକ୍ଷୟତ୍ରୀ ଆରତୀ ନାୟକ, କବି ଦେବାଶିଷ ପ୍ରଧାନ, ବରିଷ୍ଠ ନାଗରିକ ବିଜୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ।ପଟ୍ଟାମୁଣ୍ଡାଇ ପୌର ପରିଷଦ ପ୍ରାକ୍ତନ ଅଧ୍ୟକ୍ଷ ଅଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ। ଧ୍ରୁବ - ଅନ୍ନପୂର୍ଣ୍ଣା କଳା ପରିଷଦ କଳାକାରମାନେ ଭଜନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଶୋକ ନାୟକ, ଇଂ ଅନିଲ ନାୟକ, ଅଭୟ ନାୟକ, ଅମର ନାୟକ, ଅମିତାଭ ନାୟକ, ଅରବିନ୍ଦ ନାୟକ, ଅଜୟ ନାୟକ ଅରୁଣ ନାୟକ, ଅବିନାଶ ନାୟକ, ଲକି ନାୟକ, ସ୍ୱାତୀ ନାୟକ, ସୌମ୍ୟଶ୍ରୀ ନାୟକ, ଇଂ ନରେଶ ଜେନା ଓ ଇଂ ବାପି ରାୟ ପ୍ରମୁଖ ପରିଚାଳନା କରିଥିଲେ।

### ବର୍ଷାରେ ବୁଡ଼ିଲା ଗୁଲନଗର ହାଇସ୍କୁଲ

# ଆଣ୍ଠୁଏ ପାଣିରେ ପଶି ସ୍କୁଲ ଯାଉଛନ୍ତି ଛାତ୍ରଛାତ୍ରୀ

କେନ୍ଦ୍ରାପଡ଼ା,୧୩।୭ (ସମିସ)



ଲଗାଣ ବର୍ଷା ଯୋଗୁଁ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗୁଲନଗର ହାଇସ୍କୁଲ ଜଳବନ୍ଦୀ ହୋଇପଡ଼ିଛି। ବିଦ୍ୟାଳୟ ପରିସରରେ ଆଣ୍ଠୁଏ ପାଣି ଜମି ରହିଥିବାରୁ ଛାତ୍ରଛାତ୍ରୀ ପ୍ରତିଦିନ ବର୍ଷା ପାଣି ଭିତରେ ପଶି ସ୍କୁଲକୁ ଯିବାଆସିବା କରୁଛନ୍ତି। କେବଳ ପରିସର ନୁହେଁ, ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଫିସ ଘର ଭିତରେ ମଧ୍ୟ ଏକ ଫୁଟରୁ ଅଧିକ ପାଣି ଜମି ରହିଥିବାରୁ ଶିକ୍ଷାଦାନ ଓ ପ୍ରଶାସନିକ କାର୍ଯ୍ୟ ବ୍ୟାହତ ହେଉଛି। ସୂଚନା ଅନୁଯାୟୀ, ଲଗାଣ ବର୍ଷା ପରେ ବିଦ୍ୟାଳୟ ପରିସରରୁ ବର୍ଷା ପାଣି ନିଷ୍କାସନର ସୁବିଧା ନଥିବାରୁ ସମଗ୍ର କ୍ୟାମ୍ପସ ଜଳମଗ୍ନ ହୋଇରହିଛି। ଛାତ୍ରଛାତ୍ରୀ ଦୈନିକ ପାଣି ଭିତରେ ଚାଲି ସ୍କୁଲକୁ ଆସୁଥିବା ଓ ଫେରୁଥିବାରୁ ଥଣ୍ଡା, କାଶ ଏବଂ ଜ୍ୱର ପରି ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ପରିସ୍ଥିତି ଆହୁରି ଗୁରୁତର ହୋଇଛି, କାରଣ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଫିସ ଘର ଭିତରେ ମଧ୍ୟ ପାଣି ପଶିଯାଇଛି। ଫଳରେ ଦୈନନ୍ଦିନ କାର୍ଯ୍ୟରେ ବାଧା ଉପୁଜିବା ସହ ସରକାରୀ କାଗଜପତ୍ର, ଗୁରୁତ୍ୱପୂର୍ଣ୍ଣ ରେକର୍ଡ ଓ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ତରାଇ ଜିଲ୍ଲାପାଳଙ୍କୁ ଅବଗତ କରାଇବା ସହ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ଜଣାପଡ଼ିଛି।

ଶିକ୍ଷାର୍ଥୀଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ପରିସରରୁ ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବା ସହ ସ୍ଥାୟୀ ଡ୍ରେନେଜ୍ ବ୍ୟବସ୍ଥା ଗଢ଼ି ତୋଳିବାକୁ ଛାତ୍ରଛାତ୍ରୀଙ୍କ ଅଭିଭାବକ ଏବଂ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ବର୍ଷା ଋତୁରେ ପ୍ରତିବର୍ଷ ଏଭଳି ସ୍ଥିତି ଉପୁଜୁଥିବାରୁ ସ୍ଥାୟୀ ସମାଧାନ ବିନା ସମସ୍ୟାର ଅନ୍ତ ହେବ ନାହିଁ।

### ଉପକୂଳ ଜାତୀୟ ରାଜପଥରୁ ବାଦ ଘଟଣା

## ରାଜନଗରରେ ପ୍ରତିବାଦ ସଭା

ରାଜନଗର,୧୩।୭ (ସମିସ): ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପ୍ରଥମ ପର୍ଯ୍ୟାୟରେ ରାମେଶ୍ୱରଠାରୁ ପାରାଦୀପ ପର୍ଯ୍ୟନ୍ତ ୧୬୦ କିମି ରାଜପଥକୁ ମଞ୍ଜୁରୀ ଦେଇଥିବା ବେଳେ, ୨ୟ ପର୍ଯ୍ୟାୟରେ ହେବାକୁ ଥିବା ପାରାଦୀପ ଠାରୁ ଦିଘା ପର୍ଯ୍ୟନ୍ତ ମାର୍ଗର ଡିପିଆର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ଏହି ପ୍ରକଳ୍ପରୁ କେନ୍ଦ୍ରାପଡ଼ା ଜିଲ୍ଲାର ଦୀର୍ଘ ଉପକୂଳ ଅଞ୍ଚଳ ଥିବା ରାଜନଗର ବ୍ଲକକୁ ଏଥିରୁ ଦିଆଯାଇଛି। ୨୦୧୬ ମସିହା ସର୍ଭେରେ ଉପକୂଳ ରାଜପଥରେ ରାଜନଗରର ୨୦ କିଲୋମିଟର ସାମିଲ ଥିବାବେଳେ ୨୦୨୦ ସର୍ଭେରେ ରାଜନଗରକୁ ସମ୍ପୂର୍ଣ୍ଣ ବାଦ କିପରି ଦିଆଗଲା ତାହାକୁ ନେଇ ନେତୃମଣ୍ଡଳୀ ଓ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇବା ସହ ଏପରି ଅନ୍ୟାୟ ବିରୋଧରେ ରାଜନଗରର ସ୍ୱାର୍ଥ ପାଇଁ ଏକହୋଇ ଲଢ଼େଇ କରିବେ ବୋଲି ପ୍ରତିବାଦ ସଭାରେ ପ୍ରତିଶ୍ରୁତି ଦେଇଛନ୍ତି। ଆଜି ରାଜନଗର ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦ ପକ୍ଷରୁ କେସିମଣ୍ଡପ ଠାରେ ରାଜନଗରକୁ ଉପକୂଳ ରାଜପଥରୁ ବାଦ ଦିଆଯିବା ପ୍ରତିବାଦରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦର ସଭାପତି ଡା. ଅଭୟ ପାତ୍ରଙ୍କ ପୌରୋହିତ୍ୟରେ ଏବଂ ଯୋଜନା ଓ ସଂଗଠନ ସଚିବ ଡ. ଧରଣୀଧର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରଶାନ୍ତ କୁମାର ରାଉତ, ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ରାଉତ, ବୁଦ୍ଧିଜୀବୀ ଗୋବର୍ଦ୍ଧନ ପ୍ରଧାନ, କ୍ଷୀରୋଦ କୁମାର ମଲ୍ଲିକ, ମହେଶ୍ୱର ରାଉତ, କୃପାସିନ୍ଧୁ ସାମଲ, ବିଜୟ ଜେନା, ସାମ୍ବାଦିକ ବସନ୍ତ ହାତୀ, ମେଜର ଗଗନ ବିହାରୀ ସ୍ୱାଇଁ, ଆମ୍ବ ଅଧକ୍ଷ କୈଳାସ ଚନ୍ଦ୍ର ପରିଡା, ଅଧ୍ୟାପିକା ଭଗବତୀ ନାୟକ ପ୍ରମୁଖ ରାଜନଗରକୁ ଉପକୂଳ ରାଜପଥ ପ୍ରକଳ୍ପରେ ସାମିଲ କରାଯିବା ପର୍ଯ୍ୟନ୍ତ ଆନ୍ଦୋଳନକୁ କିପରି ଜୋରଦାର କରାଯିବ ସେ ନେଇ ମତ ରଖିଥିଲେ। ସଂଗଠନର ମହାସଚିବ ସତ୍ୟବାଦୀ ଜେନା ପ୍ରତିବାଦ ସଭାର ଉଦ୍ଦେଶ୍ୟ ଓ ରାଜନଗର ହକ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉପକୂଳ ରାଜପଥ ପ୍ରକଳ୍ପ ପ୍ରସ୍ତାବ ଫେଜ-୨ ଡିପିଆର୍ ଅନୁଯାୟୀ ପାରାଦୀପରୁ ଦୀଘା ପର୍ଯ୍ୟନ୍ତ ଏକ ରାଜପଥ ଆଳି, ରାଜକନିକା, ଚାନ୍ଦବାଲି, ଧାମରା, ବାସୁଦେବପୁର, ଚାନ୍ଦିପୁର ଏବଂ ଚନ୍ଦନେଶ୍ୱର ଦେଇ ସଂଯୋଗ କରିବାକୁ ପ୍ରସ୍ତାବିତ ହୋଇଛି। କିନ୍ତୁ ଏହି ପ୍ରସ୍ତାବିତ ମାର୍ଗ ରାଜନଗର ବ୍ଲକକୁ ସମ୍ପୂର୍ଣ୍ଣ ବାଦ ଦିଆଯାଇଛି। ସମସ୍ତ ବିଭାଗୀୟ ଅଧିକାରୀ ଓ ସାଂସଦ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତିଙ୍କୁ ଦାବିପତ୍ର ଦିଆଯିବ। ଯଦି ସୁଫଳ ନମିଳେ ପଞ୍ଚାୟତସ୍ତରରେ ପ୍ରତିବାଦ ସଭା କରାଯିବ ବୋଲି ବୈଠକରେ ନିର୍ଯ୍ୟାସ ବାହାରିଥିବା ସଂଗଠନର ମହାସଚିବ ସତ୍ୟବାଦୀ ଜେନା ସୂଚନା ଦେଇଛନ୍ତି।



## ହରା ଭାରତ ପକ୍ଷରୁ ଚାରା ବଣ୍ଟନ

ପଟ୍ଟାମୁଣ୍ଡାଇ,୧୩।୭ (ସମିସ): ହରା ଭାରତ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ମାଗଣା ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଇ ଅବସରରେ ସାହସ୍ରାଧିକ ଗୁଆ, କାଗଜୀ ଲେମ୍ବୁ, ନଡ଼ିଆ, ଆତ, ଡାଳିମ୍ବ, ସପେଟା, ପିଜୁଳି, ଆମ୍ବ ସମେତ ବିଭିନ୍ନ ପ୍ରକାର ଫଳ ଜାତୀୟ ଚାରା ପ୍ରାୟ ୫୦୦ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ପରିବେଶ ସୁରକ୍ଷା, ସବୁଜିମା ବୃଦ୍ଧି ଏବଂ ବୃକ୍ଷରୋପଣ ପ୍ରତି ସାଧାରଣ ଲୋକଙ୍କୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ହରା ଭାରତର ଆଦିତ୍ୟ ନାରାୟଣ ନାୟକ ପ୍ରକାଶ ରଞ୍ଜନ ସାହୁ, ହିମାଂଶୁ ଭୂଷଣ ଜେନା, ଶୁଭ୍ରଜିତ୍ ମଲ୍ଲିକ, ଶ୍ରୁତିରୂପା ରାଉତ, ସୁଚିସ୍ମିତା ଜେନା, ଲିପ୍ସା ରାଣୀ ବେହେରା, ଆଦିତ୍ୟ ମଲ୍ଲିକ ଓ ସିପୁନ୍ ପରିଡା ପ୍ରମୁଖ ଯୋଗ ଦେଇ ଚାରା ବଣ୍ଟନ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ହରା ଭାରତର ଏଭଳି ପରିବେଶମୁଖୀ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳବାସୀ ଉଚ୍ଚ ପ୍ରଶଂସା କରାଯାଇଥିବା ବେଳେ ଆଗାମୀ ଦିନରେ ମଧ୍ୟ ସଂସ୍ଥା ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଜାରି ରଖିବ ବୋଲି ସୂଚନା ଦିଆଯାଇଛି।

## ଓଲଡ଼ି ମଠରୁ ଲଣ୍ଡା ପଡ଼ିଆ ଆଶ୍ରମକୁ ଆସିଲା ସୁଦର୍ଶନଙ୍କ ଦାରୁ

ପଞ୍ଚୁପାଣ୍ଡବ,୧୩।୭ (ସମିସ): ଡେରାବିଶ ବ୍ଲକ ମଙ୍ଗଳପୁରପୁର ପଞ୍ଚାୟତ ଅନ୍ତର୍ଗତ ଘଣ୍ଟପଦା ଗ୍ରାମରେ ଥିବା ଲଣ୍ଡାପଡ଼ିଆ ଆଶ୍ରମରେ ହେବାକୁ ନବକଳବର ପାଇଁ ସୁଦର୍ଶନଙ୍କ ବିଗ୍ରହ ରବିବାର ଓଲଡ଼ି ମଠ ଗୋପୀନାଥଜୀଉଙ୍କ ନିକଟରୁ ଆସିଛି। ବାବା ଦୟାନିଧି ଦାସଙ୍କୁ ସ୍ୱର୍ଗତ ବାବା ସନାତନ ଦାସଙ୍କ ସ୍ୱପ୍ନାଦେଶ ଅନୁସାରେ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ରଙ୍କ ଦାରୁ ବ୍ରହ୍ମ ଚିହ୍ନଟ କରାଯାଇଥିଲା। ରବିବାର ଚାଟରା ଚକଡା ପଞ୍ଚାୟତ ଅନ୍ତର୍ଗତ ଓଲଡ଼ି ମଠ ଗୋପୀନାଥଜୀଉଙ୍କ ନିକଟରୁ ସୁଦର୍ଶନଙ୍କ ବିଗ୍ରହ ପାଇଁ ଦାରୁଛେଦନ କରାଯାଇ ଲଣ୍ଡା ପଡିଆ ଆଶ୍ରମକୁ ଅଣା ଯାଇଥିଲା। କିଛି ଦିନ ତଳେ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରୁ ଜଗନ୍ନାଥଙ୍କ ଦାରୁ ରଘୁଦେଇପୁର ପଞ୍ଚାୟତରୁ ସୁଭଦ୍ରା ଓ ବଳଭଦ୍ରଙ୍କ ଦାରୁ ଛେଦନ କରାଯାଇ ଆଶ୍ରମକୁ ଅଣାଯାଇଥିଲା। ବାବା ଦୟାନିଧି ଦାସଙ୍କ ତତ୍ତ୍ୱାବଧାନରେ ପ୍ରତି ସ୍ଥାନରେ ଏକ ଯଜ୍ଞ କରାଯାଇ ଶତାଧିକ ଭକ୍ତ ମାନଙ୍କୁ ନେଇ ପୁଜା ପାଠ କରାଯାଇଥିଲା। ଶତାଧିକ ଭକ୍ତ ମାନଙ୍କୁ ନେଇ ନାମ ସଙ୍କୀର୍ତ୍ତନ ଶୋଭାଯାତ୍ରା କରି ଲଣ୍ଡା ପଡିଆ ଆଶ୍ରମକୁ ଦାରୁବ୍ରହ୍ମ ପହଞ୍ଚା ଯାଇଥିଲା।



## ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନ ଶୁଣାଣି

କେନ୍ଦ୍ରାପଡ଼ା/ମାର୍ଶାଘାଇ,୧୩।୭ (ସମିସ): ମାର୍ଶାଘାଇ ବ୍ଲକ ସଭାଗୃହରେ ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆଙ୍କ ଉପସ୍ଥିତିରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ମୋଟ ୧୨୧ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୯୫ଟି ବ୍ୟକ୍ତିଗତ ଓ ୨୬ଟି ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗ ମଧ୍ୟରୁ ୧୩ଟି ମାମଲାର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅବଶିଷ୍ଟ ଅଭିଯୋଗଗୁଡ଼ିକର ଶୀଘ୍ର ଓ ଗୁଣାତ୍ମକ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜନଶୁଣାଣିରେ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ବିଦ୍ୟୁତ, ଜଳସେଚନ, ବ୍ୟାଙ୍କିଙ୍ଗ ସେବା, ରାସ୍ତାଘାଟ, ରାଜସ୍ୱ ଏବଂ ବିଭିନ୍ନ ସରକାରୀ କଲ୍ୟାଣମୂଳକ ଯୋଜନା ସମ୍ପର୍କିତ ଅଭିଯୋଗ ପ୍ରମୁଖ ରହିଥିଲା। ସାମୂହିକ ଅଭିଯୋଗ ମଧ୍ୟରେ ହାତିଆ ଓ ମାଣତି ଅଞ୍ଚଳର ପାଟଜମିରୁ ଜଳନିଷ୍କାସନ ବ୍ୟବସ୍ଥା, ଗରଜଙ୍ଗା ଓ ଦୁମୁକା ପଞ୍ଚାୟତର ପାନୀୟଜଳ ସମସ୍ୟା, ଦୁମୁକା ଓ ଗିରଙ୍ଗରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ, ମାର୍ଶାଘାଇ ସରକାରୀ ହାଇସ୍କୁଲ ସମ୍ମୁଖ ମୁଖ୍ୟ ରାସ୍ତାରେ ବଜାର ନର୍ଦ୍ଦମା ପାଣି ବହିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ଯାତାୟାତ ସମସ୍ୟାର ସ୍ଥାୟୀ ସମାଧାନ, ମାଣିପୁରମୁଣ୍ଡିକାଟି ଦଣ୍ଡାର ସୀମା ନିର୍ଦ୍ଧାରଣ ଏବଂ ଶିଳିପୁର ମଣିନାଗେଶ୍ୱର ହାଇସ୍କୁଲ ପରିସରରେ ଗଭୀର ନଳକୂପ ସ୍ଥାପନ ଦାବି ପ୍ରମୁଖ ଥିଲା। ଏହି ଅବସରରେ ଜିଲ୍ଲାପାଳ ୬ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମୋଟ ୨୮ ହଜାର ଆର୍ଥିକ ସହାୟତା ପ୍ରଦାନ କରିଥିବା ବେଳେ ୫ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକଲ ବଣ୍ଟନ କରିଥିଲେ। ଶିବିରରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ଗୌଡ଼, ଡେପୁଟି କଲେକ୍ଟର ଶୁଭଦର୍ଶିନୀ ଦାସ, ବିଡିଓ ତୃପ୍ତି ମହାନ୍ତି, ତହସିଲଦାର ଶ୍ରୀକାନ୍ତ ପରିଜାଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ ବେଉରା, ଗ୍ରାମ ଉନ୍ନୟନ ବିଭାଗ ଯନ୍ତ୍ରୀ ଶାରଦାଭୂଷଣ ରାୟ, ପୁନ୍ଦାଳ ନର୍ଥ ଡିଭିଜନ ଯନ୍ତ୍ରୀ କୃପାସିନ୍ଧୁ ପ୍ରଧାନ, ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ବସନ୍ତ ଦାସ, ଅବକାରୀ ମଣ୍ଡଳ ଅଧିକାରୀ ବିପ୍ରଚରଣ ମଣ୍ଡଳ, ବ୍ଲକ କୃଷି ଅଧିକାରୀ ପ୍ରମୋଦିନୀ ପ୍ରଧାନ, ସିଡିପିଓ ଶୈଳବାଳା ଚାଷୀ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ।



## ସାମ୍ବାଦିକଙ୍କ ସରୋଜ ସାହୁଙ୍କ ପରଲୋକ

ଡେରାବିଶ,୧୩।୭ (ସମିସ): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ନରଣପଡ଼ା ଗ୍ରାମର ସାମ୍ବାଦିକ ସରୋଜ ସାହୁ (୪୭)ଙ୍କ କଲିକତା ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସରୋଜ ଏମ୍‌ସିଏ ପରେ ଆଇଆଇଟି ଖଡ଼ଗପୁରରୁ ବିଜ୍‌ନେସ୍ ଆନାଲିଟିକ୍ସରେ ସ୍ନାତୋକତ୍ତର ଡିପ୍ଲୋମାରେ ପାସ୍ କରି ଜଣେ ଶିକ୍ଷାବିତ୍ ତଥା ଶିକ୍ଷା ସଂଗଠକ ଭାବେ ଭୁବନେଶ୍ୱରରେ ପ୍ଲେସ୍କୁଲ, ହୋଟେଲ ମ୍ୟାନେଜ୍‌ମେଣ୍ଟ କଲେଜ, କମ୍ପିଟେଟିଭ୍ କୋଚିଂ ଆଦି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଥିଲେ। ଏଥିସହିତ ବିଭିନ୍ନ ପତ୍ରପତ୍ରିକାରେ ଧନ୍ଦାମୂଳକ ଶିକ୍ଷା ସମ୍ପର୍କିତ ବିଭିନ୍ନ ପ୍ରବନ୍ଧ ପ୍ରକାଶ ପାଉଥିଲା। ସେ ଏକ ଓଡ଼ିଆ ସମ୍ବାଦପତ୍ରରେ ସାମ୍ବାଦିକତା କରିଆସୁଥିଲେ। ଦୀର୍ଘ ଦୁଇବର୍ଷ ହେବ କିଡନୀ ଜନିତ ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହୋଇଆସୁଥିଲେ। ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଆଜି ତାଙ୍କର ମୃତଦେହକୁ ନିଜ ଗ୍ରାମ ନରଣପଡ଼ାକୁ ଅଣାଯାଇଥିଲା। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ତାଙ୍କର ୧୦ ବର୍ଷୀୟ ପୁଅ ଶାଶ୍ୱତ ଶୁଭ୍ରଜ୍ୟୋତି ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ସମୟରେ ତାଙ୍କ ନିକଟରେ ଧର୍ମପତ୍ନୀ ସୁପ୍ରିୟା, କନ୍ୟା ଶିଭାଙ୍ଗୀ, ସାନଭାଇ ମନୋଜ ଉପସ୍ଥିତ ରହିଥିଲେ। ତାଙ୍କ ଶବଧାରରେ ଅନେକ ସାମ୍ବାଦିକ ବନ୍ଧୁ ଯୋଗଦେଇଥିଲେ।



### ପାନୀୟ ଜଳ ଯୋଗାଣ ବନ୍ଦ, ହୀନସ୍ଥା ଭୋଗୁଛନ୍ତି ଗ୍ରାମବାସୀ

# ମୋଟର ବସିବାକୁ ଆହୁରି ଲାଗିବ ସାତ ଦିନ

ଗରଦପୁର,୧୩।୭ (ସମିସ)

ଗ୍ରାମାଞ୍ଚଳରେ ପ୍ରତ୍ୟେକ ଗ୍ରାମକୁ ଅନବରତ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ ବସୁଧା ଯୋଜନା କରିଥିଲେ ବିଜେଡି ସରକାର। ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ଜରିଆରେ ପ୍ରତି ଗ୍ରାମକୁ ପାନୀୟ ଜଳ ଯୋଗାଣ ବନ୍ଦୋବସ୍ତ କରା ଯାଇଥିଲା। ହେଲେ ଏବେ ସେହି ଯୋଜନା ଅଛି, ଘର ଅଛି, କର୍ମଚାରୀ ଅଛନ୍ତି ହେଲେ ଗ୍ରାମବାସୀ ପାନୀୟ ଜଳ ମୁନ୍ଦାଏ ପାଇବା ପାଇଁ ହିନସ୍ଥା ଭୋଗୁଛନ୍ତି। ଏପରି ଅଭାବନୀୟ ଦୃଶ୍ୟ ପାଟକୁରା ନିର୍ବାଚନ ମଣ୍ଡଳୀ ଗରଦପୁର ବ୍ଲକ ପଳସୁଧା ପଞ୍ଚାୟତ ପଳସୁଧା ଗ୍ରାମରେ ଦେଖିବାକୁ ମିଳୁଛି। ଦୀର୍ଘ ଏକ ସପ୍ତାହରୁ ଉର୍ଦ୍ଧ୍ୱ ହେବ ପାଣି ମୋଟର ପୋଡ଼ିଯିବାରୁ ପାନୀୟଜଳ ଯୋଗାଣ ପ୍ରକଳ୍ପଟି ଅଚଳ ହୋଇପଡିଛି। ଫଳରେ ଉକ୍ତ ଗ୍ରାମର ୪ଟି ୱାର୍ଡର ହାରାହାରି ୨ ହଜାରରୁ ଉର୍ଦ୍ଧ୍ୱ ଅଧିବାସୀ ନାନାଦି ହଇରାଣ ହେଉଛନ୍ତି। ତେବେ ଏହି ସମସ୍ୟାକୁ ନେଇ ଦୀର୍ଘ ସାତ ଦିନ ଧରି ଗ୍ରାମବାସୀ ଅଭିଯୋଗ କରି ଆସୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ମାନେ ସେମାନଙ୍କ ଅଭିଯୋଗ ଶୁଣୁନଥିବା ନେଇ ଅଭିଯୋଗ ହୋଇଛି। ଫଳରେ ଗ୍ରାମବାସୀ ମାନେ ବାଧ୍ୟ ହୋଇ ଗାଡିଆ ପୋଖରୀରୁ ଦୂଷିତ ଜଳ ବ୍ୟବହାର କରୁଛନ୍ତି। ଯାହା ଫଳରେ ଝାଡାବାନ୍ତି ବ୍ୟାପିବାର ଆଶଙ୍କା ଦେଖାଦେଇଛି। ଏହି ସମସ୍ୟା ବିଷୟରେ ବ୍ଲକର ବିଭାଗୀୟ କନିଷ୍ଠ ଯନ୍ତ୍ରୀ ବିଦ୍ୟୁଲତା ରାଉତଙ୍କୁ ପଚାରିବାରୁ, ମୁଁ ଡିଭିଜନକୁ ଜଣାଇ ଦେଇଛି। ମୋଟର ଲାଗିବା ପାଇଁ ଆହୁରି ସାତ ଦିନ ଲାଗିବ ଓ ଜଳ ଯୋଗାଣ ବିଳମ୍ବ ହେବ ବୋଲି କହିଛନ୍ତି। ସେପଟେ ଗ୍ରାମର ଥିବା ଦାସ ସାହି ନିକଟରେ ଥିବା ଗୋଟିଏ ମାତ୍ର ସରକାରୀ ନଳକୂପ ଉପରେ ନିର୍ଭର କରି ଚଳୁଥିବା ନେଇ ଗ୍ରାମର ମହିଳା ଭାରତୀ ଦାସ ଓ ମମତା ଦାସ କହିଛନ୍ତି। ଏହାଛଡା ଗ୍ରାମରେ ଥିବା ଠାକୁରାଣୀଙ୍କ ନିକଟରେ ଥିବା ନଳକୂପ ଅଚଳ ହୋଇ ପଡିବା ଯୋଗୁଁ ଠାକୁରାଣୀଙ୍କ ପୂଜାର୍ଚ୍ଚନା ମଧ୍ୟ ବନ୍ଦ ହେବାକୁ ବସିଲାଣି ବୋଲି ଗ୍ରାମବାସୀ ଚିରଞ୍ଜିବୀ ମହାନ୍ତି, ଅଶୋକ ଦାସ ଓ ସୁନାକର ସ୍ୱାଇଁ କହିଛନ୍ତି। ସେପଟେ ବ୍ଲକରେ କୌଣସି ମେକାନିକ ନଥିବାରୁ ଏହି ପରି ବିଭିନ୍ନ ପଞ୍ଚାୟତରେ ଦିନ ଦିନ ଧରି ପାଣିମଟର ଅଚଳ ହୋଇପଡୁଛି। ବିଭାଗୀୟ ବ୍ଲକ ପାନୀୟଜଳ ଯୋଗାଣ ଅଧିକାରୀ କେବେ ବି ଅଚଳ ହୋଇପଡୁଥିବା ଜଳଯୋଗାଣ ପ୍ରକଳ୍ପ ନିକଟକୁ ଆସି ତଦାରଖ କରୁନଥିବା ବିଭିନ୍ନ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥାନ୍ତି। ଦାୟିତ୍ୱରେ ଥିବା ପ୍ରତି ପଞ୍ଚାୟତର ସରପଞ୍ଚ ମେକାନିକକୁ ଯୋଗାଯୋଗ କରି ପାଣି ମଟର ମରାମତି କରିଥାନ୍ତି। ହେଲେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଉଦାସୀନତା ଯୋଗୁ ପଞ୍ଚାୟତ ଦ୍ୱାରା ମରାମତି ସମୟରେ ମଟରରେ ଲଗାଯାଉଥିବା ନିମ୍ନମାନର ଯନ୍ତ୍ରାଂଶ ଯୋଗୁ ଏଭଳି ପାଣି ମଟର ବାରମ୍ବାର ଖରାପ ହୋଇ ଯାଉଥିବାର କେତେକ ଗ୍ରାମବାସୀ ଅଭିଯୋଗ କରିଥାନ୍ତି। ତୁରନ୍ତ ପଳସୁଧା ପାନୀୟଜଳ ପ୍ରକଳ୍ପକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରି ପୂର୍ବତନ ସରପଞ୍ଚ ଅନୁଜ କୁମାର ମହାନ୍ତି, ଅଜିତ କୁମାର ସିଂ, ସେକ୍ ଫିରୋଜ ଅଲ୍ଲୀଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।



### ● ରଘୁଦେଇପୁରରେ ପାଣି ପାଇଁ ହନ୍ତସନ୍ତ ଘଟଣା

## ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପର ମଟର ଲାଗିଲା

ପଞ୍ଚୁପାଣ୍ଡବ,୧୩।୭ (ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରଘୁଦେଇପୁର ଗ୍ରାମରେ ଥିବା ବସୁଧା ଯୋଜନାର ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ପ୍ରାୟ ତିନି ସପ୍ତାହ ହେଲା ପାଣି ବନ୍ଦ ରହିଥିବା ଅଭିଯୋଗ ହୋଇଥିଲା। ଏ ବିଷୟରେ ଗତ ଶନିବାର 'ସକାଳ' ଖବର କାଗଜରେ ପ୍ରକାଶ ପାଇଥିଲା ବେଳେ ରବିବାର ମିସ୍ତ୍ରି ଡକାଇ ନୂଆ ମଟର ଲଗାଯାଇଛି। ସୂଚନା ଥାଉକି ଏହି ପ୍ରକଳ୍ପ ରେ ଥିବା ମଟର କୌଣସି କାରଣରୁ ଖରାପ ହୋଇଥିବା ବେଳେ ଏହି ଗ୍ରାମର ପ୍ରାୟ ତିନିଶହ ପରିବାର ପାଣି ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଦୀର୍ଘ ଦିନ ଧରି ଅଚଳ ହୋଇ ପଡ଼ି ଥିବା ବେଳେ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରିନଥିବା ଅଭିଯୋଗ ହୋଇଥିଲା। ଏହି ପାଣି ଟାଙ୍କି ଦୀର୍ଘ ଦିନ ହେଲା ସମ୍ପୂର୍ଣ୍ଣ ହୋଇଥିଲେ ସୁଦ୍ଧା ପଞ୍ଚାୟତକୁ ହସ୍ତାନ୍ତର ହୋଇନଥିବା ଅଭିଯୋଗ ହେଉଛି। ନୂଆ ମଟର ଲଗା ଯାଇ ଗ୍ରାମରେ ପାଣି ପାଇଥିବାରୁ ଅଞ୍ଚଳବାସୀ ସକାଳ ଖବରକୁ କୃତଜ୍ଞତା ଜଣାଇଛନ୍ତି।



# ସମ୍ପାଦକୀୟ



ମହାକାଶରେ ତାରାମାନଙ୍କ ପାଖକୁ ଯିବା ରାସ୍ତାରେ ପ୍ରଥମ ମାଇଲଖୁଣ୍ଟ ହେଉଛି ଚନ୍ଦ୍ରମା

-ଆର୍ଥର ସି କ୍ଲାର୍କ

ସକାଳ
THE SAKALA

## ଏସ୍‌ଆଇଆରର ଯନ୍ତ୍ରଣା

ନିର୍ବାଚନ ଆୟୋଗଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସଘନ ଭୋଟର ତାଲିକା ସଂଶୋଧନ(ଏସ୍‌ଆଇଆର) ପ୍ରକ୍ରିୟା ଓଡ଼ିଶାରେ ସମାପ୍ତ ହୋଇ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଅଭିଯୋଗ/ଦାବି/ଆପତ୍ତି/ଆବେଦନ ଆଦି କରିବା ପାଇଁ ଆସନ୍ତା ମାସ(ଅଗଷ୍ଟ) ୪ ତାରିଖକୁ ଶେଷ ତାରିଖ ରୂପେ ଘୋଷଣା କରାଯାଇଛି। ଅପରପକ୍ଷରେ ଏହି ଆଲେଖ୍ୟ ଲେଖା ହେବା ସୁଦ୍ଧା ବିଏଲ୍‌ଓ(ବୁଥ୍ ଲେଭଲ୍ ଅଫିସର)ଙ୍କ ନିକଟକୁ ଫର୍ମ - ୬, ଫର୍ମ -୮, ଫର୍ମ-୭ ଆଦି ନିର୍ଦ୍ଧାରିତ ଫର୍ମ ପଠାଯାଇନାହିଁ। ସେହିପରି ତାଲିକାରେ ନାମ ଯାଞ୍ଚ କରିବା ପାଇଁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଜାରି ବିଜ୍ଞାପନରେ ଦର୍ଶାଯାଇଥିବା 'ସିଇଓଓଡ଼ିଶା ଡଟ୍ ଏନ୍‌ଆଇସି ଡଟ୍ ଇନ୍' ୱେବ୍‌ସାଇଟ୍ ୧୩ ତାରିଖ ସନ୍ଧ୍ୟା ୮.୩୦ ସୁଦ୍ଧା ଖୋଲିନାହିଁ। ତେଣୁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଆବେଦନକାରୀ ହାତବାନ୍ଧି ବସିବା ଛଡ଼ା ଅନ୍ୟ ଉପାୟ ନାହିଁ। ବିଏଲ୍‌ଓମାନେ ମଧ୍ୟ ନିଜ ନିଜର ଅସହାୟତା ପ୍ରଦର୍ଶନ କରୁଛନ୍ତି। ଯଦି ସୋମବାର ରାତି ସୁଦ୍ଧା ଏହି ୱେବ୍‌ସାଇଟ୍ ଖୋଲିଯାଏ ଏବଂ ବିଏଲ୍‌ଓଙ୍କ ନିକଟକୁ ଉଦ୍ଦିଷ୍ଟ ଫର୍ମ ପହଞ୍ଚିଯାଏ ତେବେ ମଧ୍ୟ ହାତରେ ଆଉ ମାତ୍ର ୨୦ଦିନ ବାକି ରହୁଛି। ସେଥିରୁ ସରକାରୀ ଛୁଟି ଓ ରବିବାର ଆଦି ବାଦ୍ ଦେଲେ ପ୍ରାୟ ଦୁଇ ସପ୍ତାହର ସରକାରୀ କାର୍ଯ୍ୟଦିବସରେ ବିଏଲ୍‌ଓମାନେ କେତେଦୂର ସଂଶୋଧନ କରିବାରେ ସକ୍ଷମ ହେବେ ତାହା ସନ୍ଦେହରେ।

ଗତବର୍ଷ ବିହାରରେ ଏସ୍‌ଆଇଆର ପ୍ରକ୍ରିୟା ଆରମ୍ଭ ହେବା ପରେ ସେଥିରେ ବ୍ୟାପକ ତ୍ରୁଟିବିଚ୍ୟୁତି ସାମ୍ନାକୁ ଆସିଥିଲା ଏବଂ ଲକ୍ଷାଧିକ ଯୋଗ୍ୟ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଥିଲା, ଯାହା ଏବେ ଟ୍ରିବ୍ୟୁନାଲ୍‌ରେ ବିଚାରାଧୀନ ଅଛି। ପୂର୍ବରୁ ଆମେ ଏହି ସ୍ତମ୍ଭରେ ଏକାଧିକ ଥର ଉଲ୍ଲେଖ କରିଥିଲୁ ଯେ ଯଦି ବିହାରରୁ ନିର୍ବାଚନ ଆୟୋଗ ଶିକ୍ଷା ଲାଭ କରି ତ୍ରୁଟିବିଚ୍ୟୁତିକୁ ଏଡ଼ାଇବାକୁ ପ୍ରୟାସ ନ କରନ୍ତି ତେବେ ସମଗ୍ର ଦେଶରେ ଏହାର ପୁନରାବୃତ୍ତି ଘଟିବ, ଲକ୍ଷ ଲକ୍ଷ ମାମଲା ବିଚାରାଧୀନ ଭାବେ ପଡ଼ି ରହି ନ୍ୟାୟିକ ବୋଝର ପାହାଡ଼ ସୃଷ୍ଟି କରିବ। ଏହି ଆଶଙ୍କା ସତସାବ୍ୟସ୍ତ ହୋଇଛି ଏବଂ ଇତିମଧ୍ୟରେ ସମାପିତ ୧୦ଟି ରାଜ୍ୟ ଓ ୩ଟି କେନ୍ଦ୍ର ଶାସିତ ଅଞ୍ଚଳରୁ ୫କୋଟି ୫୮ ଲକ୍ଷ ଭୋଟର ବାଦ୍ ପଡ଼ିଥିବା ଜଣାପଡ଼ିଛି।

ଓଡ଼ିଶାରେ ମଧ୍ୟ ହଜାର ହଜାର ତ୍ରୁଟିବିଚ୍ୟୁତି ସାମ୍ନାକୁ ଆସିଛି। କେଉଁଠି ଭୋଟରଙ୍କ ଘର ନଂ ବଦଳି ଯାଇଛି ତ କେଉଁଠି ପରିବାରର ମୁରବିମାନଙ୍କ ନାମ କଟି ଯାଇଛି। ଯେଉଁମାନଙ୍କର ନାମ କଟିଯାଇଛି ସେମାନଙ୍କୁ ପୁଣି ଥରେ ନୂଆ ଭୋଟର ଭଳି ଫର୍ମ ୬ରେ ଆବେଦନ କରିବାକୁ ପଡ଼ିବ। ଏବେ ପ୍ରଶ୍ନ ଉଠୁଛି ସ୍ୱାଧୀନତା ପୂର୍ବରୁ ଜନ୍ମିତ ବ୍ୟକ୍ତି ଏବେ ସେମାନଙ୍କ ପିତାମାତାଙ୍କ ଭୋଟର କାର୍ଡ କିମ୍ବା ଜନ୍ମଗତ ପ୍ରମାଣପତ୍ର କେଉଁଠୁ କେମିତି ସଂଗ୍ରହ କରିବେ? ଏକୁଟିଆ ରହୁଥିବା ପରିଣତ ବୟସର ସେହି ଭୋଟରମାନଙ୍କର ନାମ ଶେଷରେ ତାଲିକାରୁ ବାଦ୍ ପଡ଼ିବା ହିଁ ସାର ହେବ। କିନ୍ତୁ ଏତିକିରେ ଦୁଃଖ ସରୁନାହିଁ। ଭୋଟର ତାଲିକାରେ ନାମ ନ ଥିଲେ ସରକାରୀ ସୁବିଧା ବା ରାସନ୍, ଭତ୍ତା ଆଦି ମିଳିବ ନାହିଁ ବୋଲି ଯଦି ପଶ୍ଚିମବଙ୍ଗର ନବଗଠିତ ବିଜେପି ସରକାର ଭଳି ଓଡ଼ିଶାର ବିଜେପି ସରକାର ମଧ୍ୟ ଘୋଷଣା କରନ୍ତି ତେବେ ସେମାନେ ଖାଦ୍ୟ ସୁରକ୍ଷା ଓ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରୁ ବଞ୍ଚିତ ହେବା ନିଶ୍ଚିତ। ପଶ୍ଚିମବଙ୍ଗରେ ସମାପ୍ତ ଏସ୍‌ଆଇଆର ତାଲିକାରେ ନାମ କଟିଯାଇଥିବା କାରଣରୁ ଜାତୀୟ ଦୈନିକ ସମ୍ବାଦପତ୍ର 'ଦ ଟେଲିଗ୍ରାଫ୍'ର ପୂର୍ବତନ ସମ୍ପାଦକ ଆର ରାଜଗୋପାଳଙ୍କ ପାସପୋର୍ଟ ନବୀକରଣ ହୋଇପାରିନାହିଁ। ସାଧାରଣ ଲୋକଙ୍କ ଅବସ୍ଥା କ'ଣ ହେବ ଏଥିରୁ ଅନୁମେୟ।

ଏଠାରେ ଆଉ ଏକ ପ୍ରସଙ୍ଗ ଆଲୋଚାନର ଅପେକ୍ଷା ରଖେ। ଏସ୍‌ଆଇଆର ପାଇଁ କ'ଣ ମାତ୍ର ୩୦ଦିନର ସମୟ ସର୍ବାଧିକ? ଓଡ଼ିଶାରେ ନିକଟ ଭବିଷ୍ୟତରେ ନିର୍ବାଚନ କାର୍ଯ୍ୟକ୍ରମ ନାହିଁ। ତେଣୁ ଏଥିପାଇଁ ଆଉ ମାସେ/ଦୁଇମାସ ବିଳମ୍ବ ହୋଇଥିଲେ କ'ଣ ଅସୁବିଧା ହୋଇଥାନ୍ତା? ପୁଣି ଘରକୁ ଘର ବୁଲି ତଥ୍ୟ ସଂଗ୍ରହ ଦାୟିତ୍ୱ କେବଳ ସରକାରୀ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଉପରେ ହିଁ ନ୍ୟସ୍ତ ରହିବା କ'ଣ ଜରୁରୀ? ଅଭିଯୋଗ ଅନୁଯାୟୀ ଜଣେ ଶିକ୍ଷକ/ଶିକ୍ଷୟିତ୍ରୀ ପିଛା ହାରାହାରି ୧୫୦୦ ଲେଖାଏଁ ଭୋଟରଙ୍କ ତଥ୍ୟ ସଂଗ୍ରହ ଦାୟିତ୍ୱ ପଡ଼ିଛି। ମାତ୍ର ୩୦ ଦିନ ମଧ୍ୟରେ ସ୍କୁଲ୍ ପାଠପଢ଼ା ସହିତ ଏସ୍‌ଆଇଆର ଦାୟିତ୍ୱ ଯେ ସଠିକ୍ ସମ୍ପାଦିତ ହୋଇଥିବ ତାହା ବିଶ୍ୱାସ ନ ଆସିବା ସ୍ୱାଭାବିକ। ରାଜ୍ୟରେ ଓ ଦେଶରେ ଲକ୍ଷ ଲକ୍ଷ ଶିକ୍ଷିତ ବେକାର ଯୁବକ/ଯୁବତୀ ଅଛନ୍ତି। ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଭଳି ସେମାନଙ୍କୁ ମଧ୍ୟ ତାଲିମ୍ ଓ ପାରିଶ୍ରମିକ ଦେଇ ଏହି କାର୍ଯ୍ୟଟି ସମ୍ପାଦନ କରାଯାଇ ପାରିଥା'ନ୍ତା। ଫଳରେ ଶିକ୍ଷକ/ଶିକ୍ଷୟିତ୍ରୀମାନେ ମାତ୍ରାଧିକ ଚାପଗ୍ରସ୍ତ ହୋଇ ନ ଥା'ନ୍ତେ ଏବଂ ବେକାର ଶିକ୍ଷିତମାନଙ୍କୁ ସାମୟିକ ରୋଜଗାରର ସୁଯୋଗ ମିଳିଥା'ନ୍ତା। ତାଲିକାର ତ୍ରୁଟିବିଚ୍ୟୁତି ମଧ୍ୟ ଯଥାସମ୍ଭବ ହ୍ରାସ ପାଇ ପାରିଥା'ନ୍ତା।

ଏବେ କେତେକ ଶିକ୍ଷିତ ବୁଦ୍ଧିଜୀବୀ ଆଉ ଏହି ପ୍ରକ୍ରିୟାରେ ସାମିଲ୍ ନ ହେବା ପାଇଁ ଆଲୋଚନା କରୁଥିବା ଶୁଣିବାକୁ ମିଳୁଛି। ଭୋଟଦାନର ଅଧିକାର ନ ମିଳିଲେ ନାହିଁ ପଛେ ଏତେ ହନ୍ତସନ୍ତ ଓ ଧାଁଦୌଡ଼ କରିବାରୁ ତ ତ୍ରାହି ମିଳିବ ବୋଲି ସେମାନେ ଚିନ୍ତା କରୁଛନ୍ତି। କିନ୍ତୁ ଏହା ସହିତ ସେମାନଙ୍କ ପାଇଁ ଆଉ ଏକ ବ୍ୟବସ୍ଥାଗତ ବିପଦ ଅପେକ୍ଷା କରିଛି। ଭାରତରେ ଭାରତର ନାଗରିକଙ୍କୁ ଭାରତୀୟତାର ପ୍ରମାଣ ଦେବା ପାଇଁ ଯେଉଁଳି ବ୍ୟବସ୍ଥାଗତ ଜଟିଳତା ଦିନକୁ ଦିନ ବୃଦ୍ଧି ପାଉଛି ସେହି ପୃଷ୍ଠଭୂମିରେ ଯଦି ଭୋଟର ତାଲିକାରେ ନାମ ନାହିଁ ତେବେ ତାଙ୍କୁ କିମ୍ବା ତାଙ୍କ ଉତ୍ତରପିଢ଼ିଙ୍କୁ ଭବିଷ୍ୟତରେ ଆଇନଗତ ଜଟିଳତାର ସାମ୍ନା କରିବା ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ହରାଇବାକୁ ପଡ଼ିବା ଅସମ୍ଭବ ନୁହେଁ। ଏସ୍‌ଆଇଆରରେ କାହାର ଲାଭ/କ୍ଷତି ହେଲା ବା ହେଉଛି ତାହା ଦେଶବସୀ ବୁଝିସାରିଲେଣି। କିନ୍ତୁ ଏହାର ଯନ୍ତ୍ରଣା ସାଧାରଣ ନାଗରିକ ବା ଭୋଟରଙ୍କୁ ହିଁ ଭୋଗିବାକୁ ପଡୁଛି।

# ରାଜନୀତିର ପଶାକାଠିରେ ଲକ୍ଷ୍ମୀ ପୁରାଣ

ଡ.ପଦ୍ମଲୋଚନ ରାଉତ

ଓଡ଼ିଆ ଜାତିର ସାଂସ୍କୃତିକ ଐତିହ୍ୟରେ ଯଦି କୌଣସି ଗ୍ରନ୍ଥ ସର୍ବାଧିକ ଜନପ୍ରିୟ, ସର୍ବାଧିକ ପଠିତ ଓ ସର୍ବାଧିକ ପୂଜିତ ହୋଇଆସିଛି, ତେବେ ସେହି ଗ୍ରନ୍ଥ ହେଉଛି ବଳରାମ ଦାସ ରଚିତ 'ଲକ୍ଷ୍ମୀ ପୁରାଣ'। ଶତାବ୍ଦୀ ଶତାବ୍ଦୀ ଧରି ଏହା ଓଡ଼ିଶାର ଘରେ ଘରେ ପଢ଼ାଯାଉଛି। ଏହି ଗ୍ରନ୍ଥ ଓଡ଼ିଆ ପରିବାରର ଧାର୍ମିକ ଓ ସାମାଜିକ ଜୀବନର ଏକ ଅବିଚ୍ଛିନ୍ନ ଅଂଶ। କିନ୍ତୁ ଲକ୍ଷ୍ମୀ ପୁରାଣକୁ କେବଳ ଧାର୍ମିକ ପୁସ୍ତକ ଭାବରେ ଦେଖିବା ତାହାର ପ୍ରକୃତ ସ୍ୱରୂପକୁ ଛୋଟ କରିଦିଏ। ଏହା ଏକ ସାମାଜିକ ବିପ୍ଳବର ଗ୍ରନ୍ଥ। ସେହି ସମୟରେ, ଯେତେବେଳେ ଜାତିଭେଦ ଓ ଅସ୍ପୃଶ୍ୟତା ସମାଜକୁ ଗଭୀର ଭାବେ ବିଭକ୍ତ କରିଥିଲା, 'ଲକ୍ଷ୍ମୀ ପୁରାଣ' ମଣିଷର ମର୍ଯ୍ୟାଦା, ଶ୍ରମର ସମ୍ମାନ ଓ ସାମାଜିକ ସମାନତାର ସନ୍ଦେଶ ଦେଇଥିଲା। ଦେବୀ ଲକ୍ଷ୍ମୀଙ୍କ ଶ୍ରୀଆ ଚାଣ୍ଡାଲୁଣୀଙ୍କ ଘରକୁ ଯିବାର କାହାଣୀ କେବଳ ଧାର୍ମିକ ଆଖ୍ୟାନ ନୁହେଁ; ଏହା ମଣିଷକୁ ମଣିଷ ଭାବରେ ସମ୍ମାନ କରିବାର ଏକ ସାମାଜିକ ଘୋଷଣା। ଏହି କାରଣରୁ 'ଲକ୍ଷ୍ମୀ ପୁରାଣ' ଆଜି ମଧ୍ୟ ପ୍ରାସଙ୍ଗିକ। କାରଣ ଏହା ଆମକୁ ଶିଖାଏ ଜନ୍ମ ନୁହେଁ, କର୍ମ ହିଁ ମଣିଷର ପରିଚୟ। ଅହଙ୍କାର ନୁହେଁ, ନମ୍ରତା ହିଁ ପ୍ରକୃତ ଧର୍ମ। ଭେଦଭାବ ନୁହେଁ, ସମାନତା ହିଁ ସମାଜର ଶକ୍ତି।

ଓଡ଼ିଶାର ସାଂସ୍କୃତିକ ପରିଚୟ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ତଥା ସାମାଜିକ ନ୍ୟାୟ, ସମାନତା, ମାନବିକତା ଏବଂ ଅସ୍ପୃଶ୍ୟତା ବିରୋଧୀ ଚିନ୍ତାଧାରାର ଏକ ଐତିହାସିକ ଦଲିଲ ଭାବେ ସ୍ୱୀକୃତ 'ଲକ୍ଷ୍ମୀ ପୁରାଣ'କୁ ଯଦି ରାଜନୈତିକ ପ୍ରଚାରର ମାଧ୍ୟମ କରାଯାଏ, ତେବେ ତାହା ଗ୍ରନ୍ଥର ମୂଳ ଦର୍ଶନ ପ୍ରତି ଅନ୍ୟାୟ। ଓଡ଼ିଶାର ପ୍ରତ୍ୟେକ ଓଡ଼ିଆ ପରିବାରରେ ଲକ୍ଷ୍ମୀ ପୁରାଣ ପୂର୍ବରୁ ଉପଲବ୍ଧ। ତେବେ ପୁଣି ସରକାରୀ ଖର୍ଚ୍ଚରେ ବ୍ୟାପକ ଭାବେ ଏହାକୁ ଛପାଇ ବଣ୍ଟନ କରିବାର ଆବଶ୍ୟକତା କ'ଣ? ଯେକୌଣସି ସରକାରୀ ଯୋଜନାର ମୂଲ୍ୟାଙ୍କନ ତାହାର ଲୋକଉପଯୋଗିତା ଓ ପ୍ରାଥମିକତା ଆଧାରରେ ହେବା ଉଚିତ। ଆଜି ମଧ୍ୟ ଓଡ଼ିଶାର ଅନେକ ଗାଁରେ ଭଲ ବିଦ୍ୟାଳୟ ନାହିଁ, ଡାକ୍ତରଖାନାରେ ଡାକ୍ତର ଓ ଔଷଧର ଅଭାବ ରହିଛି, ଚାଷୀ ନିଜ ଉତ୍ପାଦର ନ୍ୟାୟସଙ୍ଗତ ମୂଲ୍ୟ ପାଉନାହାନ୍ତି, ବେକାର ଯୁବକମାନେ ଚାକିରି ପାଇଁ ସଂଘର୍ଷ କରୁଛନ୍ତି, ଲକ୍ଷ ଲକ୍ଷ ବୃଦ୍ଧବୃଦ୍ଧାଙ୍କୁ ମାସିକ ଭତ୍ତା ଦିଆ ଯାଇ ପାରୁନାହିଁ, ବହୁ ଭିନ୍ନକ୍ଷମ ମଧ୍ୟ ସହାୟତା ରାଶି ପାଇବାରୁ ବଞ୍ଚିତ। ଏପରି ସମୟରେ ସରକାରୀ ଅର୍ଥର ବ୍ୟବହାର କେଉଁ କ୍ଷେତ୍ରରେ ପ୍ରଥମେ ହେବା ଉଚିତ ଏହା ଜନସାଧାରଣଙ୍କ ଚିନ୍ତାର ବିଷୟ।

କୌଣସି ଧାର୍ମିକ ପ୍ରତୀକ କିମ୍ବା ଗ୍ରନ୍ଥକୁ ସରକାରୀ କାର୍ଯ୍ୟକ୍ରମର କେନ୍ଦ୍ରବିନ୍ଦୁ କରାଗଲେ, ସେଥିରେ ନୀତିଗତ ଓ ସମ୍ବିଧାନିକ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏଠାରେ ପ୍ରସଙ୍ଗ 'ଲକ୍ଷ୍ମୀ ପୁରାଣ'ର ନୁହେଁ। ପ୍ରସଙ୍ଗ ହେଉଛି ଶାସନର ପ୍ରାଥମିକତା, ସ୍ୱଚ୍ଛତା ଓ ଉତ୍ତରଦାୟୀତା। କୌଣସି ଯୋଜନା ପାଇଁ କେତେ ଅର୍ଥ ବ୍ୟୟ ହେବ, କେଉଁ ପ୍ରକ୍ରିୟାରେ ଛପା ହେବ, କିଏ ଏହାର ଲାଭାର୍ଥୀ, କିପରି କାର୍ଯ୍ୟକାରୀ ହେବ - ଏସବୁ ବିଷୟରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ରହିବା ଦରକାର। ଗଣତନ୍ତ୍ରରେ ସରକାର ପ୍ରଶ୍ନର ଊର୍ଦ୍ଧ୍ୱରେ ନୁହେଁ। 'ଲକ୍ଷ୍ମୀ ପୁରାଣ'ର ପ୍ରକୃତ ବାର୍ତ୍ତା ହେଉଛି ଅହଙ୍କାରର ବିରୋଧ, ଶ୍ରମର ସମ୍ମାନ, ସମାନତାର ପ୍ରତିଷ୍ଠା ଏବଂ ସମାଜର ଶେଷ ଧାଡ଼ିର ମଣିଷ ପ୍ରତି ସହାନୁଭୂତି। ଯଦି ସରକାର ସତରେ ଏହି ବାର୍ତ୍ତାକୁ ସମ୍ମାନ କରିବାକୁ ଚାହାନ୍ତି, ତେବେ ପୁସ୍ତକ ବଣ୍ଟନ ଅପେକ୍ଷା ଦରିଦ୍ର, ଦଳିତ, କୃଷକ, ମହିଳା ଓ ବଞ୍ଚିତ ବର୍ଗଙ୍କ ଜୀବନମାନ ଉନ୍ନତ କରିବାରେ ଅଧିକ ଗୁରୁତ୍ୱ ଦେବା ଉଚିତ। ଗଣତନ୍ତ୍ରରେ ସରକାର ଜନସାଧାରଣଙ୍କ ଟିକସ ଅର୍ଥରେ ଚାଲେ। ତେଣୁ ପ୍ରତ୍ୟେକ ଯୋଜନାର ଏକ ସ୍ପଷ୍ଟ ଉଦ୍ଦେଶ୍ୟ, ଆବଶ୍ୟକତା ଓ ଜନହିତ ଥିବା ଆବଶ୍ୟକ। କେବଳ ଭଲ ଉଦ୍ଦେଶ୍ୟର କଥା କହିଦେଲେ ହେବ ନାହିଁ; ତାହାର ବ୍ୟବହାରିକ ଉପଯୋଗିତା ମଧ୍ୟ ପ୍ରମାଣିତ ହେବା ଦରକାର। ଏହା ସମାଲୋଚନା ନୁହେଁ, ବରଂ ସୁଶାସନର ମୌଳିକ ସିଦ୍ଧାନ୍ତ।

ଆଜିକାଲି ରାଜନୀତିରେ ଧାର୍ମିକ ପ୍ରତୀକ, ମନ୍ଦିର, ପୁରାଣ ଓ ଆସ୍ଥାକୁ ବହୁ ସମୟରେ ଜନମତ ଗଠନର ମାଧ୍ୟମ କରାଯାଉଛି। ଏହା ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟରେ ଦେଖାଯାଉଛି। ଧର୍ମ ଯେତେବେଳେ ନୈତିକତାର ଉତ୍ସ ହେବା ପରିବର୍ତ୍ତେ ରାଜନୈତିକ କୌଶଳର ଅଂଶ ହୋଇଯାଏ, ସେତେବେଳେ ସମାଜରେ ଅନାବଶ୍ୟକ ବିଭାଜନ ସୃଷ୍ଟି ହେବାର ଆଶଙ୍କା ବଢ଼ିଯାଏ। ଭାରତର ସମ୍ବିଧାନ ଧର୍ମନିରପେକ୍ଷତାର ମୂଳ ଆଦର୍ଶ ଉପରେ ପ୍ରତିଷ୍ଠିତ। ଆମ ଦେଶର ବିବିଧତା ହିଁ ଆମର ଶକ୍ତି। ଏହି ପରିପ୍ରେକ୍ଷୀରେ ସରକାରଙ୍କ ପ୍ରାଥମିକ ଦାୟିତ୍ୱ ହେଉଛି ନାଗରିକଙ୍କ ମୌଳିକ ଆବଶ୍ୟକତା ପୂରଣ କରିବା, ଉନ୍ନୟନକୁ ତ୍ୱରାନ୍ୱିତ କରିବା ଏବଂ ସାମାଜିକ ନ୍ୟାୟ ସୁନିଶ୍ଚିତ କରିବା; କୌଣସି ନିର୍ଦ୍ଦିଷ୍ଟ ଧର୍ମୀୟ ଗ୍ରନ୍ଥ କିମ୍ବା ପରମ୍ପରାକୁ ସରକାରୀ ପ୍ରକଳ୍ପ ଭାବେ ପ୍ରଚାର କରିବା ନୁହେଁ।

'ଲକ୍ଷ୍ମୀ ପୁରାଣ'କୁ ନେଇ ଓଡ଼ିଶା ସରକାର ଆଉ ଏକ ରାଜନୈତିକ ଖେଳ ଆରମ୍ଭ କରିଛନ୍ତି। ଜନତା ସେମାନଙ୍କ ଅସଲ ଉଦ୍ଦେଶ୍ୟ ଜାଣି ପାରୁ ନାହାନ୍ତି। ସରକାର ଦେଶର ହିତ, ସଦ୍ଭାବ ଓ ସୁରକ୍ଷା କଥା ଚିନ୍ତା ନ କରି କୋଟି କୋଟି ଟଙ୍କା ବ୍ୟୟ କରି ଦେଶର ଅର୍ଥନୀତିକୁ ବିପର୍ଯ୍ୟୟ ମୁଖକୁ ଠେଲି ଦେଉଛନ୍ତି। ଆଉ କେତେକ ବ୍ୟକ୍ତି ଓ ଗଣମାଧ୍ୟମ ଦେବଦେବୀ ଓ ଧର୍ମକୁ ନେଇ ଅପପ୍ରଚାର କରି ଦେଶର ଐତିହ୍ୟ, ସଂସ୍କୃତି ଓ ସଦ୍ଭାବକୁ ନଷ୍ଟ କରୁଛନ୍ତି। ଏପରି ପରିସ୍ଥିତିରେ ସାଧାରଣ ନାଗରିକଙ୍କ କର୍ତ୍ତବ୍ୟ ହେଉଛି କୌଣସି ଯୋଜନାକୁ ଅନ୍ଧଭାବେ ଗ୍ରହଣ ନ କରି, ତାହାର ସତ୍ୟତାକୁ ବିଭିନ୍ନ ବିଶ୍ୱସନୀୟ ଉତ୍ସରୁ ଯାଞ୍ଚ କରିବା। ଧର୍ମ, ସଂସ୍କୃତି ଓ ପରମ୍ପରା ଲୋକଙ୍କ ଆସ୍ଥା ସହ ଜଡ଼ିତ ବିଷୟ ହୋଇଥିବାରୁ ସେଗୁଡ଼ିକୁ ନେଇ ରାଜନୀତି କରିବା ବେଳେ ସଂଯମ, ପାରସ୍ପରିକ ସମ୍ମାନ ଓ ତଥ୍ୟଭିତ୍ତିକ ଦୃଷ୍ଟିକୋଣ ରଖିବା ଗୁରୁତ୍ୱପୂର୍ଣ୍ଣ।

ଯଦି ସରକାର ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ କରି 'ଲକ୍ଷ୍ମୀ ପୁରାଣ' ଛପାଇ ବଣ୍ଟନ କରନ୍ତି, ତେବେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଯେ ଏହା ସରକାରଙ୍କ ପ୍ରାଥମିକ କର୍ତ୍ତବ୍ୟ ସହ କେତେ ଦୂର ସଙ୍ଗତିପୂର୍ଣ୍ଣ? ଏହି ଖର୍ଚ୍ଚ ଦ୍ୱାରା ରାଜ୍ୟର ଦାରିଦ୍ର୍ୟ, ବେକାରି, ଶିକ୍ଷା, ସ୍ୱାସ୍ଥ୍ୟ, କୃଷକ ସମସ୍ୟା କିମ୍ବା ପାନୀୟ ଜଳ ଭଳି ମୌଳିକ ସମସ୍ୟାର ସମାଧାନ ହେବ? ଧର୍ମୀୟ ସାହିତ୍ୟ ଲୋକଙ୍କ ଆସ୍ଥା ଓ ସଂସ୍କୃତିର ଅଂଶ ହୋଇପାରେ, କିନ୍ତୁ ସେଗୁଡ଼ିକ ଆର୍ଥିକ କିମ୍ବା ସାମାଜିକ ସମସ୍ୟାର ପ୍ରତ୍ୟକ୍ଷ ସମାଧାନ ନୁହେଁ। ସରକାର ଯେଉଁ ଅର୍ଥ ଜନସାଧାରଣଙ୍କଠାରୁ ଟିକସ ଆକାରରେ ସଂଗ୍ରହ କରନ୍ତି, ସେହି ଅର୍ଥର ବ୍ୟବହାର ସର୍ବସାଧାରଣଙ୍କ କଲ୍ୟାଣ ପାଇଁ ହେବା ଉଚିତ। ସେହି ଅର୍ଥରେ ବିଦ୍ୟାଳୟ, ହସ୍ପିଟାଲ, ରୋଜଗାର ସୃଷ୍ଟି, କୃଷିର ଉନ୍ନତି, ମହିଳା ସୁରକ୍ଷା, ଗରିବଙ୍କ ଆବାସ ଏବଂ ମୌଳିକ ସୁବିଧାର ବିକାଶ କରାଗଲେ ସମଗ୍ର ସମାଜ ଉପକୃତ ହେବ। ତେଣୁ ରାଜକୋଷର ଅର୍ଥକୁ ଧର୍ମୀୟ ପ୍ରଚାର ସହ ଜଡ଼ିତ କାର୍ଯ୍ୟରେ ବ୍ୟୟ କରିବା ନେଇ ଯୁକ୍ତିସଙ୍ଗତ ଚର୍ଚ୍ଚା ଓ ସମାଲୋଚନା ହେବା ସ୍ୱାଭାବିକ।

ଯଦି ଏହି ପଦକ୍ଷେପର ଉଦ୍ଦେଶ୍ୟ ଓଡ଼ିଶାର ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ, ତେବେ ସରକାର ସମସ୍ତ ସାହିତ୍ୟିକ, ଐତିହାସିକ ଓ ସାଂସ୍କୃତିକ ପରମ୍ପରାକୁ ସମାନ ଗୁରୁତ୍ୱ ଦେଇ ଅଣଧର୍ମୀୟ ଓ ସମାବେଶୀ ଉପାୟରେ ସେହି କାର୍ଯ୍ୟ କରିପାରନ୍ତି। କିନ୍ତୁ ଯଦି ଏହା ରାଜନୈତିକ ଲାଭ, ଧର୍ମୀୟ ଭାବାବେଗକୁ ପ୍ରଭାବିତ କରିବା କିମ୍ବା ଜନସାଧାରଣଙ୍କ ଧ୍ୟାନକୁ ପ୍ରକୃତ ସମସ୍ୟାରୁ ଅନ୍ୟତ୍ର ନେବାର ଉଦ୍ଦେଶ୍ୟରେ ହୋଇଥାଏ, ତେବେ ଏହା ଗଣତାନ୍ତ୍ରିକ ଶାସନର ମୂଳ ଉଦ୍ଦେଶ୍ୟ ସହ ସଙ୍ଗତିପୂର୍ଣ୍ଣ ନୁହେଁ। ଗଣତନ୍ତ୍ରରେ ସରକାରଙ୍କ ପ୍ରତ୍ୟେକ ନୀତି ଉପରେ ପ୍ରଶ୍ନ କରିବା, ତାହାର ଯଥାର୍ଥତା ଓ ପ୍ରାଥମିକତାକୁ ନେଇ ଚର୍ଚ୍ଚା କରିବା ନାଗରିକଙ୍କ ଅଧିକାର। ସେହିପରି ରାଜକୋଷର ଅର୍ଥର ବ୍ୟବହାର ନେଇ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ଜନହିତକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ସରକାରଙ୍କୁ ଦାବି କରିବା ଏକ ଗଣତାନ୍ତ୍ରିକ ଏବଂ ସଂବିଧାନସମ୍ମତ ଆଭିମୁଖ୍ୟ।

(ଆସୋସିଏଟ୍ ପ୍ରଫେସର)
ଅରୁଣାଚଳ ପ୍ରଦେଶ, ମୋ: ୯୬୭୮୦୯୧୩୦୦

# ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ: ତିନି ଘର କୁଣିଆ

ଶ୍ରୀବତ୍ସ ନାୟକ

ସମ୍ପ୍ରତି ଓଡ଼ିଆ ସିନେ ଶିଳ୍ପର ଅବସ୍ଥା କ'ଣ? ଏହି ପ୍ରଶ୍ନ ପ୍ରାୟତଃ ଓଡ଼ିଆ ସିନେପ୍ରେମୀ, ବୁଦ୍ଧିଜୀବୀ ଓ ଚଳଚ୍ଚିତ୍ର ବିଶେଷଜ୍ଞଙ୍କ ମନରେ ମଝିରେ ମଝିରେ ଉଠୁଛି। ଶିଳ୍ପ, ହସ୍ତଶିଳ୍ପ ଓ ସଂସ୍କୃତି ଭଳି ତିନି ତିନିଟି ବିଭାଗ ଅଧୀନରେ ଥାଇ ମଧ୍ୟ ଓଡ଼ିଆ ସିନେମା ଶିଳ୍ପ ନିଷ୍ପେଷିତ ଓ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଜଣେ ଶହେ ବର୍ଷର ବୃଦ୍ଧ ଯେପରି ଅନୁଭୂତିରେ ସମୃଦ୍ଧ; ଅଥଚ ଶାରୀରିକ ଭାବେ ଦୁର୍ବଳ ହୋଇଯାଏ, ଓଡ଼ିଆ ସିନେମାର ଅବସ୍ଥା ଅଧୁନା ସେହିଭଳି। ୨୦୩୬ ମସିହାରେ ବିକଶିତ ଓଡ଼ିଶା ସହ ଶତବାର୍ଷିକୀ ପାଳନ କରିବ ଓଡ଼ିଆ ସିନେମା; କିନ୍ତୁ ତା'କୁ ନେଇ ସରକାରଙ୍କର କୌଣସି ଯୋଜନା ନାହିଁ କି ରୂପାୟନ ମଧ୍ୟ ନାହିଁ।

ସାଧାରଣରେ ଏହା ଚର୍ଚ୍ଚା ଓ ଆଲୋଚନା ହୁଏ ଯେ ପ୍ରକୃତରେ ତିନିତିନିଟି ବିଭାଗର କଳାମଣ୍ଡନ କରିଥିବା ଓଡ଼ିଆ ସିନେମା ପ୍ରକୃତରେ କାହାର? ଏହାର ପ୍ରାଶାସନିକ ନିୟନ୍ତ୍ରଣ କାହା ପାଖରେ ରହିଛି? ସିନେମା ନିର୍ମାତାଟିଏ କାହା ପାଖକୁ ଯିବ ତାହାକୁ ନେଇ ସରକାର କିଛି ସୁସ୍ପଷ୍ଟ କରିନାହାନ୍ତି। ୧୯୭୪ ମସିହାରୁ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ମାନ୍ୟତା ପାଇଥିଲେ ମଧ୍ୟ କୋଣଠେସା ହୋଇରହିଛି। ଅପେକ୍ଷା କରି କରି ଲୋକେ ନୀତି ଦେଖିସାରିଲେଣି; କିନ୍ତୁ ନୀତି ଆସିପାରିଲା ନାହିଁ। ସରକାର ୨୦୧୯ ମାର୍ଚ୍ଚ ୨ରେ 'ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ନୀତି-୨୦୧୯' ଆଣିଥିଲେ। ନୀତିଟି କାର୍ଯ୍ୟକାରୀ ହେବା ଆଗରୁ ୨୦୨୨ ମାର୍ଚ୍ଚ ୩୧ରେ ତା'ର ଅବଧି ସରିଗଲା। ତା' ପରଠାରୁ ନା ଅଛି ନୀତି ନା ଅଛି କୌଣସି ଯୋଜନା।

ଓଡ଼ିଆ ସିନେମା ଜଗତର ସ୍ୱର୍ଣ୍ଣିମ ଇତିହାସ ସହିତ ଜଡ଼ିତ ଭୁବନେଶ୍ୱରର କଳିଙ୍ଗ ଷ୍ଟୁଡିଓ ଅବସ୍ଥା ନକହିବା ଭଲ। ବର୍ତ୍ତମାନର ସିନେମା ନିର୍ମାଣ ସମ୍ପୂର୍ଣ୍ଣ ରୂପେ ଆଧୁନିକ ଟେକ୍ନୋଲୋଜି, ହାଇ-ଏଣ୍ଡ ଭିଏଫ୍‌ଏକ୍ସ ଓ ଅତ୍ୟାଧୁନିକ ସାଉଣ୍ଡ ରେକର୍ଡିଂ ଷ୍ଟୁଡିଓ ଉପରେ ନିର୍ଭରଶୀଳ। କଳିଙ୍ଗ ଷ୍ଟୁଡିଓରେ ଏହି ସବୁ ନୂତନ ଜ୍ଞାନକୌଶଳର ଅଭାବ ଯୋଗୁଁ ନିର୍ମାତାମାନେ ପୋଷ୍ଟ-ପ୍ରଡକ୍ସନ କାର୍ଯ୍ୟ ପାଇଁ ଚେନ୍ନାଇ, ହାଇଦ୍ରାବାଦ କିମ୍ବା ମୁମ୍ବାଇ ଉପରେ ନିର୍ଭର କରୁଛନ୍ତି। ଷ୍ଟୁଡିଓରେ ସମସ୍ତ ସୁବିଧା ଏକାଠି ନ ମିଳିବା କାରଣରୁ ବଡ଼ ବଜେଟ୍‌ର ଓଡ଼ିଆ ଚଳଚ୍ଚିତ୍ର ନିର୍ମାତାମାନେ ଏଠାକୁ ଆସିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଫଳରେ ଷ୍ଟୁଡିଓଟି ଆଶାଜନକ ଭାବେ ବ୍ୟାବସାୟିକ ସଫଳତା ପାଇପାରୁ ନାହିଁ। ଷ୍ଟୁଡିଓ ପରିସର ମଧ୍ୟରେ ଥିବା ପୁରୁଣା ସୁଟିଂ ସ୍ପଟ୍, ଇନଡୋର ଫ୍ଲୋର ଓ ପ୍ରାକୃତିକ ପରିବେଶର ଉପଯୁକ୍ତ ରକ୍ଷଣାବେକ୍ଷଣ ହୋଇପାରୁ ନାହିଁ। ଅନେକ ସମୟରେ ଏହା କେବଳ ଏକ ପର୍ଯ୍ୟଟନ ସ୍ଥଳୀ କିମ୍ବା ପାର୍କ ଭଳି ବ୍ୟବହାର ହେଉଛି। ଏହା ଉପରେ କଳିଙ୍ଗ ଷ୍ଟୁଡିଓକୁ ଘରୋଇ ସଂସ୍ଥାକୁ ଟେକିଦେଇ ନିଘୋଡ଼ ନିଦରେ ଶୋଇଛନ୍ତି ସରକାର।

ଚନ୍ଦକା ଓ ଚିଲିକାରେ ଫିଲ୍ମ ସିଟି ନିର୍ମାଣ ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ, ଯାହାକୁ ନେଇ ଉତ୍କର୍ଷ ଓଡ଼ିଶାରେ ମଧ୍ୟ ଆଲୋଚନା ହୋଇଥିଲା। କିନ୍ତୁ ଫଳ ଶୂନ। ୨୦୨୫ ମସିହା ନଭେମ୍ବର ମାସରେ ହସ୍ତତନ୍ତ, ବୟନ, ହସ୍ତ ଶିଳ୍ପ ବିଭାଗ ଓ 'ଫିଲ୍ମ ହେରିଟେଜ୍ ଫାଉଣ୍ଡେସନ' ମଧ୍ୟରେ ଅଭିଲେଖାଗାର ପ୍ରତିଷ୍ଠା ପାଇଁ ଏମ୍ ଓ ୟୁ ହୋଇଥିଲା। ସରକାର ଭିତ୍ତିଭୂମି ଯୋଗାଇ ଦେଇଥା'ନ୍ତେ। ଟାଟା ଟ୍ରଷ୍ଟ ସହାୟତାରେ 'ଫିଲ୍ମ ହେରିଟେଜ୍ ଫାଉଣ୍ଡେସନ' କାର୍ଯ୍ୟ କରିଥା'ନ୍ତା। କିନ୍ତୁ କାର୍ଯ୍ୟ ଆରମ୍ଭ ବେଳକୁ ଅଡୁଆ ଉପୁଜିଲା। ହସ୍ତ ଶିଳ୍ପ ବିଭାଗ କହିଲା ସିନେମା ପାଇଁ ଓଏଫ୍‌ଡିସି ଓ ଶିଳ୍ପ ବିଭାଗ ଅଛି। ଓଏଫ୍‌ଡିସି କହିଲା ଆମ ବିଭାଗ ଟଳମଳ। ସଂସ୍କୃତିକୁ ଯିବୁ ନା ଶିଳ୍ପ ବିଭାଗକୁ ଯିବୁ ଜଣା ନାହିଁ। ତା'ପରେ ଯୋଜନା ସେହିଠାରେ ଅଟକିଗଲା।

ଓଡ଼ିଆ ସିନେମାର ସବୁଠାରୁ ବଡ଼ ଦୁର୍ବଳତା ହେଉଛି ଅନ୍ୟ ଭାଷାର (ବିଶେଷ କରି ଦକ୍ଷିଣ ଭାରତୀୟ ତେଲୁଗୁ, ତାମିଲ୍) ସିନେମାର ଅବିକଳ ନକଲ ବା ରିମେକ୍ କରିବା। ଓଡ଼ିଶାର ନିଜସ୍ୱ ସଂସ୍କୃତି, ମାଟିର କାହାଣୀ କିମ୍ବା ସାହିତ୍ୟକୁ ନେଇ ଚଳଚ୍ଚିତ୍ର ନିର୍ମାଣ ନହେବା ଯୋଗୁଁ ସଚେତନ ଦର୍ଶକମାନେ ଓଡ଼ିଆ ସିନେମା ପ୍ରତି ବିମୁଖ ହେଉଛନ୍ତି। ଯଦିଓ ଧୀରେ ଧୀରେ ଓଡ଼ିଆ ସିନେମାରେ 'କପି ପେଷ୍ଟ' କଳଙ୍କ ଲଭିବାକୁ ଯାଉଛି ତଥାପି ତା'ରି ଭିତରେ ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଯେଉଁ ଫିଲ୍ମ ଜାତୀୟ ସ୍ତରରେ ପୁରସ୍କାର ଜିତୁଛି ରାଜ୍ୟସ୍ତରରେ କାଟ ଖାଉଛି। ୨୦୨୩ ମସିହାରେ 'ପୁଷ୍କରା' ଫିଲ୍ମ 'ନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ'ରେ ପୁରସ୍କୃତ ହେଲା। କିନ୍ତୁ ରାଜ୍ୟସ୍ତରରେ ସେ ସିନେମା ସେତିକି ସଫଳତା ପାଇପାରିଲା ନାହିଁ। ଠିକ୍ ସେମିତି ଯଦି 'ପ୍ରତୀକ୍ଷା' କଥା ବିଚାରକୁ ନେବେ, ଯାହା ଜାତୀୟ ସ୍ତରରେ ପୁରସ୍କୃତ।ଏମିତି କି ଏ ଫିଲ୍ମକୁ ନେଇ ଅନୁପମ ଖେର ଚର୍ଚ୍ଚା ଆଲୋଚନା କଲେ ଏବଂ ହିନ୍ଦୀରେ ଏ ଫିଲ୍ମ ନିର୍ମାଣ ପାଇଁ ପ୍ରସଙ୍ଗ ଆସିଲା। କିନ୍ତୁ ରାଜ୍ୟସ୍ତରରେ ଏ ସିନେମାକୁ ସେତିକି ସ୍ୱୀକୃତି ମିଳିଲା କି?

୧୯୮୫ରେ ଜାତୀୟ ପୁରସ୍କାର ପ୍ରାପ୍ତ 'ହାକିମ ବାବୁ', ୨୦୧୪ର ସବ୍ୟସାଚୀ ମହାପାତ୍ରଙ୍କ 'ଆଦିମ ବିଚାର', 'ଶଳା ବୁଢ଼ାର ବଦଳା' ହେଉ କି 'ପାହାଡ଼ର ଲୁହ' ଏମିତି ଅନେକ ଫିଲ୍ମ ଅଛି ଯାହା ଜାତୀୟସ୍ତରରେ ପୁରସ୍କୃତ ଓ ସମ୍ମାନିତ ହୋଇଥିଲେ ମଧ୍ୟ ରାଜ୍ୟସ୍ତରରେ ସେତିକି ସମ୍ମାନ ଓ ସ୍ୱୀକୃତି ମିଳି ପାରୁନାହିଁ। ଫଳରେ ବିଚାରକ ମଣ୍ଡଳୀର ବିଜ୍ଞତା ଓ ଚୟନ ପ୍ରକ୍ରିୟା ଏବେ ସନ୍ଦେହରେ। ଯାହା ଜଣାପଡୁଛି ସିନେମାର ମାନ ନିର୍ଦ୍ଧାରଣ କରିବା ପାଇଁ କୌଣସି ଏକକ ମାପଦଣ୍ଡ ନାହିଁ। ଏଥିପାଇଁ ଆୟୋଜକ କମିଟି ହୁଅନ୍ତୁ କି ପୁରସ୍କାର ଚୟନ ଓ ପ୍ରଦାନ କରୁଥିବା ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫ୍‌ଡିସି) ହେଉ କିମ୍ବା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରଥମେ ନିର୍ଦ୍ଦେଶାବଳୀ ସହ ମାପଦଣ୍ଡ ସ୍ଥିର କରନ୍ତୁ।

ଅତୀତର ସୁଦୀର୍ଘ ଗୌରବମୟ ଇତିହାସକୁ କେବଳ ପୁଞ୍ଜି କରି ବର୍ତ୍ତମାନର ବାସ୍ତବତାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଯଦି ଆମକୁ ଆଗାମୀ ଶତାବ୍ଦୀରେ ଓଡ଼ିଆ ସିନେମାକୁ ଜୀବନ୍ତ ରଖିବାକୁ ହେବ, ତେବେ କେବଳ ପ୍ରଯୋଜକ କିମ୍ବା ନିର୍ଦ୍ଦେଶକ ନୁହନ୍ତି, ବରଂ ସରକାର, କଳାକାର ଏବଂ ସର୍ବୋପରି ଓଡ଼ିଆ ଦର୍ଶକଙ୍କୁ ମିଳିତ ଭାବେ ଆଗକୁ ଆସିବାକୁ ହେବ। ନଚେତ୍ ତିନି ଘର କୁଣିଆ ଉପାସ ରହିବା ଭଳି ଓଡ଼ିଆ ସିନେମା ତିନି ତିନୋଟି ବିଭାଗ ଅଧୀନରେ ଥାଇ ମଧ୍ୟ ଭୋକ ଉପାସରେ କାଳାତିପାତ କରି କରି ଶେଷରେ ଅପସରି ଯିବ।

'ଅଧ୍ୟାପକ ବାଣିଜ୍ୟ ବିଭାଗ)
କଟକ, ମୋ: ୯୪୩୮୦୭୦୮୪୯

# ଘୋଷଯାତ୍ରାର ଦିବ୍ୟସନ୍ଦେଶ

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

ଅନନ୍ୟା ପ୍ରଧାନ



ବିଭିନ୍ନ ଶାସ୍ତ୍ର, ପୁରାଣ ଓ ଲୋକକଥାରେ ରଥଯାତ୍ରା ବା ଘୋଷଯାତ୍ରାର ବର୍ଣ୍ଣନା ରହିଛି। ବିଭିନ୍ନ ମତରେ ରଥଯାତ୍ରାର ୮ଟି ଅଙ୍ଗ ରହିଛି, ଯାହାକୁ ଅଷ୍ଟାଙ୍ଗ ବିଧି କୁହାଯାଏ। ୧- ସ୍ନାନ ଉତ୍ସବ, ୨-ଅନବସର, ୩-ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ, ୪- ଶ୍ରୀଗୁଣ୍ଡିଚା, ୫-ହେରାପଞ୍ଚମୀ, ୬-ଆଡ଼ପ ପର୍ବ, ୭-ବାହୁଡ଼ା ଯାତ୍ରା ଓ ୮-ନୀଳାଦ୍ରି ବିଜେ। ପୁନଶ୍ଚ ରଥଯାତ୍ରା ୫ ଭାଗରେ ବିଭକ୍ତ। ଯଥା ୧-ଅନ୍ତର୍ବେଦୀ, ୨- ମହାବେଦୀ ମହୋତ୍ସବ, ୩-ଆଡ଼ପ ଉତ୍ସବ, ୪-ଦକ୍ଷିଣାମୁଖୀ ଉତ୍ସବ ଓ ୫-ନୀଳାଦ୍ରି ବିଜେ। ଏହାକୁ 'ଗୁଣ୍ଡିଚା ପଞ୍ଚକ' କୁହଯାଏ।

ଋଗବେଦ ଓ ଅଥର୍ବବେଦ, 'ଶତପଥ ବ୍ରାହ୍ମଣ' ଓ ବିଭିନ୍ନ ଶାସ୍ତ୍ରରେ 'ରଥ' ଶବ୍ଦର ପ୍ରୟୋଗ ଦେଖାଯାଏ। ସେହିପରି ବ୍ରହ୍ମ ପୁରାଣ, ନାରଦ ପୁରାଣ, ନୀଳାଦ୍ରି ମହୋଦୟ, କପିଳ ସଂହିତା, ଜଗନ୍ନାଥ ପୁରାଣ, ଯାତ୍ରା ଭାଗବତ, ପଦ୍ମ ପୁରାଣ, ଚୈତନ୍ୟ ଚରିତାମୃତ, ବାମଦେବ ସଂହିତା, ଶାରଦା ପୁରାଣରେ ମହାପ୍ରଭୁଙ୍କ ରଥଯାତ୍ରା ମହିମା ତଥା ପାଳନ ବିଧିର ବିସ୍ତୃତ ବର୍ଣ୍ଣନା ରହିଛି। ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରୁ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ମଧ୍ୟରେ ନିର୍ମିତ କେତେକ ପ୍ରାଚୀନ ଭାସ୍କର୍ଯ୍ୟକୁ ଅନୁଧ୍ୟାନ କଲେ ସୂର୍ଯ୍ୟଙ୍କ ରଥଯାତ୍ରାର ସମ୍ୟକ୍ ନିଦର୍ଶନ ମିଳିଥାଏ। ତେଣୁ ସୂର୍ଯ୍ୟଙ୍କ ରଥଯାତ୍ରାର ପରବର୍ତ୍ତୀ ପରିକଳ୍ପନା ପୁରୁଷୋତ୍ତମ କ୍ଷେତ୍ରସ୍ଥ ମହାପ୍ରଭୁଙ୍କ ରଥଯାତ୍ରା ବୋଲି ଗବେଷକମାନେ ମତ ଦିଅନ୍ତି।

ବିଭିନ୍ନ ଧର୍ମରେ ରଥଯାତ୍ରାର ଉଲ୍ଲେଖ ହୋଇଥିଲେ ମଧ୍ୟ ପୁରୀର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସର୍ବାଧିକ ଜନାଦୃତ ଓ ପ୍ରସାରିତ। କେତେକ ଗବେଷକ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବୌଦ୍ଧ ପରମ୍ପରାରୁ ସୃଷ୍ଟି ହୋଇଛି ବୋଲି ମତ ଦିଅନ୍ତି। ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀର ପ୍ରାରମ୍ଭରେ ଚୀନ ପରିବ୍ରାଜକ ଫାହିୟାନ୍ ଖୋଟାନରେ ଅନୁଷ୍ଠିତ ରଥଯାତ୍ରାର ଯେଉଁ ବିବରଣୀ ଲିପିବଦ୍ଧ କରିଛନ୍ତି, ତାହା ଜଗନ୍ନାଥଙ୍କ ସ୍ନାନଯାତ୍ରା ଓ ରଥଯାତ୍ରା ସହିତ ସାମଞ୍ଜସ୍ୟ ରହିଛି। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ଘୋଷଯାତ୍ରା, ଆଡ଼ପମଣ୍ଡପ ଯାତ୍ରା, ଜନ୍ମବେଦୀ ବା ଅନ୍ତର୍ବେଦୀ ଯାତ୍ରା, ଦଶାବତାର ଯାତ୍ରା, ପତିତପାବନ ଯାତ୍ରା, ନବଦିନାତ୍ମକ ଯାତ୍ରା, ଗୁଣ୍ଡିଚା ଯାତ୍ରା ନାମରେ ନାମିତ କରାଯାଇଛି। ମହାପ୍ରଭୁମାନଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ଶ୍ରୀଗୁଣ୍ଡିଚା ଯାତ୍ରା ବା ମହାବେଦୀ ମହୋତ୍ସବ ହିଁ ଶ୍ରେଷ୍ଠ ବୋଲି ସ୍କନ୍ଦ ପୁରାଣର ପୁରୁଷୋତ୍ତମ ମାହାତ୍ମ୍ୟରେ କୁହାଯାଇଛି। ଏପରିକି ଏହି ମହାବେଦୀ ମହୋତ୍ସବକୁ ନିର୍ମଳ ମନରେ ଯେଉଁ ଭକ୍ତ ଦର୍ଶନ କରେ ତାର ଶତକୋଟି ଜନ୍ମର ପାପରାଶି କ୍ଷଣକେ ନଷ୍ଟ ହୁଏ। ଶ୍ରୀଜଗନ୍ନାଥଙ୍କର ଉତ୍ସବମୁଖର ଏହି ଗୁଣ୍ଡିଚା ଯାତ୍ରା କେବଳ ଓଡ଼ିଶା କାହିଁକି ବିଶ୍ୱର ଏକ ସହସ୍ର ଅଶ୍ୱମେଧ ଯଜ୍ଞର ଫଳ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ତେଣୁ ପୁରାଣମାନଙ୍କରେ କୁହାଯାଇଛି - ଶ୍ରୀମନ୍ଦିରରେ ଦଶବର୍ଷ ଦର୍ଶନ କଲେ ଯାହା ଫଳ ମିଳେ ଗୁଣ୍ଡିଚା ମନ୍ଦିରରେ ଏକ ଦିବସ ଦର୍ଶନରେ ସେତିକି ଫଳ ଲାଭ ହୁଏ।

କାଳାତୀତ ଶ୍ରୀଜଗନ୍ନାଥଙ୍କ କାଳ ନିର୍ଣ୍ଣୟ ଯେପରି ଏ ଯାବତ୍ ସମ୍ଭବ ହୋଇପାରିନାହିଁ। ସେହିପରି ମାନବ କଲ୍ୟାଣକାରୀ ଘୋଷଯାତ୍ରାର କାଳ ଓ କର୍ତ୍ତା ଅଦ୍ୟାବଧି ନିରୂପଣ କରାଯାଇ ପାରିନାହିଁ। ବୈଦିକ ସଂସ୍କୃତି, ଶାବର ସଂସ୍କୃତି ବା ବୌଦ୍ଧ ସଂସ୍କୃତି ଯେଉଁ ସଂସ୍କୃତିରୁ ଘୋଷଯାତ୍ରା ଜନ୍ମ ନେଉନା କାହିଁକି ସକଳ ସଂସ୍କୃତିର ସମନ୍ୱୟ ଭାବଧାରାରେ ଏହାର ପ୍ରକାଶ ଓ ବିଶ୍ୱ ସଂସ୍କୃତିରେ ଏହାର ବିକାଶ। ମହାପ୍ରଭୁଙ୍କ ଚକାଆଖିରେ ସଭିଏଁ ସମାନ। ମାନବ ସମାଜକୁ ବିଶ୍ୱସଂସ୍କୃତିର ମହାମନ୍ତ୍ର ଅର୍ଥାତ୍ ସାମ୍ୟ, ମୈତ୍ରୀ ଓ ବିଶ୍ୱ ଭ୍ରାତୃତ୍ୱର ମହାମନ୍ତ୍ରରେ ଉଦ୍‌ବୁଦ୍ଧ କରାଇବା ହିଁ ଘୋଷଯାତ୍ରାର ମହତ ଲକ୍ଷ୍ୟ। ଘୋଷଯାତ୍ରା ବିଶ୍ୱ ସଂସ୍କୃତିରେ ସାମ୍ୟ, ମୈତ୍ରୀ, ପ୍ରୀତି ଓ ଶାନ୍ତିର ମନ୍ଦାକିନୀ ପ୍ରବାହିତ କରାଇ ବିଶ୍ୱବାସୀଙ୍କ ମଧ୍ୟରେ ବିଶ୍ୱାସ ଚେତନାର ଉନ୍ମେଷ ଘଟାଇ ପାରିଛି। ଘୋଷଯାତ୍ରା ପ୍ରାଚୀନ ଯୁଗରୁ ବିଶ୍ୱ ସଂସ୍କୃତିକୁ ପ୍ରଭାବିତ କରି ଗଣସଂସ୍କୃତିର ପୃଷ୍ଠପଟ୍ଟରେ ପ୍ରତିଷ୍ଠିତ ତଥା ବିଶ୍ୱ ଜନମାନସରେ ସର୍ବଶ୍ରେଷ୍ଠ ସାଂସ୍କୃତିକ ଆକର୍ଷଣ ରୂପେ ମହିମାବନ୍ତ। ମହନୀୟତା ହେଉଛି ଏହି ଗଣମହୋତ୍ସବରେ ମାନବବାଦ ସାକାର ରୂପ ଗ୍ରହଣ କରିଛି ଏବଂ ସକଳ ସଂସ୍କୃତିର ମହାମିଳନରେ ଏହା ଏକ ଲୋକକଲ୍ୟାଣକାରୀ ଗଣପର୍ବର ମାନ୍ୟତା ଲାଭ କରିଛି। ବିଶ୍ୱ ମୈତ୍ରୀ ହିଁ ଘୋଷଯାତ୍ରାର ଦିବ୍ୟସନ୍ଦେଶ। ମାନବ ଧର୍ମର ଭିତ୍ତିଭୂମି ଉପରେ ଏହା ପ୍ରତିଷ୍ଠିତ ଏବଂ ବିଶ୍ୱରେ ପ୍ରଚଳିତ ସକଳଧର୍ମ ମତକୁ ଅଙ୍ଗୀଭୂତ କରି ବିଶ୍ୱର ମଙ୍ଗଳ ବିଧାନ ପୂର୍ବକ ମଙ୍ଗଳଯାତ୍ରା ବା ଘୋଷଯାତ୍ରା ନାମରେ ମହିମାମଣ୍ଡିତ।

କୁଚିଣ୍ଡା, ସମ୍ବଲପୁର

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆମେରିକାର ପାଟ୍ରିଅଟ୍...

କରୁଥିବା ନେଇ ପର୍ଯ୍ୟାପ୍ତ ପ୍ରମାଣ ମିଳିଛି। ଏହି ନିଷ୍ପତ୍ତି ପରେ ବ୍ରିଟେନରେ ଏହି ସଂଗଠନକୁ ସମର୍ଥନ କରିବା ଏକ ଅପରାଧ ବୋଲି ଗଣ୍ୟ ହେବ। ବ୍ରିଟେନ ମାଟିରେ ଇରାନୀ ସାମ୍ବାଦିକମାନଙ୍କୁ ହତ୍ୟା କରିବାର ଚକ୍ରାନ୍ତ ଏବଂ ସାଇବର ଆକ୍ରମଣ ଭଳି ଘଟଣା ସାମ୍ନାକୁ ଆସିବା ପରେ ଏହି ପଦକ୍ଷେପ ନିଆଯାଇଛି।

### ପୁଣି ବନ୍ଦହେଲା...

ମୋଡ଼ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ସେ ଘୋଷଣା କରିଛନ୍ତି ଯେ ଏବେ ଠାରୁ ହର୍ମୁଜ ସମୁଦ୍ର ପଥ ଆମେରିକା ନୌସେନା ଅକ୍ତିଆରରେ ରହିବ। ହର୍ମୁଜ ପରିଚାଳନା ଭାର ଆମେରିକା ହାତରେ ରହିବ। କୌଣସି ବାଣିଜ୍ୟିକ ଜାହାଜ ନିରାପଦେରେ ଯାତାୟାତ କରିବାକୁ ଚାହିଁଲେ ଏହାଠାରୁ ୨୦ ପ୍ରତିଶତ ଶୁଳ୍କ ଆଦାୟ କରାଯିବ। ଟ୍ରମ୍ପଙ୍କ ଏହି ଘୋଷଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଇରାନ କହିଛି ଯେ ଟ୍ରମ୍ପ ନିଆଁ ସହିତ ଖେଳୁଛନ୍ତି। ହର୍ମୁଜ ହେଉଛି ଇରାନର ଏବଂ ଏହାର ପରିଚାଳନା ଦାୟିତ୍ୱ ମଧ୍ୟ ଇରାନ ହାତରେ ରହିଛି। ଏଥିରେ କାହାରି ହସ୍ତକ୍ଷେପକୁ ବରଦାସ୍ତ କରାଯିବ ନାହିଁ। ଆମେରିକାର ହସ୍ତକ୍ଷେପକୁ ମଧ୍ୟ କୌଣସି ପରିସ୍ଥିତିରେ ଗ୍ରହଣ କରାଯିବ ନାହିଁ। ଉପସାଗରରେ କୌଣସି ଦେଶ ଏହି ମାମଲାରେ ଆମେରିକାକୁ ସହଯୋଗ କଲେ ଏହାକୁ ଆକ୍ରମଣ ବୋଲି ବିଚାର କରାଯିବ। ଆଜିର ଏହି ଘଟଣା ପରେ ଉଭୟ ଇରାନ ଏବଂ ଆମେରିକା ପୁଣି ମୁହାଁମୁହିଁ ହୋଇଛନ୍ତି।

### ତଦନ୍ତର ଷ୍ଟାଟସ୍...

ଏହି ଟିମ୍ ମନ୍ଦିରର ଆୟ-ବ୍ୟୟ ସମ୍ପର୍କିତ ନଥିପତ୍ରର ଯାଞ୍ଚ କରିବା ସହ ଟ୍ରଷ୍ଟର କର୍ମକର୍ତ୍ତା ଓ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ପଚରାଉଚରା କରୁଛି। ସର୍ବୋଚ୍ଚ ନ୍ୟାୟାଳୟ ଏହି ସମ୍ବେଦନଶୀଳ ମାମଲାରେ ଏସଆଇଟି ତଦନ୍ତର ଷ୍ଟାଟସ ରିପୋର୍ଟ ପରଖିବା ପରେ ହିଁ ସିବିଆଇ ତଦନ୍ତ ସମ୍ପର୍କରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ସ୍ପଷ୍ଟ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସୋମବାର ଦିନ ଧାର୍ଯ୍ୟ କରାଯାଇଛି।

କୋଟି କୋଟି ଟଙ୍କାର ଏହି ଚାନ୍ଦା ଚୋରି ଘଟଣାରେ ୮ ଜଣ ଟ୍ରଷ୍ଟ କର୍ମଚାରୀ ଗିରଫ ହୋଇଥିବା ବେଳେ ବରିଷ୍ଠ କର୍ମକର୍ତ୍ତାଙ୍କୁ କ୍ଷମତାଚ୍ୟୁତ କରାଯାଇଛି। ଇତିମଧ୍ୟରେ ମନ୍ଦିର ଟ୍ରଷ୍ଟ ଲାଗି ଜଣେ ସିଇଓ ନିଯୁକ୍ତି ପାଇଁ ସ୍ଥିର ହୋଇଛି। ଏଥିପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କ ଠାରୁ ଆବେଦନ ଆହ୍ୱାନ କରାଯାଇଛି। ମନ୍ଦିର ପରିଚଳାନାକୁ ସୁଦୃଢ଼ କରିବା ଲାଗି ଟ୍ରଷ୍ଟ ଏହି ପଦକ୍ଷେପ ନେଇଛି। ଟ୍ରଷ୍ଟ ପକ୍ଷରୁ କୁହାଯାଇଛି ଯେ କେବଳ ହିନ୍ଦୁ ଧର୍ମାବଲମ୍ବୀ ଏହି ପଦ ଲାଗି ଆବେଦନ କରିପାରିବେ ଏବଂ ସେମାନଙ୍କର ବୟସ ୫୦ରୁ ୭୦ ବର୍ଷ ହୋଇଥିବ।

### ଆସୁଛି ଲଘୁଚାପ...

ଆଇଏମ୍‌ଡି ନିର୍ଦ୍ଦିଷ୍ଟ ଭାବେ କୌଣସି ସୂଚନା ଦେଇ ନ ଥିଲେ ମଧ୍ୟ ମଙ୍ଗଳବାରଠାରୁ ରାଜ୍ୟରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୧୪-୧୫ ତାରିଖରେ ରାଜ୍ୟର ଅଧିକାଂଶ ଅଞ୍ଚଳରେ ବର୍ଷା ହେବାକୁ ଥିବା ବେଳେ କିଛି କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଏହି କ୍ରମରେ ୧୪ ତାରିଖ କନ୍ଧମାଳରେ ସବୁଠୁ ଅଧିକ ବର୍ଷା ହୋଇପାରେ। ଅନୁରୂପ ଭାବରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ବଲାଙ୍ଗିର, କଳାହାଣ୍ଡି, ରାୟଗଡ଼ା ଓ ନୟାଗଡ଼ରେ ମଧ୍ୟ ଭଲ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

### ୧୧ ପ୍ରସଙ୍ଗରେ ଗର୍ଜିବ...

ପାଠପଢ଼ା ବହିରେ ସାଂଘାତିକ ତ୍ରୁଟି ପରି ପ୍ରସଙ୍ଗ ସଂସଦରେ ଉଠାଇବାକୁ ନିଷ୍ପତ୍ତି ହୋଇଛି। ଅନୁରୂପ ଭାବରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି, ମହାନଦୀ ଓ ପୋଲଭାରମ୍ ବିବାଦରେ ରାଜ୍ୟ ସ୍ୱାର୍ଥହାନୀ, ଗ୍ରାମାଞ୍ଚଳ ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଦୁର୍ବଳ ଯୋଗାଯୋଗ ବ୍ୟବସ୍ଥା ସମ୍ପର୍କରେ ବିଜେଡି କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହାର ସମାଧାନ ପାଇଁ ଦୃଢ଼ ଦାବି ରଖିବ। ଦଳର ସଭାପତି ନବୀନ ପଟ୍ଟନାୟକ ଏ ସଂକ୍ରାନ୍ତରେ ସାଂସଦମାନଙ୍କୁ ନିର୍ଦ୍ଦିଷ୍ଟ ଭାବରେ ପରାମର୍ଶ ଦେଇଛନ୍ତି।

ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ମାନସ ରଞ୍ଜନ ମଙ୍ଗରାଜଙ୍କ ସୂଚନା ଅନୁସାରେ ରବିବାର ନବୀନ ନିବାସରେ ଦଳର ସୁପ୍ରିମୋ ତଥା ସଂସଦୀୟ ବୋର୍ଡ ଅଧ୍ୟକ୍ଷ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବର୍ତ୍ତମାନ ସମୟରେ ରାଜ୍ୟର ବିଭିନ୍ନ ସମସ୍ୟା, ଡବଲ ଇଞ୍ଜିନ ସରକାରରେ ଓଡ଼ିଶାବାସୀ ସମ୍ମୁଖୀନ ହେଉଥିବା ପ୍ରସଙ୍ଗ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଛି। ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରତିଟି ପ୍ରସଙ୍ଗକୁ ସଂସଦରେ ଦୃଢ଼ ସ୍ୱରରେ ଉପସ୍ଥାପନ କରିବାକୁ ସୁପ୍ରିମୋ ପରାମର୍ଶ ଦେଇଛନ୍ତି। ସମ୍ପ୍ରତି ରାଜ୍ୟରେ ଚାଷୀମାନେ ନାହିଁ ନ ଥିବା ଅସୁବିଧା ସାମ୍ନା କରୁଛନ୍ତି। ରାଜ୍ୟରେ ରବିଧାନ ବିକ୍ରି ହୋଇ ପାରିନାହିଁ, ଖରିଫ ଚାଷ ପାଇଁ ସାର ଓ ବିହନ ମିଳୁନାହିଁ। ମଣ୍ଡିରେ ଚାଷୀଙ୍କୁ ଦହଗଞ୍ଜ କରାଯାଉଛି, ମନଇଚ୍ଛା କଟନୀ ଛଟନୀ ଚାଲିଛି, ଉଦ୍ଦେଶ୍ୟମୂଳକ ଭାବରେ ଚାଷୀଙ୍କ ଧାନ ଉଠାଯାଉ ନାହିଁ। ଏହି ପ୍ରସଙ୍ଗକୁ ସଂସଦରେ ବିଜେଡି ଉଠାଇବ। ଅନ୍ୟପକ୍ଷରେ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି। ମହିଳାଙ୍କ ସୁରକ୍ଷା ବିପନ୍ନ, ଭିଡ଼ ହିଂସା ରାଜ୍ୟବାସୀଙ୍କୁ ଭୟଭୀତ କଲାଣି। ବୃଦ୍ଧ, ବୃଦ୍ଧାଙ୍କୁ ସମୟ ମଧ୍ୟରେ ଭତ୍ତା ଟଙ୍କା ମିଳୁନାହିଁ। ମାସମାସ ଧରି ଲୋକମାନେ ଭତ୍ତା ପାଉ ନାହାନ୍ତି, ଏପରିକି ଭତ୍ତା ନ ପାଇ କିଛି ଆତ୍ମହତ୍ୟା ବି କରିଛନ୍ତି। ଅନ୍ୟପକ୍ଷରେ ସାରା ଦେଶରେ ନିଟ୍ ପେପର ଲିକ୍ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଏହା ଦେଶର ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ପ୍ରଭାବିତ କରୁଛି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ଚରମ ବିସଙ୍ଗତି ଦେଖାଦେଇଛି। ସରକାରଙ୍କ ପକ୍ଷରୁ ମୁଦ୍ରିତ ପାଠ୍ୟ ପୁସ୍ତକରେ ୧୬୭୨ରୁ ଅଧିକ ତ୍ରୁଟି ରହିଛି। ଏହାକୁ ବିଜେଡି ଆଦୌ ସହ୍ୟ କରିବ ନାହିଁ। ପୁନଶ୍ଚ ମହାନଦୀ, ପୋଲାଭରମ୍ ସହ ଓଡ଼ିଶାର ସ୍ୱାର୍ଥ ଜଡ଼ିତ ଥିବାବେଳେ ଉଭୟ ପ୍ରସଙ୍ଗରେ ଓଡ଼ିଶାକୁ ଏଯାବତ୍ ନ୍ୟାୟ ମିଳିପାରିଲା ନାହିଁ। ସେହିପରି ୨୦୧୨ ମସିହାରୁ କୋଇଲାର ରାଜଭାଗ ସଂଶୋଧନ ସହ ବୃଦ୍ଧି ପାଇଁ ବିଜେଡି ଦାବି କରି ଆସୁଛି। ଓଡ଼ିଶା ଦେଶକୁ ସର୍ବାଧିକ କୋଇଲା ଯୋଗାଉଛି। ତେଣୁ ଅଧିକ ରାଜଭାଗ ପାଇବା ପାଇଁ ଓଡ଼ିଶା ଯୋଗ୍ୟ ଅଟେ। ମାତ୍ର ଏହାକୁ ମଧ୍ୟ କେନ୍ଦ୍ର ସରକାର କର୍ଣ୍ଣପାତ କରୁନାହାନ୍ତି। ରାଜ୍ୟର ଦୁର୍ଗମ ଯଥା ଗ୍ରାମାଞ୍ଚଳ ଏବଂ ଆଦିବାସୀ ଅଞ୍ଚଳରେ ଏବେସୁଦ୍ଧା ସବୁଦିନିଆ ଯୋଗାଯୋଗ ବ୍ୟବସ୍ଥା ହୋଇପାରି ନାହିଁ। ଏସବୁ ପ୍ରସଙ୍ଗ ସଂସଦରେ ନିଶ୍ଚିତ ଭାବରେ ଉତ୍ଥାପନ କରାଯିବ। ଏହାବ୍ୟତୀତ ଲଗାତାର ଭାବେ ଦେଶ ତଥା ରାଜ୍ୟରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ବଢ଼ିଚାଲିଛି। ମାତ୍ର ଏହା ଉପରେ ନିୟନ୍ତ୍ରଣ ଆଣିବା ପାଇଁ ସେପରି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ସଂସଦରେ ଏନେଇ ବିଜେଡିର ସାଂସଦମାନେ ସ୍ୱର ଉତ୍ତୋଳନ କରିବା ସହ ଜୋରଦାର୍ ମତ ରଖିବେ ବୋଲି ସେ କହିଛନ୍ତି। ଏହି ବୈଠକରେ ଶ୍ରୀ ମଙ୍ଗରାଜଙ୍କ ବ୍ୟତୀତ ଡ. ସସ୍ମିତ ପାତ୍ର, ସୁଲତା ଦେଓ ଓ ସୁଭାଶିଷ ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ।

### ଚିକିତ୍ସା ଆଳରେ...

ଅନୁଯାୟୀ ଜନୈକ ନାବାଳିକାଙ୍କ ଦେହ ଅସୁସ୍ଥ ଥିବାରୁ ଚିକିତ୍ସା ନିମନ୍ତେ ଜିରାବାଡି ମୁଖ୍ୟ ରାସ୍ତା କଡ଼ରେ ଥିବା ଏକ ବେସରକାରୀ କ୍ଲିନିକକୁ ରବିବାର ସନ୍ଧ୍ୟା ପ୍ରାୟ ୬ଟା ବେଳେ ଝିଅକୁ ନେଇ ଯାଇଥିଲେ। ସେଠାରେ ଚିକିତ୍ସା କରୁଥିବା ଆୟୁଷ ଡାକ୍ତର ସମୀର ପ୍ରଧାନ ଏକ ଘଣ୍ଟା ପରେ ନାବାଳିକାର ଚିକିତ୍ସା କରିବି କହିବାରୁ ମା ଝିଅକୁ ଧରି ଘରକୁ ଫେରି ଯାଇଥିଲେ। ପୁଣି ଚିକିତ୍ସା ନିମନ୍ତେ ରାତି ୮ଘଣ୍ଟିକା ସମୟରେ ନାବାଳିକା ଝିଅକୁ ନେଇ ମାଆ ପୁନଶ୍ଚ ବେସରକାରୀ କ୍ଲିନିକକୁ ଆସିଥିଲେ। ଆୟୁଷ ଡାକ୍ତର ସମୀର ଚିକିତ୍ସା କରିବା ବାହାନାରେ ମାଆଙ୍କୁ କ୍ଲିନିକ ବାହାରେ ବସାଇ ନାବାଳିକା ଝିଅକୁ ଏକୁଟିଆ କୋଠରୀ ଭିତରକୁ ନେଇଥିଲେ। କ୍ଲିନିକରେ କେହି ନଥିବାର ସୁଯୋଗ ପାଇ ଦୁଷ୍କର୍ମ କରିଥିଲେ। ଏହାର ୩୦ ମିନିଟ ପରେ ନାବାଳିକା ଜଣକ କାନ୍ଦି କାନ୍ଦି ଘରକୁ ଯାଇଥିଲେ। ମାଆ ପଚାରିବାରୁ ତାଙ୍କ ସହିତ ଘଟିଥିବା ସମସ୍ତ ଘଟଣା ବଖାଣିଥିଲେ। ଦୁଷ୍କର୍ମ ଘଟଣା ବାହାରେ ପ୍ରଘଟ କଲେ ହତ୍ୟା ଧମକ ଦେଇଥିବା ଭଳି ସଂଗୀନ ଅଭିଯୋଗର ସବିଶେଷ ତଥ୍ୟ ଏତଲାରେ ଉଲ୍ଲେଖ ହୋଇଥିବା ସୂଚନା ରହିଛି। ଖବର ପାଇ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କାଙ୍କ ସମେତ ଅନ୍ୟାନ ଥାନା କର୍ମଚାରୀ ଜିରାବାଡି ସ୍ଥିତ କ୍ଲିନିକ ପହଞ୍ଚି ଆୟୁଷ ଡାକ୍ତର ସମୀର କୁମାର ପ୍ରଧାନକୁ ଥାନାରେ ଆଣି ଅଟକ ରଖିଥିଲେ। ତଦନ୍ତ ପରେ ଆଜି ଉଭୟ ଡାକ୍ତର ଏବଂ ନାବାଳିକାଙ୍କ ଡାକ୍ତରୀ ମାଇନା ପରେ ଡାକ୍ତର ସମୀରକୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା ସୂଚନା ଦେଇଛନ୍ତି।

### ରଥଯାତ୍ରାରେ ସଂକ୍ରମଣ...

ଭଳି ପଦକ୍ଷେପ ସମ୍ପର୍କରେ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ। ଜଣେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିଛନ୍ତି ଯେ ରଥଯାତ୍ରା ସମୟରେ ସାମାଜିକ ଦୂରତା ରଖିବା ସମ୍ଭବ ନୁହେଁ। ତେଣୁ ପୂର୍ବରୁ ପ୍ରତିଷେଧକ ବ୍ୟବସ୍ଥା କରିବା ଜରୁରୀ। ଆନ୍ଧ୍ରରୁ ଆସୁଥିବା ବସ୍ ଗୁଡ଼ିକରେ ରାଣ୍ଡମ ଟେଷ୍ଟିଂ, ପୁରୀ ପ୍ରବେଶ ଦ୍ୱାରରେ ସଚେତନତା ଷ୍ଟଲ୍, ହସ୍ପିଟାଲରେ ଅକ୍ସିଜେନ୍ ଓ ଔଷଧ ମହଜୁଦ ରଖିବା ଆବଶ୍ୟକ। ଅନୁରୂପ ଭାବରେ ଜଣେ ଭକ୍ତ ରବୀନ୍ଦ୍ର ପରିଡ଼ା କହିଛନ୍ତି ଯେ ଆମେ ପ୍ରଭୁଙ୍କ ଦର୍ଶନ ପାଇଁ ଉତ୍ସାହିତ, କିନ୍ତୁ ସ୍ୱାସ୍ଥ୍ୟ ସୁରକ୍ଷା ବି ଦରକାର। ସରକାର ଯଦି ଏବେଠାରୁ ପଦକ୍ଷେପ ନିଅନ୍ତି ତେବେ ପରେ ପରିସ୍ଥିତି ହାତ ବାହାରକୁ ଯାଇପାରେ। ତେଣୁ ଆଗୁଆ ସତର୍କତା ଅବଲମ୍ବନ କରିବା ବୁଦ୍ଧିମତାର କାର୍ଯ୍ୟ ହେବ ବୋଲି ସେ କହିଛନ୍ତି।

### ସନ୍ଦିଗ୍ଧ ରୋଗୀଙ୍କ ଉପରେ...

ସେହିପରି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଆବଶ୍ୟକ ପରୀକ୍ଷା ସାମଗ୍ରୀ, ଔଷଧ ଓ ଅନ୍ୟାନ୍ୟ ପ୍ରସ୍ତୁତି ସୁନିଶ୍ଚିତ କରିବା ସହ ସନ୍ଦିଗ୍ଧ ରୋଗୀଙ୍କ ଉପରେ କଡ଼ା ନଜର ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସଂକ୍ରମଣ ଚିହ୍ନଟ ହେଲେ ପ୍ରଚଳିତ କୋଭିଡ ନିୟମାବଳୀ ଅନୁସାରେ ଚିକିତ୍ସା ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଥିବା ଡ଼ା. ମିଶ୍ର କହିଛନ୍ତି। ପଡ଼ୋଶୀ ରାଜ୍ୟରେ ସଂକ୍ରମଣ ବଢୁଥିବାରୁ ଗଞ୍ଜାମରେ କୌଣସି ପ୍ରକାର ଅବହେଳା ନକରି ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସଜାଗ ରଖାଯାଇଛି। ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ଯିବା ଆସିବା କରୁଥିବା ବ୍ୟକ୍ତିଙ୍କ ଉପରେ ନଜର ରଖିବା ସହ ଆବଶ୍ୟକ ସ୍ଥଳେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ ଆଗକୁ ପବିତ୍ର ରଥଯାତ୍ରା ରହିଥିବା ବେଳେ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ତୀକ୍ଷ୍ଣ ନଜର ରଖିବାକୁ କୁହାଯାଇଛି। ଏକ୍ଷେତ୍ରରେ ଯେଭଳି କୌଣସି ଅବହେଳା ନହୁଏ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କଡା ନିର୍ଦ୍ଦେଶନାମା ଜାରି କରାଯାଇଛି।

## ବାଲେଶ୍ୱର ଜିଲ୍ଲା ଓ ଦୌରାଜଜ କୋର୍ଟକୁ ବୋମାରେ ଉଡ଼ାଇଦେବାକୁ ଧମକ

ବାଲେଶ୍ୱର,୧୩।୭ (ସମିସ): ପ୍ରତିରକ୍ଷା ଓ ଆଭ୍ୟନ୍ତରୀଣ ସୁରକ୍ଷା ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ସହର ହେଉଛି ବାଲେଶ୍ୱର। ବୋମା ଆତଙ୍କକୁ ନେଇ ଆଜି ଦିନ ତମାମ ଚର୍ଚ୍ଚାରେ ବାଲେଶ୍ୱର। ବାଲେଶ୍ୱର ଜିଲ୍ଲା ଓ ଦୌରା ଜଜଙ୍କ କୋର୍ଟକୁ ବୋମା ଲଗାଇ ଉଡେଇ ଦେବାକୁ ଆସିଲା ଧମକ। ଉତ୍ତରପ୍ରଦେଶ ଲକ୍ଷ୍ନୌରୁ ଇ-ମେଲ ମାଧ୍ୟମରେ ଏଭଳି ଧମକପୂର୍ଣ୍ଣ ଇ-ମେଲ ଆସିବା ପରେ ବାଲେଶ୍ୱର କୋର୍ଟ ପରିସରରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏହି ସୂଚନା ପ୍ରସାରିତ ହେବା ପରେ କୋର୍ଟ ହଲ୍ ପରିସରରୁ ଜଜ, କୋର୍ଟ କର୍ମଚାରୀ ଓ ଓକିଲମାନେ ବାହାରକୁ ପଳେଇ ଆସିଥିଲେ। ବାଲେଶ୍ୱର ପୁଲିସ ସୂଚନା ପାଇବା ପରେ କୋର୍ଟ ପରିସରକୁ ଖାଲି କରାଇବା ପରେ ଘଟଣାର ଛାନଭିନ ଚଳାଇଥିଲା। କୋର୍ଟ ପରିସରରେ ବୋମା ନିଷ୍କ୍ରିୟକାରୀ ଟିମ୍ ଓ ବହୁ ସଂଖ୍ୟକ ପୁଲିସ ଫୋର୍ସ ପହଞ୍ଚି ତଲାସି ଅଭିଯାନ ଚଳାଇଥିଲେ। ବୋମା ଧମକ ପରେ କୋର୍ଟ ପରିସରକୁ ସୁରକ୍ଷା ଦୃଷ୍ଟିକୋଣରୁ ପ୍ରବେଶ ନିଷେଧ କରାଯାଇଥିଲା। କୋର୍ଟ ପରିସରର କୋଣ ଅନୁକୋଣ ଜୋରଦାର ସର୍ଚ୍ଚ ଅପରେସନ କରାଯାଇଛି। ତେବେ କୋର୍ଟ ପରିସରରୁ ସେମିତି କୌଣସି ସନ୍ଦେହଜନକ ବସ୍ତୁ ମିଳିବାର ନଜର ଆସିନାହିଁ। ତେବେ କୋର୍ଟ ପରିସରର ସୁରକ୍ଷା ବଳୟକୁ ବଢ଼ାଯାଇଛି। କୋର୍ଟର ମେଲ ଆଇଡିରେ ଆସିଥିବା ଧମକପୂର୍ଣ୍ଣ ଇ-ମେଲ ପଛରେ କେଉଁ ଆତଙ୍କବାଦୀ ସଂଗଠନ କି ଆତତାୟୀଙ୍କ ହାତ ରହିଛି ସେନେଇ ବାଲେଶ୍ୱର ସାଇବର ପୁଲିସ ତନାଘନା ଚଳାଇଛି। ସହଦେବଖୁଣ୍ଟା ପୁଲିସ ସମେତ ଅତିରିକ୍ତ ଏସପି ଦେବଜ୍ୟୋତି ଦାଶ ଘଟଣାର ତଦନ୍ତ କରିଛନ୍ତି।

## ଗୁରୁଜୀଙ୍କ ନେତୃତ୍ୱରେ ଗୁରୁଗ୍ରାମ ରଥଯାତ୍ରା; ଯୋଗଦେବେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୧୩।୭ (ସମିସ): ନୂଆଦିଲ୍ଲୀ ଉପକଣ୍ଠ ଗୁରୁଗ୍ରାମସ୍ଥିତ 'ସାଇ କା ଆଙ୍ଗନ୍'ରେ ରଥଯାତ୍ରା ଉତ୍ସବ ଆୟୋଜନ ପାଇଁ ପ୍ରସ୍ତୁତି କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବିଶିଷ୍ଟ ଆଧ୍ୟାତ୍ମିକ ଚିନ୍ତକ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ପ୍ରେରଣା ଓ ମାର୍ଗଦର୍ଶନରେ ଏଠାରେ ଆରମ୍ଭ ହୋଇଥିବା ରଥଯାତ୍ରା ସ୍ଥାନୀୟ ଅଧିବାସୀ ତଥା ଦେଶ ବିଦେଶର ଅଗଣିତ ଅନୁଗାମୀଙ୍କ ପାଇଁ ଏବେ ଆକର୍ଷଣର କେନ୍ଦ୍ର ପାଲଟିଛି। ରଥଯାତ୍ରା ଉତ୍ସବ ଅବସରରେ ଓଡ଼ିଶାର ସଂସ୍କୃତି, କଳା ଓ ପରମ୍ପରାର ଉତ୍କୃଷ୍ଟତା ପ୍ରଦର୍ଶନ ପୂର୍ବକ ପ୍ରକାର ପ୍ରକାର ଷ୍ଟଲ ସହ ବିବିଧ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

### ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଓ ବିରୋଧୀଦଳ ନେତାଙ୍କ ଶୁଭେଚ୍ଛା

ନୂଆଦିଲ୍ଲୀ ତଥା ଜାତୀୟ ରାଜଧାନୀ ପରିସର ଅଞ୍ଚଳ (ଏନସିଆର) ମଧ୍ୟରେ ଏଠାରେ ସର୍ବାଧିକ ଉଚ୍ଚତା ବିଶିଷ୍ଟ ରଥ ନିର୍ମିତ ହେଉଥିବା ଜଣାପଡ଼ିଛି। କେନ୍ଦ୍ର ମନ୍ତ୍ରୀ ଜୁଏଲ୍ ଓରାମ୍ ଚଳିତବର୍ଷ ଏହି ଉତ୍ସବରେ ଯୋଗଦେଉଥିବାବେଳେ ବହୁ ବିଶିଷ୍ଟ ଓ ଗଣ୍ୟମାନ୍ୟ ବ୍ୟକ୍ତି ଏହି ପବିତ୍ର ଅବକାଶରେ ସାମିଲ ହେଉଥିବା ସୂଚନା ମିଳିଛି।

ମୁଖମନ୍ତ୍ରୀ ମୋହନ ଚରଣ ମାଝି ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ପ୍ରେରଣାରେ ଗୁରୁଗ୍ରାମରେ ରଥଯାତ୍ରା ଉତ୍ସବ ଆୟୋଜିତ ହେବା ଅତ୍ୟନ୍ତ ଆନନ୍ଦର ବିଷୟ ବୋଲି ଉଲ୍ଲେଖ କରିଛନ୍ତି। ସେ ଏକ ବାର୍ତ୍ତା ପଠାଇ କହିଛନ୍ତି ଯେ ଓଡ଼ିଶା ବାହାରେ ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଭକ୍ତି, ଶାନ୍ତି ଓ ସଦ୍‌ଭାବର ସ୍ରୋତ ପ୍ରବାହିତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ଅବସରରେ ଗୁରୁଗ୍ରାମର ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ସେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ୍ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ଆଧ୍ୟାତ୍ମିକ ମାର୍ଗଦର୍ଶନରେ 'ସାଇ କା ଆଙ୍ଗନ୍'ଠାରେ ଭକ୍ତି ଓ ଆନନ୍ଦ ଉଲ୍ଲାସର ବାତାବରଣ ମଧ୍ୟରେ ଅନୁଷ୍ଠିତ ହେଉଥିବା ରଥଯାତ୍ରା ସାମ୍ୟ, ମୈତ୍ରୀ, ଆସ୍ଥା ଓ ନିଃସ୍ୱାର୍ଥପର ସେବାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ବୋଲି ମତ ପ୍ରକାଶ କରିଛନ୍ତି।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏକ ବାର୍ତ୍ତାରେ ଗୁରୁଜୀ ଡ. ଶତପଥୀଙ୍କର ମାର୍ଗଦର୍ଶନରେ ହେଉଥିବା ଏହି ରଥଯାତ୍ରା ଉତ୍ସବ ସମସ୍ତଙ୍କ ଜୀବନରେ ଶାନ୍ତି, ସୁଖ ଓ ସମୃଦ୍ଧି ଆଣିଦେଉ ବୋଲି କାମନା କରିଛନ୍ତି।

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ତାଙ୍କର ଶୁଭେଚ୍ଛା ଜଣାଇ ଏକ ବାର୍ତ୍ତା ପଠାଇଛନ୍ତି। ଭକ୍ତ ଓ ଭଗବାନଙ୍କର ମିଳନର ଏହି ପବିତ୍ର ଯାତ୍ରା ଗୁରୁଗ୍ରାମସ୍ଥିତ 'ସାଇ କା ଆଙ୍ଗନ୍'ରେ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହେଉଥିବା ଜାଣି ଅତ୍ୟନ୍ତ ଆନନ୍ଦିତ ବୋଲି ଉଲ୍ଲେଖ କରି ଏହି ଉତ୍ସବ ପ୍ରତ୍ୟେକଙ୍କ ଜୀବନରେ ସୁଖ, ଶାନ୍ତି ଓ ଦିବ୍ୟତାର ଆନନ୍ଦ ଭରିଦେଉ ବୋଲି କହିଛନ୍ତି।

ରଥଯାତ୍ରା ଉତ୍ସବ ଅବସରରେ ଓଡ଼ିଶାର ପାରମ୍ପରିକ କଳା, ସଂଗୀତ ଓ ନୃତ୍ୟର ପ୍ରଦର୍ଶନ ସହିତ ଓଡ଼ିଶାର ମହାନ୍ ଐତିହ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଗୁରୁଜୀଙ୍କ ମାର୍ଗଦର୍ଶନରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଓଡ଼ିଶାର ସୂପକାରମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରସାଦ ସମସ୍ତଙ୍କ ମଧ୍ୟରେ ବିତରଣ କରିବା ପାଇଁ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।


### AFFIDAVIT

By the virtue of an affidavit sworn before the Notary public, Phulbani, Kandhamal, Odisha. I, Kanaki Digal, W/o.: Tapan Kumar Behera, resident of At: Phiringia, PO.: Phiringia, P.S.: Phiringia, Dist.: Kandhamal, Odisha-762011, being the parent/legal guardian of my minor child, hereby declare that the name of my minor son has been changed from **Bijayaprasad Behera** to **Bijaya Kumar Behera.** Henceforth, my minor shall be known and called as **Bijaya Kumar Behera** for all purposes.

**Sd/- Kanaki Digal**

### AFFIDAVIT

I, Laxmikant Parhi, aged about 59 years, S/o- Upendra Prasad Parhi, resident of At- Acharya Nagar, Samaraipur, PO- Madhab Nagar, Dist- Bhadrak, PIN- 756181, Odisha declared by this affidavit No. 1391, dtd- 11/07/2026 that now onwards I shall be known as **LAXMIKANTA PARHI** for all future purposes.

### AFFIDAVIT

I, Shamim Khan, S/o- Meajan Khan, resident of Plot No-1143, Muslim Basti, Jharpada, Po-Budheswari Colony, P.S.-Laxmisagar, Bhubaneswar-751006, Odisha, declare by this affidavit No. 39, dated- 19/06/2026, that now onwards I shall be known as **Samim Khan** for all future purposes.

### AFFIDAVIT

By virtue of an affidavit sworn before Executive Magistrate, Uditnagar, Rourkela dated 17.06.2026 I, **Md Shadique Hussain**, S/o- Md Abid Hussain, resident of Koel Bank Khariabahal, Po.- Rourkela-4, PS.- Raghunathpalli, Dist.- Sundargarh, Odisha declare that in PAN Card my father's name has been wrongly mentioned as **Sabiha Khatoon** instead of **Md Abid Hussain.** I am the natural son of **Md Abid Hussain** in all records.

**Md Shadique Hussain**

### AFFIDAVIT

I, Abhilipsa Priyadarsini Padhi, aged about 23 years, D/o- Laxmikanta Parhi, resident of At- Flat No. C-3, Koustuv-1, Shanti Vihar, KIIT Square, PS- Infocity, Kalarahanga, Bhubaneswar, Dist- Khordha, PIN- 751024, Odisha declared by this affidavit No. 1392, dtd- 11/07/2026 that now onwards I shall be known as **ABHILIPSA PRIYADARSHINI** for all future purposes.

25001/721/2627 PHONE: OFF: (06852) 251763 Email: eerwkoraput@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: KORAPUT**
**No. 2396, Dated: 10.07.2026**

**1st CORRIGENDUM TO e-TENDER CALL NOTICE 04/2026-27**

1. Due to technical issues, the tender could not be published. The **Sl. No. 01 to 05 (05 Nos. of Road Works) the Online Tender No. 04/2026-27** of Rural Works Division, Koraput, have been **extended.**
2. **Special Repair to Podapadar–Tentuligumma Road of Boipariguda Block** (in this notice Sl. No. 05) **has been cancelled.**
3. In **Online Tender No. 03/2026-27** of Rural Works Division, Koraput, the **sale of tender paper** is hereby changed to **20.07.2026 to 31.07.2026**, instead of **30.06.2026 to 13.07.2026 & the new date of opening (Technical Bid) is 01.08.2026.**

**Executive Engineer**
**R.W. Division, Koraput**

OIPR-25001/25088/1/26-27/0005

25001/722/2627 PHONE: OFF: (06852) 251763 Email: eerwkoraput@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: KORAPUT**
**No. 2399, Dated: 10.07.2026**

**1st CORRIGENDUM TO e-TENDER CALL NOTICE 03/2026-27**

1. Due to technical issues, the tender could not be published. The **Sl. No. 01 to 23 (23 Nos. of Road Works) the Online Tender No. 03/2026-27** of Rural Works Division, Koraput and tender here **extended.**
2. **Periodical Mainrenance of Dumuriaguda to Gunjiguda Road of Koraput Block** (in this notice Sl. No.10) **has been cancelled.**
3. The **Online Tender No. 03/2026-27** of Rural Works Division, Koraput, the **sale of tender paper** is hereby changed to **17.07.2026 to 29.07.2026**, instead of **23.06.2026 to 03.07.2026 & the new date of opening on 30.07.2026.**

**Executive Engineer**
**R.W. Division, Koraput**

OIPR-25001/25088/1/26-27/0006

### ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ

**ଇ-ଟେଣ୍ଡର ବିଜ୍ଞପ୍ତି**

W/623/5/1/NIT। ତାରିଖ: 10/07/2026। କ୍ରମିକ ସଂଖ୍ୟା: 1। ଇ-ଟେଣ୍ଡର ନଂ.: RTM-2026-27-55। କାର୍ଯ୍ୟର ନାମ: ବକତାଲ ଷ୍ଟେସନରେ ପ୍ଲାଟଫର୍ମ ନଂ. 1 ଓ 2ର ଉଚ୍ଚତା ବୃଦ୍ଧି କରିବା ସହିତ 02ଟି ରାମ୍ପ ଲ୍ୟାଣ୍ଡିଂ ବିଶିଷ୍ଟ 04 ମିଟର ପ୍ରସ୍ଥର ଫୁଟ୍ ଓଭର ବ୍ରିଜ୍ (FOB) ନିର୍ମାଣ। ଆନୁମାନିକ ପରିମାଣ: ଟେଣ୍ଡର ସୂଚୀ ଅନୁଯାୟୀ। ଆନୁମାନିକ ମୂଲ୍ୟ: ଟ.7,15,47,538.29/-। ଅମାନତ ଜମା : ଟ.14,31,000.00/-। କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ। ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୦୯.୦୭.୨୦୨୬। ଟେଣ୍ଡର ଖୋଲିବା ତାରିଖ: ୦୩.୦୮.୨୦୨୬। କ୍ରମିକ ସଂଖ୍ୟା: 2। ଇ-ଟେଣ୍ଡର ନଂ.: RTM-2026-27-56। କାର୍ଯ୍ୟର ନାମ: ରତଲାମ ମଣ୍ଡଳ ଅନ୍ତର୍ଗତ ସିଂହସ୍ଥ–2028 ପାଇଁ ବିଭିନ୍ନ କାର୍ଯ୍ୟର କାର୍ଯ୍ୟାନ୍ୱୟନ, ଯଥା– (1) ବିକ୍ରମନଗର ଷ୍ଟେସନରେ ଅସ୍ଥାୟୀ ଯାତ୍ରୀ ଧାରଣ କ୍ଷେତ୍ର, ବର୍ତ୍ତମାନର FOBକୁ ଗୁଡ୍ସ ସେଡ୍ ପର୍ଯ୍ୟନ୍ତ ସମ୍ପ୍ରସାରଣ, ଶୌଚାଳୟ ଓ ପରିସ୍ରାଗାର ନିର୍ମାଣ, (2) ବିକ୍ରମନଗର ଷ୍ଟେସନରେ ଯାତ୍ରୀ ସୁବିଧା ସହିତ ଭିଡ଼ ଧାରଣ କ୍ଷେତ୍ର ନିର୍ମାଣ, (3) ପିଙ୍ଗଲେଶ୍ୱର ଷ୍ଟେସନରେ ଯାତ୍ରୀ ସୁବିଧା ସହିତ ଭିଡ଼ ଧାରଣ କ୍ଷେତ୍ର ନିର୍ମାଣ, (4) ପାଡାସା ଷ୍ଟେସନରେ PF-01, PF-02 ଓ PF-03ରେ ଅସ୍ଥାୟୀ ଯାତ୍ରୀ ଧାରଣ କ୍ଷେତ୍ର, ଶୌଚାଳୟ, ପରିସ୍ରାଗାର ଓ ଜଳ ବ୍ୟବସ୍ଥା କରିବା। ଆନୁମାନିକ ପରିମାଣ: ଟେଣ୍ଡର ସୂଚୀ ଅନୁଯାୟୀ। ଆନୁମାନିକ ମୂଲ୍ୟ: ଟ.45,68,48,245.70/-। ଅମାନତ ଜମା: ଟ.91,37,000.00/-। କାର୍ଯ୍ୟ ସମାପ୍ତି ଅବଧି: ୨୧ ମାସ। ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୦୯.୦୭.୨୦୨୬। ଟେଣ୍ଡର ଖୋଲିବା ତାରିଖ: ୧୦.୦୮.୨୦୨୬। କ୍ରମିକ ସଂଖ୍ୟା: 3। ଇ-ଟେଣ୍ଡର ନଂ.: RTM-2026-27-65। କାର୍ଯ୍ୟର ନାମ: ବକାନିଆଭୋରିରେ ଗୁଡ୍ସ ସେଡ୍ ପାଇଁ ଟ୍ରାକ୍ କାର୍ଯ୍ୟ। ଆନୁମାନିକ ପରିମାଣ: ଟେଣ୍ଡର ସୂଚୀ ଅନୁଯାୟୀ। ଆନୁମାନିକ ମୂଲ୍ୟ: ଟ.8,02,66,577.72/-। ଅମାନତ ଜମା: ଟ.16,05,300.00/-। କାର୍ଯ୍ୟ ସମାପ୍ତି ଅବଧି: ୧୫ ମାସ। ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୦୯.୦୭.୨୦୨୬। ଟେଣ୍ଡର ଖୋଲିବା ତାରିଖ: ୦୩.୦୮.୨୦୨୬। କ୍ରମିକ ସଂଖ୍ୟା: 4। ଇ-ଟେଣ୍ଡର ନଂ.: RTM-2026-27-66। କାର୍ଯ୍ୟର ନାମ: ବକାନିଆନ ଭାଉନରୀ ଷ୍ଟେସନରେ ରନିଂ ଷ୍ଟାଫଙ୍କ ପାଇଁ ବୈଦ୍ୟୁତିକ କାର୍ଯ୍ୟ ସମେତ ରନିଂ ରୁମ୍ ନିର୍ମାଣ। ଆନୁମାନିକ ପରିମାଣ: ଟେଣ୍ଡର ସୂଚୀ ଅନୁଯାୟୀ। ଆନୁମାନିକ ମୂଲ୍ୟ: ଟ.1,41,40,403.18/-। ଅମାନତ ଜମା: ଟ.2,82,800.00/-। କାର୍ଯ୍ୟ ସମାପ୍ତି ଅବଧି: ୧୦ ମାସ। ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୦୯.୦୭.୨୦୨୬। ଟେଣ୍ଡର ଖୋଲିବା ତାରିଖ: ୦୩.୦୮.୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ।

SNP-152

Like us on: facebook.com/WesternRly | Follow us on: x.com/WesternRly

यूनियन बैंक ऑफ़ इंडिया Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୯.୦୭.୨୦୨୬ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ପୋଲସରା ଶାଖା, ତହସିଲ ଅଫିସ୍ ନିକଟ, ମେନ୍ ରୋଡ୍, ପୋଲସରା, ଜିଲ୍ଲା: ଗଞ୍ଜାମ-୭୬୧୧୦୫, ମୋ.: ୭୯୭୮୭୧୦୪୫୨** | | |
| ୧. | **ଦିଲ୍ଲୀ ନାହାକ,** ପିତା: ଉଦୟ ନାହାକ, ସା: ଧୋୟାକଣା, ପୋ: ବାଲିଛାଇ, ପୋଲସରା, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୦୫ / **୦୪୫୩୧୬୬୩୦୦୦୧୨୭୬** | ୨୦.୦୦ | ୩୫.୭୦ |
| | **ବାଉଁଶଲୁଣ୍ଡି ଭଞ୍ଜନଗର ଶାଖା, ଇଣ୍ଡେନ୍ ଗ୍ୟାସ୍ ଅଫିସ୍ ସମ୍ମୁଖ, ବାଉଁଶଲୁଣ୍ଡି, ପୋ: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ - ୭୬୧୧୨୬, ମୋ.: ୭୯୭୮୦୭୯୧୩୬** | | |
| ୧. | **ମନୋଜ କୁମାର ରଣା,** ସା: ଲଣ୍ଡେଇସାହି, ଲାଲସିଙ୍ଗି, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୨୬ / **୧୯୮୪୨୬୫୪୦୦୦୨୬୮୮** | ୧୦.୨୦ | ୨୮.୭୦ |
| | **ସିନ୍ଦୁରିଆ ରୋଡ ନୟାଗଡ ଶାଖା, ପ୍ଲଟ୍ ନଂ.: ୧୮୮୧, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ, ମେନ୍ ରୋଡ, ସା/ପୋ/ଜିଲ୍ଲା: ନୟାଗଡ - ୭୫୨୦୬୯, ମୋ.: ୮୨୦୦୪୬୩୬୮୯** | | |
| ୧. | **ବିକାଶ ଶର୍ମା,** ପିତା: ରାଧାଶ୍ୟାମ ଶର୍ମା, ସା: ଶ୍ରୀ ଶ୍ୟାମ ଖଣ୍ଡପଡା ରୋଡ, ଜିଲ୍ଲା: ନୟାଗଡ, ପିନ୍ - ୭୫୨୦୨୪ / **୩୪୮୩୨୬୫୪୦୦୦୧୭୬୦** | ୪୬.୦୦ | ୬୨.୬୦ |
| ୨. | **ଲିଲି ସ୍ୱାଇଁ,** ସ୍ୱାମୀ: ବୁଲୁ ସ୍ୱାଇଁ, ସା: ଢ଼େଙ୍କଣା, ପୋ: ମାଳିସାହି, ଜିଲ୍ଲା: ନୟାଗଡ, ପିନ୍ - ୭୫୨୦୭୦ / **୩୪୮୩୨୬୫୪୦୦୦୧୭୩୮** | ୨୪.୦୦ | ୩୯.୦୦ |
| ୩. | **ପୁଲକ କୁମାର ବିଶ୍ୱାଳ,** ସା: ଦେବୋତ୍ତର କଲୋନୀ, ୪/୧ ଲେନ୍, ଜିଲ୍ଲା: ନୟାଗଡ, ପିନ୍ - ୭୫୨୦୬୯ / **୩୪୮୩୨୬୫୪୦୦୦୧୩୭୮** | ୨୭.୦୦ | ୨୮.୦୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରିପାରିବ।

**ସ୍ଥାନ: ବ୍ରହ୍ମପୁର, ତାରିଖ: ୧୩.୦୭.୨୦୨୬** **ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

34001/472/2627 E-mail ID : eerbkbj@rediffmail.com

Government of Odisha

**OFFICE OF THE SUPERINTENDING ENGINEER**
**KANTABANJI (R&B) DIVISION**
**Bid Identification No.01 / KBJ / 2026-27**

The **Superintending Engineer, Kantabanji (R&B) Division** on behalf of Governor of Odisha invites **Percentage Rate bid** for **Bridge work** detailed in the table below in **Single Cover** system in **ONLINE MODE** from the Class of Contractors mentioned in **Serial No-3** registered with the State Government and contractors of equivalent Grade / Class registered with Central Government / MES / Railways for execution of Civil work. The proof of registration from the appropriate authority shall be enclosed along with the bid.

1) No. of work :- 01 No. (Single Cover)
2) Nature of work :- Bridge work
3) Class of contractor :- "B" Class
4) Approximate value of work :- Rs.46.32 Lakh
5) Tender cost :- Rs. 6,000/-
6) Date and time of vailability of Bid documents in online :- From 11:00 AM of Dt. 15.07.2026 up to 05:00 PM of Dt.21.07.2026
7) Date of Opening :- At 11:30 AM of Dt.22.07.2026
8) Other details can be seen in the bidding documents from the e-procurement portal "**www.tendersodisha.gov.in**"
9) The bidders have to participate in ONLINE bidding only. Further details can be seen from the website: **www.tendersodisha.gov.in**. All future corrigendum will be available on ONLINE MODE only.

Superintending Engineer,
Kantabanji (R&B) Division

OIPR-34001/34099/1/26-27/0003

**GOVT. OF ODISHADEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**DRAINAGE DIVISION, JAGATSINGHPUR-754103**
e-procurement Notice No.: SEDD-JSPUR-04/2026-27
Email ID: eeddjspur@gmail.com

32001/539/2627

| | | | |
|---|---|---|---|
| 1 | Name of Works | : | 1. Decongestion of Hansua D/C (48 Km to 71 Km), Gobari D/C, Nagapur D/C, Itanga D/C, Tihudi Rahane D/C & Old Alaka D/C and Renovation of Dahanikhia D/C under Tritol, Naugaon & Balikuda Block.<br>2. Construction of three nos. of FLB in Balikuda Block.<br>3. Construction of 2 Nos. Farm Land Bridge over Kiapata & Badabalikani Drainage Cut of Kujanga Block. |
| 2 | Total number of works | : | 03 (Three) Nos. of Package |
| 3 | Bid Identification No. | : | 1. SEDD-JSPUR/BLK-13/2026-27<br>2. SEDD-JSPUR/BLK-14/2026-27<br>3. SEDD-JSPUR/ERS-15/2026-27 |
| 4 | Estimated Cost | : | 1. Rs. 80.76 Lakhs<br>2. Rs. 82.94 Lakhs<br>3. Rs. 62.72 Lakhs |
| 5 | Period of completion | : | Sl. 1–04 (Four) Calendar Months & Sl. 2, 3–10 (Ten) Calendar Months |
| 6 | Availability of Tender Online | : | From 14.07.2026 at 16:30 Hours to 28.07.2026 up to 17:30 Hours |
| 7 | Date of Opening of Technical Bid | : | 29.07.2026 at 11:30 Hours in the Office of the Superintending Engineer, Drainage Division, Jagatsinghpur |
| 8 | Class of Contractor | : | "B" Class |
| 9 | EMD required | : | As per DTCN |
| 10 | Cost of Tender Paper | : | Rs. 10,000/- |
| 11 | Procurement Officer | : | Superintending Engineer, Drainage Division, Jagatsinghpur-754103 |

Tender will be accepted if registered in the CDMS Portal.
Further details can be seen from the Govt. website www.tendersorissa.gov.in. Addendum/Corrigendum/Cancellation if any required will be published only in Govt. website www.tendersorissa.gov.in

**Superintending Engineer**
**Drainage Division Jagatsinghpur**

OIPR-32001/32568/1/26-27/0001

# ୧୮ ରେ ଆଧ୍ୟାତ୍ମିକ ଉତ୍ସବ 'ରଥେ ତୁ ବାମନଂ ଦୃଷ୍ଟ୍ୱା'

**ସମ୍ବର୍ଦ୍ଧିତ ହେବେ ୧୦ଟି ଧର୍ମାନୁଷ୍ଠାନ**

ଜଗତସିଂହପୁର,୧୩।୭ (ସମିସ)

ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ 'ପ୍ରଥମା ଫାଉଣ୍ଡେସନ୍' ପକ୍ଷରୁ ଜଗତସିଂହପୁର ଆଧ୍ୟାତ୍ମିକ ଉତ୍ସବ "ରଥେ ତୁ ବାମନଂ ଦୃଷ୍ଟ୍ୱା' ଆସନ୍ତା ୧୮ ତାରିଖ ଶନିବାର ସନ୍ଧ୍ୟା ୬ଟାରେ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଅନୁଷ୍ଠିତ ହେବ। ଏହି ଉତ୍ସବ ମଞ୍ଚରେ ମହାପ୍ରଭୁଙ୍କ ଦାରୁ ବିଗ୍ରହ ବିରାଜମାନ କରିବେ। ସନ୍ଧ୍ୟା ୬ଟାରେ ଶ୍ରୀଜୀଉଙ୍କ ଘଟ ସ୍ଥାପନ ହେବା ସହ ଠିକ୍ ସନ୍ଧ୍ୟା ୬ଟା ୨୫ ମିନିଟରେ ସନ୍ଧ୍ୟା ଆଳତୀ ଦର୍ଶନ କରିବାର ସୌଭାଗ୍ୟ ମିଳିବ। ଏହାପରେ ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ବାବାଜୀ ଶ୍ରୀସତ୍ୟାନନ୍ଦ ଦାସ ମହାରାଜ ଶ୍ରୀଜଗନ୍ନାଥ କଥାମୃତ ପ୍ରଦାନ କରିବେ। ପରେ ପରେ ଗୀତଗୋବିନ୍ଦ ଗାୟନରେ ଓଡ଼ିଶୀ ଓ ଦେବଦାସୀ ନୃତ୍ୟ ପରବେଷଣ କରାଯିବ। ଏଥିସହ ମହାପ୍ରଭୁଙ୍କୁ ସମର୍ପିତ ଲୋକପ୍ରିୟ ଭକ୍ତି ସଙ୍ଗୀତ ଗାନ କରାଯିବ। ସେହିପରି ୧୦ଟି ଧାର୍ମିକ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯିବ। କାର୍ଯ୍ୟକ୍ରମରେ ଯୋଗଦେଇ ବିଭୂକୃପା ଲାଗ କରିବା ପାଇଁ ବାବାଜୀ ଶ୍ରୀସତ୍ୟାନନ୍ଦ ଦାସ ମହାରାଜ, "ପ୍ରଥମା'ର ସଭାପତି ପ୍ରଫେସର ଚିନ୍ମୟୀ ମହାନ୍ତି ପ୍ରମୁଖ ନିବେଦନ କରିଛନ୍ତି। ଏଥିସହ ସରଞ୍ଜନା ଚାରିଟେବୁଲ୍ ଟ୍ରଷ୍ଟ ଓ ସତ୍ୟପ୍ରଜ୍ଞା ଫାଉଣ୍ଡେସନ ସହଯୋଗରେ ଜଗତସିଂହପୁର ଚିତ୍ରକଳା ଉତ୍ସବ "ତୁଳୀ କହେ କଥା' ସକାଳ ୯ଟାରେ ଅନୁଷ୍ଠାନିତ ହେବ। ଏଥିରେ ପ୍ରଥମ ଶ୍ରେଣୀରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ। କୃତି ପ୍ରତିଯୋଗୀଙ୍କୁ ଉକ୍ତଦିନ ସନ୍ଧ୍ୟାରେ ପୁରସ୍କୃତ କରାଯିବ। ସନ୍ଧ୍ୟା ୫ଟାରେ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର କଳା ସମ୍ପାଦକ ଅଜୟ କୁମାର ଗୋଛାୟତ, ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ବିଶ୍ୱାଳ, କୋଷାଧ୍ୟକ୍ଷ ଦୁର୍ଗା ପ୍ରସାଦ ସ୍ୱାଇଁ, ସରଂଚନା ଚାରିଟେବୁଲ୍ ଟ୍ରଷ୍ଟର ଅଧ୍ୟକ୍ଷ ସଂଜୀବ ବରାଳ, ବିଜୟ କୁମାର ରାଉତ, ସରୋଜ ଦ୍ୱିବେଦୀ, କାଳିକିଙ୍କର ମହାନ୍ତି, ଅନିଲ କୁମାର ଦାସ, ଆଇନଜୀବୀ ନରେଶ ଦାସ ଓ ଅଧ୍ୟକ୍ଷ ସୋମନାଥ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର/ତିର୍ତ୍ତୋଲ, ୧୩।୭ (ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୨୦୩ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୯୨ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୧ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୪୧ଟି, ଆବାସ ଯୋଜନା ସମ୍ପର୍କୀୟ ୬୯ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୭ଟି, ଭତ୍ତା ପାଇବା ପାଇଁ ୧୧ଟି, ପୁଲିସ ସହାୟତା ପାଇଁ ୪ଟି ଏବଂ ଅନ୍ୟାନ୍ୟ ୪୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୯ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବ୍ଲକ୍ ଉନ୍ନୟନ ଅଧିକାରୀ, ତିର୍ତ୍ତୋଲ ଗିରିଜା ଶଙ୍କର ମଲ୍ଲିକ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଏବଂ ବ୍ଲକ୍‌ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

**ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନ ଦାବି**

# ନାଉଗାଁ ତହସିଲ ଅଫିସ ଘେରଉ



ନାଉଗାଁ,୧୩।୭ (ସମିସ): ଆଜି ନାଉଗାଁ ଅଞ୍ଚଳର ଭୂମିହୀନମାନଙ୍କୁ ଜମି ପଟ୍ଟା ପ୍ରଦାନ ଦାବିରେ ଭୂମି ହୀନମାନେ ନାଉଗାଁ ତହସିଲ ଅଫିସ ଘେରଉ କରିଥିଲେ। ଭୂମିହୀନ ସ୍ୱାର୍ଥ ସୁରକ୍ଷା ସଂଗ୍ରାମ କମିଟି ଜଗତସିଂହପୁର ଜିଲ୍ଲା ସଭାପତି ସୁବାସ ସ୍ୱାଇଁଙ୍କ ନେତୃତ୍ୱରେ ନାଉଗାଁ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଭୂମିହୀନ ମାନେ ତହସିଲ ଅଫିସ ଘେରଉ କରିଥିଲେ।

ତହସିଲଦାର ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ଦାବିପତ୍ର ଗ୍ରହଣ କରିଥିଲେ। ଆର୍‌ଆଇମାନେ ଦେଇଥିବା ରିପୋର୍ଟର ପୁନଃ ବିଚାର ସହିତ ଖୁବ୍‌ଶୀଘ୍ର ପଟ୍ଟା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜନସ୍ୱାର୍ଥ ସୁରକ୍ଷା କମିଟି ପକ୍ଷରୁ ବଂଶୀଧର ବେହେରା, ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନର ବସନ୍ତ ମଲ୍ଲିକ, ମହେଶ୍ୱର ଦାସ, କବିର ବିଶ୍ୱାଳ, ନୃସିଂହ ଚରଣ କାଣ୍ଡି, ଛବିନ୍ଦ୍ର ଭୋଇ, ଛବି ଦାସ, କଲ୍ୟାଣୀ ସ୍ୱାଇଁ, ଶଙ୍କର ମଳିକ, ମକର ମୁଦୁଲି, ବିଦ୍ୟାଧର ମଲ୍ଲିକ, ଲକ୍ଷ୍ମୀପ୍ରିୟା ନାୟକ, କପିଳ କାଣ୍ଡି, ମମତା ଭୋଇ, ମାନସୀ ଭୋଇ, ଭଗବାନ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଦେଶସେବା ଫାଉଣ୍ଡେସନ୍‌ର ବୃକ୍ଷରୋପଣ

ଡେରାବିଶ,୧୩।୭ (ସମିସ): ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ବାମ୍ବିଲୋ ସ୍ଥିତ ଦେଶସେବା ଫାଉଣ୍ଡେସନ୍ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନ୍‌ର ମୁଖ୍ୟ ଅକ୍ଷୟ କୁମାର ମଳିକ ଓ କର୍ମକର୍ତ୍ତା ପ୍ରହ୍ଲାଦ ଦାସ, ସୁରେନ୍ଦ୍ର ବାରିକ, ରମେଶ ବେହେରା, କେଦାର ମହାନ୍ତିଙ୍କ ସମେତ ଅନ୍ୟ ସଦସ୍ୟମାନେ ଅଢ଼ଙ୍ଗା ସ୍ଥିତ ଆରଡିଏମ୍ ବାଳିକା ଉଚ୍ଚବିଦ୍ୟାଳୟ, ବାମ୍ବିଲୋ ପ୍ରାଥମିକ ବିଦ୍ୟାଳୟ ପରିସରରେ ପିଜୁଳି, କୃଷ୍ଣଚୂଡ଼ା, ଅଁଳା ଆଦି ଫଳ ଓ ଫୁଲ ବୃକ୍ଷ ରୋପଣ କରିଥିଲେ। ପରେ ହରିଅଙ୍କ ସ୍ଥିତ ରାମଚଣ୍ଡୀ ସଂସ୍କୃତ ବିଦ୍ୟାଳୟ ଓ ଅନ୍ୟାନ୍ୟ ସ୍ଥାନରେ ବୃକ୍ଷରୋପଣ କରିଥିଲେ। ଏଥିସହିତ କେତେକ ଛାତ୍ରଛାତ୍ରୀମାନଙ୍କୁ ଫଳବୃକ୍ଷ ବଣ୍ଟନ କରିଥିଲେ।

# ବଜରଙ୍ଗୀ ଯୁବକ ସଂଘ ଉଦ୍‌ଘାଟିତ



ପାରାଦୀପ,୧୩।୭ (ସମିସ): ପାରାଦୀପ ଗଡ ଗ୍ରାମପଞ୍ଚାୟତ ନୀହାରୁଣୀ (ଚାନ୍ଦିନୀ) ଗ୍ରାମରେ ଯୁବସେବା କେନ୍ଦ୍ର ପକ୍ଷରୁ ବଜରଙ୍ଗୀ ଯୁବକ ସଂଘ ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାରାଦୀପ ଗଡ ଗ୍ରାମପଞ୍ଚାୟତର ସରପଞ୍ଚ ସସ୍ମିତା ବେହେରା, କୁଜଙ୍ଗ ଓକିଲ ସଙ୍ଘ ସଭାପତି ତଥା ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ଦିଲ୍ଲୀପ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଦୀର୍ଘ ବର୍ଷ ଧରି ଉକ୍ତ ଗ୍ରାମର ଯୁବକ ମାନେ ଏକ କୋଠ ଘର ନିର୍ମାଣ ପାଇଁ ଦାବି କରି ଆସୁଥିଲେ। "ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ସରପଞ୍ଚ ସସ୍ମିତା ବେହେରା ଉକ୍ତ ଗ୍ରାମରେ ଏକ ଯୁବସେବା କେନ୍ଦ୍ର ନିର୍ମାଣ ପାଇଁ ଅନୁଦାନ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ମଣ୍ଡଳ ସଭାପତି ଗଗନ ବିହାରୀ ରାଉତ, ଚନ୍ଦ୍ରଶେଖର ଚୌଧୁରୀ, ପଞ୍ଚାୟତ ପ୍ରଭାରୀ ଅଲେଖ ମହାରଥା, ଜୟନ୍ତ ସେନାପତି, ଅନନ୍ତ ବିଶ୍ୱାଳ, ଯୁବକ ସଂଘ ସଭାପତି ବିବେକ କୁମାର ମଣ୍ଡଳ, ବିଷ୍ଣୁପଦ ମଣ୍ଡଳ, ମହେଶ୍ୱର ପାଇକ, ଅର୍ଜୁନ ସାହୁ, ଶ୍ରିପଦ ରାୟ, ନିଳକାନ୍ତ ମଣ୍ଡଳ, ବିଚିତ୍ର ପ୍ରଧାନ, ରଜତ କୁମାର ରାଉତ, ଶ୍ରୀଦୁର୍ଗା ମହିଳା ସମିତିର ସଭାନେତ୍ରୀ ସରୋଜିନୀ ଦାସ, ସମ୍ପାଦିକା ଶଙ୍କରୀ ମଣ୍ଡଳ, ରୁବୀ ଲଙ୍କା ପ୍ରମୁଖ ଯୋଗଦେଇଥିଲେ।

# ପଞ୍ଚାୟତ ସ୍ତରୀୟ କର୍ମୀ ସମ୍ମିଳନୀ

ନାଉଗାଁ,୧୩।୭ (ସମିସ): ନାଉଗାଁ ବ୍ଲକର କୋରୁଅ ପଞ୍ଚାୟତରେ ବିଜେପି ଜିଲ୍ଲା ସଭାପତି ପ୍ରତାପ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜେପି ନେତା ଦୀପକ ବିଶ୍ୱାଳଙ୍କ ସକ୍ରିୟ ନେତୃତ୍ୱରେ ଏହି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେଇଯାଇଛି। ଏଥିରେ ୨୦୦ରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇଥଲେ। ପଞ୍ଚାୟତ ନିର୍ବାଚନ ପୂର୍ବରୁ ପ୍ରତିଟି ପଞ୍ଚାୟତରେ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ କରି ବିଜେପି ଆହୁରି ସୁଦୃଢ଼ କରିବା ଏହାର ମୂଳ ଲକ୍ଷ ରହିଛି ବୋଲି ସଭାପତି କହିଛନ୍ତି।

# ତାରତୋଲ ମହାନଦୀ ସେତୁ ପରିଦର୍ଶନ କଲେ ଜିଲ୍ଲାପାଳ

ତିର୍ତ୍ତୋଲ,୧୩।୭ (ସମିସ): ଆଜି ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲ ତିର୍ତ୍ତୋଲରୁ ଗରଦପୁରକୁ ସଂଯୋଗ କରୁଥିବା ରାସ୍ତାର ତାରତୋଲ୍‌ଠାରେ ମହାନଦୀ ସେତୁ ପରିଦର୍ଶନ କରିଛନ୍ତି। ଏହି ୪୦ ବର୍ଷ ତଳ ସେତୁର ସୁରକ୍ଷା ବାଡ଼ା ଗୁଡ଼ିକ ବିଭିନ୍ନ ସ୍ଥାନରେ ଭାଙ୍ଗିରୁଜି ଯିବା ସହ ଯାତାୟାତ ସେତୁର ଢଲେଇରେ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଯାତାୟାତ କରିବାରେ ଅସୁବିଧା ହେଉଛି। ଏହାର ମରାମତି ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଦାବି କରାଯାଇଥିଲା। ଏହାପରେ ଜିଲ୍ଲାପାଳ ଏହି ସେତୁ ପରିଦର୍ଶନ କରି ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ଏହାର ମରାମତି ୧୫ ଦିନ ମଧ୍ୟରେ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ବିଭାଗୀୟ ଅଧିକାରୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# କଲେଜ କ୍ୟାମ୍ପସରେ ପୋଷ୍ଟର ମାରିବା ଘଟଣାକୁ ଛାତ୍ର କଂଗ୍ରେସର ବିରୋଧ



ଜଗତସିଂହପୁର,୧୩।୭ (ସମିସ): ଶିକ୍ଷାନୁଷ୍ଠାନରେ କୌଣସି ରାଜନୈତିକ ଛାତ୍ର ସଂଗଠନର ପୋଷ୍ଟର ଏବଂ ବ୍ୟାନର ଲଗାଇବା ମନା। ଏହା ନ କରିବା ପାଇଁ ମଧ୍ୟ ଲିଙ୍ଗଡୋ କମିଶନଙ୍କ କଡ଼ା ନିୟମ ରହିଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଜଗତସିଂହପୁର ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗତ କିଛିଦିନ ତଳେ ଛାତ୍ର ସଙ୍ଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପୋଷ୍ଟର ବ୍ୟାନର ମରାଯାଇଥିଲା। କ୍ୟାମ୍ପସର ଶୃଙ୍ଖଳା ଭଙ୍ଗ କରିବା ଓ କ୍ୟାମ୍ପସ ପରିବେଶକୁ ମଳିନ କରିବାର ଘଟଣାକୁ ନେଇ ଆଜି ଜିଲ୍ଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଯୁବ କଂଗ୍ରେସ ସଭାପତି କୁମାର ପ୍ରିତମ ପରିଜା ଓ ପୂର୍ବତନ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସାଇ ପ୍ରଭଞ୍ଜନ ମହାପାତ୍ର ଏବଂ ପୂର୍ବତନ କୁଜଙ୍ଗ ବ୍ଲକ କଂଗ୍ରେସ ସଭାପତି ନିହାର ରଞ୍ଜନ ଦାସଙ୍କ ନେତୃତ୍ୱରେ ଏକ ଯୁବ-ଛାତ୍ର ପ୍ରତିନିଧି ମଣ୍ଡଳୀ ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କୁ ଭେଟି ଯେଉଁ ମାନେ କଲେଜ କ୍ୟାମ୍ପସର ଶୃଙ୍ଖଳା ଭଙ୍ଗ କରିବାର ପ୍ରୟାସ କରିଛନ୍ତି ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋରେ ଆଇନଗତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଯଦି ଆଗାମୀ ସାତ ଦିନ ମଧ୍ୟରେ ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯାଏ ତେବେ ଯୁବ ଓ ଛାତ୍ର କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜାନ୍ମଜୟ ଲେଙ୍କା, ବିଶ୍ୱଜିତ ମହାନ୍ତି, ଅବିନାଶ ବଳ, ସ୍ନେହାଶିଷ କାଠୁଆ, ପଙ୍କଜ ପଣ୍ଡା, ଦେବାଶିଷ ଜେନା, ଦିବ୍ୟଜ୍ୟୋତି ବିଶ୍ୱାଳ, ରୋହନ ବାରିକ, ସୌମ୍ୟରଞ୍ଜନ ବାରିକ, ନମର୍ସି ବିଶ୍ୱାଳ, ଶୁଭମ ଲେଙ୍କା, ରିତେଶ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

# ବେଲେଙ୍କେଶ୍ୱର ମନ୍ଦିରର ବାର୍ଷିକ ଉତ୍ସବ

ଡେରାବିଶ,୧୩।୭ (ସମିସ): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ କାକଟିଆ ସ୍ଥିତ ବେଲେଙ୍କେଶ୍ୱର ମହାଦେବଙ୍କ ମନ୍ଦିରର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞର ଅଙ୍କୁରାରୋପଣ ଗତ ଶନିବାର ଅନୁଷ୍ଠିତ ହୋଇଥିବା ବେଳେ ପ୍ରତ୍ୟୁଷରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ରବିବାର ସୂର୍ଯ୍ୟପୂଜା, ଗୋପୂଜା, ପରେ ଯଜ୍ଞକୁଣ୍ଡରେ ଅଗ୍ନିସ୍ଥାପନ କରାଯାଇ ଯଜ୍ଞ କର୍ମ ଆରମ୍ଭ କରାଯାଇଥିଲା। ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ପରେ ଭକ୍ତମାନଙ୍କୁ ଚରୁଅନ୍ନ ବଣ୍ଟନ କରାଯାଇଥିଲା। ଏହି ଯଜ୍ଞକର୍ମରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁ ବେଲେଙ୍କେଶ୍ୱରଙ୍କ କୃପାଭିକ୍ଷା କରିଥିଲେ। ଏହି ଯଜ୍ଞ କାର୍ଯ୍ୟକୁ କୃପା ପରିଷଦର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

# ଓଟିଡିସିରୁ ୧୦ ଫୁଟର ଅହିରାଜ ଉଦ୍ଧାର

ରାଜନଗର,୧୩।୭ (ସମିସ): ରାଜନଗର ବ୍ଲକ ଡାଙ୍ଗମାଳ ଠାରେ ଥିବା ଅରଣ୍ୟନିବାସ (ଓଟିଡିସି) ର ରୁମ ମଧ୍ୟରୁ ୧୦ ଫୁଟ ଲମ୍ବର ଅହିରାଜ ସାପ ଉଦ୍ଧାର କରାଯାଇଛି। ଆଜି ସନ୍ଧ୍ୟାରେ ଓଟିଡିସିର ୧୦୧ ନମ୍ବର ରୁମ ମଧ୍ୟରେ ବିରାଟକାୟ ଅହିରାଜ ସାପକୁ କର୍ମଚାରୀ ଦେଖିଥିଲେ। ସାପ ଫଣା ଟେକି ଗର୍ଜନ କରିଥିଲା। ଏନେଇ ବନବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ବନ କର୍ମଚାରୀ ଓଟିଡିସିରେ ପହଞ୍ଚି ସାପକୁ ଉଦ୍ଧାର କରି ନେଇଛନ୍ତି। ଉଦ୍ଧାର ସାପକୁ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଛାଡି ଦିଆଯାଇଛି।

# ଦାଦନ ଖଟିବାକୁ ଯାଇ ଯୁବକଙ୍କ ସଲିଳ ସମାଧି

କୁଜଙ୍ଗ,୧୩।୭ (ସମିସ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତ ଅଧୀନ ଜନାପାଳ ଗ୍ରାମର ଜଣେ ଯୁବକ ଆଜି ବେଙ୍ଗାଲୁର ନିକଟବର୍ତ୍ତୀ ଏକ ଡ୍ୟାମରେ ପାଣିରେ ବୁଡ଼ି ସଲିଳ ସମାଧି ଘଟିଥିବା ଜଣାପଡ଼ିଛି। ଜନାପାଳ ଗ୍ରାମର ରଥ ପରିଡ଼ାଙ୍କ ଏକମାତ୍ର ପୁତ୍ର ରାକେଶ ପରିଡ଼ା (୨୬) ବେଙ୍ଗାଲୁରରେ ଏକ ବେସରକାରୀ କମ୍ପାନୀ ଟେକ୍ନୋ ପାର୍କରେ କାମ କରନ୍ତି। ଘର କହିଲେ ବୃଦ୍ଧ ପିତା ମାତା ଓ ଚାରିଭଉଣୀ। ରଥ ଶାରୀରିକ ଦୁର୍ବଳ ଯୋଗୁ ମୂଲ ମଜୁରୀ ମଧ୍ୟ ଲାଗିପାରନ୍ତିନାହିଁ। ପରିବାର ଅଭାବ ଅସୁବିଧା ଯୋଗୁ ରାକେଶ ସାଙ୍ଗ ମାନଙ୍କ ସହ ବେଙ୍ଗାଲୁରରେ ଯାଇ କାମ କରିଥିଲେ। ଆଜି ରବିବାର ଛୁଟିଥିବାରୁ ସାଙ୍ଗ ମାନଙ୍କ ସହିତ ବେଙ୍ଗାଲୁରରୁ ୨୭ କିମି ଦୂର ଏକ ଡ୍ୟାମ ମନଛାପାଲି ବୁଲାଇବାକୁ ଯାଇ ଥିବା ବେଳେ ଅସାବଧାନ ବଶତଃ ଡ୍ୟାମ ପାଣିରେ ଖସିଯାଇଥିଲେ। ଆଜି ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମାଗଡି ରୋଡ ତଭେରକର ପୁଲିସ ପକ୍ଷରୁ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏକମାତ୍ର ପୋଷିଲା ପୁଅକୁ ହରାଇ ବୃଦ୍ଧ ଦମ୍ପତି ଭାଙ୍ଗି ପଡିଛନ୍ତି। ପ୍ରକାଶ ଯେ ଗତ ବର୍ଷ ରାକେଶ ଜଣେ ଭଉଣୀଙ୍କ ରୋଗ କାରଣରୁ ଅକାଳ ବିୟୋଗ ଘଟିଥିଲା। ଏହି ଘଟଣା ପରେ ପରିବାର ଓ ଗ୍ରାମବାସୀ ସେ କାମ କରୁଥିବା କମ୍ପାନୀ ଓ ଦୁର୍ଘଟଣା ଘଟିଥିବା ଅଞ୍ଚଳର ପୁଲିସ ପ୍ରଶାସନ ପକ୍ଷରୁ ଶବ ତାଙ୍କ ପରିବାରକୁ ପଠାଇବା ବ୍ୟବସ୍ଥା ସହ ଅଭାବୀ ବୃଦ୍ଧ ଦମ୍ପତିଙ୍କୁ ଅର୍ଥିକ୍ ସହାୟତା ପାଇଁ ନିବେଦନ କରିଛନ୍ତି।

# ପରିବେଶବିତ୍‌ଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର




ପାରାଦୀପ,୧୩।୭ (ସମିସ): ପରିବେଶବିତ୍ ବିଶ୍ୱଜିତ ସାମଲଙ୍କୁ "ପ୍ରକୃତି ବନ୍ଧୁ ପୁରସ୍କାର' ପ୍ରଦାନ କରାଯାଇଛି। ଶ୍ରୀ ସାମଲ ପରିବେଶ ସୁରକ୍ଷା, ସଂରକ୍ଷଣ ଓ ଜନସଚେତନତା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରିଆସୁଛନ୍ତି। ବିଶେଷକରି ଉପକୂଳ ଅଞ୍ଚଳରେ ଲୁଣା ଜଙ୍ଗଲ ହେନ୍ତାଳ ଚାରା ରୋପଣ ଓ ଏହାର ସଂରକ୍ଷଣ ପାଇଁ ସେ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପିତ କରିଛନ୍ତି। ଏହା ବ୍ୟତୀତ ସେ ବେଳାଭୂମି ସଫେଇ ଅଭିଯାନ, ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ ପାଇଁ ସଚେତନତା କାର୍ଯ୍ୟକ୍ରମ, ବୃକ୍ଷରୋପଣ ଅଭିଯାନ ଏବଂ ପରିବେଶ ସଂରକ୍ଷଣ ସମ୍ବନ୍ଧୀୟ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ନେଇଆସୁଛନ୍ତି। ତାଙ୍କର ଏହି ନିସ୍ୱାର୍ଥ ସେବା ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି।

# ଧର୍ମ ପରାୟଣ ମହିଳାଙ୍କ ସ୍ମୃତିସଭା



ଜଗତସିଂହପୁର,୧୩।୭ (ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଝଂକୋଟି ଗ୍ରାମର ଧର୍ମ ପରାୟଣ ମହିଳା ଶାରୀଲତା ବାରିକଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିସଭା ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତା ଶାନ୍ତିଲତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ଶିକ୍ଷକ ଶୁଭେନ୍ଦୁ ପଟ୍ଟନାୟକ, ପ୍ରଶାନ୍ତ ଲେଙ୍କା, ଦୁର୍ଯ୍ୟୋଧନ ବାରିକ, ଶ୍ରୀରାମ ବିଶ୍ୱାଳ, ରାମ ମିଶ୍ର, ସୁରେଶ ବାରିକ ଏବଂ କମଳାକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତା ଶାନ୍ତିଲତାଙ୍କ ସ୍ମୃତିଚାରଣ କରିଥିଲେ। ଶାନ୍ତିଲତାଙ୍କ ପୁତ୍ର ଇଂ ବସନ୍ତ କୁମାର ବାରିକ ଏବଂ ପୁତ୍ରବଧୂ ବୈଜୟନ୍ତୀ ବାରିକ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ବିବାଦରେ ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ ମହାବିଦ୍ୟାଳୟ**

# ସହକର୍ମୀ ଓ କର୍ମଚାରୀଙ୍କୁ ଅଧ୍ୟକ୍ଷଙ୍କ ଦୁର୍ବ୍ୟବହାର ଅଭିଯୋଗ

**ପରସ୍ପର ବିରୋଧରେ ଥାନାରେ ଅଭିଯୋଗ**

ରଘୁନାଥପୁର,୧୩।୭ (ସମିସ)

ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗ ସ୍ଥିତ ସ୍ୱାମୀ ଆରୂପାନନ୍ଦ ଯୁକ୍ତ ୩ ଡିଗ୍ରୀ ମହାବିଦ୍ୟାଳୟରେ ବିବାଦ ଥମିବାର ନାଁ ଧରୁନି। ଅଧ୍ୟକ୍ଷ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଅଞ୍ଚଳବାସୀଙ୍କ ପ୍ରଚେଷ୍ଟାରେ ଗଢି ଉଠିଥିବା ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ହାନୀ ହେବାରେ ଲାଗିଛି। ଏହାଛଡା ଏଠାରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଶିକ୍ଷା କ୍ଷେତ୍ରରେ ଗଭୀର ପ୍ରଭାବ ପକାଉଛି। ଯାହାକୁ ନେଇ ବୁଦ୍ଧିଜୀବିମାନେ ଚିନ୍ତିତ ଥିବାବେଳେ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ପାଇଁ ଉଚ୍ଚଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି।

ଏହାର ଏକ ଜ୍ୱଳନ୍ତ ଉଦାହରଣ ସ୍ୱରୁପ ଅଧ୍ୟାପିକା ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କୁ ଅଧ୍ୟକ୍ଷଙ୍କ ଦୁର୍ବ୍ୟବହାର ସମ୍ପର୍କିତ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ କି ଅଧ୍ୟକ୍ଷ ନିଜର ସହକର୍ମୀ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ କୁକୁର, ମୂର୍ଖ, ଚୋର, ପଶୁଜନ୍ମା କହି ତାଙ୍କର ପାଦଧୂଳି ନେବାକୁ କହୁଛନ୍ତି। ଏ ନେଇ ଗତ ଶନିବାର ଅଧ୍ୟାପକ ଭଗବାନ ଦାସ, ଅଧ୍ୟାପିକା ଦିପ୍ତିମୟୀ ଜେନା, ଶିକ୍ଷା କର୍ମଚାରୀ ରଞ୍ଜିତା ମହାନ୍ତି, ଶୁଭ୍ର ସଲିଲା ପ୍ରିୟଦର୍ଶିନୀ, ଦୈତାରି ଜେନା ଓ ରବୀନ୍ଦ୍ର କୁମାର ଦାସ ରଘୁନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ କେସ ନଂ ୧୨୯/୨୬ରେ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷେ ଅଧ୍ୟକ୍ଷ ଦୟାନିଧି ରାଉତରାୟ ମଧ୍ୟ ଗତ ରବିବାର ତାଙ୍କ ସହକର୍ମୀ ଓ ଶିକ୍ଷା କର୍ମଚାରୀଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଅଧ୍ୟାପକ ଦାସଙ୍କ ଅଭିଯୋଗ ଅନୁଯାଇ ଗତ ଶନିବାର ଅଧ୍ୟକ୍ଷ ଷ୍ଟାଫ କମନ ରୁମରେ ଏକ ମିଟିଂ ଡାକିଥିଲେ। ଏଥିରେ ଏକ ପୁରୁଣା ରିଜୋଲେସନ ଆଣି ସମସ୍ତଙ୍କୁ ଦସ୍ତଖତ କରିବାକୁ କହିଥିଲେ। ଯେହେତୁ ପୂର୍ବବର୍ଷ ଅଧ୍ୟକ୍ଷ ଷ୍ଟାଫଙ୍କୁ ନ ଜଣାଇ ବେଆଇନ ଭାବେ ଅତିଥି ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ ସେଥିପାଇଁ ସମସ୍ତେ ପୁରୁଣା ରିଜୋଲେସନରେ ଦସ୍ତଖତ କରିବା ପାଇଁ ମନା କରିଥିଲେ। ପରେ ଅଧ୍ୟକ୍ଷ ଉତ୍‌କ୍ଷିପ୍ତ ହୋଇ ସମସ୍ତଙ୍କୁ ଖରାପ ବ୍ୟବହାର କରିଥିଲେ ବୋଲି ଅଧ୍ୟାପକ ଦାସ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଅଧ୍ୟକ୍ଷ ରାଉତରାୟ କହିଛନ୍ତି ଯେ ୩ ଜଣ ଷ୍ଟାଫ ସର୍ବଦା ସରକାରୀ ଗାଇଡଲାଇନକୁ ଉପେକ୍ଷିତ କରି ବିଶୃଙ୍ଖଳା ସୃଷ୍ଟି କରିବା ଏବଂ ବିଭିନ୍ନ କାର୍ଯ୍ୟରେ ଅସହଯୋଗ କରୁଛନ୍ତି। ଯାହାଫଳରେ ସର୍ବଦା କଲେଜରେ ବିଶୃଙ୍ଖଳା ହେଉଛି ବୋଲି ସେ ପ୍ରକାଶ କରିଛନ୍ତି। ଗତ ଚାରିବର୍ଷ ଧରି କଲେଜରେ ବିଭିନ୍ନ ପ୍ରକାରର ବିଶୃଙ୍ଖଳା ସୃଷ୍ଟି ହେବା ଏବଂ ଏ ନେଇ ଥାନା ଓ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ପବିତ୍ର ଶିକ୍ଷାନୁଷ୍ଠାନରେ ଏଭଳି ବିଶୃଙ୍ଖଳା ଲାଗି ରହିବା ଦ୍ୱାରା ଏଠାରେ ପାଠ ପଢିବା ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୀତସ୍ପୃହତା ପରିଲକ୍ଷିତ ହୋଇଛି। ତୁରନ୍ତ ଯୁକ୍ତ ୩ ଡିଗ୍ରୀ କଲେଜରେ ଶୃଙ୍ଖଳା ଫେରାଇ ଆଣିବା ସହ ବିଶୃଙ୍ଖଳା ସୃଷ୍ଟିକାରୀ ବ୍ୟକ୍ତିଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ପାଇଁ ଅଞ୍ଚଳ ବାସୀଙ୍କ ପକ୍ଷରୁ ଜିଲ୍ଲାପାଳ, ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଓ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।



● ପାନୀୟଜଳ ସମସ୍ୟା

# ହାଣ୍ଡିଫୁଟା ଗ୍ରାମବାସୀଙ୍କ ରାସ୍ତାରୋକ



ଖଜୁରିଆକଟା,୧୩।୭ (ସମିସ): ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବଦାଲୁ ପଞ୍ଚାୟତ ଅଧୀନ ହାଣ୍ଡିଫୁଟା ଗ୍ରାମର ବାସିନ୍ଦା ପାନୀୟଜଳ ଯୋଗାଇ ଦେବା ଦାବି କରି ହିନ୍ଦୋଳ-ଗୁଡିଆକାଟେଣି ରାସ୍ତାକୁ ଅବରୋଧ କରିଥିଲେ। ପୁଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ବଦାଲୁ ପଞ୍ଚାୟତ ଅଧୀନରେ ଅନେକ ଖଣି ଖାଦାନ ଓ କ୍ରସର ୟୁନିଟ୍ ରହିଛି। ଫଳରେ ପରିବେଶ ଦୂଷିତ ହୋଇ ଲୋକେ ନାନାଦି ରୋଗର ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ ମଧ୍ୟ ପ୍ରଶାସନ ନିରବ ରହିଥିବା ଜଣାପଡିଛି। ଏହି ପଞ୍ଚାୟତ ବିଭିନ୍ନ ଗ୍ରାମରେ ଏକାଧିକ ପାନୀୟଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି। କିନ୍ତୁ ଲୋକମାନେ ପାନୀୟଜଳ ପାଇବା ପାଇଁ ବହୁବାର ଆନ୍ଦୋଳନକୁ ଓହ୍ଲାଉଥିଲେ ମଧ୍ୟ କିଛି ଲାଭ ପାଆନ୍ତି ନାହିଁ। ହାଣ୍ଡିଫୁଟା ଅଞ୍ଚଳର ମାଟି ତଳେ କଳା ମୁଗୁନି ପଥର ରହିଥିବାରୁ ନଳକୂପ ସଫଳ ହେଉ ନ ଥିବା ଜଣାପଡ଼ିଛି। ଏଥିପାଇଁ ପାନୀୟଜଳ ବିଭାଗ ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ତାହା ଲୋକଙ୍କ ଆବଶ୍ୟକତା ପୂରଣ କରିପାରୁନାହିଁ। ଫଳରେ ଜନସାଧାରଣ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଉଥିବା ଦେଖିବାକୁ ମିଳୁଛି। ଏହାର ସ୍ଥାୟୀ ସମାଧାନ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଜନଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ପାନୀୟଜଳ ବିଭାଗ ଯନ୍ତ୍ରୀ ଲିଙ୍ଗରାଜ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଛି। ତାହା ସମ୍ପୂର୍ଣ୍ଣ ହେଲେ ଆଗାମୀ ଦିନରେ ପାନୀୟ ଜଳ ସମସ୍ୟା ରହିବ ନାହିଁ ବୋଲି କହିଛନ୍ତି।

# ବିପଦସଙ୍କୁଳ ପୋଲର ମରାମତି ଦାବି



ହିନ୍ଦୋଳ, ୧୩।୭ (ସମିସ): ହିନ୍ଦୋଳ ବ୍ଲକ୍ ଅନ୍ତର୍ଗତ ରାସୋଳ ପଞ୍ଚାୟତର ନୂଆପାଟଣା ଗ୍ରାମର ଚିତଲପୁରରୁ ଇଲିରିସିଙ୍ଗାକୁ ସଂଯୋଗ କରୁଥିବା ଆର୍‌ଡି ରାସ୍ତା ଓ କଳିଙ୍ଗାରୁ କନ୍ତକୁଳକୁ ସଂଯୋଗ କରୁଥିବା କୃଷି ବିଭାଗର କେନାଲ ରାସ୍ତାରେ ନିର୍ମାଣ ହୋଇଥିବା ପୋଲ ବିପଦସଂକୁଳ ହୋଇଥିବାରୁ ଏହାର ମରାମତି ପାଇଁ ଦାବି କରାଯାଇଛି। ବଡଜୋର ପ୍ରକଳ୍ପର ଡାହାଣ ପାର୍ଶ୍ୱ କେନାଲ ଉପରେ ମୂଳଦୁଆ ଦୁର୍ବଳ ଥିବାବେଳେ କାନ୍ଥରେ ଫାଟ ସୃଷ୍ଟି ହୋଇଛି। ରାସୋଳ, ମାଧପୁର, ନୂଆବଗ ଆଦି ପଞ୍ଚାୟତର ବାସିନ୍ଦା ଏହି ରାସ୍ତା ଉପରେ ନିର୍ଭର କରୁଥିବାବେଳେ ପ୍ରତିଦିନ ଦୁଇଚକିଆ ଗାଡିରୁ ଆରମ୍ଭ କରି ଭାରୀଯାନ ଯାତାୟତ କରୁଛି। ବିପଦସଙ୍କୁଳ ଅବସ୍ଥାରେ ଥିବା ପୋଲ ଯୋଗୁଁ ଯାତ୍ରୀ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଯୋଗୁଁ କେତେବେଳେ ଏହି ପୋଲ ଭାଙ୍ଗି ଯାଇ ଦୁର୍ଘଟଣାକୁ ଏଡାଇ ଦିଆଯାଇନପାରେ। ଆର୍‌ଡି ରାସ୍ତା ଉପରେ ଇରିଗେସନ୍ ବିଭାଗର ପୋଲ ବୋଲି ସ୍ଥାନୀୟ ବାସିନ୍ଦା କହୁଥିବାବେଳେ ବିଗତ ଦିନରେ ଦୁଇ ଦୁଇଥର ଏହି ଆରଡି ରାସ୍ତାର ମରାମତି କାର୍ଯ୍ୟ ହୋଇଥିଲେ ମଧ୍ୟ ପୋଲର ସ୍ଥାୟିତ୍ୱ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ପ୍ରଦାନ କରିନାହାନ୍ତି। ଜଳସେଚନ ବିଭାଗ ପୋଲ ହୋଇଥିଲେ ମଧ୍ୟ ଦୀର୍ଘଦିନ ହେଲାଣି ଏହି ପୋଲର ତୁରନ୍ତ ମରାମତି କରାଯିବା ନିମନ୍ତେ ବିଭିନ୍ନ ମହଲରେ ଦାବି କରାଯାଇଛି।

## ବାଉଁଶପୋଖରୀ-ମହିଧରପଡ଼ା ରାସ୍ତା କାମରେ ଅନିୟମିତତା ଅଭିଯୋଗ ଘଟଣା

# ଖବର ପ୍ରକାଶ ପରେ ବିଭାଗୀୟ ତତ୍ପରତା, ରାସ୍ତା କାମ ତଦାରଖ

ହିନ୍ଦୋଳ, ୧୩।୭ (ସମିସ)

ହିନ୍ଦୋଳ ଉପଖଣ୍ଡ ବାଉଁଶପୋଖରୀଠାରୁ ମହିଧରପଡ଼ା ରାସ୍ତା କାମରେ ଅନିୟମିତତା ହେଉଥିବା ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। କାର୍ଯ୍ୟସ୍ଥଳରେ ସଂପୃକ୍ତ ଠିକାଦାର ରହୁ ନ ଥିବା, ଫଳକରେ ଧିମା କାମ ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀ ତତ୍ପର ଦେଖିବାକୁ ମିଳିଥିବାବେଳେ କାର୍ଯ୍ୟ ତଦାରଖ ପାଇଁ କାମ ସ୍ଥଳରେ ପହଞ୍ଚିଥିଲେ। ଗ୍ରାମ୍ୟ ଉନ୍ନୟନ ଅଧୀକ୍ଷଣ ଯନ୍ତ୍ରୀ ସୋନାଲି ସୁଚରିତା ରାଉତ, ବିଭାଗୀୟ ଯନ୍ତ୍ରୀ, କାର୍ଯ୍ୟ କରୁଥିବା ଠିକାଦାର ଓ ସ୍ଥାନୀୟ ଅଧିବାସୀ ପହଞ୍ଚି ରାସ୍ତା କାର୍ଯ୍ୟର ତଦାରଖ କରିବା ସହ ହେଉଥିବା ରାସ୍ତାର ବିଭିନ୍ନ ଜାଗାରୁ ଖୋଳି ରାସ୍ତାର ମାନ ପରୀକ୍ଷା କରିଥିଲେ। ରାସ୍ତା କାର୍ଯ୍ୟ ଏବେ ଆରମ୍ଭ ହେଉଛି କାର୍ଯ୍ୟ ଯେପରି ସଠିକ ସମୟରେ ଶେଷ ହେବ ଠିକାଦାରଙ୍କୁ ତାଗିଦ କରିବା ସହ କାର୍ଯ୍ୟକୁ ସଠିକ ଭାବେ କରିବା ପାଇଁ ଅଧୀକ୍ଷଣ ଯନ୍ତ୍ରୀ ଠିକାଦାରଙ୍କୁ କହିଥିଲେ।



ବାଉଁଶପୋଖରୀଠାରୁ ମହାଧରପଡ଼ା ୮ କିମି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ଏହି ରାସ୍ତା ଅନୁଗୋଳ ବନ୍ତଳାକୁ ସଂଯୋଗ କରୁଥିବାରୁ ୨ ଶହରୁ ଊର୍ଦ୍ଧ୍ୱ ରାଜସ୍ୱ ଗ୍ରାମର ଲୋକ ଦୈନନ୍ଦିନ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ଲୋକଙ୍କ ବହୁ ଦାବି, ଆପତ୍ତି, ଧାରଣା, ଗୁହାରି ପରେ ସରକାରଙ୍କ ପକ୍ଷରୁ ୧୫ କୋଟି ୪୬ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି। କାମ ସମ୍ପୂର୍ଣ୍ଣ ହେବା ପରେ ଅଞ୍ଚଳର ବହୁ ଜନସାଧାରଣଙ୍କ ପାଇଁ ଗମନାଗମନର ସୁବିଧା ହୋଇପାରିବ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ କୁହାଯାଉଥିବାବେଳେ ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ଅଧୀକ୍ଷଣ ଯନ୍ତ୍ରୀ କହିଛନ୍ତି, ରାସ୍ତା କାମରେ ଅନିୟମିତତା ହେଉଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବରପ୍ରକାଶ ପାଇବା ପରେ ଆମେ ବିଭାଗ ପକ୍ଷରୁ ଆସି ରାସ୍ତାର ବିଭିନ୍ନ ଜାଗାରୁ ଖୋଳି ତଦନ୍ତ କରିଥିଲୁ। ରାସ୍ତା କାମ ସଠିକ ଭାବେ ହେଉଥିବା ନେଇ ଆମେ ହୃଦୟଙ୍ଗମ କଲୁ। ନିର୍ଦ୍ଧାରିତ ସମୟରେ କାମ ସାରିବା ପାଇଁ ଠିକାଦାରଙ୍କୁ କୁହାଯାଇଛି।

# କେନାଲରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ



ପରଜଙ୍ଗ, ୧୩।୭ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମାଣକିମରା ପଞ୍ଚାୟତ ସରକିଶୋର ଗ୍ରାମର ଜଣେ ବୃଦ୍ଧା କେନାଲରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ଉକ୍ତ ଗ୍ରାମର ଅଖରୁ ସାହୁ ବୋଲି ଜଣାପଡିଛି। ଉକ୍ତ ଗ୍ରାମ ଦେଇ ଯାଇଥିବା ରେଙ୍ଗାଲି ବାମ ପାର୍ଶ୍ୱ କେନାଲକୁ ଅଖରୀ ରବିବାର ସକାଳୁ ଶୌଚ ହେବାକୁ ଯାଇଥିବାବେଳେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ କେନାଲ ହୁଡା ପାହାଚରେ ଚପଲ ଓ ବାଡି ଥିବା ଦେଖିବାକୁ ପାଇଥିଲେ। କେନାଲର ପ୍ରଖର ସ୍ରୋତରେ ଭାସି ଯାଇଥିବା ଅନୁମାନ କରିଥିବାବେଳେ ଦଦରାଘାଟି ଫାଣ୍ଡି ଓ ପରଜଙ୍ଗ ଅଗ୍ନିଶମ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି ଆରମ୍ଭ ପରେ କାଦପଡା ନିକଟସ୍ଥ କେନାଲ ଚେକ୍ ଗେଟ୍‌ଠାରେ ଅଖରୀଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ମୃତଦେହକୁ ଦଦରାଘାଟି ଫାଣ୍ଡି ଅଧିକାରୀ ଅଜୟ କୁମାର ସାମଲ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ବ୍ୟବଚ୍ଛେଦ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

# ବର୍ଷାରେ ଭାଙ୍ଗିଲା ମନ୍ଦିର ପାଚେରି



କାମାକ୍ଷାନଗର, ୧୩।୭ (ସମିସ): ସରକାରୀ ସହାୟତାରେ ନିର୍ମାଣ ହୋଇଥିବା ମନ୍ଦିର ପାଚେରି ସାମାନ୍ୟ ବର୍ଷାରେ ଭାଙ୍ଗିଯାଇଛି। କାମାକ୍ଷାନଗର ବ୍ଲକ କାଦୁଆ ପଞ୍ଚାୟତ ଭାଗୀରଥିପୁର ଗ୍ରାମର କେଦାରେଶ୍ୱର ମନ୍ଦିର ପାଚେରି କ୍ଷେତ୍ରରେ ଏହା ଦେଖିବାକୁ ମିଳିଛି। ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କାରେ ପାଚେରି ନିର୍ମାଣ ହୋଇଥିଲା। ପଞ୍ଚାୟତ ସମିତି କାର୍ଯ୍ୟନିର୍ବାହୀ ସଂସ୍ଥା କାମ କରିଥିଲା। ନିର୍ମାଣ ସମୟରେ ଉପଯୁକ୍ତ ମୂଳଦୁଆ ଖୋଳାଯାଇ ନ ଥିଲା। ନିମ୍ନମାନର ବାଲି, ସିମେଣ୍ଟରେ କାମ ହୋଇଛି। ଏତେବଡ଼ ଲମ୍ବା ପାଚେରି ଭାଙ୍ଗିଯିବା ଦ୍ୱାରା ସାଧାରଣରେ ଚର୍ଚ୍ଚା ହେଉଛି। ନିର୍ମାଣର ମାତ୍ର ତିନି/ଚାରି ମାସ ପରେ ମନ୍ଦିରର ପାଚେରି ଭାଙ୍ଗିଗଲା। ଏହାକୁ ନେଇ ଗ୍ରାମବାସୀ ନିର୍ମାଣ ସଂସ୍ଥାକୁ ଦାୟୀ କରିଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଗ୍ରାମ ରାସ୍ତା ଶୋଚନୀୟ

ହିନ୍ଦୋଳ, ୧୩।୭ (ସମିସ): ହିନ୍ଦୋଳ ବ୍ଲକ ଅନ୍ତର୍ଗତ ବିଡୋ ପଞ୍ଚାୟତର ମାଳିବିଡୋ ଗ୍ରାମର ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବର୍ଷା ହେଲେ ଯାତାୟାତରେ ବହୁ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି। ରାସ୍ତା ଖାଲ, ମାଟିକାଦୁଅ ରାସ୍ତା ଯୋଗୁଁ ବାଇକ ଯୋଗେ ଯାତାୟାତ କରୁଥିବାରୁ ପଥଚାରୀମ ଦୁର୍ଘଟଣାର ଶିକାର ହେଉଛନ୍ତି। ଉକ୍ତ ଗ୍ରାମର ବାସ୍ତବ ଚିତ୍ର ବଖାଣୁଛି ବିକାଶ ଯେପରି ଏହି ଗାଁରେ ପାଦ ପକେଇ ନାହିଁ ବୋଲି ଜଣାପଡିଛି। ଉକ୍ତ ଗ୍ରାମ ରାସ୍ତା ପାଇଁ ଦୀର୍ଘଦିନରୁ ରାସ୍ତାର ମରାମତି ପାଇଁ ଗ୍ରାମବାସୀ ସ୍ଥାନୀୟ ବିଧାୟିକା, ସାଂସଦ, ମୁଖ୍ୟମନ୍ତ୍ରୀ ଓ ପ୍ରଶାସନକୁ ଅନୁରୋଧ କରିଛନ୍ତି ବୋଲି ସ୍ଥାନୀୟଲୋକେ କହିଛନ୍ତି। ଏହି ସମସ୍ୟାର ସମାଧାନ ହୋଇପାରିନାହିଁ। ୫୫ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଏହି ରାସ୍ତାରେ ୮ଟି ଗ୍ରାମର ଲୋକ ନିର୍ଭର କରନ୍ତି। ଉପରେ ରେଲୱେ ବ୍ରିଜ ଥିବାବେଳେ ତଳେ ସାଧାରଣ ଲୋକ ଏହି ରାସ୍ତାକୁ ବ୍ୟବହାର କରୁଥିଲେ। ଏହି ରାସ୍ତାଟି ଏବେ ଖାଲଖମା, ମାଟି, କାଦୁଆ ଯୋଗୁଁ ଯାତାୟାତରେ ସମସ୍ୟା ହେଉଛି। ରେଲୱେ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରି ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ଜିଲ୍ଲାସ୍ତରୀୟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଢେଙ୍କାନାଳ,୧୩।୭ (ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ହଲରେ ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ପକ୍ଷରୁ ଆୟୋଜିତ ୧୦ମ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡିଶାର ପ୍ରଥମ ପର୍ବତାରୋହି ଗଣେଶ ଚନ୍ଦ୍ର ଜେନା ଓ ସମ୍ମାନିତ ଅତିଥ ଭାବେ ଢେଙ୍କାନାଳ ଅନୁଗୋଳ ଡେଭେଲପମେଣ୍ଟ ଅଥରିଟି ସଭାପତି କ୍ରିଷ୍ଣ ଆଇଚ, ତାଳଚେର ଉପଜିଲ୍ଲାପାଳ ଆଶିଷ ସାହୁ, ନୋଭାର ଉପସଭାପତି ବିଜୟ ସାହୁ ପ୍ରମୁଖ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଜିଲ୍ଲା ବ୍ୟାଡ଼ମିଣ୍ଟନ ସଂଘ ସଭାପତି ଦୀପକ ଦଲେଇ, ସମ୍ପାଦକ ଟଙ୍କଧର ବେହେରା, କାର୍ଯ୍ୟକାରୀ ସଭାପତି ଅମିତ ଶତପଥୀ ପ୍ରମୁଖ ସଭା ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ସଦସ୍ୟ ରଶ୍ମିପ୍ରକାଶ ପଟ୍ଟନାୟକ, ସୁଶାନ୍ତ ସାହୁ, ସୁଭ୍ରାଂଶୁ ଦଲେଇ, ଜ୍ଞାନେନ୍ଦ୍ର ସାହୁ, କୃପାସିନ୍ଧୁ ସାହୁ, ବ୍ରିଜେଶ ମିଶ୍ର ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାର ବାଳିକା ବିଭାଗ ୧୫ ବର୍ଷ କମ୍ ସିଙ୍ଗିଲ୍ସରେ ସ୍ମୃତି ସ୍ୱରୂପା ଦାସ, ୧୫ ବର୍ଷରୁ ଅଧିକ ସିଙ୍ଗିଲ୍ସରେ ସିଦ୍ଧିଶ୍ରୀୟା ସାମଲ ଓ ବରିଷ୍ଠ ବିଭାଗ ଡବଲ୍ସରେ ଆୟେଶା ସିଂ ଓ ସିଦ୍ଧିଶ୍ରୀୟା ସାମଲ ବିଜେତା ହୋଇଥିଲେ। ବାଳକ ବିଭାଗ ୯ ବର୍ଷରୁ କମ୍ ସିଙ୍ଗିଲ୍ସରେ ରାହତ ବୁଲ୍ଲା ଖାନ୍, ୧୧ ବର୍ଷରୁ କମ୍ ସିଙ୍ଗିଲ୍ସରେ ଆର୍ଯ୍ୟଭ ସାହୁ, ୧୩ ବର୍ଷ କମ୍ ସିଙ୍ଗିଲ୍ସରେ ରୁଦ୍ର ପ୍ରତାପ ମିଶ୍ର ଓ ଡବଲ୍ସରେ ରୁଦ୍ରାଂଶ ଧଳ ଓ ଭୌମିକ୍ ସାଇଦତ ଭି., ୧୫ ବର୍ଷରୁ କମ୍ ସିଙ୍ଗିଲ୍ସରେ ପିୟୁଷ ରଞ୍ଜନ ବେହେରା ଓ ଡବଲ୍ସରେ ପିୟୁଷ ରଞ୍ଜନ ବେହେରା ଓ ଓମ୍ ପ୍ରକାଶ ସାହୁ,



୧୭ ବର୍ଷ କମ୍ ସିଙ୍ଗିଲ୍ସରେ ଆୟୁଷ ରଞ୍ଜନ ବେହେରା ଓ ଡବଲ୍ସରେ କୁମାର ଆଦିତ୍ୟ ଓ ଆୟୁଷ ଦାଶ, ୧୯ ବର୍ଷରୁ କମ୍ ସିଙ୍ଗିଲ୍ସରେ ସୋହେଲ୍ ଖାନ୍ ଓ ଡବଲ୍ସରେ କୁମାର ଆଦିତ୍ୟ ଓ ସୋହେଲ୍ ଖାନ୍ ବିଜେତା ହୋଇଥିଲେ। ବରିଷ୍ଠ ବିଭାଗ ସିଙ୍ଗିଲ୍ସରେ ସୋହେଲ୍ ଖାନ୍ ଓ ଡବଲ୍ସରେ କୁମାର ଆଦିତ୍ୟ ଓ ଅମିତ ଛୋଟରାୟ, ଭେଟେରାନ୍ ଡବଲ୍ସରେ ଦେବାଶିଷ ସାହୁ ଓ ସମୀର ସାମଲ, ମିକ୍ସ ଡବଲ୍ସରେ ସତ୍ୟରଞ୍ଜନ ପାଲ୍ ଓ ଆୟେଶା ସିଂ ବିଜେତା ହୋଇଥିଲେ।

# ଅହମଦିୟା ସମ୍ପ୍ରଦାୟ ପକ୍ଷରୁ କୋରାନ ସପ୍ତାହ

ଢେଙ୍କାନାଳ,୧୩।୭ (ସମିସ): ସ୍ଥାନୀୟ ଗୁଣ୍ଡିଚାପଡ଼ାସ୍ଥ ଅହମଦିୟା ମୁସଲିମ ସମ୍ପ୍ରଦାୟ ପକ୍ଷରୁ ପବିତ୍ର କୋରାନ ସପ୍ତାହ ଭକ୍ତି, ଆଧ୍ୟାତ୍ମିକ



ପରିବେଶ ଓ ଉତ୍ସାହର ସହିତ ପାଳିତ ହୋଇଛି। ଅହମଦିୟା ମହିଳା ସଂଗଠନ ଲଜନା ଇମାଇଲ୍ଲାହ୍ ପକ୍ଷରୁ ଆୟୋଜିତ ଏହି ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ମହିଳାଙ୍କ ମଧ୍ୟରେ ପବିତ୍ର କୋରନର ସଠିକ୍ ପାଠ, ଏହାର ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା, ଦୈନନ୍ଦିନ ଜୀବନରେ କୋରାନର ଆଦର୍ଶକୁ ଅନୁସରଣ କରିବାର ପ୍ରେରଣା ଜାଗ୍ରତ କରିବା। ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମରେ ମହିଳାଙ୍କୁ ଶୁଦ୍ଧ ଉଚ୍ଚାରଣ ସହ ପବିତ୍ର କୋରାନ ପାଠର ପ୍ରଶିକ୍ଷଣ ଦିଆଯାଇଥିଲା। ସେହିପରି ପବିତ୍ର କୋରାନର ଶାନ୍ତି, ମାନବତା ଓ ନୈତିକ ଶିକ୍ଷା ଉପରେ ପ୍ରେରଣାଦାୟକ ବକ୍ତବ୍ୟ ଉପସ୍ଥାପିତ ହୋଇଥିଲା। କୁନିକୁନି ଶିଶୁଙ୍କ ଦ୍ୱାରା ତିଲାୱତେ କୋରାନ, ନଜମ୍ ଓ ନାଆତ୍ ପରିବେଷଣ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ ଓ ଆଧ୍ୟାତ୍ମିକ କରିଥିଲା। ଲଜନା ଇମାଇଲ୍ଲାହ୍‌ର ସଭାନେତ୍ରୀ ଆସଫା ବିବି ଓ ଅମତୁଲ କୁବ୍ରା କହିଥିଲେ ଯେ, ବର୍ତ୍ତମାନ ବିଶ୍ୱ ଅଶାନ୍ତି, ହିଂସା ଓ ଅନ୍ୟାୟର ସମ୍ମୁଖୀନ ହେଉଥିବାବେଳେ ପବିତ୍ର କୋରାନର ଶାନ୍ତିମୟ ଶିକ୍ଷାକୁ ଅନୁସରଣ କରି ମାନବ ସମାଜରେ ନୈତିକତା, ଦୟା, ଭାତୃତ୍ୱ ଓ ମାନବତାର ମୂଲ୍ୟବୋଧକୁ ସୁଦୃଢ଼ କରିବା ସମୟର ଆହ୍ୱାନ। ସେମାନେ କହିଥିଲେ, କୋରାନ ସପ୍ତାହ କେବଳ ଏକ ଧାର୍ମିକ କାର୍ଯ୍ୟକ୍ରମ ନୁହେଁ, ବରଂ ଆତ୍ମଶୁଦ୍ଧି ଓ ବିଶ୍ୱଶାନ୍ତି ପ୍ରତି ଏକ ସକାରାତ୍ମକ ପ୍ରୟାସ। ସମାପନୀ ଦିବସରେ ମସଜିଦରେ ମୌଲବୀ ମୁଜାଫର ଖାନ୍ ଓ ମସଜିଦ ତୌହିଦରେ ମୌଲବୀ ଜଲାଲ ଉଦ୍ଦିନ୍ ଖାନ୍ ବିଶ୍ୱ ଶାନ୍ତି, ସମୃଦ୍ଧି ଓ ମାନବ କଲ୍ୟାଣ ପାଇଁ ସାମୂହିକ ଦୁଆ କରାଇଥିଲେ। ଏଥିସହିତ ମସଜିଦ ତୌହିଦରେ ପବିତ୍ର କୁରଆନ ଉପରେ ଏକ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଯେଉଁଥିରେ ମହିଳା ଓ କୁନିକୁନି ଝିଅମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଲଜନା ଇମାଇଲ୍ଲାହ୍‌ର ଉପସଭାନେତ୍ରୀ ଜମିଲା ବେଗମ, ସୁକାତୁନ ବେଗମ୍, ନୁସରାତୁନ ବେଗମ୍, ରହମତ୍ ବେଗମ, ମୁବାରକା ବେଗମ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଚନ୍ଦନପେଡ଼ା କୁଟୀରଶିଳ୍ପୀଙ୍କୁ ମିଳୁନି ପ୍ରୋତ୍ସାହନ

# ଉଜୁଡ଼ିବାକୁ ବସିଲାଣି କୁଳ ବେଉସା

ପରଜଙ୍ଗ,୧୩।୭ (ସମିସ): ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ଧିରେ ଧିରେ ବୁଡ଼ିବାକୁ ବସିଲାଣି ପଥର ଖୋଦିତ ସାମଗ୍ରୀ। ଚାରି/ପାଞ୍ଚ ପିଢ଼ିରୁ ଆରମ୍ଭ ହୋଇଥିବା ଏହି ପଥର ଶିଳ୍ପୀ କାରିଗରଙ୍କ କୁଳ ବେଉସା ରୂପେ ପରିବାର ପ୍ରତିପୋଷଣ କରୁଥିବାବେଳେ ସରକାରୀ ପ୍ରୋତ୍ସାହନ ଅଭାବରୁ ଧିରେ ଧିରେ ଲୋପ ପାଇବାକୁ ବସିଲାଣି। କୁଟୀର ଶିଳ୍ପୀଙ୍କୁ ସରକାର ବିଭିନ୍ନ ପ୍ରୋତ୍ସାହନ, ଆର୍ଥିକ ଅନୁଦାନ ସମେତ ତାଲିମର ଅନୁମୋଦିତ କରିଥିବାବେଳେ ଚନ୍ଦନ ପେଡ଼ା ଶିଳ୍ପୀଙ୍କ ପାଇଁ ସରକାରୀ ସୁବିଧା ଅଜି ପର୍ଯ୍ୟନ୍ତ ହୋଇପାରିନାହିଁ। ପରଜଙ୍ଗ ବ୍ଲକ କଳଦା ପଞ୍ଚାୟତ ଅନ୍ତର୍ଗତ ସିଂହଡ଼ା ଗ୍ରାମର ଦଳିତ ସାହିରେ ବସବାସ କରୁଥିବା ଷାଠିଏ ପରିବାର ଏହି ଚନ୍ଦନ ପେଡ଼ା କାର୍ଯ୍ୟ କରି ପରିବାର ଗୁଜାରଣ ମେଣ୍ଟାଇ ଆସୁଛନ୍ତି। ଏଠାରୁ ଚନ୍ଦନ ପେଡା ଶ୍ରୀକ୍ଷେତ୍ରକୁ ଯାଇ ବେଶ ସୁନାମ ମଧ୍ୟ ରହିଛି। ଦୀର୍ଘ ଶହେ ବର୍ଷ ରୁ ଊର୍ଦ୍ଧ୍ୱ ହେବ ନିଜର କୂଳ ବେଉସା ଭାବେ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ଦେବା ଦେବୀ ମାନଙ୍କୁ ଯେଉଁ ଚନ୍ଦନ ତିଳକ ଲାଗି ହୋଇଥାଏ ସେଥିରେ ବ୍ୟବହାର ହେଉଥିବା ପଥରର ପେଡ଼ାକୁ ଚନ୍ଦନ ପେଡ଼ା କୁହାଯାଇଥାଏ। ମାଟି ଗର୍ଭରୁ କଞ୍ଚା ପଥରକୁ ଆଣି ଛେଣି ହାତୁଡ଼ି ସାହାଯ୍ୟରେ ସୁନ୍ଦର ଭାବେ ଚନ୍ଦନ ପେଡ଼ାକୁ କାରୀଗର ରୂପ ଦେଇଥାଏ। ଓଡ଼ିଶାର ପ୍ରାୟ ଜିଲ୍ଲାର ଘରେ ଘରେ ପରିଚିତ ହୋଇଛି ଏହି ଚନ୍ଦନ ପେଡ଼ା। ପେଡ଼ା ସହିତ ପଥରର ବିରି ତୁରା ଚାକି, ଦୀପ, ଶୁଭ ପଥିରି ଆଦି ଶିଳ୍ପୀ କରନ୍ତି। ପୂଜାପାର୍ବଣ ରଥଯାତ୍ରା, ଲକ୍ଷ୍ମୀ ପୂଜା, ଗଣେଶ ପୂଜା, ଦଶହରା, ବାଲିଯାତ୍ରା ସମୟରେ ମେଳାରେ କାରିଗରମାନେ ଏହାକୁ ବିକ୍ରି କରି ପେଟ ପୋଷି ଆସୁଛନ୍ତି। ନିର୍ଦ୍ଦିଷ୍ଟ ଉପକରଣ ନ ମିଳିବାରୁ ଧିରେ ଧିରେ ବେଉସା ବୁଡ଼ିବାକୁ ବସିଲାଣି। ଆଧୁନିକ ଯୁଗର ମଣିଷ ପୂର୍ବକାଳର ମାଟି, ପଥର ଖୋଦିତ ସାମଗ୍ରୀର ବର୍ତ୍ତମାନ ଚାହିଦା ବଢିବାରେ ଲାଗିଛି। ସରକାରଙ୍କ ପକ୍ଷରୁ ବିଭିନ୍ନ କଳା କାରୁକାର୍ଯ୍ୟ ପ୍ରତି ଅର୍ଥ ଅନୁଦାନ ପ୍ରଦାନ କରିଥିବାବେଳେ ସିଂହଡା ଗ୍ରାମ ଦଳିତ ସାହିରେ ଦୀର୍ଘବର୍ଷ ହେବ ପଥର ଖୋଦିତ ସାମଗ୍ରୀକୁ ପ୍ରଶାସନ ପକ୍ଷରୁ ସହଯୋଗୀ ହାତ ବଢାଇଲେ ଆଗାମୀ ପିଢ଼ି ଏହି ପ୍ରାଚୀନ କାଳର ପଥର ଖଦିତ ସାମଗ୍ରୀକୁ ବଞ୍ଚାଇ ରଖିପାରନ୍ତେ। ସରକାର ଏ ଦିଗରେ ନଜର ଦେଇ କାରିଗର ଶିଳ୍ପୀଙ୍କୁ ଆର୍ଥିକ ଅନୁଦାନ ଓ ପ୍ରୋତ୍ସାହନ ଯୋଗାଇ ଦେବାକୁ କାରିଗର ନିବେଦନ କରିଛନ୍ତି। ସରକାର କୁଟୀର ଶିଳ୍ପ ଗୃହ ଓ ଆବଶ୍ୟକ ଉପକରଣ ସହାୟତା ଯୋଗାଇଲେ କାରିଗରୀ ଶିଳ୍ପୀ ଆଗକୁ ବଢ଼ିପାରିବେ ବୋଲି ମତ ପ୍ରକାଶ ପାଇଛି।

# ପୁରୀକୁ ଯାତ୍ରାବାହୀ ରେଳ ଚଳାଚଳ ନିମନ୍ତେ ବିଧାୟକଙ୍କ ପତ୍ର

ପରଜଙ୍ଗ, ୧୩।୭ (ସମିସ): ଚଳିତ ଘୋଷ ଯାତ୍ରାକୁ ପରଜଙ୍ଗ ଅଞ୍ଚଳବାସୀ ପୁରୀକୁ ଯିବା ନିମନ୍ତେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ପତ୍ର ଲେଖିଛନ୍ତି। ଅନୁଗୋଳ-ସୁକିନ୍ଦା ରେଳପଥ ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ପରୀକ୍ଷାମୂଳକ ଭାବେ ମାଲବାହୀ ରେଳ ଚଳାଚଳ ଦୀର୍ଘ ଦୁଇବର୍ଷ ହେବ ଆରମ୍ଭ ହୋଇଛି। ଆଗାମୀ ରଥଯାତ୍ରା ଉପଲକ୍ଷେ ପରଜଙ୍ଗରୁ ପୁରୀ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ରେଳ ବ୍ୟବସ୍ଥା କରିବାକୁ ବିଧାୟକ ଅନୁରୋଧ କରିଛନ୍ତି। ଏହି ରେଳପଥରେ କୌଣସି ଯାତ୍ରୀବାହୀ ରେଳ ଚାଲୁନାହିଁ। ଫଳରେ ପରଜଙ୍ଗ ଓ ଆଖପାଖ ଅଞ୍ଚଳର ଲୋକଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ରଥଯାତ୍ରା ସମୟରେ ଅନେକ ଭକ୍ତ ପୁରୀ ଦର୍ଶନ କରିବାକୁ ଇଛା କରନ୍ତି। ଏକ ସ୍ୱତନ୍ତ୍ର ରେଳ ସେବା ଆରମ୍ଭ କରି ସୁରକ୍ଷିତ ଓ ସୁବିଧାଜନକ ଯାତ୍ରା ସୁବିଧା ଯୋଗାଇଦେବାକୁ ବିଧାୟକ ଶ୍ରୀ ପ୍ରଧାନ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି। ଯାହାକୁ ନେଇ ପୂର୍ବତନ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସମ୍ପାଦକ ଦୀପକ କୁମାର ଗୋଛାୟତଙ୍କ ସମେତ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି।

## ରାଜ୍ୟ ଗଣଶିକ୍ଷା ସଚିବଙ୍କ କଡ଼ା ନିର୍ଦ୍ଦେଶ

# ନାମଲେଖା ଟଙ୍କା ଫେରାଇଲା ଗଁଦିଆ ମହିମା ମହାବିଦ୍ୟାଳୟ

ଗଁଦିଆ, ୧୩।୭ (ସମିସ)

ଢେଙ୍କାନାଳ ଜିଲ୍ଲାର ଗଁଦିଆ ଅଞ୍ଚଳରେ ଅବସ୍ଥିତ ମହିମା ମହାବିଦ୍ୟାଳୟରେ ନୂତନ ନାମଲେଖା ସମୟରେ ବିଭିନ୍ନ ଫିସ୍ ଆଳରେ ବିଦ୍ୟାର୍ଥୀଙ୍କଠାରୁ ଅର୍ଥ ଆଦାୟ କରାଯାଉଥିବା ଘଟଣା ଜଣାପଡିଥିଲା। ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ହେବା ପରେ ଏବେ କଲେଜ କର୍ତ୍ତୃପକ୍ଷଙ୍କ ଉପରେ ସରକାରୀ ନିର୍ଦ୍ଦେଶନାମା ଜାରି କରାଯାଇଛି। ରାଜ୍ୟରେ ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ କେଜିରୁ ପିଜି ମାଗଣା ଶିକ୍ଷାଦାନ ବ୍ୟବସ୍ଥା ଘୋଷଣା ହୋଇଥିବା ବେଳେ ଏହି ନିୟମର ଉଲ୍ଲଂଘନକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ରାଜ୍ୟ ଗଣଶିକ୍ଷା ସଚିବ ଏନ୍. ଥିରୁମାଲା ନାୟକ। ନୂତନ ଭାବେ ଆଡ଼ମିସନ କରିଥିବା ବିଦ୍ୟାର୍ଥୀଙ୍କଠାରୁ ଆଦାୟ ହୋଇଥିବା ଅର୍ଥକୁ ଯଥାଶୀଘ୍ର ଫେରାଇବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ପାଇବା ପରେ ମହାବିଦ୍ୟାଳୟ ପକ୍ଷରୁ ହଠାତ୍ ଚଞ୍ଚଳତା ଦେଖିବାକୁ ମିଳିଛି। ଗତ ୯ ଓ

### ୧୫୮ ଛାତ୍ରଛାତ୍ରୀ ପାଇଲେ ଅର୍ଥ ଫେରସ୍ତ

୧୦ ତାରିଖ ଦୁଇ ଦିନ ଧରି ୧୫୮ ଜଣ ଛାତ୍ରଛାତ୍ରୀଙ୍କଠାରୁ ବିଭିନ୍ନ ବାବଦରେ ଫିସ୍ ଆଦାୟ କରାଯାଇଥିଲା। ଏହି ତାଗିଦ୍ ପରେ ଏବେ ସେହି ସମସ୍ତ ଅର୍ଥରାଶିକୁ କଲେଜ କର୍ତ୍ତୃପକ୍ଷ ସମ୍ପୃକ୍ତ ବିଦ୍ୟାର୍ଥୀଙ୍କୁ ଫେରାଉଛନ୍ତି। ଦୁଇଦିନ ଧରି ଟଙ୍କା ଆଦାୟ ପରେ କେବଳ ଗଣମାଧ୍ୟମରେ ଖବର ପ୍ରସାରଣ ହେବାରୁ ପୁନର୍ବାର ବିଦ୍ୟାର୍ଥୀଙ୍କୁ ଟଙ୍କା ଫେରାଇବା ଘଟଣା ସାଧାରଣରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ଯେପରିକି ମହାବିଦ୍ୟାଳୟ ଜାଣିଶୁଣି ସରକାରୀ ନିୟମକୁ ବେଖାତିର କରିଥିଲା ନା ସରକାରଙ୍କ ପକ୍ଷରୁ ସଠିକ୍ ନିୟମାବଳୀର ଚିଠି ଆସି ନ ଥିଲା। ଯଦି କେବଳ ମହିମା ମହାବିଦ୍ୟାଳୟରେ ଏଭଳି ସ୍ଥିତି, ତେବେ ରାଜ୍ୟର ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ମଧ୍ୟ ଏହି ମାଗଣା ଶିକ୍ଷାଦାନ ନିର୍ଦ୍ଦେଶକୁ ଅବମାନନା କରାଯାଉଛି କି ନାହିଁ ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ପ୍ରସଙ୍ଗରେ ରାଜ୍ୟସ୍ତରୀୟ ଏକ ସରକାରୀ ତଦନ୍ତର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏହି ବିବାଦ ସମ୍ପର୍କରେ ମହିମା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରହ୍ଲାଦ କୁମାର ସ୍ୱାଇଁ କହିଛନ୍ତି,ସରକାରଙ୍କ ପକ୍ଷରୁ ଯେଉଁ ନିୟମ ଓ ଯେଉଁଭଳି ନିର୍ଦ୍ଦେଶାବଳୀ ଆସିଥିଲା, ଆମେ କେବଳ ତାହାରି ଅନୁପାଳନ କରିଛୁ।

# ଦୁର୍ଘଟଣାରେ ଜଣେ ମୃତ, ୩ ଗୁରୁତର ଆହତ

ଗଁଦିଆ, ୧୩।୭ (ସମିସ): ଗନ୍ଦିଆ ଅଞ୍ଚଳରେ ଦୁର୍ଘଟଣା ଘଟି ଜଣେ ମୃତ୍ୟୁବରଣ କରିଥିବାବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଆଜି ସକାଳ ୭ଟାରେ ଦେଓଗାଁ ଟାଙ୍ଗୀ ମୁଖ୍ୟ ରାସ୍ତାରେ ଦୁର୍ଘଟଣା ଘଟିଥିଲା। କଟକ ଆତୁ ଖୁସି ନାମକ ଯାତ୍ରୀବାହୀ କଟକରୁ ସିଧା ପାଲଲହଡା ଅଭିମୁଖେ ଯାଉଥିଲା। ଏହି ସମୟରେ ଭୁବନରୁ ଏକ କାର୍‌ରେ ୪ ଜଣ କଟକ ଅଭିମୁଖେ ଯାଉଥିଲେ। ଦେଓଗାଁ ଛକଠାରୁ ହରିପୁର-ଟାଙ୍ଗୀକୁ ଯାଇଥିବା ରାସ୍ତାରେ ଦେଓଗାଁ ଛକଠାରୁ ଅନତି ଦୂରରେ ଏହି ଗାଡି ଦୁଇଟି ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ କାର୍‌ରେ ଥିବା ୪ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ଗଁଦିଆ ପୁଲିସ ପହଞ୍ଚି କାର୍‌ରେ ଥିବା ଭୁବନ ଅଞ୍ଚଳର ୪ ଜଣ ଆହତ ଡ୍ରାଇଭର ରଞ୍ଜିତ ମଲ୍ଲିକ, ଦିଲ୍ଲୀପ ମଲ୍ଲିକ, ସନ୍ତୋଷ ସାହୁ ଓ ଶିଖର ମଲ୍ଲିକଙ୍କୁ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଆହତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ କାର୍ ଚାଳକ ରଞ୍ଜିତ ମଲ୍ଲିକଙ୍କୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୩ ଜଣଙ୍କର ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଦୁଇଟି ଗାଡିକୁ ଜବତ କରିଥିବା ଜଣାପଡିଛି।

## ଜୟ ମା' କାଳୀ ଟ୍ରଲର ନିଖୋଜ ଘଟଣା

# ୯ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର

ବାଲେଶ୍ୱର (ଉତ୍ତର) / ଚନ୍ଦନେଶ୍ୱର, ୧୩।୭ (ସମିସ): ବଙ୍ଗୋପସାଗରରେ ନିଖୋଜ ହୋଇଥିବା ମାଛଧରା ଟ୍ରଲର 'ଜୟ ମା କାଳୀ'କୁ ନେଇ ଆସିଥିବା ଖବର ସମଗ୍ର ବାଲେଶ୍ୱର ଜିଲ୍ଲା ସହ ଉପକୂଳ ଅଞ୍ଚଳକୁ ଶୋକାକୁଳ କରିଦେଇଛି। ଦୀର୍ଘ ୧୨ ଦିନ ଧରି ନିଖୋଜ ଥିବା ଏହି ଟ୍ରଲରର ସନ୍ଧାନ ମିଳିଥିଲା। ମାତ୍ର ସେଥିରେ ଥିବା ୧୫ ଜଣ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ୯ ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବା ସୂଚନା ମିଳିଛି। ଅବଶିଷ୍ଟ ୬ ଜଣଙ୍କ କୌଣସି ସନ୍ଧାନ ମିଳିନଥିବାରୁ ସେମାନଙ୍କ ଜୀବନକୁ ନେଇ ଗଭୀର ଆଶଙ୍କା ସୃଷ୍ଟି ହୋଇଛି। ପ୍ରାଥମିକ ସୂଚନା ଅନୁଯାୟୀ, ଉଦ୍ଧାର ହୋଇଥିବା ଟ୍ରଲର ଭିତରେ ୯ ଜଣଙ୍କ ମୃତଦେହ ରହିଥିବା ଦେଖାଯାଇଥିଲା। ମୃତଦେହ ଗୁଡ଼ିକ ଦୀର୍ଘ ସମୟ ସମୁଦ୍ରରେ ରହିଥିବାରୁ ସେଗୁଡ଼ିକୁ ତୁରନ୍ତ ଚିହ୍ନଟ କରିବା ସମ୍ଭବ ହୋଇନାହିଁ। ସେଥିପାଇଁ ଚିହ୍ନଟ ହୋଇ ପାରୁନାହିଁ। ତେଣୁ ପଶ୍ଚିମବଙ୍ଗ ପ୍ରଶାସନ ପକ୍ଷରୁ ପରିଚୟ ନିର୍ଣ୍ଣୟ ପାଇଁ ଡିଏନଏ ପରୀକ୍ଷା କରିପାରେ ବୋଲି ସୂଚନା ମିଳିଛି। ଏହି ଦୁଃଖଦ ଘଟଣା ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ନାଚିନ୍ଦା ପଞ୍ଚାୟତ ଅନ୍ତର୍ଗତ ଉଲୁଡା ଗାଁକୁ ସ୍ତବ୍ଧ କରିଦେଇଛି। ଗାଁର ମଧୁସୂଦନ ମାଝୀଙ୍କ ତିନି ପୁଅ ରବୀନ୍ଦ୍ର, ଜଗନ୍ନାଥ ଓ ଜୟରାମ ଏହି ଟ୍ରଲରରେ ଥିବାରୁ ସେମାନଙ୍କ ପରିବାର ସହ ସମଗ୍ର ଗାଁ ଏବେ ଅନିଶ୍ଚିତତା ଓ ଶୋକରେ ବୁଡ଼ି ରହିଛି। ପ୍ରତ୍ୟେକ ଘରେ କାନ୍ଦବୋବାଳି ଓ ଚିନ୍ତାର ପରିବେଶ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ପଶ୍ଚିମବଙ୍ଗର ଦେଉଳୀ ବାଙ୍ଗଲା ଅଞ୍ଚଳର ଟ୍ରଲର ମାଲିକ ଅଭିଜିତ ବେରାଙ୍କର ୨୦ରୁ ଅଧିକ ମାଛଧରା ଟ୍ରଲର ରହିଛି। ଗତ ଜୁଲାଇ ୨ ତାରିଖରେ ଉଲୁଡାର ୩ ଜଣ ମତ୍ସ୍ୟଜୀବୀଙ୍କ ସମେତ ମୋଟ ୧୫ ଜଣଙ୍କୁ ନେଇ 'ଜୟ ମା କାଳୀ' ଟ୍ରଲର ଇଲିଶି ମାଛ ଧରିବା ପାଇଁ ବଙ୍ଗୋପସାଗରକୁ ଯାଇଥିଲା। କିନ୍ତୁ ଚାରି ଦିନ ପରେ ଟ୍ରଲର ସହ ସମ୍ପୂର୍ଣ୍ଣ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଏହାପରେ ଟ୍ରଲର ଓ ମତ୍ସ୍ୟଜୀବୀଙ୍କ ସନ୍ଧାନ ପାଇଁ ଓଡ଼ିଶା ଓ ପଶ୍ଚିମବଙ୍ଗ ସରକାର, କୋଷ୍ଟଗାର୍ଡ, ମତ୍ସ୍ୟ ବିଭାଗ ଓ ସ୍ଥାନୀୟ ପ୍ରଶାସନ ମିଳିତ ଭାବେ ବ୍ୟାପକ ଅଭିଯାନ ଆରମ୍ଭ କରିଥିଲେ। ରବିବାର ସନ୍ଧ୍ୟାରେ ଶଙ୍କରପୁର ମତ୍ସ୍ୟ ଅବତରଣ କେନ୍ଦ୍ରଠାରୁ ପ୍ରାୟ ୮୦ କିଲୋମିଟର ଦୂରରେ କାକଦ୍ୱୀପ ନିକଟସ୍ଥ ଏକ ବାଲିଚଡ଼ାରେ ଟ୍ରଲରଟି ଓଲଟି ପଡ଼ି ଅଟକି ରହିଥିବା ଅବସ୍ଥାରେ ଠାବ କରାଯାଇଥିଲା। ପରେ ବନ ବିଭାଗ ଓ ପୁଲିସର ସହଯୋଗରେ ଟ୍ରଲରକୁ ଉଦ୍ଧାର କରାଯାଇ ଶଙ୍କରପୁର ମତ୍ସ୍ୟ ବନ୍ଦର ଅଭିମୁଖେ ଅଣାଯାଉଛି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ, ଉଦ୍ଧାର ପରବର୍ତ୍ତୀ ସମସ୍ତ ପ୍ରକ୍ରିୟା ପ୍ରଶାସନ ତଦାରଖ କରୁଛି ଏବଂ ମୃତଦେହଗୁଡ଼ିକର ପରିଚୟ ନିଶ୍ଚିତ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଅନ୍ୟପଟେ ନିଖୋଜ ଅବଶିଷ୍ଟ ୬ ଜଣଙ୍କ ସନ୍ଧାନ ପାଇଁ ଉଦ୍ଧାରକାରୀ ଦଳର ଅଭିଯାନ ଜାରି ରହିଛି। ଏହି ହୃଦୟବିଦାରକ ଘଟଣା ଉପକୂଳ ଓଡ଼ିଶାର ମତ୍ସ୍ୟଜୀବୀ ସମାଜକୁ ଗଭୀର ଆଘାତ ଦେଇଛି। ସମୁଦ୍ରକୁ ଜୀବିକାର ଆଶାରେ ଯାଇଥିବା ମତ୍ସ୍ୟଜୀବୀମାନଙ୍କ ଏପରି କରୁଣ ପରିଣତି ପରେ ସମୁଦ୍ରରେ ମତ୍ସ୍ୟଧରାର ସୁରକ୍ଷା ବ୍ୟବସ୍ଥା, ଜରୁରୀ ଯୋଗାଯୋଗ ପ୍ରଣାଳୀ ଓ ବିପର୍ଯ୍ୟୟ ସମୟରେ ଦ୍ରୁତ ଉଦ୍ଧାର ବ୍ୟବସ୍ଥାକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି।

**୬ ଜଣଙ୍କୁ ନେଇ ବଢ଼ିଲା ଆଶଙ୍କା**
**ଚିହ୍ନଟ ହୋଇପାରୁନି ମୃତଦେହ**
**ଡିଏନ୍ଏ ପରୀକ୍ଷା କରିବ ପଶ୍ଚିମବଙ୍ଗ ପ୍ରଶାସନ**



## ବନ୍ଦୀଙ୍କ ଦଣ୍ଡ କ୍ଷମା, କୋହଳ ପ୍ରସଙ୍ଗ

# ୫୬ବନ୍ଦୀଙ୍କ ପ୍ରସଙ୍ଗରେ ଏସ୍ଏସ୍ଆର୍ବିର ନିଷ୍ପତ୍ତି ଜଣାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୩।୭(ସମିସ): ଦଣ୍ଡ କ୍ଷମା ବା କୋହଳ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ରହିଥିବା ନୀତି ଓ ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଅନୁପାଳନ କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଆସୁଥିବା ବେଳେ ଏହି ପ୍ରସଂଗରେ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ଅବଗତ କରାଯାଇଛି। ଦଣ୍ଡ ଅବଧି ଶେଷ ହେବା ପୂର୍ବରୁ ଜେଲରୁ ମୁକ୍ତି ପାଇଁ ୫୬ଜଣ ଆଜୀବନ ବନ୍ଦୀଙ୍କ ପ୍ରସଂଗ ବିଚାରକୁ ନିଆଯିବା ସହ ଗତ ଜୁଲାଇ ୬ରେ ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡ (ଏସଏସଆରବି)ର ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପ୍ରସଂଗରେ ଜେଲ ଡିଜି ଓ ଡିସିଏସଙ୍କ ଜୁଲାଇ ୭ର ଚିଠି ସରକାରଙ୍କ ତରଫରୁ ହାଇକୋର୍ଟରେ ଉପସ୍ଥାପନ କରାଯାଇଥିଲା। ଏସ୍ଏସ୍ଆର୍ବି ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ସଂକ୍ରାନ୍ତରେ ଜଣାଇବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ଶଶୀକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ତେବେ ଏସ୍ଏସ୍ଆର୍ବି ବୈଠକରେ ଗୃହୀତ ପ୍ରସ୍ତାବର କପି ଦାଖଲ କରିବାକୁ ରାଜ୍ୟ ସରକାରଙ୍କ ତରଫରୁ ଏକ ସପ୍ତାହ ସମୟ ଲୋ?। ଯାଇଥିଲା ବେଳେ ହାଇକୋର୍ଟ ଏଥି ପାଇଁ ଅନୁମତି ଦେବା ସହିତ ଜୁଲାଇ ୨୧କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଦଣ୍ଡ ପ୍ରୟୋଗ ସ୍ଥଗିତ ବା ଛାଡ଼ ତଥା ଦଣ୍ଡ ଅବଧି ପୂର୍ବରୁ ବନ୍ଦୀଙ୍କ ମୁକ୍ତି ପ୍ରସଙ୍ଗ ତଦାରଖ କରିବାକୁ ହାଇକୋର୍ଟ ନିଜ ଆଡ଼ୁ ଏହି ମାମଲା ରୁଜୁ କରି ଶୁଣାଣି କରୁଛନ୍ତି। ସୁପ୍ରିମକୋର୍ଟ ୨୦୨୫, ନଭେମ୍ବର ୪ରେ ଏହି ପ୍ରସଙ୍ଗରେ ଶୁଣାଣି କରି ଦେଶର ବିଭିନ୍ନ ହାଇକୋର୍ଟଙ୍କୁ ନିଜ ଆଡ଼ୁ ରିଟ୍ ପିଟିସନ ରୁଜୁ କରିବାକୁ କହିଥିଲେ। ଦଣ୍ଡ ଅବଧି ଶେଷ ହେବା ପୂର୍ବରୁ ଜେଲରୁ ବନ୍ଦୀଙ୍କ ମୁକ୍ତି ସଂକ୍ରାନ୍ତରେ ରହିଥିବା ନୀତି କାର୍ଯ୍ୟକାରୀ ପ୍ରସଂଗ ନିରୀକ୍ଷଣ ଓ ତଦାରଖ କରିବା ପାଇଁ ହାଇକୋର୍ଟ ନିଜ ଆଡ଼ୁ ମାମଲା ରୁଜୁ କରିବେ ବୋଲି ସୁପ୍ରିମକୋର୍ଟ କହିଥିଲେ।

## ନେତ୍ରୋତ୍ସବ ଦର୍ଶନ ନୀତି ନିର୍ଘଣ୍ଟ

| | |
|---|---|
| ଶ୍ରୀମନ୍ଦିରକୁ ଖଡ଼ି ପ୍ରସାଦ ବିଜେ | ସକାଳ ୯ଟା |
| ବନକଲାଗି | ସକାଳ ୯ରୁ ମଧ୍ୟାହ୍ନ ୧୨ଟା |
| ଚକା ଅପସର | ମଧ୍ୟାହ୍ନ ୧୨ଟା ୧୫ |
| ମଙ୍ଗଳ ଆଳତି | ମଧ୍ୟାହ୍ନ ୧୨ଟା ୩୦ |
| ଦଶାବତାର ଠାକୁର ବାହୁଡ଼ା ବିଜେ | ଅପରାହ୍ଣ ୧ଟା ୩୦ |
| ତାଟି ଫିଟିବା | ଅପରାହ୍ଣ ୨ଟା |
| ପରିମାଣିକ ଦର୍ଶନ (ଭିତରକାଠ) | ସାଢ଼େ ୨ରୁ ସାଢ଼େ ୩ଟା |
| ସର୍ବସାଧାରଣ ଦର୍ଶନ (ଭିତରକାଠ) | ସାଢ଼େ ୩ରୁ ସାଢ଼େ ୪ଟା |
| ଦଇତାପତି ସର୍ବାଙ୍ଗ, ବନ୍ଦାପନା | ସନ୍ଧ୍ୟା ୬ଟା |
| ନେତ୍ରୋତ୍ସବ ବନ୍ଦାପନା | ସନ୍ଧ୍ୟା ୬ଟା ୩୦ |
| ଗୋପାଳ ବଲ୍ଲଭ ଓ ସକାଳ ଧୂପ | ରାତି ୯ରୁ ୧୦ଟା |
| ଭୋଗମଣ୍ଡପ | ରାତି ୯ଟା ୧୦ରୁ ସାଢ଼େ ୧୦ଟା |
| ମଇଲମ, ବେଶ | ରାତି ୧୧ଟା |
| ମଧ୍ୟାହ୍ନଧୂପ (କେବଳ କୋଠଭୋଗ) | ରାତି ସାଢ଼େ ୧୧ରୁ ସାଢ଼େ ୧୨ଟା |
| ଦ୍ୱିତୀୟ ଭୋଗମଣ୍ଡପ | ରାତି ୧୨ଟା ୪୦ରୁ ୧ଟା |
| ସନ୍ଧ୍ୟା ଆଳତି | ରାତି ୨ଟା ୧୦ |
| ସନ୍ଧ୍ୟା ଧୂପ | ରାତି ସାଢ଼େ ୨ରୁ ସାଢ଼େ ୩ଟା |
| ଦତ୍ତ ବନକଲାଗିକୁ ପ୍ରବେଶ | ଭୋର୍ ୪ଟା |

# ହୀରାକୁଦର ଗୋଟିଏ ଗେଟ୍ ଖୋଲା, ଜଳସ୍ତର ୬୧୦.୫୮ ଫୁଟ୍

ସମ୍ବଲପୁର, ୧୩।୭ (ସମିସ) : ପୂର୍ବ ନିଷ୍ପତ୍ତି ଅନୁଯାୟୀ, ଗତ ୯ ତାରିଖ ପୂର୍ବାହ୍ଣ ୧୧ଟାରେ ହୀରାକୁଦ ନଦୀବନ୍ଧରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ପ୍ରଥମ ଦିନ ମୋଟ ୧୦ଟି ଖୋଲା ଯାଇଥିଲା। ଜଳପ୍ରବେଶ ପରିମାଣ ଓ ଜଳସ୍ତର ହ୍ରାସ ପାଇବାସହ ବର୍ଷା ବନ୍ଦ ହୋଇଯିବାରୁ ପରବର୍ତ୍ତୀ ଦିନ ମାନଙ୍କରେ ପର୍ଯ୍ୟାୟକ୍ରମେ ୮ଟି ଗେଟ୍ ବନ୍ଦ କରାଯାଇଥିଲା। ଏହାପରେ ପୁଣି ମଙ୍ଗଳବାର ସକାଳ ୯ଟା ସମୟରେ ଆଉ ଗୋଟିଏ ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହୀରାକୁଦ ନଦୀବନ୍ଧରୁ ମାତ୍ର ଗୋଟିଏ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୦.୫୮ ଫୁଟ୍ ରହିଛି। ନଦୀବନ୍ଧର ବାମପଟର ଗୋଟିଏ ଗେଟ୍ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨୬,୯୭୫ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୪୩,୦୨୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧୪,୯୧୪ କ୍ୟୁସେକ୍, ପାୱାର ଚେନାଲ ଦେଇ ୨୩୮୭୦ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୩୯୮୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ପଥର୍ଲାଠାରେ ୧୫୨୪୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ଖଇରମାଳଠାରେ ୭୨,୦୦୦ କ୍ୟୁସେକ୍, ବାରମୁଲଠାରେ ୯୦,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୧,୮୭,୧୮୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ ଘଣ୍ଟାରେ ଉପର ଓ ତଳମୁଣ୍ଡରେ ଆଦୌ ବର୍ଷା ହୋଇ ନ ଥିବା ଜଣାପଡ଼ିଛି।

## ବିଜେପିର ଦଳୀୟ ଶୋଭାଯାତ୍ରାରେ ଶିଶୁଙ୍କୁ ନିୟୋଜନ

# ଶିଶୁ ସୁରକ୍ଷା ଅଧିକାର ଆୟୋଗର ହସ୍ତକ୍ଷେପ ଲୋଡ଼ିଲା ବିଜେଡି

ଭୁବନେଶ୍ୱର,୧୩।୭(ସମିସ): ବିଜେପି ନିଜର ରାଜନୈତିକ ଫାଇଦା ହାସଲ ପାଇଁ ଶିଶୁ ମାନଙ୍କୁ ମଧ ଛାଡୁନାହିଁ। ରାଜନୈତିକ ଶୋଭାଯାତ୍ରାରେ ଶିଶୁ ମାନଙ୍କୁ ସାମିଲ୍ କରି ନିଜର ରାଜନୈତିକ ଉଦ୍ଦେଶ୍ୟ ପୂରଣ କରୁଛି ବୋଲି ଅଭିଯୋଗ କରିଛି ବିଜେଡି। ଗତ ୧୨ ତାରିଖରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ବିଜେପିରେ ଯୋଗଦେବା ବେଳେ ଏକ ଶୋଭାଯାତ୍ରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଉକ୍ତ ଶୋଭାଯାତ୍ରାରେ ଶିଶୁଙ୍କୁ ସାମିଲ୍ କରାଯାଇଥିଲା। ତେଣୁ ବିଜେପିର ଶୀର୍ଷ ନେତୃମଣ୍ଡଳୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବିରେ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗର ହସ୍ତକ୍ଷେପ ଲୋଡ଼ିଛି ବିଜେଡି ପ୍ରତିନିଧି ମଣ୍ଡଳୀ।ବିଜେପି ନିଜର ଦଳୀୟ ପ୍ରଚାର ଓ ପ୍ରସାର ପାଇଁ ଶିଶୁ ମାନଙ୍କୁ ମଧ ଛାଡୁନାହିଁ। କାର୍ଯ୍ୟକ୍ରମ ଏବଂ ଶୋଭାଯାତ୍ରାରେ ନାବାଳକ ଶିଶୁମାନଙ୍କୁ ବ୍ୟବହାର କରାଯାଇଛି। ସେମାନଙ୍କୁ ଦଳୀୟ ଟୋପି, ଉତ୍ତରୀୟ ପିନ୍ଧାଇ ଦଳୀୟ ପତାକା, ପ୍ଲାକାର୍ଡ ଏବଂ ବ୍ୟାନର୍ ଧରାଯାଉଛି। ଏହା ଶିଶୁ ମାନଙ୍କ ଅଧିକାର ଏବଂ ସୁରକ୍ଷାକୁ ବିପନ୍ନ କରୁଛି, ଯାହାକି ଅତ୍ୟନ୍ତ ଚିନ୍ତାଜନକ ବୋଲି ବିଜେଡି କହିଛି ।

ବିଜେଡି ପକ୍ଷରୁ ରାଜ୍ୟ ଶିଶୁ ସୁରକ୍ଷା ଅଧିକାରୀ ଆୟୋଗର ଅଧକ୍ଷା ବବିତା ପାତ୍ରଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି। ଘଟଣାର ତଦନ୍ତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ନୋଟିସ୍ ଜାରି କରିବାକୁ ଅଭିଯୋଗ ପତ୍ରରେ ଦାବି ହୋଇଛି। ରାଜନୈତିକ ଶୋଭାଯାତ୍ରା ଓ କାର୍ଯ୍ୟକ୍ରମରେ ପିଲାମାନଙ୍କୁ ସାମିଲ କରାଯାଇଥିବାରୁ ଆୟୋଗର ତୁରନ୍ତ ହସ୍ତକ୍ଷେପ ଏବଂ ଶିଶୁ ଅଧିକାର ସୁରକ୍ଷା ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ତୁରନ୍ତ ଗ୍ରହଣ କରିବାକୁ ବିଜେଡି ପ୍ରତିନିଧି ମଣ୍ଡଳି ଦାବି କରିଛି। ବିଜେଡି ପ୍ରତିନିଧି ମଣ୍ଡଳୀରେ ସୁମିତ୍ରା ଜେନା, ପୁଷ୍ପାଞ୍ଜଳି ରଣା, ଜ୍ୟୋସ୍ନାମୟୀ ପରିଡ଼ା, ବନଜା ମହାନ୍ତି, ଇଲା ସ୍ୱାଇଁ, ଅଂଶୁ ତ୍ରିପାଠୀ, ଭାଗ୍ୟଶ୍ରୀ ଜେନା ଏବଂ ଡ. ପ୍ରିୟବ୍ରତ ମାଝୀ ପ୍ରମୁଖ ସାମିଲ ଥିଲେ।



**ଶୋଭାଯାତ୍ରାରେ ଶିଶୁଙ୍କ ହାତରେ ବିଜେପି ପତାକା ଓ ପ୍ଲାକାର୍ଡ**

# ୧୯ରେ ଶ୍ରୀଅଙ୍ଗରେ ବ୍ୟବହୃତ ଅଳଙ୍କାରର ହେବ ଗଣତି

ପୁରୀ,୧୩।୭(ସମିସ): ଗତ ମେ' ୨୩ ତାରିଖଠାରୁ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟ ସ୍ଥଗିତ ରହିଛି। ଶ୍ରୀଜୀଉମାନଙ୍କ ଶ୍ରୀଅଙ୍ଗରେ ବ୍ୟବହୃତ ଏବଂ ସ୍ନାନ ପୂର୍ଣ୍ଣିମା ଅବସରରେ ଉଲାଗି ହୋଇଥିବା ଅଳଙ୍କାରାଦିର ଗଣତି ଆସନ୍ତା ୧୯ ତାରିଖରେ ଗୋଟିଏ ଦିନ ପାଇଁ କରାଯିବ। ଏହି ଗଣତି କାର୍ଯ୍ୟ ରାଜ୍ୟ ସରକାରଙ୍କ ଅନୁମୋଦିତ ବ୍ୟବସ୍ଥାବଳୀ (ଏସ୍ଓପି) ଅନୁଯାୟୀ ସମ୍ପାଦନ କରାଯିବ। ଭିତର ରତ୍ନଭଣ୍ଡାରରେ ଗଚ୍ଛିତ ଅବଶିଷ୍ଟ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟର ତାରିଖ ପରବର୍ତ୍ତୀ ସମୟରେ ଅବଗତ କରାଯିବ। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ସୁଚାରୁ ସମ୍ପାଦନ ପାଇଁ ପୂର୍ବଭଳି ସମସ୍ତ ସେବାୟତ ଏବଂ ସଦସ୍ୟମାନଙ୍କ ଆନ୍ତରିକ ସହଯୋଗ କାମନା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

## କଳାହାଣ୍ଡିରେ ଜନନୀ ସୁରକ୍ଷାର ବିକଳ ଚିତ୍ର

# ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ; ଟ୍ରାକ୍ଟରରେ କନ୍ୟା ସନ୍ତାନ ପ୍ରସବ

ଜୟପାଟଣା,୧୩।୭(ସମିସ): ସରକାରଙ୍କ ଜନନୀ ସୁରକ୍ଷା ଯୋଜନା ଓ ବିକାଶର ହୋଡିଂ ଭିତରେ ଆଜି ବି ଦୁର୍ଗମ ଅଞ୍ଚଳର ବାସ୍ତବତା ଲୁଚି ରହିଛି। ପକ୍କା ରାସ୍ତାଟିଏ ନ ଥିବାରୁ ଜଣେ ଗର୍ଭବତୀଙ୍କ ପାଖରେ ଆମ୍ବୁଲାନ୍ସ ପହଞ୍ଚି ପାରିଲାନାହିଁ। ଶେଷରେ ସେ ଟ୍ରାକ୍ଟର ଟ୍ରଲିରେ ଶିଶୁ କନ୍ୟାକୁ ଜନ୍ମ ଦେଇଛନ୍ତି। ଜୟପାଟଣା ବ୍ଲକ୍ଅଁଳାଭଟାପଞ୍ଚାୟତରଦାବିରୀଘାଟିଗାଁରେଏହିଘଟଣାଘଟିଛି।

ସୂଚନା ଅନୁସାରେ, ଉକ୍ତ ଗାଁର ଉମିଳା ମାଝୀଙ୍କୁ ରବିବାର ରାତିରେ ପ୍ରସବ ବେଦନା ହୋଇଥିଲା। ପରିବାର ଲୋକେ ତୁରନ୍ତ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ ଗାଁକୁ ପକ୍କା ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଆସିପାରି ନ ଥିଲା। ସ୍ଥିତି ଏପରି ହୋଇଥିଲା ଯେ ଆମ୍ବୁଲାନ୍ସ ଗାଁଠାରୁ ଦୂର ଚଚରାଗୁଡ଼ା ଗ୍ରାମରେ ଅପେକ୍ଷା କରି ରହିବାକୁ ବାଧ ହୋଇଥିଲା। ଗର୍ଭବତୀଙ୍କ ଅବସ୍ଥା ଗୁରୁତର ହେବାରୁ ଗ୍ରାମବାସୀ ଓ ପରିବାରଲୋକେ ଏକ ଟ୍ରାକ୍ଟରରେ ତାଙ୍କୁ ପ୍ରାୟ ୧୦ କିଲୋମିଟର ଦୂର ଆମ୍ବୁଲାନ୍ସ ପାଖକୁ ଆଣିବାକୁ ଚେଷ୍ଟା କରିଥିଲେ। ହେଲେ ଦୁର୍ଭାଗ୍ୟବଶତଃ, ହସ୍ପିଟାଲ ପହଞ୍ଚିବା ତ ଦୂରର କଥା, ଆମ୍ବୁଲାନ୍ସ ପାଖରେ ପହଞ୍ଚିବା ପୂର୍ବରୁ ରାସ୍ତା ମଝିରେ, ଟ୍ରାକ୍ଟର ଟ୍ରଲି ଉପରେ ହିଁ ଉମିଳା ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ପରେ ଚଚରାଗୁଡ଼ାରୁ ଆମ୍ବୁଲାନ୍ସ ଯୋଗେ ଉଭୟ ମା' ଓ ନବଜାତ ଶିଶୁଙ୍କୁ ପ୍ରଥମେ ମୈଦଲପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ପ୍ରସୂତିଙ୍କ ଶରୀରରେ ରକ୍ତହୀନତା ଓ ସେ ମ୍ୟାଲେରିଆରେ ଆକ୍ରାନ୍ତ ଥିବା ଜଣାପଡ଼ିବା ପରେ ମାଆ ଓ ଶିଶୁଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କଳାହାଣ୍ଡି ଜିଲ୍ଲାର ଭୌଗୋଳିକ ସୀମା ଭିତରେ ରହିଥିଲେ ମଧ ଏହି ସୀମାନ୍ତ ଅଞ୍ଚଳର ବାସିନ୍ଦାମାନେ ଆଜି ବି ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ପଡ଼ୋଶୀ ନବରଙ୍ଗପୁର ଜିଲ୍ଲା ଉପରେ ନିର୍ଭର କରୁଛନ୍ତି, ଯାହା ସ୍ଥାନୀୟ ପ୍ରଶାସନର ସେବା ଯୋଗାଣର ଅସଲ ସ୍ଥିତିକୁ ପଦାରେ ପକାଇଛି।

ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲାରେ ସ୍ୱାସ୍ଥ୍ୟ ଏବଂ ଗମନାଗମନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାର ଏହା ପ୍ରଥମ ଘଟଣା ନୁହେଁ। ନିକଟ ଅତୀତରେ ଏଭଳି ଅନେକ ଘଟଣା ପ୍ରଶାସନର ନିଦ ହଜାଇବା କଥା, କିନ୍ତୁ ସ୍ଥିତି ସଦାବେଳେ ସମାନ ରହିଛି, ନର୍ଲା ବ୍ଲକ୍ରେ ଆମ୍ବୁଲାନ୍ସ ଖରାପ ହେବାଯୋଗୁଁ ଜଣେ ନାବାଳିକାର ମୃତ୍ୟୁ ଘଟିଥିଲା। ସେହିପରି ଧର୍ମଗଡ଼ ବ୍ଲକ୍ର ଜଣେ ଗୁରୁତର ରୋଗୀଙ୍କୁ ମେଡିକାଲ ଆଣିବା ପାଇଁ ବ୍ୟବସ୍ଥା ନ ମିଳିବାରୁ ଶେଷରେ ଏକ ମାଲବାହୀ ପିକଅପ୍ ଭ୍ୟାନରେ ହସ୍ପିଟାଲ ଅଣାଯାଇଥିଲା।ଏହି ଘଟଣାଗୁଡ଼ିକ ହିଁ ସ୍ପଷ୍ଟ ପ୍ରମାଣ କରୁଛି ଯେ ଉପାନ୍ତ ଅଞ୍ଚଳରେ ବିକାଶର ନାରା କେବଳ କାଗଜପତ୍ରରେ ସୀମିତ। ଏ ନେଇ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଉକ୍ତ ଗାଁ ପାହାଡ଼ ଉପରେ ନବରଙ୍ଗପୁର ସୀମାନ୍ତ ଅଞ୍ଚଳରେ ରହିଛି। ତଳୁ ରାସ୍ତା ନିର୍ମାଣ ସମ୍ଭବ ହେଉନାହିଁ।ତେଣୁ ସେମାନେ ନବରଙ୍ଗପୁର ଜିଲ୍ଲା ଉପରେ ଭରସା କରୁଛନ୍ତି। କିନ୍ତୁ ଏବେବି ଚାଉଳ ଭଉା ନେବା ପାଇଁ ସେ ପାହାଡିଆ ରାସ୍ତା ଦେଇ ଯିବା ଆସିବା କରନ୍ତି।

## ଚେକ୍ ବାଉନ୍ସ ମାମଲା

# ଉଦଳା ବ୍ଲକ୍ ଅଧକ୍ଷାଙ୍କୁ ୬ ମାସ ଜେଲ୍, ୧୬.୫୦ ଲକ୍ଷ ଜରିମାନା

ଉଦଳା, ୧୩।୭(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ଉପଖଣ୍ଡ ଜୁଡିସିଆଲ୍ ମାଜିଷ୍ଟ୍ରେଟ ଅଦାଲତରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରାଯାଇଛି। ଏନ୍ଆଇ୍ ଆକ୍ଟ ଧାରା ୧୩୮ ଅନୁଯାୟୀ ରୁଜୁ ହୋଇଥିବା ଏକ ମାମଲାରେ ଅଭିଯୁକ୍ତ ଉଦଳା ବ୍ଲକ ଅଧକ୍ଷା ମଞ୍ଜୁଲତା ବିଶ୍ୱାଳଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ୬ ମାସ ସାଧାରଣ କାରାଦଣ୍ଡ ଓ ୧୬,୫୦,୦୦୦ ଟଙ୍କା ଜରିମାନାର ଦଣ୍ଡାଦେଶ ଦିଆଯାଇଛି। ସୂଚନା ମୁତାବକ, ଅଭିଯୋଗକାରୀ ଦିବ୍ୟଜ୍ୟୋତି ଜେନା ଅଭିଯୁକ୍ତ ମଞ୍ଜୁଲତା ବିଶ୍ୱାଳଙ୍କୁ ବ୍ୟକ୍ତିଗତ ସମ୍ପର୍କର ଆଧାରରେ ପର୍ଯ୍ୟାୟକ୍ରମେ ୧୫ ଲକ୍ଷ ଟଙ୍କା ଋଣ ଦେଇଥିଲେ। ଦୁଇବର୍ଷ ମଧ୍ୟରେ ଟଙ୍କା ଫେରସ୍ତ କରିବାର ପ୍ରତିଶ୍ରୁତି ଦେଇଥିବା ଅଭିଯୁକ୍ତ ଟଙ୍କା ନ ଫେରାଇଥିବାରୁ ଶେଷରେ ତାଙ୍କ ନାମରେ ଆଇସିଆଇସିଆଇ ବ୍ୟାଙ୍କର ଚେକ୍ ନମ୍ବର ୦୦୦୦୯୦, ୧୬।୪।୨୦୨୫ରେ ୧୫ ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ଅଭିଯୋଗକାରୀ ଚେକ୍କୁ ଭାରତୀୟ ଓଭରସିଜ୍ ବ୍ୟାଙ୍କ ଉଦଳା ଶାଖାରେ ଜମା କରିଥିଲେ। କିନ୍ତୁ ଚେକ୍ଟି "ଷ୍ଟପ୍ ପେମେଣ୍ଟ" କାରଣରୁ ପ୍ରତ୍ୟାଖ୍ୟାତ ହୋଇଥିଲା। ଏହାପରେ ଅଭିଯୋଗକାରୀ ଆଇନଗତ ନୋଟିସ୍ ପଠାଇଥିଲେ। କିନ୍ତୁ ଅଭିଯୁକ୍ତ ଟଙ୍କା ପରିଶୋଧ କରି ନ ଥିଲେ। ମଞ୍ଜୁଲତା ବିଶ୍ୱାଳ ଚେକ୍ ଚୋରି ହୋଇଯାଇଥିବା ଦାବି କରିଥିଲେ ଓ ଏହା ସମର୍ଥନରେ ଏକ ଏଫ୍ଆଇଆର୍ ମଧ ଦେଖାଇଥିଲେ। କିନ୍ତୁ ଅଦାଲତ ଏହି ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଚେକ୍ ଉପରେ ଥିବା ସ୍ୱାକ୍ଷର ବିବାଦୀୟ ହୋଇଥିବା ସତ୍ତ୍ୱେ ଅଭିଯୁକ୍ତ ଏହାକୁ ପ୍ରମାଣିତ କରିପାରି ନ ଥିଲେ ଓ ତାଙ୍କ ବୟାନରେ ଅନେକ ବିଭ୍ରାଟ ଥିବା ଦେଖାଯାଇଥିଲା। ଏସ୍ଡିଜେଏମ୍ ଅନୁରାଗ ଦେହୁରୀ ଅଦାଲତରେ ଶୁଣାଣି ପରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଜରିମାନା ଟଙ୍କା ଅଭିଯୋଗକାରୀଙ୍କୁ କ୍ଷତିପୂରଣ ରୂପେ ପ୍ରଦାନ କରାଯିବ। ଜରିମାନା ନ ଦେଲେ ଅତିରିକ୍ତ ୩ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ।



# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର,୧୩।୭(ସମିସ): ଜୟପୁର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସ କୋର୍ଟ ଜଣେ ଦୁଷ୍କର୍ମକାରୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛି। ମାମଲା ଅନୁଯାୟୀ, ସ୍ଥାନୀୟ ଟାଉନଥାନା ପୁରୁଣାଗଡ ଅଞ୍ଚଳର ବାସିନ୍ଦା ମୃତ୍ୟୁଞ୍ଜୟ କାଡମ୍ବଲ(୨୮)ଙ୍କ ବିରୋଧରେ ଗତ ୨୦୨୪ ମସିହା ଜୁଲାଇ ୧୯ ତାରିଖରେ ସ୍ଥାନୀୟ ଅଞ୍ଚଳର ଜଣେ ୧୭ ବର୍ଷିୟା ନାବାଳିକା ଦୁଷ୍କର୍ମ ଅଭିଯୋଗ ଆଣିଥିଲେ।

ବିବାହ ପ୍ରତିଶୃତି ଦେଇ ସେ ନାବାଳିକାଙ୍କୁ ନିଜ ଘରକୁ ଆଣି ରଖିବା ସହିତ ବାରମ୍ବାର ଦୁଷ୍କର୍ମ କରିଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରି ନାବାଳିକାଙ୍କୁ ଘରୁ ବାହାର କରିଦେଇଥିଲେ। ପୀଡିତାଙ୍କ ପରିବାର ଜୟପୁର ଟାଉନଥାନାର ଦ୍ୱାରସ୍ଥ ହେବା ସହିତ ତାଙ୍କ ଲିଖିତ ଅଭିଯୋଗ କ୍ରେ ନାବାଳିକା ନିର୍ଯାତନା ଓ ଦୁଷ୍କର୍ମ ନେଇ ଏକ ମାମଲା ରୁଜୁ ହୋଇଥିଲା। ଏସ୍ଆଇ ରାଜେନ୍ଦ୍ର କୁମାର ପାଙ୍ଗୀ ଏହି ମାମଲାର ତଦନ୍ତ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିଲା। ଅଭିଯୁକ୍ତ ହାଇକୋର୍ଟର ସର୍ତ୍ତ ଜନୀତ ଜାମିରେ ଜେଲରୁ ଆସିଥିଲେ। କିନ୍ତୁ ହାଇକୋର୍ଟର ସର୍ତ୍ତ ଖିଲାପ କରିଥିବା ନେଇ ତାଙ୍କ ବିରୋଧରେ ପୁଣି ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ବିଚାରଣ କରିଯିବା ସହିତ ଜଜ୍ ସଂଘମିତ୍ରା ଦାଶ ମୃତ୍ୟୁଞ୍ଜୟକୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ରାଶି ଅନାଦେୟ ଅଭିଯୁକ୍ତ ଅଧିକ ୬ ମାସର କାରାଦଣ୍ଡରେ ଦଣ୍ଡିତ ହେବେ। ପୀଡିତା ଏବଂ ତାଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ଅନୁକମ୍ପାମୂଳକ ରାଶି ୪ ଲକ୍ଷ ଏବଂ ଜରିମାନା ବାବଦରେ ୨୦ ହଜାର ଟଙ୍କା ଜିଲ୍ଲା ଆଇନସେବା ପ୍ରାଧିକରଣ ଜରିଆରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ପି.ସନ୍ୟାସୀ ରାଓ ମାମଲା ପରିଚାଳନା କରିଥିଲେ।

## 'ମହାନଦୀ ବଞ୍ଚାଅ ଆନ୍ଦୋଳନ'ର ଅଭିଯୋଗ

# ଟ୍ରିବ୍ୟୁନାଲ ଉପରେ ଭରସା ନାହିଁ

ଭୁବନେଶ୍ୱର,୧୩।୭(ସମିସ): ମହାନଦୀ ଟ୍ରିବ୍ୟୁନାଲ ଉପରେ ଆଉ ଭରସା କରାଯାଇ ପାରିବ ନାହିଁ। ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ଦେଇ ଓଡ଼ିଶାବାସୀଙ୍କୁ ଟ୍ରିବ୍ୟୁନାଲ ଭ୍ରମିତ କରୁଛି। ତେଣୁ ଟ୍ରିବ୍ୟୁନାଲର ଶୁଣାଣି ବେଳେ ଲାଇଭ ସ୍କ୍ରିନିଂ ସହିତ ସାମ୍ବାଦିକଙ୍କୁ କୋର୍ଟ ପରିସରରେ ରହି ସଠିକ ଖବର ସଂଗ୍ରହ କରିବା ପାଇଁ ଅନୁମତି ଦିଆଯାଉ ବୋ ଦାବି କରିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ ସଂଗଠନ। ରବିବାର ସଂଗଠନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଉପରୋକ୍ତ ଦାବି ସହ ଦରକାର ପଡ଼ିଲେ ଏଥିପାଇଁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନିଆଯିବ ବୋଲି ଚେତାବନୀ ଦିଆଯାଇଛି।

- ଶୁଣାଣି ସମୟରେ ହେଉ ଲାଇଭ ସ୍କ୍ରିନିଂ
- ଦାବି ପୂରଣ ନହେଲେ ନ୍ୟାୟାଳୟର ଆଶ୍ରୟ ନେବ ସଂଗଠନ
- ଆପୋସ ଆଲୋଚନା ପାଇଁ ଆଗଭର ବୋଲି କହୁଥିବା ଛତିଶଗଡ଼ ପଛରୁ କରୁଛି ଛୁରିକାଘାତ

ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ଅନୁଯାୟୀ ବର୍ଷେ ପୂର୍ବେ ଟ୍ରିବ୍ୟୁନାଲରେ ଉଭୟ ରାଜ୍ୟ ଛତିଶଗଡ଼ ଓ ଓଡ଼ିଶାରର ମୁଖ୍ୟମନ୍ତ୍ରୀ ଲିଖିତ ଆକାରରେ ଆପୋସ ବୁଝାମଣା ମାଧ୍ୟମରେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ସେମାନେ ଆଗ୍ରହୀ ବୋଲି ତଥ୍ୟ ଦେଇଥିଲେ। ଏହାକୁ ଆଧାରକରି ମିଳିତ ବୈଷୟିକ କମିଟି ଗଠିତ ହେଲା ଏବଂ ଏହା ମଧ୍ୟରେ ୨୧ ଥର ଏହି କମିଟିର ବୈଠକ ଅନୁଷ୍ଠିତ ହୋଇସାରିଛି ବୋଲି ଓଡ଼ିଶାର ଆଡଭୋକେଟ୍ ଜେନେରାଲ ବାରମ୍ବାର ଗଣମାଧମ ସାମ୍ନାରେ କହିଛନ୍ତି। କିନ୍ତୁ ଗତ ୧୧ ଜୁଲାଇରେ ଅନୁଷ୍ଠିତ ଟ୍ରିବ୍ୟୁନାଲର ଶୁଣାଣି ସମୟରେ ଅପୋସ ବୁଝାମଣା ମାଧମରେ ଜଳ ବିବାଦର ସମାଧାନ ପାଇଁ ଛତିଶଗଡ ମୌଖିକ ଭାବରେ ରାଜି ହୋଇଛି ଏବଂ ଟ୍ରିବ୍ୟୁନାଲ ଆସନ୍ତା ଶୁଣାଣି ସମୟରେ ଲିଖିତ ଭାବରେ ଏହା ଦେବାକୁ କହିବା ଆମ ଭିତରେ ସନ୍ଦେହ ସୃଷ୍ଟି କରୁଛି। ବାସ୍ତବରେ ଛତିଶଗଡ଼ କଣ ଆଗରୁ ଏହି ଆପୋଷ ସମାଧାନ ପାଇଁ ଟ୍ରିବ୍ୟୁନାଲଙ୍କୁ ପ୍ରତିଶ୍ରୁତି ଦେଇ ନଥିଲା? ଓଡ଼ଶା ସରକାର ଓ ଟ୍ରିବ୍ୟୁନାଲ କଣ ଓଡ଼ିଶାବାସୀଙ୍କୁ ଭ୍ରମିତ କରିଥିଲେ? ଯଦି ତାହା ସତ୍ୟ ତେବେ ତାହା ସାଂଘାତିକ ବୋଲି ସଙ୍ଗଠନର ଅବହାକ ଶ୍ରୀ ଦାସ କହିଛନ୍ତି। ଏପ୍ରକାରର ତଥ୍ୟ ଦର୍ଶାଉଛି ଯେ ଟ୍ରିବ୍ୟୁନାଲର ଶୁଣାଣି ପ୍ରକ୍ରିୟାରେ ସ୍ୱଚ୍ଛତା ନାହିଁ। ତେଣୁ ପ୍ରତ୍ୟେକଟି ଶୁଣାଣି ସମୟରେ ଲାଇଭ ସ୍କ୍ରିନିଂ କରାଯାଉ। ସୁପ୍ରିମକୋର୍ଟ ତଥା ହାଇକୋର୍ଟ ଇତ୍ୟାଦିରେ ଲାଇଭ ସ୍କ୍ରିନିଂର ବ୍ୟବସ୍ଥା ଥିବାବେଳେ ଟ୍ରିବ୍ୟୁନାଲରେ ତାହା କହିଁକି ହେବ ନାହିଁ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ଯଦି ଟ୍ରିବ୍ୟୁନାଲ ଏହି ଦାବିକୁ ଗ୍ରହଣ ନକରନ୍ତି ତେବେ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ କୋର୍ଟର ଆଶ୍ରୟ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ଅନ୍ୟ ଏକ ଚିନ୍ତାଜନକ ପ୍ରସଙ୍ଗ ହେଲା ହୀରାକୁଦର ଜଳ ପରିଚାଳନା କ୍ଷେତ୍ରରେ ଛତିଶଗଡ଼ ଆଦୌ ଓଡ଼ିଶାକୁ ସହଯୋଗ କରୁନାହିଁ। ସେହିପରି ଛତିଶଗଡ଼ ପକ୍ଷରୁ କଲମା ବ୍ୟାରେଜର ଗେଟଗୁଡିକୁ ମନଇଚ୍ଛା ବନ୍ଦ କରି ରଖାଯାଉଛି। ସାନ କେଲୋ ଓ ବଡ଼ କେଲୋ ନଦୀକୁ ଜବରଦସ୍ତ ବନ୍ଦ କରି ଦିଆଯାଇଛି। ଯାହାଫଳରେ ଝାରସୁଗୁଡ଼ାର କନକ ତୋରା ଅଞ୍ଚଳର ଅଧିବାସୀ ଓ ଚାଷୀମାନେ ପାଣି ପାଇଁ ଉହଳ ବିକଳ ହେଉଛନ୍ତି। ଛତିଶଗଡ଼ର ଏଭଳି ଆଚରଣ ମହାନଦୀ ଜଳ ବିବାଦର ସମାଧାନ ଦିଗରେ କେବଳ ନକାରାତ୍ମକ ପଦକ୍ଷେପ ନୁହଁ, ତାହା ଓଡ଼ିଶା ପ୍ରତି ପ୍ରତାରଣାର ନମୁନା ବୋଲି ମହାନଦୀବଞ୍ଚାଅଆନ୍ଦୋଳନବିଚାରକରେବୋଲି ଶ୍ରୀ ଦାସ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବାସୁଦେବ ଭଟ୍ଟ, ଗିରିଜା ଶଙ୍କର ଦାସ, ପ୍ରସନ୍ନ ବିଷୋୟୀ, ପ୍ରକାଶ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଓୟୁଏଟି ଦ୍ୱିତୀୟ ବର୍ଷ ଛାତ୍ରୀଙ୍କ ମୃତ୍ୟୁ

ଭବାନୀପାଟଣା,୧୩।୭(ସମିସ): ଭବାନୀପାଟଣାସ୍ଥିତ କୃଷି ମହାବିଦ୍ୟାଳୟ (ଓୟୁଏଟି) ଦ୍ୱିତୀୟ ବର୍ଷର ଜଣେ ଛାତ୍ରୀଙ୍କ ସୋମବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ମୃତ ଛାତ୍ରୀଙ୍କ ନାମ ସ୍ୱାତୀ ପଣ୍ଡା ହୋଇଥିବାବେଳେ ତାଙ୍କ ଘର ସୁନ୍ଦରଗଡ଼ ଜିଲ୍ଲା ବୋଲି ଜଣାପଡ଼ିଛି। ରବିବାର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାତିରେ ଉତ୍ସବ ସରିବା ପୂର୍ବରୁ ଛାତ୍ରୀ ଜଣକ ହଷ୍ଟେଲର ନିଜ ରୁମ୍କୁ ଚାଲିଆସିଥିଲେ। କୌଣସି କାରଣରୁ ଦେହ ଅସୁସ୍ଥ ଥିବା ଜଣାପଡ଼ିଥିଲା। ଖବରପାଇ ସହପାଠୀ ଏବଂ ମହାବିଦ୍ୟାଳୟର ଷ୍ଟାଫ୍ ତୁରନ୍ତ ସହିଦ ରେଣ୍ଡୋ ମାଝୀ ହସ୍ପିଟାଲ ନେଇଥିଲେ। ଡାକ୍ତର ଚିକିତ୍ସା କରିବା ସହ ସାଲାଇନ୍ ଲଗାଇଥିଲେ। ତେବେ ସାଲାଇନ ଚାଲିଥିବା ସମୟରେ ମୃତ୍ୟୁ ଘଟିଥିବା କୁହାଯାଇଛି। ପୂର୍ବରୁ ଦେହ ଅସୁସ୍ଥ ଥିଲା ନା ଆକସ୍ମିକ ଅସୁସ୍ଥ ହୋଇପଡ଼ିଲେ ଜଣାପଡ଼ିନାହିଁ। ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଜିଲ୍ଲା ମେଡିକାଲରେ ଭର୍ତ୍ତି କରିଥିଲେ ଏବଂ ପରିବାର ଲୋକଙ୍କୁ ଜଣାଇଥିଲେ। ଏହି ଦୁଃଖଦ ଖବର ଶୁଣି ଆଜି ସକାଳୁ ମୃତା ସ୍ୱାତୀଙ୍କ ବାପା ଓ ମାଆ ଭବାନୀପାଟଣାରେ ପହଞ୍ଚି ଝିଅର ଶବଧରି ସୁନ୍ଦରଗଡ଼ ଫେରିଯାଇଥିଲେ।

# ପୂରଣ ହେବ ୧୧୦୮ ଫାର୍ମାସିଷ୍ଟ ପଦ

## ୩୮୦ ଟେକ୍ନିସିଆନ, ୨୩୮ ଚକ୍ଷୁ ପରୀକ୍ଷକଙ୍କୁ ମିଳିବ ନିଯୁକ୍ତି

ଭୁବନେଶ୍ୱର,୧୩।୭(ସମିସ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ବହୁ ସଂଖ୍ୟାରେ ନୂତନ ବୈଷୟିକ ପଦବୀ ନିଯୁକ୍ତି କରାଯିବ। ୧୧୦୮ ଫାର୍ମାସିଷ୍ଟ ଅଧିକାରୀ ପଦବୀ, ୨୩୮ ଚକ୍ଷୁ ପରୀକ୍ଷକ ଓ ୩୮୦ ମେଡିକାଲ ଲ୍ୟାବ୍ ଟେକ୍ନିସିଆନ୍ ପଦବୀ ନିଯୁକ୍ତି ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପଦବୀ ଗୁଡିକୁ ଅର୍ଥ ବିଭାଗ ମଞ୍ଜୁରୀ ଦେଇଛି। ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ମେଡିକାଲଗୁଡ଼ିକରେ କର୍ମଚାରୀଙ୍କ ଅଭାବ ଦୂର କରିବା ଏବଂ ରୋଗୀମାନଙ୍କୁ ବିନା କୌଣସି ଅସୁବିଧାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ସରକାରଙ୍କ ମୂଳ ଲକ୍ଷ୍ୟ। ଏହି ସମସ୍ତ ପଦବୀଗୁଡ଼ିକ ଆଗାମୀ ଦିନରେ ନିୟମିତ ପ୍ରକ୍ରିୟା ମାଧ୍ୟମରେ ସ୍ୱଚ୍ଛତାର ସହ ପୂରଣ କରାଯିବ।

## ଆଜିର ରାଶିଫଳ

**ମେଷ:** ଯୋଜନା ମୁତାବକ କାମ କରିବେ। କ୍ୟାରିୟରକୁ ନେଇ ଆଗକୁ ବଢ଼ିବେ। ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**ବୃଷ:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ। ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାରର ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ଅଧିକ କାମ କରିବାକୁ ପଡ଼ିପାରେ। ଧୈର୍ଯ୍ୟ ରଖି ଚାଲିବେ। ବ୍ୟବସାୟରେ ଲାଭ ମିଳିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଉଧାର ଦେଇଥିବା ଟଙ୍କା ଫେରିପାଇବେ।

**କର୍କଟ:** କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଲାଗି ବିଦ୍ୟାର୍ଥୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ।

**ସିଂହ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। କାର୍ଯ୍ୟରେ ସଫଳତା ମିଳିପାରେ। ଦିନଟି ବ୍ୟସ୍ତତା ଭିତରେ କଟିବ। ସାମାଜିକ କାର୍ଯ୍ୟରେ ସହଯୋଗ କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ଧାର୍ମିକ ସ୍ଥାନକୁ ଯାତ୍ରା କରିପାରନ୍ତି। ଅତିଥି ସତ୍କାର କରିବେ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ।

**ତୁଳା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ପୁରୁଣା ନିବେଶରୁ ଲାଭ ମିଳିପାରେ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

**ବିଛା:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇଙ୍କ ମଧ୍ୟରେ ବିବାଦ ଦେଖାଦେବ।

**ଧନୁ:** ଜୀବନସାଥୀଙ୍କଠାରୁ ଉପହାର ମିଳିପାରେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।


**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ବ୍ୟବସାୟକୁ ଆଗକୁ ନେବା ଲାଗି ନୂଆ ଯୋଜନା କରିବେ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି।

**କୁମ୍ଭ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ମହିଳାମାନେ ଘର କାମରେ ବ୍ୟସ୍ତ ରହିପାରନ୍ତି। ଦାନ ଧର୍ମ କରିବେ।

**ମୀନ:** ଚାକିରିରେ ନୂଆ ସୁଯୋଗ ଜୁଟିପାରେ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ।

## ଆଜିର ଇତିହାସ

- ୧୭୮୯- ଫ୍ରାନ୍ସ ବିପ୍ଳବ ଆରମ୍ଭ।
- ୧୮୫୦- ମେସିନ୍ ଦ୍ୱାରା ସୃଷ୍ଟି କରାଯାଇଥିବା ବରଫକୁ ସର୍ବସାଧାରଣରେ ପ୍ରଦର୍ଶନ କରାଗଲା।
- ୧୯୬୯- ଜୟପୁରରେ ମାଲବାହୀ ଓ ଯାତ୍ରୀବାହୀ ଟ୍ରେନ୍ ପରସ୍ପରକୁ ଧକ୍କା ଦେବାରୁ ପାଖାପାଖି ୮୫ ଲୋକଙ୍କ ମୃତ୍ୟୁ।
- ୧୯୭୬- କାନାଡ଼ାରେ ମୃତ୍ୟୁଦଣ୍ଡକୁ ଉଚ୍ଛେଦ କରାଗଲା।
- ୧୯୮୭- ତାଇୱାନ୍‌ରେ ଦୀର୍ଘ ୩୭ ବର୍ଷ ଧରି ଚାଲିଥିବା ମିଲିଟାରୀ ଶାସନର ଅନ୍ତ ଘଟିଲା।



## ଅନନ୍ୟ ଗାଁ

# ଛାତରେ ଚାଲନ୍ତି ଲୋକେ

ସାରା ବିଶ୍ୱରେ ଏପରି ଅନେକ ଗାଁ ଅଛି ଯାହା ନିଜର ପରମ୍ପରା, ପ୍ରାକୃତିକ ସୌନ୍ଦର୍ଯ୍ୟ କିମ୍ବା ରୀତିନୀତି ପାଇଁ ପ୍ରସିଦ୍ଧ। ଏମିତି ଏକ ନିଆରା ଗାଁ ହେଉଛି ଇରାନର ମସୁଲେହ। ଏହି ଗାଁ ସମ୍ପର୍କରେ ଖାସ୍ କଥାଟି ହେଉଛି ଯେ, ଏଠାରେ ଗୋଟିଏ ହେଲେ ବି ସଡ଼କ ନାହିଁ। ଏଠାରେ ନା କାର୍ ଚାଲେ ନା ବାଇକ୍। ଲୋକେ ଘରର ଛାତ ଉପରେ ଚାଲି ଚାଲି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଆନ୍ତି। ଛାତଗୁଡ଼ିକ ହିଁ ସେମାନଙ୍କ ପାଇଁ ରାସ୍ତା, ବଜାର ଏବଂ ସାମାଜିକ କେନ୍ଦ୍ରର କାମ କରିଥାଏ। ମସୁଲେହ ଗାଁଟି ଏକ ପାହାଡ଼ିଆ ଢାଲୁ ସ୍ଥାନରେ ଗଢ଼ି ଉଠିଛି। ଘରଗୁଡ଼ିକ ପରସ୍ପର ଉପରେ ଏଭଳି ଭାବରେ ନିର୍ମାଣ କରାଯାଇଛି ଯେ, ତଳ ଘରର ଛାତ, ଉପର ଘର ପାଇଁ ଅଗଣା କିମ୍ବା ରାସ୍ତା ପାଲଟିଯାଏ। ଏଭଳି ଅନନ୍ୟ ସ୍ଥାପତ୍ୟ କଳା ଯୋଗୁଁ ଏହାକୁ ‘ଛାତ ଗାଁ’ କୁହାଯାଏ। ପର୍ଯ୍ୟଟକଙ୍କ ପାଇଁ ଏହି ସ୍ଥାନଟି ସ୍ୱର୍ଗ ସଦୃଶ। ଏଠାକାର ଘଞ୍ଚ ଜଙ୍ଗଲ, ଉଚ୍ଚ ପାହାଡ଼, ଘନ କୁହୁଡ଼ି ଏବଂ ପୁରୁଣା କୋଠାବାଡ଼ି ମିଶି ଏଠାକାର ପରିବେଶକୁ ବେଶ୍ ଆକର୍ଷଣୀୟ କରିଥାଏ। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଏଠାରେ ଛାତ ଉପରେ ବୁଲନ୍ତି, ସ୍ଥାନୀୟ ହସ୍ତଶିଳ୍ପ ଦୋକାନରୁ ସାମଗ୍ରୀ କିଣନ୍ତି ଏବଂ ପାରମ୍ପରିକ ଇରାନୀ ଚା’ର ମଜା ନିଅନ୍ତି। ଦୋକାନ, କାଫେ ଏବଂ ଛୋଟ ଛୋଟ ରେଷ୍ଟୁରାଣ୍ଟଗୁଡ଼ିକ ଏହି ଛାତ ଉପରେ ହିଁ ଚାଲିଥାଏ। ମସୁଲେହ ଗାଁର ସ୍ଥାପନା ଶତାଧିକ ବର୍ଷ ତଳେ ହୋଇଥିଲା ବୋଲି କୁହାଯାଏ। ଏଠାକାର ଲୋକେ ଶହ ଶହ ବର୍ଷ ଧରି ଏହି ଶୈଳୀରେ ରହିଆସୁଛନ୍ତି। ଘରଗୁଡ଼ିକ ପଥର ଏବଂ ମାଟିରେ ତିଆରି ହୋଇଛି, ଯାହା ଶୀତ ଏବଂ ବର୍ଷା ଦୁଇଟି ଯାକରୁ ସୁରକ୍ଷା ଦେଇଥାଏ। ଗାଁଟି ମଧ୍ୟକୁ କୌଣସି ଗାଡ଼ି ପଶିପାରେ ନାହିଁ, କାରଣ ଏଠାରେ ରାସ୍ତା ହିଁ ନାହିଁ। ପର୍ଯ୍ୟଟକମାନେ କୁହନ୍ତି ଯେ, ଏଠାରେ ବୁଲିବା ପୂରାପୂରି ଏକ ପରୀ ରାଇଜର କାହାଣୀ ଭଳି ମନେହୁଏ। ସକାଳେ କୁହୁଡ଼ି ଘେରିଗଲେ ଏମିତି ଲାଗେ ସତେ ଯେମିତି ବାଦଲ ଉପରେ ଚାଲୁଛନ୍ତି। ସନ୍ଧ୍ୟାରେ ସୂର୍ଯ୍ୟାସ୍ତ ହେବା ସମୟରେ ସାରା ଗାଁ ସୁନେଲି ରଙ୍ଗରେ ରଙ୍ଗେଇ ହୋଇଯାଏ। ଫଟୋଗ୍ରାଫରମାନଙ୍କ ପାଇଁ ଏହି ସ୍ଥାନଟି ସ୍ୱର୍ଗ ସଦୃଶ। ଇରାନ ସରକାର ମସୁଲେହକୁ ଜାତୀୟ ଐତିହ୍ୟ ସ୍ଥଳ ଭାବେ ଘୋଷଣା କରିଛନ୍ତି। ଏଠାରେ ପର୍ଯ୍ୟଟନ ବୃଦ୍ଧି ପାଇଁ ବିଭିନ୍ନ ସୁବିଧା ସୁଯୋଗ ମଧ୍ୟ ବିକଶିତ କରାଯାଉଛି। ତଥାପି, ଗାଁଟି ନିଜର ମୂଳ ଗଠନକୁ ବଜାୟ ରଖିଛି। ସ୍ଥାନୀୟ ଲୋକେ ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରନ୍ତି ଏବଂ ସେମାନଙ୍କୁ ନିଜ ସଂସ୍କୃତି ସହିତ ପରିଚିତ କରାନ୍ତି। ମସୁଲେହ ସମ୍ପର୍କରେ ସବୁଠୁ ଖାସ୍ କଥାଟି ହେଉଛି ଯେ, ଏଠାକାର ଜୀବନ ସମ୍ପୂର୍ଣ୍ଣ ରୂପେ ପ୍ରକୃତି ସହିତ ସାମଞ୍ଜସ୍ୟ ରକ୍ଷା କରି ଚାଲିଥାଏ। ଏଠାରେ ନା ତ ବଡ଼ ବଡ଼ ନିର୍ମାଣ କାର୍ଯ୍ୟ ହେଉଛି, ନା ଆଧୁନିକ ରାସ୍ତାର ଜାଲ ବିଛାଯାଇଛି। ଲୋକେ ଏବେ ମଧ୍ୟ ପାରମ୍ପରିକ ଶୈଳୀରେ ବସବାସ କରୁଛନ୍ତି। ମହିଳାମାନେ ସ୍ଥାନୀୟ ହସ୍ତଶିଳ୍ପ ତିଆରି କରନ୍ତି ଏବଂ ପୁରୁଷମାନେ କୃଷି ଓ ପର୍ଯ୍ୟଟନ ସହ ଜଡ଼ିତ କାମ କରନ୍ତି। ବିଶ୍ୱର ବିଭିନ୍ନ ଦେଶରୁ ଲୋକମାନେ ବିଶେଷ କରି ମସୁଲେହ ବୁଲିବାକୁ ଆସନ୍ତି। କେହି କେହି ଏହାକୁ “ଛାତର ଗାଁ” ତ ଆଉ କେହି “ବାଦଲର ଗାଁ” ବୋଲି କୁହନ୍ତି।

# ‘ମୈସା’ ରଶ୍ମିକା ନିଜେ କଲେ ଷ୍ଟଣ୍ଟ



‘କକଟେଲ୍ ୨’ ପରେ ଅଭିନେତ୍ରୀ ରଶ୍ମିକା ମନ୍ଦାନା ଏବେ ତାଙ୍କର ଆଗାମୀ ଆକ୍ସନ୍ ଫିଲ୍ମ ‘ମୈସା’ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହା ତାଙ୍କ କ୍ୟାରିୟରର ପ୍ରଥମ ଆକ୍ସନ୍-ଥ୍ରୀଲର ଫିଲ୍ମ ହେବ। ଏଥିପାଇଁ ସେ ସ୍ୱତନ୍ତ୍ର ଭାବେ ମାର୍ସାଲ ଆର୍ଟ ତାଲିମ ନେଉଛନ୍ତି। ଏହି ଫିଲ୍ମର ଏକ ଫାଇଟ୍ ସିନ୍ ପାଇଁ ନିକଟରେ ସେ ୨୦ ଘଣ୍ଟା ପାଣି ଭିତରେ ରହି ଚର୍ଚ୍ଚାକୁ ଆସିଛନ୍ତି। ଏହାକୁ ଭାରତୀୟ ଚଳଚ୍ଚିତ୍ର ଇତିହାସର ସର୍ବପ୍ରଥମ ‘ଫିମେଲ୍-ଲିଡ୍ ଅଣ୍ଡରୱାଟର୍ ଫାଇଟ୍ ସିକ୍ୱେନ୍ସ’ ବୋଲି କୁହାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହିପରି ବିପଜ୍ଜନକ ସୁଟିଂ ପାଇଁ ସାଧାରଣତଃ ଡୁପ୍ଲିକେଟ୍ କଳାକାର ବା ଷ୍ଟଣ୍ଟମ୍ୟାନ୍‌ଙ୍କର ସାହାଯ୍ୟ ନିଆଯାଏ, କିନ୍ତୁ ରଶ୍ମିକା ବଡି ଡବଲ୍ ନେବାକୁ ମନା କରିଦେଇଥିଲେ ଏବଂ ନିଜେ ଏହାକୁ କରିଥିଲେ। ରଶ୍ମିକା ମାତ୍ର ଦୁଇ ଦିନର ସେଡ୍ୟୁଲ୍ ମଧ୍ୟରେ ପାଖାପାଖି ୨୦ ଘଣ୍ଟା ପାଣି ଭିତରେ ରହି ଏହାର ସୁଟିଂ ପୂରା କରିଥିଲେ। ଏହି ସୁଟିଂ ପାଇଁ ରଶ୍ମିକା ସ୍ପେଶାଲ୍ ଡାଇଭିଂ ଏବଂ ପାଣି ଭିତରେ ଶ୍ୱାସକ୍ରିୟା ନିୟନ୍ତ୍ରଣ କରିବା ଭଳି ଟ୍ରେନିଂ ନେଇଥିଲେ। ପ୍ରସିଦ୍ଧ ଆନ୍ତର୍ଜାତୀୟ ଷ୍ଟଣ୍ଟ କୋରିଓଗ୍ରାଫର ଆଣ୍ଡି ଲଙ୍ଗ୍ ଏବଂ ଆକ୍ସନ୍ ମାଷ୍ଟର କେଚା ଖାମ୍ପାକଡିଙ୍କ ତତ୍ତ୍ୱାବଧାନରେ ଏହି ଅଣ୍ଡରୱାଟର ଫାଇଟ୍ ସିନ୍ ସୁଟ୍ ହୋଇଛି। ଫିଲ୍ମର ନିର୍ଦ୍ଦେଶନା ରବୀନ୍ଦ୍ର ପୁଲ୍ଲେ ଦେଇଥିବାବେଳେ ଏହାର ପ୍ରଯୋଜନା ଦାୟିତ୍ୱରେ ‘ଅନ୍‌ଫର୍ମୁଲା ଫିଲ୍ମସ୍’ ରହିଛି। ଏହା ଆଦିବାସୀ ଅଞ୍ଚଳ ପୃଷ୍ଠଭୂମି ଉପରେ ଆଧାରିତ ଏକ ହାଇ-ଭୋଲଟେଜ୍ ଆକ୍ସନ୍ ଥ୍ରୀଲର ଫିଲ୍ମ ହେବ। ଏଥିରେ ରଶ୍ମିକା ଜଣେ ସାହସୀ ଆଦିବାସୀ ମହିଳା ଯୋଦ୍ଧା ଭୂମିକାରେ ନଜର ଆସିବେ। ଏହା ଅକ୍ଟୋବର, ୨୦୨୬ରେ ସିନେମାହଲ୍‌କୁ ଆସିବ।

## ଅଜବ ମଣିଷ

# ଗରମରେ ଲାଗେ ଥଣ୍ଡା, ଶୀତରେ ଲାଗେ ଗରମ

ଖରାଦିନେ ଗରମ ଏବଂ ଶୀତ ଦିନେ ଥଣ୍ଡା ଲାଗିବା ଶରୀରର ଏକ ସ୍ୱାଭାବିକ ପ୍ରକ୍ରିୟା। ତେବେ ମହେନ୍ଦ୍ରଗଡ଼ ଜିଲ୍ଲା ଡେରୋଲି ଅହିର ଗାଁରେ ଏମିତି ଜଣେ ବ୍ୟକ୍ତି ଅଛନ୍ତି, ଯିଏ କି ଏହାର ବିପରୀତ ଅନୁଭବ କରନ୍ତି। ସେ ନିଜର ଏହି ଅଦ୍ଭୁତ ଶାରୀରିକ ସ୍ଥିତି ଯୋଗୁଁ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି। ସନ୍ତଲାଲଙ୍କ ଶରୀର ସାଧାରଣ ଲୋକଙ୍କ ସମ୍ପୂର୍ଣ୍ଣ ଓଲଟା କାମ କରିଥାଏ। ତାଙ୍କୁ ଖରାଦିନେ ପ୍ରବଳ ଥଣ୍ଡା ଏବଂ ଶୀତଦିନେ ପ୍ରବଳ ଗରମ ଅନୁଭୂତ ହୁଏ। ଯେତେବେଳେ ତାପମାତ୍ରା ୪୩ ରୁ ୪୫ ଡିଗ୍ରୀ ସେଲସିୟସ୍ ହୋଇଥାଏ, ସେତେବେଳେ ସେ ଦୁଇଟି ମୋଟା କମ୍ବଳ ଘୋଡ଼ାଇ ହୋଇ ଶୁଅନ୍ତି ଏବଂ ତାଙ୍କ ଶରୀରରୁ ଟିକେବି ଝାଳ ବାହାରେ ନାହିଁ। ଥଣ୍ଡାରୁ ରକ୍ଷା ପାଇବା ପାଇଁ ସେ ଅନେକ ସମୟରେ ନିଆଁ ପାଖରେ ମଧ୍ୟ ବସିଥାନ୍ତି। ସେହିଭଳି ଶୀତଦିନର ପ୍ରବଳ ଜାଡ଼ରେ ଯେତେବେଳେ ଲୋକେ ଶୀତବସ୍ତ୍ର ପିନ୍ଧନ୍ତି, ସେତେବେଳେ ସେ ବରଫ ଉପରେ ଶୁଅନ୍ତି ଏବଂ ସକାଳୁ ପୋଖରୀର ଥଣ୍ଡା ପାଣିରେ ଗାଧାନ୍ତି। ଏନେଇ ଡାକ୍ତର ଏବଂ ବୈଜ୍ଞାନିକମାନଙ୍କ କହିବା କଥା, ତାଙ୍କ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଠିକ୍ ଅଛି। ଅନୁମାନ କରାଯାଉଛି ଯେ, ତାଙ୍କ ମସ୍ତିଷ୍କରେ ଥିବା ଥର୍ମାଲ ସେଣ୍ଟର (ଶରୀରର ତାପମାତ୍ରା ନିୟନ୍ତ୍ରଣ କରୁଥିବା କେନ୍ଦ୍ର) ରେ କିଛି ସ୍ୱତନ୍ତ୍ର ପରିବର୍ତ୍ତନ ଯୋଗୁଁ ଏପରି ହେଉଥାଇପାରେ।



# ଭେଣ୍ଡିଫୁଲ ଝଡୁଥିଲେ ...

**ଭେଣ୍ଡି ଏକ ଲାଭଜନକ ଚାଷ। ଏହି ଚାଷ ଉତ୍ତମମାନର ମୃତ୍ତିକା, ପାଣିପାଗ, ଜଳ ସେଚନ ଉପରେ ନିର୍ଭରଶୀଳ। ତେବେ ମୃତ୍ତିକାରେ ଜଳାଭାବ ତଥା ପୋକ ଲାଗିବା ଦ୍ୱାରା ଫୁଲ ପରିପକ୍ୱ ହୋଇ ନ ପାରି ଝଡ଼ିପଡ଼େ। ତେଣୁ ଫୁଲ ଝଡ଼ିବାର ସଠିକ୍ କାରଣ ଜାଣି ଏହାର ପ୍ରତିକାର କରିବା ଆବଶ୍ୟକ।**



ବର୍ଷାଦିନେ ଧଳାମାଛି ପୋକ, ଅନ୍ୟାନ୍ୟ ରୋଗ, ପୋଷଣ ବା ଅଣୁସାର ଅଭାବରୁ ଭେଣ୍ଡି ଗଛରେ କଷି ଫୁଲ ଝଡ଼ି ପଡ଼ିଥାଏ। ଧଳାମାଛି ସୂକ୍ଷ୍ମ ଆକାରର କୀଟ, ଏହା ଗଛର ରସକୁ ଶୋଷିଥାଏ। ଏହାଦ୍ୱାରା ଗଛ ବଢ଼ି ନ ଥାଏ। ଫୁଲ ଓ ଫଳ ମଧ୍ୟ କମ୍ ଧରେ। ତେଣୁ ୨ରୁ ୩ ଗ୍ରାମ୍ ଇମିଡାକ୍ଲୋପ୍ରିଡ୍ ପ୍ରତି କିଗ୍ରା ବିହନକୁ ଉପଚାର କରିବା ଜରୁରି। ଗଛକୁ ନିରୀକ୍ଷଣ କରି ୧୫ ଦିନ ଅନ୍ତରାଳରେ ବୋରାକ୍ସକୁ ଲିଟର ପିଛା ୨ରୁ ୨.୫ ଗ୍ରାମ୍ ପତ୍ର ସିଞ୍ଚନ କରି ପାରିବେ। ଯେଉଁ ସ୍ଥାନରେ ବର୍ଷା ହେଉନାହିଁ, ସେଠାରେ ଜଳ ସେଚନର ଆବଶ୍ୟକତା ରହିଛି। ମୃତ୍ତିକାର ଉର୍ବରଶକ୍ତି ବୃଦ୍ଧି ପାଇଁ ଜୈବିକ ଉପାୟ ଆପଣାଇବା ଆବଶ୍ୟକ। କୃଷି ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ରାସାୟନିକ ଔଷଧ ବ୍ୟବହାର କରି ପାରିବେ। ଭେଣ୍ଡି କଷି ଫୁଲ ନ ଝଡ଼ିବା ପାଇଁ ସାଢ଼େ ଚାରି ଲିଟର ପାଣିରେ ଏକ ମିଲି ନାପ୍‌ଥାଇଲ୍ ଏସିଟିକ୍ ଏସିଡ୍ କିମ୍ବା ପ୍ଲାନୋଫିକ୍ସ ୧୫ ଦିନ ଅନ୍ତରାଳରେ ସିଞ୍ଚନ କରି ପାରିବେ। ଭେଣ୍ଡି ଗଛ ପତ୍ର ଶିରାରେ ହଳଦିଆ କିମ୍ବା ଚିତ୍ରା ହୋଇଥିଲେ ରୋଗାକ୍ରାନ୍ତ ଗଛକୁ ତୁରନ୍ତ ଉପାଡ଼ି କ୍ଷେତଠାରୁ ଦୂରରେ ଫିଙ୍ଗିବା ଜରୁରି। ପୋକ ନିୟନ୍ତ୍ରଣ ପାଇଁ ଜମିରେ ହଳଦିଆ ଷ୍ଟିକି ଟ୍ରାପ୍ ପ୍ରୟୋଗ କରିପାରିବେ କିମ୍ବା ଅଧିକ ରୋଗାକ୍ରାନ୍ତ ହେଲେ ଏକର ପ୍ରତି ୫୦ ଗ୍ରାମ୍ ଏସିଟାମିପ୍ରିଡ୍ ୨୦୦ ଲିଟର ପାଣିରେ ସିଞ୍ଚନ କରିପାରିବେ।

## କୃଷି ପାଣିପାଗ

ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ପନିପରିବା ତଳିଘରାକୁ ବର୍ଷାରୁ ରକ୍ଷା କରିବା ପାଇଁ ଜଳନିଷ୍କାସନର ବ୍ୟବସ୍ଥା ସହିତ ତଳିଘରାକୁ ପଲିଥିନ୍ ସିଟ୍‌ରେ ଆଚ୍ଛାଦିତ କରନ୍ତୁ।
- ହରଡ଼ ବିହନକୁ ବୁଣିବା ଆଗରୁ ଏକ କେଜି ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ କାର୍ବୋକ୍ସିନ ଓ ଥିରାମର ମିଳିତ ଔଷଧ ମିଶାଇ ବିହନ ବିଶୋଧନ କରନ୍ତୁ।
- ଆଖୁ ଗଛ ୪ରୁ ୫ ମାସର ହୋଇଗଲେ



ବିଳମ୍ବରେ ଆସିଥିବା ପିଲଗୁଡ଼ିକୁ ବାହାର କରି ତଳ ଶୁଖିଲା ପତ୍ରକୁ କାଢ଼ି ୨ରୁ୩ଟି ଆଖୁ ଏକାଠି କରି ବାନ୍ଧି ଦିଅନ୍ତୁ।

- ରାଶିଫସଲ ବୁଣିବା ପାଇଁ ପାଗ ସର୍ବୋତ୍ତମ ଅଟେ।
- ଜହ୍ନି ଲଗାଇବା ପାଇଁ ଏକର ପ୍ରତି ୧.୫ କେ.ଜି. ବିହନ ଦରକାର ପଡ଼ିଥାଏ।
- ବାଇଗଣ ବିହନ ବୁଣିବାର ୩୦ ଦିନ ଭିତରେ ଚାରା ଗୁଡିକ ଲଗାଇବା ପାଇଁ ଉପଯୁକ୍ତ ହୋଇଥାନ୍ତି। ବାଇଗଣ ଚାରା ୭ରୁ ୮ ପତ୍ର ହେଲେ ଲଗାଇବା ଭଲ।
- ଗାଈଗୋରୁଙ୍କୁ ଶୁଖିଲା ଓ ସଫା ଗୁହାଳରେ ରଖି ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ।
- ବର୍ତ୍ତମାନ ଅମୃତଭଣ୍ଡା, କାଜୁ, ସେବତୀ ଫୁଲ ଲଗାଇବାର ଉତ୍କୃଷ୍ଟ ସମୟ।

## ଜୁଲାଇ ମାସର ଚାଷବାସ

ଧାନ ତଳି ୩ରୁ ୪ ସପ୍ତାହର ହୋଇଥିଲେ ଅନୁମୋଦିତ ମୂଳସାର ଦେଇ ଧାନରୁଆ କରାଯାଏ। ଧାନ ରୋଇବା ପୂର୍ବରୁ ଧଣିଚା, ଛଣି ଆଦି ସବୁଜ ସାରକୁ ଜମିରେ ହଳ କରି ମାଟିରେ ମିଶାଯାଏ। ମିଶାଇବା ବେଳେ ହେକ୍ଟର ପ୍ରତି ୨୦ କି.ଗ୍ରା. ୟୁରିଆ ସାର ପକାଯାଏ। ଶ୍ରୀ ପ୍ରଣାଳୀରେ ଧାନ ଚାଷ କରୁଥିଲେ ୮ରୁ୧୨ ଦିନର ତଳି ୨୫ x୨୫ ସେ.ମି. ବ୍ୟବଧାନରେ ରୋଇବା ଆବଶ୍ୟକ। ମାଣ୍ଡିଆ ତଳି ୩ରୁ୪ ସପ୍ତାହର ହୋଇଥିଲେ ବୁଦାପ୍ରତି ୨ରୁ୩ଟି ଗଛ ଧାଡ଼ିକୁ ଧାଡ଼ି ୧୫-୨୦ ସେ.ମି. ଓ ବୁଦାପ୍ରତି ୧୦ ସେ.ମି. ବ୍ୟବଧାନରେ ରୋଇବା ଜରୁରି। ମୁଗ ଓ ବିରି ବୁଣା କାମ ଶେଷ କରନ୍ତୁ। କନ୍ଦମୂଳ ଲଗାଇବା ପାଇଁ ଉପଯୁକ୍ତ ସମୟ। ସେହିପରି ଚିନାବାଦାମ ଫସଲ ୩ରୁ୪ ସପ୍ତାହ ଏବଂ କପା ଗଛ ୨୧ ଦିନର ହୋଇଥିଲେ କୋଡ଼ାଖୁସା କରି ଘାସ ବଛାଯାଏ। ତଳି ପଡ଼ିଥିବା ପନିପରିବାକୁ ଅନୁମୋଦିତ ଦୂରତ୍ୱରେ ରୋପଣ କରିବା ଆବଶ୍ୟକ।




# ପ୍ରାକୃତିକ କୃଷିରୁ ଆତ୍ମନିର୍ଭରଶୀଳ

**ଆଜିକାଲି ସହରଠୁ ନେଇ ଗ୍ରାମାଞ୍ଚଳ ସବୁଠି ଲୋକେ ରାସାୟନିକ ମୁକ୍ତ ଖାଦ୍ୟକୁ ଅଧିକ ପସନ୍ଦ କରୁଛନ୍ତି। ଏଥିପାଇଁ ପ୍ରାକୃତିକ କୃଷିର ଆଦର ବଢ଼ିଛି। ଏହି ଚାଷରେ ଗୋବର, ଗୋମୂତ୍ର ଆଦି ସ୍ଥାନୀୟ ସାମଗ୍ରୀ ବ୍ୟବହାର କରାଯାଇଥାଏ। ଏହା ପରିବେଶ ଅନୁକୂଳ। ଏହାକୁ ହୃଦୟଙ୍ଗମ କରି ପ୍ରାକୃତିକ କୃଷିରେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିଛନ୍ତି ଗୁଜୁରାଟ, ଦାହୋଦର ନରେନ୍ଦ୍ରଭାଇ ହଟିଲା। ଉତ୍ପାଦିତ ଫସଲକୁ ବଜାରରେ ଅଧିକ ମୂଲ୍ୟରେ ବିକ୍ରି କରି ସେ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି।**



ଅଧିକାଂଶ ଚାଷୀ ପ୍ରାକୃତିକ କୃଷି ଆପଣାଉଥିବାବେଳେ ନରେନ୍ଦ୍ରଭାଇ ଏନେଇ ପ୍ରଶିକ୍ଷଣ ନେଇଥିଲେ। ସେ ବିଗତ କିଛି ବର୍ଷ ହେବ ଗୋ ଆଧାରିତ ପ୍ରାକୃତିକ କୃଷି କରୁଛନ୍ତି। ଚାଷ ଜମିରେ ବିଭିନ୍ନ ପ୍ରକାର ପନିପରିବା ଓ ଫଳ ଚାଷ କରି ସେ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଚାଷ କାର୍ଯ୍ୟରେ ସେ ରାସାୟନିକ ଉର୍ବରକ ଏବଂ କୀଟନାଶକ ବଦଳରେ ଦେଶୀ ଗାଈର ଗୋବର ଏବଂ ମୂତ୍ରରୁ ତିଆରି ହୋଇଥିବା ପ୍ରାକୃତିକ ଖତ ଯେପରିକି ଜୀବାମୃତ, ଘନ ଜୀବାମୃତ, ଅଗ୍ନିଅସ୍ତ୍ର ଏବଂ ବ୍ରହ୍ମାସ୍ତ୍ର ଉପଯୋଗ କରୁଛନ୍ତି। ସମସ୍ତ ଖତ ସେ ନିଜେ ପ୍ରସ୍ତୁତ କରିଥାନ୍ତି। ଅବଶ୍ୟ ଏହି ଚାଷ ପାଇଁ ସେ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ପାଇ ପାରିଛନ୍ତି। ସେ ଗୋଟିଏ ଜମିରେ କେବଳ ଗୋଟିଏ ଫସଲ ନ କରି ଏକାସାଙ୍ଗରେ ବିଭିନ୍ନ ପନିପରିବା, ଫଳ, ଫୁଲ ଲଗାଇବା ଦ୍ୱାରା ଫସଲ ଭଲ ହେବା ସହିତ ଏଥିରୁ ବର୍ଷସାରା ତାଙ୍କୁ ରୋଜଗାର ମିଳିପାରୁଛି। ନରେନ୍ଦ୍ରଙ୍କ କହିବାନୁଯାୟୀ, “ଏହି ଚାଷରେ ଖର୍ଚ୍ଚ କମ୍ ହେବା ସହ ମାଟିର ଉର୍ବରତା ଧୀରେ ଧୀରେ ବୃଦ୍ଧି ପାଏ। ଗୋଟିଏ ଦେଶୀ ଗାଈ ସାହାଯ୍ୟରେ ପ୍ରାୟ ୩୦ ଏକର ଚାଷ ଜମିରେ ପ୍ରାକୃତିକ କୃଷି କରାଯାଇପାରେ। ଏହା ପରିବେଶ ଅନୁକୂଳ ସହିତ ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ ଫଳପ୍ରଦ।”

# ଧାନ ତଳିଘରାର ଯତ୍ନ



**ଆମ ରାଜ୍ୟର ପ୍ରଧାନ ଚାଷ ହେଉଛି ଧାନ। ଉଭୟ ଖରିଫ ଋତୁ ଓ ରବି ଋତୁରେ ଧାନଚାଷ ହୋଇଥାଏ। ବର୍ତ୍ତମାନ ଖରିଫ ଚାଷ ସମୟ। ଏଥିପାଇଁ କାଦୁଆ ତଳି ପ୍ରସ୍ତୁତ ହେବାର ୭ରୁ ୮ ଦିନ ପରେ ଏହାର ଯତ୍ନ ନେବାକୁ ହୁଏ। ଧାନ ତଳିରେ ଜମୁଥିବା ଅଧିକ ବର୍ଷାଜଳ ନିଷ୍କାସନ କରିବା ସହ ଏହାର ଯତ୍ନ ନିଆଯିବା ଆବଶ୍ୟକ।**

**ଜଳ ନିଷ୍କାସନ:** ତଳିଘରାକୁ ୪ରୁ ୫ଦିନ ପର୍ଯ୍ୟନ୍ତ ଓଦା ରଖାଯାଏ। ଏହାପରେ ୩ରୁ ୫ ସେ.ମି. ପାଣି ତଳି କରି କିଆରିରେ ରଖାଯାଏ। ଯଦି ଅଧିକ ବର୍ଷା ହୋଇ ଜମିରେ ପାଣି ଜମି ରହିଲା, ତେବେ ଜଳ ନିଷ୍କାସନର ବନ୍ଦୋବସ୍ତ କରିବା ଏକାନ୍ତ ଆବଶ୍ୟକ।

**ତଳିଘରାର ଯତ୍ନ:** ତଳିଘରାରେ ଅଳ୍ପ ପାଣି ରଖିବା ଆବଶ୍ୟକ। ତଳି ପକାଇବାର ୧୫ ଦିନ ପରେ ୧୦ ଡେସିମିଲ ଜମିରେ ୨ କି.ଗ୍ରା. ୟୁରିୟା ସାର ପ୍ରୟୋଗ ଜରୁରି। ତଳିଘରାରେ ପତ୍ରପୋଡ଼ା ରୋଗ ଲାଗିଥିଲେ, ପ୍ରତି ୧୫ ଲିଟର ପାଣିରେ ଦେଢ଼ଗ୍ରାମ ଷ୍ଟ୍ରେପଟୋସାଇକ୍ଲିନ୍ ସହିତ ୩୦ ଗ୍ରାମ କପର୍ ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରିବା ଆବଶ୍ୟକ। ସେହିପରି ତଳିଘରାରେ ମହିଷା ରୋଗ ଲାଗିଥିଲେ ପ୍ରତି ୧୫ ଲିଟର ପାଣିରେ ୧୨ ଗ୍ରାମ୍ ହିସାବରେ ଟ୍ରାଇସାଇକ୍ଲାଜୋଲ୍ ସିଞ୍ଚନ କରିପାରିବେ। ତଳି ଉପାଡ଼ିବାର ୭ଦିନ ପୂର୍ବରୁ ୧୦ ଡେସିମିଲ ତଳିଘରାରେ ୧୨୦୦ ଗ୍ରାମ୍ କାର୍ବୋଫୁରାନ୍ ୩ଜି କିମ୍ବା ୯୦୦ ଗ୍ରାମ୍ କାର୍ଟାପହାଇଡ୍ରୋକ୍ଲୋରାଇଡ୍ ୪%ଜି ପ୍ରୟୋଗ କରାଯାଏ। ଘାସ ନିୟନ୍ତ୍ରଣ ପାଇଁ ଘାସ ହାତରେ ବାଛି ପାରିବେ। ରାସାୟନିକ ଉପାୟରେ ଘାସମରା ବ୍ୟବହାର କରି ପାରିବେ।






# ୧୮ ବର୍ଷ ପରେ ସିଏସ୍‌କେ'ରେ ଫ୍ଲେମିଂ ଯୁଗ ଶେଷ



ଚେନ୍ନଇ, ୧୩।୭ (ଏଜେନ୍ସି): ଆଇପିଏଲ୍‌ର ସବୁଠୁ ସଫଳ ଦଳ ଚେନ୍ନଇ ସୁପର କିଙ୍ଗ୍‌ସ (ସିଏସକେ) ସହ ମୁଖ୍ୟ ପ୍ରଶିକ୍ଷକ ଷ୍ଟିଫେନ ଫ୍ଲେମିଂ ସମ୍ପର୍କ ତୁଟାଇଛନ୍ତି। ସିଏସକେ ଓ ଫ୍ଲେମିଂ ପରସ୍ପର ସହମତିରେ ଅଲଗା ହେବାକୁ ରାଜି ହୋଇଛନ୍ତି। ସୋମବାର ସିଏସକେ ଫ୍ରାଞ୍ଚାଇଜ ପକ୍ଷରୁ ବିବୃତ୍ତି ଜାରି କରି ଏହି ସୂଚନା ଦିଆଯାଇଛି। ଫଳରେ ସିଏସକେ'ରେ ଫ୍ଲେମିଂ ଯୁଗର ଅବସାନ ଘଟିଛି। ଫ୍ଲେମିଂ ଦୀର୍ଘ ୧୮ ବର୍ଷ ଧରି ଫ୍ରାଞ୍ଚାଇଜ ସହ ଜଡ଼ିତ ରହିଥିଲେ। ସେ ୨୦୦୮ରେ ଆଇପିଏଲ୍‌ର ପ୍ରଥମ ସଂସ୍କରଣରେ ଖେଳାଳି ଭାବରେ ଦଳରେ ଯୋଗ ଦେଇଥିଲେ। ଏହା ପରବର୍ଷ ଦଳର ମୁଖ୍ୟ କୋଚ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ଫ୍ଲେମିଂଙ୍କ ୧୭ ବର୍ଷର ପ୍ରଶିକ୍ଷଣ କାଳରେ ସିଏସକେ ୧୦ଥର ଫାଇନାଲ ଖେଳିଥିଲା। ସେଥିମଧ୍ୟରୁ ରେକର୍ଡ ୫ଥର ଟାଇଟଲ୍ ଜିତିବାର ସୌଭାଗ୍ୟ ମଧ୍ୟ ଲାଭ କରିଥିଲା। ସେହିଭଳି ଦୁଇଥର ଚାମ୍ପିଅନ୍ସ ଲିଗ୍ ଟ୍ରଫି ମଧ୍ୟ ଜିତିଥିଲା। ଶେଷଥର ଲାଗି ସିଏସକେ ୨୦୨୩ରେ ଆଇପିଏଲ୍ ଚାମ୍ପିଅନ ହୋଇଥିଲା। କିନ୍ତୁ ଏହାପରେ ଦଳ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରି ଆସୁଥିଲା। ଏପରିକି ୨୦୨୪, ୨୦୨୫ ଓ ୨୦୨୬ ସିଜନରେ ସିଏସକେ ପ୍ଲେଅଫ୍ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା।

# ଇଂଲଣ୍ଡ କୋଚ୍ ଦୌଡ଼ରେ ଦ୍ରାବିଡ୍




ନୂଆଦିଲ୍ଲୀ, ୧୩।୭ (ଏଜେନ୍ସି): ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ବ୍ରେଣ୍ଡନ ମ୍ୟାକ୍‌କୁଲମଙ୍କୁ ଇଂଲଣ୍ଡ ଟେଷ୍ଟ ଦଳର ମୁଖ୍ୟ ପ୍ରଶିକ୍ଷକ ପଦରୁ ହଟାଇ ଦିଆଯାଇଛି। ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ଏବେ ଟେଷ୍ଟ ଦଳର ନୂତନ ମୁଖ୍ୟ ପ୍ରଶିକ୍ଷକ ଖୋଜୁଛି। ରିପୋର୍ଟ ଅନୁଯାୟୀ ପୂର୍ବତନ ଭାରତୀୟ କିମ୍ବଦନ୍ତୀ ଖେଳାଳି ରାହୁଲ ଦ୍ରାବିଡ ଏହି ଗୁରୁଦାୟିତ୍ୱ ସମ୍ଭାଳିପାରନ୍ତି। ଇଂଲଣ୍ଡର ଟେଷ୍ଟ ଦଳର ନୂତନ ମୁଖ୍ୟ ପ୍ରଶିକ୍ଷକ ହେବା ପାଇଁ ସମ୍ଭାବ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ଦ୍ରାବିଡ୍ ରହିଥିବା ଜଣାପଡ଼ିଛି। ଆଗାମୀ ଆସେସ୍ ସିରିଜ ପୂର୍ବରୁ ଇସିବି ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରେ। ୫୩ ବର୍ଷୀୟ ଦ୍ରାବିଡଙ୍କ ପ୍ରଶିକ୍ଷଣରେ ଭାରତ ୨୦୨୪ରେ ଟି-୨୦ ବିଶ୍ୱକପ୍ ଟାଇଟଲ ଏବଂ ୨୦୨୩ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ପହଞ୍ଚାଇଥିଲେ। ତଥାପି, ଏହା ମଧ୍ୟ ରିପୋର୍ଟ ପ୍ରକାଶ ପାଇଛି ଯେ ଦ୍ରାବିଡ ଇଂଲଣ୍ଡର ପୂର୍ଣ୍ଣକାଳୀନ ପ୍ରଶିକ୍ଷକ ପଦ ଗ୍ରହଣ କରିବାର କୌଣସି ଇଚ୍ଛା ନାହିଁ। କିନ୍ତୁ ଇଂଲଣ୍ଡ ଟେଷ୍ଟ ପ୍ରଶିକ୍ଷକ ପଦବୀ ତାଙ୍କୁ ଘରେ ଅଧିକ ସମୟ ବିତାଇବାକୁ ଏବଂ ଖେଳର ତାଙ୍କର ପ୍ରିୟ ଫର୍ମାଟକୁ ବଞ୍ଚାଇ ରଖିବାରେ ସାହାଯ୍ୟ କରିବ। ଇଂଲଣ୍ଡ ପ୍ରଶିକ୍ଷକ ଦୌଡ଼ରେ ରହିଥିବା ଅନ୍ୟ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଜିମ୍ବାୱେର ଆଣ୍ଡି ଫ୍ଲାୱାର, ଶ୍ରୀଲଙ୍କାର କୁମାର ସାଙ୍ଗାକାରା, ଆଣ୍ଡ୍ରୁ ଫ୍ଲିଣ୍ଟଫ୍, ମାଇକ୍ ହେସନ୍ ଏବଂ ଜଷ୍ଟିନ୍ ଲାଙ୍ଗର ସାମିଲ ରହିଛନ୍ତି।

## ଏମ୍ବାପେ-ଡେମ୍ବେଲେ ବନାମ ୟାମଲ-ଓୟାରଜାବଲ

# ଫ୍ରାନ୍ସ-ସ୍ପେନ୍ ସେମିଫାଇନାଲ୍ ଆଜି

ଡଲାସ୍,୧୩।୭ (ଏଜେନ୍ସି)

ଆର୍ଲିଙ୍ଗଟନର ଡଲାସ ଷ୍ଟାଡିୟମ୍‌ରେ ମଙ୍ଗଳବାର ଚଳିତ ଫିଫା ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲ ଫ୍ରାନ୍ସ ଓ ସ୍ପେନ୍ ମଧ୍ୟରେ ଖେଳାଯିବ। ବିଶ୍ୱ ଏବଂ ୟୁରୋପର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଏହି ମୁକାବିଲା ପ୍ରତିଦ୍ୱନ୍ଦ୍ୱିତାମୂଳକ, ରୋମାଞ୍ଚକ ଏବଂ ଉତ୍ତେଜନାମୂଳକ ହେବ ବୋଲି ନିର୍ଦ୍ୱନ୍ଦ୍ୱରେ ଆଶା କରାଯାଇପାରେ। ଫିଫା ମାନ୍ୟତାର ଦ୍ୱିତୀୟ ଦଳ ସ୍ପେନ୍ ଓ ତୃତୀୟ ସ୍ଥାନିତ ଫ୍ରାନ୍ସ ମଧ୍ୟରେ ଏହି ସେମିଫାଇନାଲ ନିଶ୍ଚିତ ଭାବେ ଉପଭୋଗ୍ୟ ଓ ସ୍ମରଣୀୟ ହେବ। ବିଶ୍ୱକୁ ଏକାଧିକ ସୁପରଷ୍ଟାର ଯୋଗାଇଥିବା ଏହି ଦଳ ମଧ୍ୟରୁ ସାମ୍ପ୍ରତିକ ଯୁଗର ଦୁଇ ଶ୍ରେଷ୍ଠ ତାରକା ଫ୍ରାନ୍ସର କିଲିଆନ୍ ଏମ୍ବାପେ ଓ ସ୍ପେନ୍‌ର ଲାମିନେ ଜମାଲଙ୍କ ମଧ୍ୟରେ ମୁକାବିଲା ହେବ। ସ୍ପେନ୍‌ର ବାର୍ସିଲୋନାରୁ ଏମ୍ବାପେ ଓ ରିଅଲ ମାଦ୍ରିଦ୍‌ରୁ ଜମାଲ ଖେଳୁଥିଲାବେଳେ ଏମାନଙ୍କର ଏକାଧିକ ଥର ମୁକାବିଲା ହୋଇଛି। କିନ୍ତୁ ବିଶ୍ୱକପ୍‌ରେ ମୁକାବିଲା ସ୍ୱତନ୍ତ୍ର ହୋଇଥାଏ। ସମସ୍ତ ଫୁଟବଲ ଖେଳାଳିଙ୍କ ପରି ଏମାନଙ୍କର ମଧ୍ୟ ଫାଇନାଲ ଖେଳିବା ସ୍ୱପ୍ନ ରହିଛି। ଏମ୍ବାପେ ୨ଥର ଫାଇନାଲ ଖେଳି ଥରେ ଲେଖାଏ ଚାମ୍ପିଅନ ଓ ରନର୍ସଅପ୍ ହୋଇସାରିଛନ୍ତି। ସ୍ପେନ୍ ଏବେ ୟୁରୋପୀୟ ଚାମ୍ପିଅନ ରହିଛି। ବୁଧବାର ଆର୍ଜେଣ୍ଟିନା ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଉଭୟ ସେମିଫାଇନାଲର ବିଜେତାଙ୍କ ମଧ୍ୟରେ ରବିବାର ରାତିରେ ଫାଇନାଲ ଖେଳାଯିବ।



ମ୍ୟାଚ୍ ଆରମ୍ଭ: ରାତି ୧୨.୩୦
ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫

### ଅପ୍ଟାର ଭବିଷ୍ୟବାଣୀ ଫ୍ରାନ୍ସ ସପକ୍ଷରେ

ଟେକ୍ସାସ ପ୍ରଦେଶର ଆର୍ଲିଙ୍ଗଟନର ୭୦,୬୪୯ଜଣ ଦର୍ଶକ କ୍ଷମତା ଡଲାସ ଷ୍ଟାଡିୟମ୍‌ରେ ଏହି ମୁକାବିଲା ଚଳିତ ବିଶ୍ୱକପ୍‌ର ୯ମ ତଥା ଶେଷ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ କିଏ ଜିତିବ ଭବିଷ୍ୟବାଣୀ କରିବା କଷ୍ଟକର। କିନ୍ତୁ ଅଭିଜ୍ଞତା, ଦକ୍ଷତା ଓ ସଫଳତା ଦୃଷ୍ଟିରୁ ଫ୍ରାନ୍ସ ଟିକେ ନିଶ୍ଚିତ ଆଗୁଆ ରହିଛି। ସୁପର କମ୍ପ୍ୟୁଟର ଅପ୍ଟାର ଭବିଷ୍ୟବାଣୀ ଅନୁଯାୟୀ ଫ୍ରାନ୍ସର ବିଜୟ ସମ୍ଭାବନା ଶତକଡ଼ା ୪୨.୧ ଭାଗ। ସ୍ପେନ୍‌ର ସମ୍ଭାବନା ୩୧.୮ ଭାଗ ରହିଥିଲାବେଳେ ୨୬.୧ ଶତକଡ଼ା ସମ୍ଭାବନା ଅତିରିକ୍ତ ସମୟକୁ ଖେଳ ଯିବ।



### ରେକର୍ଡରେ ସ୍ପେନ୍ ଆଗୁଆ

ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ୩୮ଟି ଅନ୍ତର୍ଜାତୀୟ ମୁକାବିଲା ମଧ୍ୟରୁ ୧୮ଟି ମ୍ୟାଚ୍ ଜିତି ସ୍ପେନ୍ ଆଗରେ ରହିଛି। ଫ୍ରାନ୍ସ ୧୩ଟି ମ୍ୟାଚ୍ ଜିତିଥିଲାବେଳେ ଅନ୍ୟ ୭ଟି ମ୍ୟାଚ୍ ଡ୍ର ରହିଛି। ଉଭୟଙ୍କ ମଧ୍ୟରେ ହୋଇଥିବା ଶେଷ ୫ଟି ମୁକାବିଲାରୁ ସ୍ପେନ୍ ୩ଟି ଓ ଫ୍ରାନ୍ସ ୨ଟିରେ ବିଜୟୀ ହୋଇଛି। ୨୦୨୫ ୟୁଏଫା ନେସନ୍ସ ଲିଗ୍ ସେମିରେ ଶେଷଥର ଉଭୟଙ୍କ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ସ୍ପେନ୍ ୫-୪ ଗୋଲରେ ଜିତିଥିଲା। ବିଶ୍ୱକପ୍‌ରେ ଥରେ ମୁକାବିଲା ହୋଇଛି। ୨୦୦୬ ପ୍ରି-କ୍ୱାର୍ଟର ଫାଇନାଲରେ ଖେଳାଯାଇଥିବା ଏହି ମୁକାବିଲାରେ ଫ୍ରାନ୍ସ ୩-୧ ଗୋଲରେ ବିଜୟୀ ହୋଇଥିଲା।

### ପ୍ରମୁଖ ଖେଳାଳି

ଚଳିତ ବିଶ୍ୱକପ୍‌ରେ ଫ୍ରାନ୍ସର ଫରୱାର୍ଡ ଓ ସ୍ପେନ୍‌ର ଡିଫେଣ୍ଡର ସବୁଠାରୁ ଶକ୍ତିଶାଳୀ। ଫ୍ରାନ୍ସ ୧୬ଟି ଗୋଲ ଦେଇଥିଲାବେଳେ ସ୍ପେନ୍ ଗୋଟିଏ ଗୋଲ ବରଣ କରିଛି। ଗୋଲ୍ଡେନ ବୁଟ୍ ରେସ୍‌ରେ ଥିବା ଫ୍ରାନ୍ସ ପକ୍ଷରୁ ଏମ୍ବାପେ ୮ଟି ଗୋଲ କରିଥିଲାବେଳେ ୩ଟି ଆସିଷ୍ଟ କରିଛନ୍ତି। ବାଲନ ଓ' ଡିଅର ପୁରସ୍କାର ବିଜେତା ଓଉସମାନେ ଡେମ୍ବେଲେ ୫ଟି ଓ ପାର୍ଟନର ମାଇକେଲ ଓଲିସେ ୫ଟି ଗୋଲ ଦେବାରେ ଆସିଷ୍ଟ କରିଛନ୍ତି। ଫ୍ରାନ୍ସ ଭଳି ସ୍ପେନ୍‌ର ଫରୱାର୍ଡ ଏଯାଏ ପ୍ରଭାବୀ ହୋଇପାରି ନାହିଁ। ଦଳ ପକ୍ଷରୁ ମାଇକେଲ ଓୟାରଜାବଲ୍ ସର୍ବାଧିକ ୪ଟି ଗୋଲ ଦେଇଛନ୍ତି। କିନ୍ତୁ ମିକେଲ ମୋରେନୋଙ୍କ ୨ଟି ଗୋଲରେ ସ୍ପେନ୍ ଶେଷ ଦୁଇଟି ମୁକାବିଲାରେ ବିଜୟୀ ହୋଇଛି। ଜମାଲ ଏଯାଏ ତାଙ୍କ ଫର୍ମକୁ ଫେରି ନ ଥିଲାବେଳେ ମାର୍କ କୁକୁରେଲାଙ୍କ ସହଯୋଗ ଗୁରୁତ୍ୱ ରଖୁଛି।

### କିଏ କେତେ ଟ୍ରଫି ଜିତିଛନ୍ତି

**ଫିଫା ବିଶ୍ୱକପ୍**: ଫ୍ରାନ୍ସ (୧୯୯୮, ୨୦୧୮), ସ୍ପେନ୍ (୨୦୧୦)।
**ୟୁରୋ କପ୍**: ଫ୍ରାନ୍ସ (୧୯୮୪, ୨୦୦୦), ସ୍ପେନ୍ (୧୯୬୪, ୨୦୦୮, ୨୦୧୨, ୨୦୨୪)।
**ଅଲିମ୍ପିକ୍ସରେ ସ୍ୱର୍ଣ୍ଣ**: ଫ୍ରାନ୍ସ (୧୯୮୪), ସ୍ପେନ୍ (୧୯୯୨, ୨୦୨୪)।

### ସେମିଫାଇନାଲ ରେକର୍ଡ

ଫିଫା ବିଶ୍ୱକପ୍ ସେମିକୁ ଫ୍ରାନ୍ସ ୮ଥର ଉନ୍ନୀତ ହୋଇ ୪ଥର ବିଜୟୀ ହୋଇଛି। ଅନ୍ୟପକ୍ଷରେ ସ୍ପେନ୍ ୨ଥର ସେମିଫାଇନାଲକୁ ଯାଇ ଥରେ ବିଜୟୀ ହୋଇଛି। ଫ୍ରାନ୍ସ ୨ଥର ଓ ସ୍ପେନ୍ ଥରେ ଚାମ୍ପିଅନ ହୋଇଛି।

### ୨୦୨୬ ବିଶ୍ୱକପ୍‌ରେ ପ୍ରଦର୍ଶନ

**ଲିଗ୍ ପର୍ଯ୍ୟାୟରେ**
ସ୍ପେନ୍ ୦ - କେପ୍ ଭର୍ଡ ୦
ସ୍ପେନ୍ ୪- ସାଉଦି ଆରବ ୦
ସ୍ପେନ୍ ୧- ଉରୁଗୁଏ ୦
ଫ୍ରାନ୍ସ ୩- ସେନେଗାଲ ୧
ଫ୍ରାନ୍ସ ୩- ଇରାକ୍ ୦
ଫ୍ରାନ୍ସ ୪- ନରୱେ ୧

**ରାଉଣ୍ଡ ଅଫ୍ ୩୨**
ଫ୍ରାନ୍ସ ୩- ସ୍ୱିଡେନ ୦
ସ୍ପେନ୍ ୩- ଅଷ୍ଟ୍ରିଆ ୦

**ରାଉଣ୍ଡ ଅଫ୍ ୧୬**
ଫ୍ରାନ୍ସ ୧- ପାରାଗୁଏ ୦
ସ୍ପେନ୍ ୧- ପର୍ତ୍ତୁଗାଲ ୦

**କ୍ୱାର୍ଟର ଫାଇନାଲ**
ଫ୍ରାନ୍ସ ୨- ମରୋକ୍କୋ ୦
ସ୍ପେନ୍ ୨- ବେଲଜିୟମ୍ ୧

# ୪୦ ବର୍ଷ ହେଲା ଇଂଲଣ୍ଡରେ ଟେଷ୍ଟ ହାରିନି ମହିଳା ଦଳ



ଲର୍ଡ୍ସ,୧୩।୭ (ଏଜେନ୍ସି): ଇଂଲଣ୍ଡକୁ ୨୭୦ ରନ୍‌ରେ ପରାସ୍ତ କରି ଭାରତୀୟ ମହିଳା କ୍ରିକେଟ ଦଳ 'ହୋମ୍ ଅଫ୍ କ୍ରିକେଟ' କୁହାଯାଉଥିବା ଲର୍ଡ୍ସରେ ଐତିହାସିକ ଟେଷ୍ଟ ବିଜୟ ହାସଲ କରିଛି। ଏହି ବିଜୟ ଫଳରେ ଇଂଲଣ୍ଡ ମାଟିରେ ଦୀର୍ଘ ୪୦ ବର୍ଷ ଧରି ଭାରତୀୟ ମହିଳା ଦଳ ଟେଷ୍ଟ ମ୍ୟାଚ୍‌ରେ ଅପରାଜେୟ ରହିଛି। ୧୯୮୬ରୁ ଦୁଇ ଦେଶ ମଧ୍ୟରେ ଟେଷ୍ଟ କ୍ରିକେଟ ସିରିଜ୍ ଆରମ୍ଭ ହେବା ପରଠାରୁ ଇଂଲଣ୍ଡରେ ଉଭୟ ୧୦ଟି ଟେଷ୍ଟ ଖେଳିଛନ୍ତି। ଏହା ମଧ୍ୟରୁ ଭାରତ ୩ଟିରେ ଜିତିଥିଲାବେଳେ ଅନ୍ୟ ୭ଟି ଡ୍ର ରହିଛି। ଉଭୟ ଦଳ ମଧ୍ୟରେ ମୋଟ ୧୬ଟି ଟେଷ୍ଟ ଖେଳାଯାଇଥିଲାବେଳେ ଭାରତ ୪ଟିରେ ଓ ଇଂଲଣ୍ଡ ୧୯୯୫ ଜାମ୍‌ସେଦ୍‌ପୁରରେ ଗୋଟିଏ ଟେଷ୍ଟ ବିଜୟୀ ହୋଇଛି। ଅନ୍ୟ ୧୧ଟି ଟେଷ୍ଟ ଡ୍ର ରହିଛି। ୨୦୨୧ ପରଠାରୁ ଭାରତୀୟ ମହିଳା ଦଳ ସର୍ବମୋଟ୍ ୭ଟି ଟେଷ୍ଟ ଖେଳି ୪ଟି ଜିତିଥିଲାବେଳେ ଗୋଟିଏ କେବଳ ପର୍ଥରେ ଅଷ୍ଟ୍ରେଲିଆଠାରୁ ପରାଜିତ ହୋଇଛି।

**ପ୍ରଥମ ଆନ୍ତଃକ୍ଲବ୍ ଟିମ୍ ସ୍ନୁକର ଚାମ୍ପିଅନସିପ୍**

# ଭିଣ୍ଟେଜ୍ ଏସ୍ କ୍ଲବ୍ ଚାମ୍ପିଅନ



ଭୁବନେଶ୍ୱର,୧୩।୭ (ସମିସ): ଭୁବନେଶ୍ୱରର ଭିଣ୍ଟେଜ୍ ଏସ୍ କ୍ଲବ୍ ପ୍ରଥମ ଆନ୍ତଃକ୍ଲବ୍ ଟିମ୍ ସ୍ନୁକର ଚାମ୍ପିଅନସିପ୍‌ରେ ଚାମ୍ପିଅନ ହୋଇଛି। ସାଲିଆ ସାହି ଭିଣ୍ଟେଜ୍ କ୍ଲବ୍ ପରିସରରେ ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା (ବିଏସ୍ଏଓ) ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଭିଣ୍ଟେଜ୍ କ୍ଲବ୍ ୩-୨ ଫ୍ରେମ୍‌ରେ ଭୁବନେଶ୍ୱର କ୍ଲବ୍ ବ୍ରେକର୍ସକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଗୋବିନ୍ଦ ଶର୍ମାଙ୍କ ମାନସ ସନ୍ତାନ ଭାବେ ଏହି ପ୍ରତିଯୋଗିତା ୫ଟି ଫର୍ମାଟରେ ଖେଳାଯାଇଥିଲା। ଖେଳ ଶେଷରେ ବିଏସ୍ଏଓ ସମ୍ପାଦକ ସମୀର ଅଲି, ସ୍ପନ୍‌ସର ଅର୍ବାନ ଓଏସିସ୍‌ର ପ୍ରତିଷ୍ଠାତା ମିଶାଲ ସ୍ୱାଇଁ ଓ ଡାଇରେକ୍ଟର ଗୋବିନ୍ଦ ଶର୍ମାଙ୍କ ଉପସ୍ଥିତିରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଚାମ୍ପିଅନ ଦଳକୁ ଟ୍ରଫି ସହ ୫୦,୦୦୦ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୨୫,୦୦୦ ଟଙ୍କାର ପୁରସ୍କାର ଦିଆଯାଇଥିଲା। ନିଶାନ୍ତ ବିଶ୍ୱାଳଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

■ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍‌ରେ ବିସ୍ଫୋରଣ

# ଭଲ୍‌ଙ୍କ ପାଇଁ ଗାର୍ଡନରଙ୍କ ବିବାହ ବିଚ୍ଛେଦ




ସିଡ୍‌ନୀ, ୧୩।୭ (ଏଜେନ୍ସି): ନିକଟରେ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଥିବା ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ଏକ ପ୍ରତାରଣା ଘଟଣାକୁ ନେଇ ଅସ୍ୱସ୍ତିକର ବିବାଦ ଭିତରକୁ ଠେଲି ହୋଇଯାଇଛି। ଷ୍ଟାର ଅଲରାଉଣ୍ଡର ଆଶଲେ ଗାର୍ଡନରଙ୍କ ପତ୍ନୀ ତଥା ସମଲିଙ୍ଗୀ ପାର୍ଟନର ମୋନିକା ରାଇଟ୍ ସାର୍ବଜନୀନ ଭାବରେ ଏକ ଗୁରୁତର ଅଭିଯୋଗ ଆଣିଛନ୍ତି। ସାମାଜିକ ଗଣମାଧ୍ୟମରେ ମୋନିକା କହିଛନ୍ତି ଯେ ତାଙ୍କ ପାର୍ଟନର ଗାର୍ଡନର ଅନ୍ୟତମ ଅଷ୍ଟ୍ରେଲିଆ ମହିଳା କ୍ରିକେଟର୍ ଜର୍ଜିଆ ଭଲ୍‌ଙ୍କ ସହ ସମ୍ପର୍କରେ ରହିଛନ୍ତି। ଯେଉଁଥି ଲାଗି ୨୯ ବର୍ଷୀୟା ଗାର୍ଡନର ତାଙ୍କ ପତ୍ନୀ ମୋନିକାଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଘଟିଛି। ଏହି ଘଟଣାକୁ ନେଇ କ୍ରିକେଟ୍ ଅଷ୍ଟ୍ରେଲିଆ କୌଣସି ମତାମତ ଦେବାକୁ ମନା କରିଦେଇଛି। ଉଲ୍ଲେଖଯୋଗ୍ୟ ମୋନିକା ଓ ଗାର୍ଡନର ଏପ୍ରିଲ୍ ୨୦୨୫ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

# ଶୀର୍ଷ ସ୍ଥାନ ବଜାୟ ରଖିଲେ ସିନ୍ନର

ପ୍ୟାରିସ୍,୧୩।୭ (ଏଜେନ୍ସି): ଗତକାଲି ଶେଷ ହୋଇଥିବା ୱିମ୍ବଲଡନରେ ରନର୍ସଅପ୍ ହୋଇଥିବା ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ୍ ସର୍ବଶେଷ ଏଟିପି ର୍‌ୟାଙ୍କିଙ୍ଗ୍‌ରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ସେହିଭଳି ଆଘାତ ଯୋଗୁ ୱିମ୍ବଲଡନ ଖେଳି ପାରି ନ ଥିବା ସ୍ପେନ୍‌ର କାର୍ଲୋସ ଅଲକାରାଜ ତୃତୀୟ ସ୍ଥାନକୁ ଖସି ଆସିଛନ୍ତି। ୱିମ୍ବଲଡନ ଚାମ୍ପିଅନ ଜାନିକ୍ ସିନ୍ନର ପୂର୍ବଭଳି ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ସେମିଫାଇନାଲରେ ତାଙ୍କ ନିକଟରୁ ପରାଜିତ ହୋଇଥିବା ସର୍ବିଆର ୩୯ ବର୍ଷିୟ ନୋଭାକ ଜୋକୋଭିଚ୍ ଗୋଟିଏ ସ୍ଥାନରେ ଉନ୍ନତି ଘଟାଇ ୭ମ ସ୍ଥାନରେ ରହିଛନ୍ତି। ଅପରପକ୍ଷରେ ୱିମ୍ବଲଡନରେ ମହିଳା ବିଭାଗ ଟାଇଟଲ୍ ଜିତିଥିବା ଚେକ୍ ରିପବ୍ଲିକ୍‌ର ଲିଣ୍ଡା ନୋସ୍କୋଭା ପ୍ରଥମଥର ଟପ୍-୧୦ରେ ପ୍ରବେଶ କରିଛନ୍ତି। ସେ ଦ୍ୱାଦଶରୁ ୭ମ ସ୍ଥାନକୁ ଉଠିଛନ୍ତି। ଆରିନା ସାବାଲେଙ୍କା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। କାଜାଖସ୍ଥାନର ଏଲିନା ରିବାକିନା ନଂ-୨ ଓ ଆମେରିକାର ଜେସିକା ପେଗୁଲା ନଂ-୩ ପୋଜିସନରେ ରହିଛନ୍ତି।


ନନ୍ଦିଘୋଷ TV
ନିଯୁକ୍ତି ସୁଯୋଗ

ଓଡ଼ିଶାର ଅଗ୍ରଣୀ ଗଣମାଧ୍ୟମ ସଂସ୍ଥା ନନ୍ଦିଘୋଷ ଟିଭି ଏହାର ସମ୍ପାଦକୀୟ ବିଭାଗ (Editorial Team) ପାଇଁ ଯୋଗ୍ୟ ଏବଂ ଅଭିଜ୍ଞ ଗଣମାଧ୍ୟମ ପ୍ରଫେସନାଲ୍‌ଙ୍କଠାରୁ ଆବେଦନ ଆହ୍ୱାନ କରୁଅଛି।

ଖାଲି ପଦବୀ

1 କରେସ୍‌ପଣ୍ଡେଣ୍ଟ (Correspondent)

ଶିକ୍ଷାଗତ ଯୋଗ୍ୟତା :
- ସାମ୍ବାଦିକତା ଓ ଗଣଯୋଗାଯୋଗ (Journalism & Mass Communication)ରେ ସ୍ନାତକୋତ୍ତର ଡିଗ୍ରୀ

ଅଭିଜ୍ଞତା :
- ଇଲେକ୍ଟ୍ରୋନିକ୍ କିମ୍ବା ପ୍ରିଣ୍ଟ ମିଡିଆରେ ସର୍ବନିମ୍ନ ୭ ବର୍ଷର କାର୍ଯ୍ୟ ଅଭିଜ୍ଞତା।

ଆବଶ୍ୟକ ଦକ୍ଷତା :
- ରାଜନୀତି ଓ ଶାସନ ବ୍ୟବସ୍ଥା ସମ୍ବନ୍ଧୀୟ ଖବର ପରିବେଷଣରେ ଉତ୍କୃଷ୍ଟ ଜ୍ଞାନ।
- ଖବର ସଂଗ୍ରହ, ଯାଞ୍ଚ ଏବଂ ବିଶ୍ଳେଷଣ କରିବାର ଦକ୍ଷତା।
- ଦୃଢ଼ ସୂତ୍ର ନେଟୱର୍କ ଏବଂ ଉତ୍କୃଷ୍ଟ ସମ୍ପାଦକୀୟ ବିଚାରଶକ୍ତି।
- ଓଡ଼ିଆ ଭାଷାରେ ଉତ୍କୃଷ୍ଟ ଲେଖନ ଓ କଥନଶୈଳୀରେ ପାରଦର୍ଶିତା।
- ସମୟସୀମା ମଧ୍ୟରେ କାର୍ଯ୍ୟ କରିବା ସହିତ ଆବଶ୍ୟକ ସ୍ଥାନକୁ ଯାତ୍ରା କରି କାର୍ଯ୍ୟ କରିବାର ଦକ୍ଷତା।

2 ରିପୋର୍ଟର (Reporter)

ଶିକ୍ଷାଗତ ଯୋଗ୍ୟତା :
- ସାମ୍ବାଦିକତା ଓ ଗଣଯୋଗାଯୋଗ (Journalism & Mass Communication)ରେ ସ୍ନାତକୋତ୍ତର ଡିଗ୍ରୀ

ଅଭିଜ୍ଞତା :
- ଇଲେକ୍ଟ୍ରୋନିକ୍ କିମ୍ବା ପ୍ରିଣ୍ଟ ମିଡିଆରେ ୩-୫ ବର୍ଷର କାର୍ଯ୍ୟ ଅଭିଜ୍ଞତା।

ଆବଶ୍ୟକ ଦକ୍ଷତା :
- ସ୍ପଟ୍ ରିପୋର୍ଟିଂ, ଅପରାଧ (Crime) ରିପୋର୍ଟିଂ ଏବଂ ସହର (City) ରିପୋର୍ଟିଂରେ ପ୍ରାୟୋଗିକ ଅଭିଜ୍ଞତା।
- ଉତ୍କୃଷ୍ଟ 'ନ୍ୟୁଜ୍ ସେନ୍ସ ଓ ରିପୋର୍ଟିଂ' କୌଶଳ।
- ଓଡ଼ିଆ ଭାଷାରେ ଉତ୍କୃଷ୍ଟ ଲେଖନ ଓ କଥନଶୈଳୀରେ ପାରଦର୍ଶିତା।
- ବ୍ରେକିଂ ନ୍ୟୁଜ୍ କଭର କରିବା ସହିତ ଦ୍ରୁତଗତିର ନ୍ୟୁଜ୍‌ରୁମ୍ ପରିବେଶରେ କାର୍ଯ୍ୟ କରିବାର ଦକ୍ଷତା।

ଆବେଦନ ପ୍ରକ୍ରିୟା
ଆଗ୍ରହୀ ପ୍ରାର୍ଥୀମାନେ ସେମାନଙ୍କର ବାୟୋଡାଟା ନିମ୍ନଲିଖିତ ଇ-ମେଲ୍ ଠିକଣାକୁ ପଠାଇପାରିବେ।
ଇମେଲ୍: hr@nandighoshatv.com
ଦ୍ରଷ୍ଟବ୍ୟ : କେବଳ ସର୍ଟଲିଷ୍ଟ ହୋଇଥିବା ପ୍ରାର୍ଥୀମାନଙ୍କୁ ଚୟନ ପ୍ରକ୍ରିୟା ପାଇଁ ଯୋଗାଯୋଗ କରାଯିବ।

ଯୋଗାଯୋଗ ନମ୍ବର
9437016499
HR Dept.


**ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଆଜିଠାରୁ**

# ରୋହିତ-କୋହଲିଙ୍କ ଉପରେ ଭାରତର ଭରସା

ଏଜ୍‌ବାଷ୍ଟନ,୧୩।୭ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ମଙ୍ଗଳବାରଠାରୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବାକୁଯାଉଛି। ଏହା ପୂର୍ବରୁ ଇଂଲଣ୍ଡର ସୁଙ୍ଗ ଓ ବାଉନ୍ସି ପିଚ୍‌ରେ ବିଶ୍ୱଚାମ୍ପିଅନ ଟି-୨୦ ଦଳ ଶୋଚନୀୟ ପରାଜୟ ବରଣ କରିଛି। ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଭାରତ ୪-୦ରେ ହାରିଯିବା ପରେ ଦିନିକିଆ ସିରିଜ୍‌କୁ ଜିତି କିଛିଟା ସମ୍ମାନ ଫେରିପାଇବାକୁ ଆଶା ରଖିଛି। ଦୁଇ କିଂବଦନ୍ତି ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି, ନିୟମିତ ଅଧିନାୟକ ଶୁବମନ ଗିଲ୍ ଓ ଲୋକେଶ ରାହୁଲ ଦିନିକିଆ ଦଳରେ ରହିଛନ୍ତି। ଉପଅଧିନାୟକ ଶ୍ରେୟସ ଆୟର, ହାର୍ଦ୍ଦିକ ଓ ନୀତୀଶଙ୍କ ଅନୁପସ୍ଥିତିରେ ଅଲରାଉଣ୍ଡର ଶିବମ ଦୁବେଙ୍କୁ ନେଇ ଭାରତୀୟ ବ୍ୟାଟିଂ ସୁଦୃଢ଼। ଭାରତର ସ୍ପିନରଙ୍କ ପ୍ରାଧାନ୍ୟ ଶେଷ ହୋଇଆସୁଥିଲାବେଳେ କେବଳ କୁଲଦୀପ ଯାଦବଙ୍କ ଉପରେ ଭରସା କରାଯାଇପାରିବ। ଯଶପ୍ରୀତ୍ ବୁମ୍ରା ଫେରିବା ପରେ ଅର୍ଶଦୀପ ସିଂହ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଆଶ୍ୱସ୍ତି ମିଳିପାରେ। ଅପରପକ୍ଷରେ ଜୋ ରୁଟ୍ ଓ ବେନ ଡକେଟ ଦଳକୁ ଫେରିବା ପରେ ଘରୋଇ ଇଂଲଣ୍ଡର ବ୍ୟାଟିଂ ଶକ୍ତି ଆହୁରି ବୃଦ୍ଧି ପାଇଛି। ଆର୍ଚର, ଟଙ୍ଗ, କରାନ, ସାକିବଙ୍କ ପେସ୍ ବୋଲିଂ ଭାରତୀୟଙ୍କୁ ବିଜୟରୁ ବଂଚିତ କରିବା ଲାଗି ସମର୍ଥ ହୋଇପାରନ୍ତି। ଅପରପକ୍ଷରେ ଗିଲ୍ କହିଛନ୍ତି ଯେ ରୋହିତ ଶର୍ମା ଏବଂ ବିରାଟ କୋହଲି ଗତ ଦଶନ୍ଧି ଧରି ଭାରତୀୟ ବ୍ୟାଟିଂ ଲାଇନଅପ୍‌ର ମେରୁଦଣ୍ଡ ହୋଇଆସିଛନ୍ତି। ଉଭୟେ ଦଳର ଏକ ଅବିଚ୍ଛେଦ୍ୟ ଅଂଶ ରହିଛନ୍ତି। ସେମାନଙ୍କ ନିକଟରେ ଯେଉଁ ଅଭିଜ୍ଞତା ଏବଂ ଦକ୍ଷତା ରହିଛି ତାହା ଦଳ ପାଇଁ ବହୁତ ମୂଲ୍ୟବାନ। ଗିଲ୍‌ଙ୍କ ଏହି ବକ୍ତବ୍ୟ ଉଭୟ କୋହଲି ଓ ରୋହିତ୍ ୨୦୨୭ ବିଶ୍ୱକପ୍ ଲାଇନଅପ୍‌ରେ ରହିଥିବା ଇଙ୍ଗିତ କରୁଛି।



ମ୍ୟାଚ୍ ଆରମ୍ଭ: ଦିନ ୩.୩୦
ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱାର୍କ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS